ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୧/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, February 21/2025 | Page 16 | ₹ 7.00 | SAMBALPUR
୫୧ଶ ଭାଗ ୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 89 | ମୂଲ୍ୟ ₹୭/-

DSPL-390



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

## ୨୧ ଫେବୃଆରୀ ୨୦୨୫

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।"
*ସ୍ୱଭାବ କବି ଗଙ୍ଗାଧର ମେହେର*

**ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମାତୃଭାଷାର ସୁରକ୍ଷା ସହିତ ଏକ ସମୃଦ୍ଧ ଶୈକ୍ଷିକ ବାତାବରଣ ଗଢ଼ିତୋଳିବାକୁ 'ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ'ର ପ୍ରୟାସ ।**

ଗୁଜରାଟ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଓଡ଼ିଆ ଭାଷା ଶିକ୍ଷା ପାଇଁ ୬୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ପୁସ୍ତକ ପ୍ରଦାନ ।

ଆଗାମୀ ଶିକ୍ଷା ବର୍ଷରେ ୫ ଲକ୍ଷ ୪୬ ହଜାରରୁ ଊର୍ଦ୍ଧ୍ୱ ବେସରକାରୀ ଓଡ଼ିଆ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଯୋଗାଇବା ପାଇଁ ବ୍ୟବସ୍ଥା ।

ଓଡ଼ିଆ ଭାଷାରେ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା-୨୦୨୪ରେ ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ୭୧୬୦ଜଣ ଛାତ୍ରଛାତ୍ରୀଙ୍କୁ ୫ କୋଟି ୩୭ ଲକ୍ଷ ଟଙ୍କାର 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାବୃତ୍ତି ପୁରସ୍କାର' ପ୍ରଦାନ ।

୪୨୭୩୯ ବିଦ୍ୟାଳୟରେ ଗପ ଶୁଣିବା ଓ ଗପ କହିବା କାର୍ଯ୍ୟକ୍ରମ ।

୪୮୬୫୮ ବିଦ୍ୟାଳୟରେ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ।

ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବ ସମାରୋହ ୧୧ ଡିସେମ୍ବର ୨୦୨୪ରେ ଅନୁଷ୍ଠିତ ।

ଭାଷା ଭିତ୍ତିକ ଆକାଂକ୍ଷୀ ପାଠ୍ୟକ୍ରମ 'ସାହିତ୍ୟ ସୃଜନୀ' ମାଧ୍ୟମିକ ବିଦ୍ୟାଳୟରେ ପ୍ରଚଳନ ।

ଉଚ୍ଚ ବିଦ୍ୟାଳୟ ସ୍ତରରେ ଓଡ଼ିଆ ଶିକ୍ଷାର ବିକାଶ ପାଇଁ ୪୯୬ଜଣ ଓଡ଼ିଆ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ ପଦବୀ ସୃଷ୍ଟି କରାଯାଇ ନିଯୁକ୍ତି ପ୍ରକ୍ରିୟା ଜାରିରହିଛି ।

ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ୧୩୧୭ଟି ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ୨୧ଟି ଭାଷାରେ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ।

OIPR-27068/13/0038/2425

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**

वित्त मंत्रालय
MINISTRY OF
FINANCE
Government of India
सत्यमेव जयते

# କୃଷି ବିକାଶକୁ ପ୍ରୋତ୍ସାହନ



₹ UNION BUDGET 2025-2026

## ସମୃଦ୍ଧ ଅନ୍ନଦାତା, ସମୃଦ୍ଧ ଭାରତ

### ଚାଷୀଙ୍କୁ ମିଳିଛି ନୂଆ ସୁବିଧା
### ପ୍ରଶସ୍ତ ହେଉଛି ଆତ୍ମନିର୍ଭର ଓ ବିକଶିତ ଭାରତର ମାର୍ଗ

ପିଏମ୍ ଧନ-ଧାନ୍ୟ କୃଷି ଯୋଜନା
100 ଜିଲ୍ଲାରେ ବଢ଼ାଇବ ଉତ୍ପାଦକତା,
ଲାଭ ପାଇବେ 1.7 କୋଟି ଚାଷୀ

ପ୍ରାୟ 7.7 କୋଟି ମତ୍ସ୍ୟଜୀବୀ, ଚାଷୀ ଓ ଦୁଗ୍ଧ ଚାଷୀଙ୍କ
ସହାୟତା ଲାଗି କିଷାନ କ୍ରେଡିଟ୍ କାର୍ଡ (କେସିସି)ର
ଋଣ ସୀମା ବଢ଼ାଇ 5 ଲକ୍ଷ ଟଙ୍କା କରି ଦିଆଯାଇଛି

ଭାରତର ସାମୁଦ୍ରିକ ଖାଦ୍ୟ କ୍ଷେତ୍ରର ଉଦ୍ୟୋଗୀ
ଏବଂ ଚାଷୀଙ୍କ ସହାୟତା ପାଇଁ ଫ୍ରୋଜନ ଫିଶ୍
ପେଷ୍ଟ ଉପରେ ମୂଳ ସୀମା ଶୁଳ୍କ 30%ରୁ ହ୍ରାସ
କରି 5% ଏବଂ ଫିଶ୍ ହାଇଡ୍ରୋଲାଇସେଟ୍
ଉପରେ 15%ରୁ କମାଇ 5% କରି ଦିଆଯାଇଛି

କମ୍ପ୍ରେହେନ୍ସିଭ୍ ରୁରାଲ ପ୍ରସ୍ପରିଟି ଆଣ୍ଡ ରେସିଲିଏନ୍ସ
କାର୍ଯ୍ୟକ୍ରମ ଅଧୀନରେ ତାଲିମ, ପ୍ରଯୁକ୍ତି ଓ ନିବେଶ
ଦ୍ୱାରା ସ୍ଥାନୀୟ କୃଷି ଏବଂ ରୋଜଗାର ବୃଦ୍ଧି କରାଯିବ,
ଯାହାଫଳରେ ପ୍ରବାସ ବାଧ୍ୟବାଧକତା ନୁହେଁ ବରଂ
ଏକ ବିକଳ୍ପ ପାଲଟିବ (100 କୃଷି ଜିଲ୍ଲାରୁ ଶୁଭାରମ୍ଭ)

ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ଗ୍ରାମାଞ୍ଚଳ
ଲୋକମାନଙ୍କର ଋଣ ଆବଶ୍ୟକତା ନିମନ୍ତେ
'ଗ୍ରାମୀଣ କ୍ରେଡିଟ୍ ସ୍କୋର' ଢାଞ୍ଚା ପ୍ରସ୍ତୁତ

ଡାଲି ବିଶେଷ କରି, ହରଡ଼, ବିରି ଏବଂ
ମସୁର ଉପରେ ଆତ୍ମନିର୍ଭରଶୀଳତା ପାଇଁ
ଏକ ସ୍ୱତନ୍ତ୍ର ମିଶନ

CBC 15201/13/0011/2425

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୧/୨୦୨୫ | Bhubaneswar, Friday, February 21/2025


# ଅରୁଣାଚଳ ସୀମାରେ ଚାଇନା ବସାଉଛି ୯୦ ଗାଁ

ଚାଇନା ଏହାର ବିସ୍ତାର ନୀତି 'ପ୍ରସ୍ପରସ୍ ଭିଲେଜେସ୍' ଅନୁଯାୟୀ ଅରୁଣାଚଳ ପ୍ରଦେଶର ଅପରପାର୍ଶ୍ୱ ଏଲ୍ଏସି ସଂଲଗ୍ନ ଅଞ୍ଚଳରେ ୯୦ ନୂଆ ବସତି ସ୍ଥାପନ କରୁଛି। ଚାଇନା ପକ୍ଷରୁ ଏଲ୍ଏସି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅଦ୍ୟାବଧି ୬୨୮ଟି ଗ୍ରାମ ପ୍ରତିଷ୍ଠା କରାଯାଇଥିବାବେଳେ ଆହୁରି ୯୦ ବସତି ସ୍ଥାପନ ବେଜିଂର କ୍ଷେତ୍ରୀୟ ଦାବିକୁ ମଜଭୁତ କରିବା ସହ ଅନିର୍ଦ୍ଧାରିତ ସୀମାରେ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)ର ସାମରିକ ପ୍ରସ୍ତୁତିକୁ ମଧ୍ୟ ମଜଭୁତ କରିବ ବୋଲି କୁହାଯାଉଛି। ଅନ୍ୟପକ୍ଷେ କେନ୍ଦ୍ର ସରକାର ସୀମାନ୍ତ ଅଞ୍ଚଳରେ ଗ୍ରାମଗୁଡ଼ିକୁ ବିକଶିତ କରିବା ପାଇଁ ୨୦୨୩ ଫେବୃଆରୀରେ 'ଭାଇବ୍ରାଣ୍ଟ ଭିଲେଜ୍ କାର୍ଯ୍ୟକ୍ରମ' ଆରମ୍ଭ କରିଥିଲେ। କିନ୍ତୁ ଏହି କାର୍ଯ୍ୟକ୍ରମ ଅଧୀନରେ ସରକାର ଗତ ୨ ବର୍ଷ ଭିତରେ ୯୦% ପାଣ୍ଠିକୁ ଖର୍ଚ୍ଚ କରି ନ ଥିବା ଦର୍ଶାଇ ଏଥିଯୋଗୁ ଭାରତର ଜାତୀୟ ସ୍ୱାର୍ଥ ବିପନ୍ନ ହୋଇଥିବା କଂଗ୍ରେସ ସମାଲୋଚନା କରିଛି।


The Tribune
Trending | Videos | India | World | Sports

To date, China has established a total of 628 such villages, with the current 90 villages forming part of its latest expansion. The sources also note that China is seeking to create a legal defence under the Border Defence Cooperation Agreement (2005) with India, which addresses border settlements and local populations residing along the border. According to Article VII of the agreement, "The two sides shall safeguard the due interests of their settled populations in the border areas." So, as and when a situation arises to demarcate the LAC, these villages do not get disturbed in any such exercise.

ଦ ଟ୍ରିବ୍ୟୁନ୍‌ରେ ପ୍ରକାଶିତ ରିପୋର୍ଟ।



**ନୂଆଦିଲ୍ଲୀ, ୨୦।୨ (ଟ୍ରିବ୍ୟୁନ୍)**

ତିବ୍ବତରେ ୨ଟି ସଦ୍ୟ ଘଟଣାକ୍ରମ ଉପରେ ସୁରକ୍ଷା ବିଶେଷଜ୍ଞମାନେ ନଜର ରଖିଛନ୍ତି। ପ୍ରଥମଟି ହେଲା ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) ସଂଲଗ୍ନ ଅଞ୍ଚଳ ଉପରେ ଚାଇନା ୯୦ଟି ନୂଆ ଗ୍ରାମ ସ୍ଥାପନ କରୁଛି। ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ତିବ୍ବତ ଓ ନେପାଳର ମୁସ୍ତାଙ୍ଗ ସୀମା କ୍ରସିଂ ପଏଣ୍ଟରେ ବେଜିଂ ନିଜ ଭିତ୍ତିଭୂମିକୁ ସୁଦୃଢ଼ କରୁଛି। ଚାଇନାର କମ୍ୟୁନିଷ୍ଟ ଶାସନରୁ ବର୍ତ୍ତିବା ପାଇଁ ତିବ୍ବତୀୟ ଶରଣାର୍ଥୀମାନେ ଏହି ରୁଟ୍‌କୁ ବାରମ୍ବାର ବ୍ୟବହାର କରିଥାଆନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ଚାଇନା ଏହାର ବିସ୍ତାର ନୀତି 'ପ୍ରସ୍ପରସ୍ ଭିଲେଜେସ୍' (ଶିଆଓକାଙ୍ଗ୍) ଅନୁଯାୟୀ ଅରୁଣାଚଳ ପ୍ରଦେଶର ଅପରପାର୍ଶ୍ୱ ଏଲ୍ଏସି ସଂଲଗ୍ନ ଅଞ୍ଚଳରେ ୯୦ ନୂଆ ବସତି ସ୍ଥାପନ କରୁଛି। ☞ପୃଷ୍ଠା-୨

## ପିଏଲ୍ଏର ମନୋବଳ ବଢ଼ାଉଛନ୍ତି ଜିନ୍‌ପିଙ୍ଗ୍

**ୱାଶିଂଟନ୍, ୨୦।୨ (ଡବ୍ଲ୍ୟୁଏସ୍‌ଜେ)**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)ର ଅନେକ ସାମରିକ କମାଣ୍ଡରଙ୍କୁ ଦୁର୍ନୀତି ଓ ଆନୁଗତ୍ୟହୀନତା ପାଇଁ ବହିଷ୍କାର କରିଛନ୍ତି। ସେମାନଙ୍କ ଏଭଳି କାର୍ଯ୍ୟ ଯୋଗୁ ସେନାର ଆଦର୍ଶଗତ ଉତ୍ସାହ ଓ ନୈତିକ ମନୋବଳ ଦୁର୍ବଳ ହେଉଥିବା ସେ ଦର୍ଶାଇଛନ୍ତି।

ଆମେରିକାର ୱାଲ୍ଟ ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ବିଶ୍ୱର ସର୍ବବୃହତ୍ ସଶସ୍ତ୍ର ବାହିନୀରେ ଉତ୍ସାହ ଭରିଦେବା ପାଇଁ ଜିନ୍‌ପିଙ୍ଗ୍ ଏକ ଅଭିଯାନ ଆରମ୍ଭ କରିଛନ୍ତି। ତଦନୁଯାୟୀ, ଚାଇନା ସ୍ଥଳସେନା, ବାୟୁସେନା ଓ ନୌସେନାର ୨୦ ଲକ୍ଷ ସୈନ୍ୟ ☞ପୃଷ୍ଠା-୨

# ମହମ୍ମଦ ଶାମିଙ୍କ ରେକର୍ଡ

## ବାଂଲାଦେଶ ବିପକ୍ଷ ମ୍ୟାଚ୍ ଜିତିଲା ଭାରତ




**ଦୁବାଇ, ୨୦।୨ (ପି.ଟି.)**

ବାଂଲାଦେଶ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚରେ ଷ୍ଟାର ପେସର ମହମ୍ମଦ ଶାମି ଦିନିକିଆ କ୍ରିକେଟରେ ଦ୍ରୁତ ୨୦୦ ଉଇକେଟ ପୂରଣ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମ୍ୟାଚରେ ୫ ଉଇକେଟ ସଫଳତା ହାସଲ କରିବା ସହ ସେ ଏହି କୀର୍ତ୍ତିମାନ ନିଜ ନାମରେ କରିଛନ୍ତି। ୩୪ ବର୍ଷୀୟ ଶାମି କ୍ୟାରିୟରର ୧୦୪ତମ ମ୍ୟାଚରେ ଏହି ☞ପୃଷ୍ଠା-୨

We wish all the best to H.S.C. Examinees- 2025
NEWTON COLLEGE OF +2 SCIENCE
NEWTON HIGHER SECONDARY SCHOOL OF SCIENCE
FOUNDATION COURSE
Registration is going on
Commencement of classes from:
Dt. 17.03.2025
Subject to be taught: Physics, Chemistry, Mathematics, Biology, Inf.Tech., Statistics & English
DEBAIPALI (MAJHIPALI CHOWK), SAMBALPUR
For further details kindly contact:-
Mob.9938586082, 9337301382, 9583325666

# ଅଚ୍ୟୁତଙ୍କୁ ହାଜର ହେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୦।୨ (ସୁଚିସ୍ମିତା ସାହୁ)**

କିଟ୍ ବିଶ୍ୱବିଦ୍ୟାଳୟରେ ବି.ଟେକ୍ ପଢୁଥିବା ନେପାଳୀ ଛାତ୍ରୀ ପ୍ରକ୍ରିତି ଲାମ୍‌ସଲଙ୍କ ମୃତ୍ୟୁ ଓ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ସହ ଜୋର୍‌ଜବରଦସ୍ତ ବସ୍‌ରେ ନେଇ କଟକ ରେଳ ଷ୍ଟେଶନରେ ଛାଡ଼ିବା ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ସରକାର। ଏକ ଉଚ୍ଚସ୍ତରୀୟ କମିଟି ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଗୁରୁବାର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ନୋଟିସ ଜାରି କରାଯାଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରେ ☞ପୃଷ୍ଠା-୨

**କିଟ୍‌ରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ, ଆକ୍ରମଣ ଘଟଣା**


ଅଚ୍ୟୁତ ସାମନ୍ତ

# ମହାନଦୀରେ ନିର୍ମାଣ ହେବ ୧୬ ଡ୍ୟାମ୍, ୧୫ ବ୍ୟାରେଜ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୦।୨ (ବନ୍ଦନା ସେଠୀ)**

ରାଜ୍ୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହାନଦୀରେ ଆଉ ୧୬ ଡ୍ୟାମ୍ ଏବଂ ୧୫ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ହେବ। ଏଥିସହ ମହାନଦୀରେ ୪୧ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର ନିର୍ମାଣ କରିବାକୁ ଯୋଜନା ରହିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଗୁରୁବାର ବିଧାନସଭାରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାନଦୀ ଅବବାହିକାର ଉପରମୁଣ୍ଡରେ ଛତିଶଗଡ଼ ସରକାର ବହୁ ଅଣଯୋଜନାବଦ୍ଧ ପ୍ରକଳ୍ପ ମାଧ୍ୟମରେ ଅତ୍ୟଧିକ ନଦୀଜଳ ବ୍ୟବହାର କରୁଥିବାରୁ ଓଡ଼ିଶାର ତଳମୁଣ୍ଡକୁ ଜଳ ପ୍ରବାହ କ୍ରମଶଃ ହ୍ରାସ ପାଉଛି। ଆନ୍ତଃରାଜ୍ୟ ସୀମାନ୍ତରେ ଅବସ୍ଥିତ ହୀରାକୁଦ ଡ୍ୟାମ୍‌ରେ ମଧ୍ୟ ଜଳସ୍ତର ଖସିବାରେ ଲାଗିଛି, ଯାହାକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଛି। ଏହି ମହାନଦୀ ଜଳ ବିବାଦ ପାଇଁ ଓଡ଼ିଶା ଟ୍ରିବ୍ୟୁନାଲର ଆଶ୍ରୟ ନେଇ ବହୁ ଆବେଦନ ମାଧ୍ୟମରେ ନିଜ ଦାବି ରଖି ଆସୁଛି। ଏହି ମାମଲା ବର୍ତ୍ତମାନ ବିଚାରାଧୀନ ଥିବାରୁ ରାଜ୍ୟବାସୀ ସ୍ୱାର୍ଥ ପାଇଁ ମହାନଦୀ ଜଳର ସମାନତା ସହିତ ସ୍ଥାୟୀ ଜଳ ବିକାଶକୁ ସୁରକ୍ଷିତ ରଖିବା ଲାଗି ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଅପରପକ୍ଷେ ବିଜେଡି ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନକାଳରେ ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ | ଏଆଇର ଗତିଶୀଳତା

KHIMJI TRUST SINCE 1936
Handcrafting blessings since 1936
KHIMJI® JEWELLERS SINCE 1936



Wedding Collection 2025
Experience the timeless beauty of antique gold jewellery paired with the sparkle of precious stones. Thoughtfully crafted by skilled hands and watchful eyes, each piece is designed to make your special day shine and leave behind a legacy of elegance.
UP TO 50% OFF* On Gold Jewellery making charges
UP TO 20% OFF* On Diamonds
100% BIS Hallmarked HUID Pure Gold Jewellery | 100% Exchange of Old Gold | Fair Price Policy | Free Insurance on Diamonds | Tested and Certified Diamonds | Safe Gold Purchase Scheme | Lifetime Buyback Guarantee
JHARSUGUDA, Sarbahal Road, Marwadi Para | ROURKELA, Kesar Bhawan, Main Road
STORES ALSO AT : BHUBANESWAR | BERHAMPUR | CUTTACK | PURI | ANGUL (Opening Soon) | JAJPUR ROAD (Opening Soon)
89 Years Of Trust
www.khimjijewellers.com | 1800-313-1777
Follow us on:
*T&C Apply.

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୨୫ତମ ରୌପ୍ୟଜୟନ୍ତୀ, ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମାତୃଭାଷା ଦିବସ ଓ ସମ୍ବର୍ଦ୍ଧନା, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ନିମନ୍ତେ ପଦଯାତ୍ରା, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ସୁଭଦ୍ରା ଶକ୍ତି ମେଳା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ମିଶନ ଶକ୍ତି ଭବନ, ପୋଖରୀପୁଟ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଅନ୍ତର୍ଜାତୀୟ ମାତୃଭାଷା ଦିବସ ସାହିତ୍ୟ ଓ ସଙ୍ଗୀତ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୨ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ, ସ୍ଥାନ : ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ଅପରାହ୍ନ ୫ଟା।
- ବିଶ୍ୱ ମାତୃଭାଷା ଦିବସ ଅବସରରେ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ଅପରାହ୍ନ ୫ଟା ୩୦।
- ସଂଭାବନାର ବିଶ୍ୱ ମାତୃଭାଷା ଦିବସ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଏଫ୍‌ଏମ୍‌ୟୁରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଶିବିରର ପଞ୍ଚମ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୩୫ତମ ଆଭାସୀ ଆଲୋଚନା ଚକ୍ର, ସ୍ଥାନ: ସ୍ୱର୍ଣ୍ଣବୃନ୍ତ ସାହିତ୍ୟ ପରିବାର, ମିତ୍ରପୁର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା।
- ବାଲେଶ୍ୱର ବାର ଆସୋସିଏଶନର ୧୨୬ତମ ବାର୍ଷିକ ଉତ୍ସବ, ସ୍ଥାନ: ସିଭିଲ କୋର୍ଟ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମା’ ସୁବର୍ଣ୍ଣମୁଖୀଙ୍କ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ସୋଧ, ଧାମନଗର, ସମୟ: ସକାଳ ୭ଟା।
- ସମ୍ବେଦନଶୀଳ ଶିଶୁ ପ୍ରସଙ୍ଗରେ ଗୋପନୀୟତା କର୍ମଶାଳା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଯଜ୍ଞ ପୂର୍ଣ୍ଣାହୁତି ଓ ମହାପ୍ରଭୁଙ୍କ ନବଯୌବନ ବେଶ ଦର୍ଶନ, ସ୍ଥାନ: ମୂଳଗାଁ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହର ଦିବାରାତ୍ର ନାମ ଯଜ୍ଞ, ସ୍ଥାନ: ବଂଚୋ, ହାଟଡିହୀ, ସମୟ : ପ୍ରାତଃ ୫ ଟା।
- ଶ୍ରୀମା ଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ : ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୯ ଟା।

## ମୟୂରଭଞ୍ଜ

- ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ସୂର୍ଯ୍ୟପୂଜା, ସ୍ଥାନ:ସାରସକ୍ଷେତ୍ର,ସାରସକଣା, ସମୟ: ସକାଳ ୭ଟା।
- କରଞ୍ଜିଆ ସହିତ ଜେକେସିସି କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ,ସମୟ: ସକାଳ ୯ଟା।
- ଭୀମମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମମେଳା ପଡ଼ିଆ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ବିଶ୍ୱ ମାତୃ ଦିବସ ପାଳନ, ସ୍ଥାନ:ବୁଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମାଙ୍କ ମହାଆବିର୍ଭାବ ଦିବସ, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ ଟା।

## କନ୍ଧମାଳ

- ପଞ୍ଚୁଦଣ୍ଡ ପରିଚାଳନା କମିଟିର ୧୩ ଶମ୍ଭୁ ମିଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଶାଳବଣ, ଗୁଇବନ୍ଧ,ବାଲିଗୁଡା,ସମୟ : ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଜିଲାସ୍ତରୀୟ ଆଶା, ଜିକେଏସ୍, ଜାସ୍ ଓ ମାସ୍ ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଜିଲା ପରିଷଦ ହଲ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଜଗତ୍‌ସିଂହପୁର

- ବିଶେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଓଲରା ଗ୍ରାମ, ପଦ୍ମପୁର ପଞ୍ଚାୟତ, ଏରସମା, ସମୟ: ସକାଳ ୬ଟା।
- କଳିଙ୍ଗ ମହିଳା ଶକ୍ତି ସଂଗଠନ ପକ୍ଷରୁ ସାଧାରଣ ସଭା ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଗଲ୍ଫ ପଡ଼ିଆ, ବଡ଼ପଡ଼ିଆ,ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମାଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମ, ଲକ୍ଷ୍ଛକ ନିକଟ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା

- ଶ୍ରୀଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ମହୁଲିଆ, ରାଜନଗର, ସମୟ: ସକାଳ ୬ଟା।
- ଆଜାଦ କ୍ଲବ ପକ୍ଷରୁ ଫୁଟ୍‌ବଲ ଖେଳ ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରାପଡ଼ା ସରକାରୀ ହାଇସ୍କୁଲ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶ୍ରୀବିଶ୍ୱେଶ୍ୱର ମହାଦେବ ନିକଟ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା।
- ଶ୍ରୀଶ୍ରୀ ଶିରିଡି ସାଇ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ଯଜ୍ଞ, ଷୋଡଶ ଉପଚାର ପୂଜା, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁରସ୍ଥ ୫୭ନଂ. ଜାତୀୟ ରାଜପଥ କଡ, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ମାଟ୍ରିକ୍ ବୋର୍ଡ ପରୀକ୍ଷା, ସ୍ଥାନ: ଝରିଗାଁ ବ୍ଲକର ୧୧ ପରୀକ୍ଷା କେନ୍ଦ୍ର, ଡାବୁଗାଁ ବ୍ଲକର ୭ ପରୀକ୍ଷା କେନ୍ଦ୍ର, ସମୟ: ସକାଳ ୯ଟା।
- ଲୋକପ୍ରତିନିଧି, ମିଶନ ଶକ୍ତି ଓ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ତାଲିମ୍, ସ୍ଥାନ: ନବରଙ୍ଗପୁର ଜିଭିଏସ୍ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ସରକାରି ଆଶ୍ରମ ବିଦ୍ୟାଳୟ, ସମୟ: ଅପରାହ୍ନ ୩ ଟା।

## କୋରାପୁଟ

- କୁନ୍ଦୁରା ବ୍ଲକ୍ ସାମ୍ବାଦିକ ସଂଘର ପ୍ରଥମ ପ୍ରତିଷ୍ଠା ଦିବସ, ସ୍ଥାନ: ଶିକ୍ଷକ ଭବନ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜିତ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁରୀ ଦରପନ ଆୟୋଜିତ ମାତୃଭାଷା ଦିବସ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସକାଳ ୯ଟା ୩୦।
- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ୧୩ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ୟୁନିୟନ ସ୍ପୋର୍ଟିଂ କଟକ ଏବଂ ସମ୍ବଲପୁର ଫୋରସି ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ: ସକାଳ ୮ଟା ୩୦।
- ବୈଷୟିକ ସାଂସ୍କୃତିକ ଉତ୍ସବ ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମ, ସ୍ଥାନ: ଭିସୁଟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ଓ ସମ୍ବଲପୁର ଏମ୍‌ଏମସିସି ମଧ୍ୟରେ କ୍ରିକେଟ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ ଅପରାହ୍ନ ୧୨ଟା ୩୦।
- ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା(ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୁର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ସମ୍ବଲପୁର ଜିଲା ବନାମ ନୂଆଁପଡା ଜିଲା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ : ଅପରାହ୍ନ ୩ଟା।
- ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ଓ ପ୍ରଯୁକ୍ତି ପ୍ରତିଷ୍ଠାନର ୧୫ତମ ବାର୍ଷିକ ଉତ୍ସବ ଆବାହନୀ-୨୫, ସ୍ଥାନ : ସୁଇଟ ପରିସର, ସମୟ : ସନ୍ଧ୍ୟା ୬ଟା।

## ରାଉରକେଲା

- ପାନୀୟ ଜଳ ସମସ୍ୟା ନେଇ ୱାଟକୋ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଉଦିତନଗର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସକାଳ ୫ଟା।
- ବିଶ୍ୱ ମାତୃ ଦିବସ ପାଳନ, ସ୍ଥାନ: ଆମ୍ବାଗାନ ଛକ, ସେକ୍ଟର-୧୯, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଉରକେଲା ହନୁମାନ ବାଟିକାର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ହନୁମାନ ବାଟିକା, ସମୟ: ସକାଳ ୬ଟା ୩୦।
- ନିଃଶୁଳ୍କ ହର୍ନିଆ ଅସ୍ତ୍ରୋପଚାର ଶିବିର, ସ୍ଥାନ: ବ୍ୟାସଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଏସ୍‌ବିଆଇ ଲାଇଫ୍ ରାଉରକେଲା ଡିଭିଜନାଲ ଶାଖାର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ଅପରାହ୍ନ ୩ଟା।

## ବରଗଡ଼

- ଶ୍ରୀ ମହାକାଳେଶ୍ୱର ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗଙ୍ଗାଧର ନଗର, ବରଗଡ଼, ସମୟ: ସକାଳ ୮ଟା।
- ଶ୍ରୀ ବୈଭବ ଭେଙ୍କଟେଶ୍ୱର ସ୍ୱାମୀଜୀଙ୍କର ବ୍ରହ୍ମୋତ୍ସବ, ସ୍ଥାନ: ବୈଭବ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର, ଡୁଡୁଙ୍ଗା, ବରଗଡ଼, ସମୟ: ସକାଳ ୮ଟା।
- ଖାରବନ୍ଧ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଖାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ମହିମାଧର୍ମୀ ସାଧୁସନ୍ଥଙ୍କ ସମାବେଶ,ସ୍ଥାନ:ବନଦୁର୍ଗା ମନ୍ଦିର ପ୍ରାଙ୍ଗଣ, ଖାରବନ୍ଧ,ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କାଦୋବାହାଲ, ଅତାବିରା,ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଭବାନୀପାଟଣା ନକଚିଗୁଡା ସିଟି ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: କେସିଙ୍ଗା ସେକ୍ସନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଗବେଷଣାତ୍ମକ ପୁସ୍ତକ ‘ବାତାୟନରେ କଳାହାଣ୍ଡି’ ଲୋକାର୍ପଣ ଉତ୍ସବ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଦ୍ୱିତୀୟ ସେବା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପଡିଆ, ବୁରୁବୁଡା, ହରଭଙ୍ଗା, ସମୟ: ସକାଳ ୯ଟା।

## ଦେବଗଡ଼

- ଅର୍ନ୍ତଜାତୀୟ ମାତୃଭାଷା ଦିବସ ପାଳନ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହେଟଖମାର, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିଶ୍ୱ କୋସଲି ମାତୃଭାଷା ଦିବସ ପାଳନ, ସ୍ଥାନ: ସୋନପୁର ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ପଳସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀମଦ୍ ଭାଗବତ କଥା ଶ୍ରୀରାମ ଓ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ, ସ୍ଥାନ: ନୂଆପଡ଼ା ସଦର ମହକୁମା ପଡୋରା, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ଭାଗବତ ସପ୍ତାହ ପାଳନ, ସ୍ଥାନ: ବାଗଡିହି ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ସଡ଼କ ସୁରକ୍ଷା ସଚେତନତା ଯାତ୍ରା, ସ୍ଥାନ: ସୁରଭି ଭବନ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମାଙ୍କ ଜନ୍ମଦିନ ପାଳନ, ସ୍ଥାନ: ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କାଳୀମନ୍ଦିର ରୋଡ଼, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗଜକେଶରୀ ଯୋଗ ଫଳସ୍ୱରୂପ ବନ୍ଧୁମିଳନ, ଧାର୍ମିକ କାର୍ଯ୍ୟ ଓ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବାଧକାଧିପତି ଶନି ରାଶିକୁ ଅବଲୋକନ କରୁଥିବାରୁ ଶାରୀରିକ ସ୍ତରରେ ଶିଥିଳତା ଅନୁଭବ କରିବେ। ଶିଳ୍ପ, ନିର୍ମାଣ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ** ରାଶିରେ ଦେବଗୁରୁ ଅବସ୍ଥାନ କରିଥିବାରୁ ଆଜି ସାମଗ୍ରିକ ସୁଖ, ସୁବିଧା ପ୍ରଦାନ କରିବାରେ ସମର୍ଥ ହେବେ। ଆର୍ଥିକ ଅଭିବୃଦ୍ଧି, ସାମାଜିକ ସମ୍ମାନ ଓ ଫଳପ୍ରଦ ଆଲୋଚନା ପ୍ରୀତିଦାୟକ ରହିବ। ଘରୋଇ ଝମେଲା କାରଣରୁ ମନ ଭଲ ରହି ନ ପାରେ। ପରିବହନ, ଲେଖାପଢ଼ା ଓ ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** ବକ୍ରୀ ମଙ୍ଗଳ ରାଶିରେ ରହିଥିବାରୁ ପାରିବାରିକ ଓ କର୍ମକ୍ଷେତ୍ରରେ ସମସ୍ୟା ଲାଗିରହିପାରେ। ଅଟକି ରହିଥିବା କାମ ସୁବିଧାରେ ହୋଇଯିବ। ଶନି କ୍ଷେତ୍ରସ୍ଥ ବୁଧଙ୍କ ପ୍ରଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି। ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**କର୍କଟ** ନୀଚରାଶିରେ ଚନ୍ଦ୍ର ଥିବାରୁ ଅତୀତ କଥାକୁ ଚିନ୍ତା କରି ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟିଜନିତ କାମ ସ୍ଥଗିତ ରହିଯାଇପାରେ। ଆକସ୍ମିକ ଭାବେ ଅନ୍ୟଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିପାରନ୍ତି।

**ସିଂହ** ତିନୋଟିଗ୍ରହ ରାଶିକୁ ଦେଖୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି କାମ ହାସଲ କରିପାରିବେ। ପାରିବାରିକ ପରିସ୍ଥିତି ବିଶେଷ ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। କ୍ରୀଡ଼ା, ସାହିତ୍ୟଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ ପ୍ରଭୃତିରେ ସଫଳତା ଯୋଗୁ ମନ ଖୁସି ରହିବ। ପାରିବାରିକ ସ୍ଥିତି ପୂର୍ବଭଳି ରହିବା ଯୋଗୁ ମନ ଖୁସି ରହିପାରେ।

**କନ୍ୟା** ଶୁକ୍ର ଓ ବୁଧଙ୍କ ଯୋଗୁ ଦୈହିକ, ମାନସିକ ଓ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ବନ୍ଧୁଙ୍କ ଅନୁରୋଧରେ କୌଣସି ସ୍ଥଗିତ କାମ ଆରମ୍ଭ କରିବା ସକାଶେ ମନ ବଳାଇବେ। ଖଳ ଲୋକମାନଙ୍କ କଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରି ହଇରାଣ ହେବାକୁ ପଡ଼ିପାରେ।

**ତୁଳା** ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ଭଲରେ କଟିବ। ଶନିଙ୍କ ସୁପ୍ରଭାବରୁ ରାଜନୈତିକ ସ୍ଥିତିର ସମୀକ୍ଷା, ବ୍ୟବସାୟିକ ସ୍ଥିତିର ଅଗ୍ରଗତିରେ ସନ୍ତୋଷ ପାଇବେ। ସନ୍ଦେହ ଓ ବୁଝାମଣା ଅଭାବରୁ ବନ୍ଧୁଙ୍କ ଉପରେ ରାଗିବାରୁ ବିବାଦ ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ଅଷ୍ଟମସ୍ଥ ରାଶ୍ୟାଧିପ କାରଣରୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିବେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ରାଜନୀତି, ପ୍ରଶାସନ, କଳା, ସାହିତ୍ୟ, ସାମ୍ବାଦିକତାରେ ସମସ୍ୟା ସମାଧାନ ହୋଇଯିବ। ବିଶିଷ୍ଟବ୍ୟକ୍ତିମାନଙ୍କ ଦ୍ୱାରା ସଭାସମିତିରେ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ବୁଧ ଭାଗ୍ୟସ୍ଥାନକୁ ଦେଖୁଥିବାରୁ କର୍ମକ୍ଷେତ୍ରରେ ଅସଂଗତି ରହିଲେ ମଧ୍ୟ ଅସୁବିଧା ହେବ ନାହିଁ। ଶନିକ୍ଷେତ୍ରସ୍ଥ ବୁଧଙ୍କ ପ୍ରଭାବରୁ ବନ୍ଧୁଙ୍କ ଭୁଲ୍‌ବୁଝାମଣାକୁ ସୁଧାରି ନେବେ। ପଡ଼ୋଶୀ ସହଯୋଗର ହାତ ବଢ଼ାଇ କାର୍ଯ୍ୟହାସଲରେ ସହାୟକ ହେବେ। ଆଜି ଦିନଟିରେ ଯାନବାହନରେ ସତର୍କତା ରକ୍ଷା କରିବା ଭଲ ହେବ।

**ମକର** ଆଜିର ଗ୍ରହସ୍ଥିତିରେ ବୈଷମ୍ୟତା ପାରିବାରିକ କ୍ଷେତ୍ରରେ ଅଶାନ୍ତିଜନିତ ମନରେ ସରସତା ରହିବ ନାହିଁ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ସ୍ୱରାଶି ପ୍ରତି ଶନିଙ୍କ ସ୍ଥିତି ଶାରୀରିକ, ସାମାଜିକ, ଗଣତାନ୍ତ୍ରିକ, ଆଇନ ପ୍ରଭୃତି କ୍ଷେତ୍ରରେ ସୁଫଳ ପ୍ରଦାନ କରିବ। ଜଣେ ବନ୍ଧୁ ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** ସମସ୍ୟା ଓ ପ୍ରତିବନ୍ଧକକୁ ପଛକୁ ପକାଇ ବାସ୍ତବତାରେ ଉତ୍ଫୁଲ୍ଲିତ ରହିବେ। ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ଶୁକ୍ରଙ୍କ ପ୍ରଭାବରେ ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଫେବୃଆରୀ ୨୧ ତାରିଖ, ବିଶ୍ୱ ମାତୃଭାଷା ଦିବସ, ଶ୍ରୀମାଙ୍କ ଜୟନ୍ତୀ, ଫାଲଗୁନ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଶୁକ୍ରବାର, ରାଶିନକ୍ଷତ୍ର-ଅନୁରାଧା/ବିଛା, ନବମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହପାଣିଗ୍ରହଣ, ସକାଳ ଘ.୦୬।୧୫ ମି. ଗତେ ଘ.୦୭.୦୧ମି. ମଧ୍ୟେ, ଘ.୦୭.୪୭ ମି. ଗତେ ଘ.୦୯.୦୫ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୪ମି. ଗତେ ଘ.୧୨.୦୦ମି. ମଧ୍ୟେ ରାହୁ କାଳ।

## ସ୍ଥିତାବସ୍ଥା ବଜାୟ ରଖିବାକୁ ଆଦେଶ

**କଟକ,୨୦।୨(କାର୍ତ୍ତିକ ସାହୁ)**

ବଲାରପୁର ପେପର ମିଲ୍‌କୁ ଶିଳ୍ପ ପାଇଁ ଦିଆଯାଇଥିବା ସରକାରୀ ଜମି ଶିଳ୍ପ ଉଦ୍ଦେଶ୍ୟରେ ବ୍ୟବହାର ହେଉନାହିଁ। ତାହାକୁ ପ୍ଲଟିଂ ବିକ୍ରି କରିବାକୁ ଉଦ୍ୟମ ହୋଇଛି। ଜମିର କିସମ ପରିବର୍ତ୍ତନ କରିବାକୁ ଆବେଦନ ମଧ୍ୟ କରାଯାଇଛି। ତେଣୁ ଉକ୍ତ ଜମିକୁ ନେଇ ଓଡ଼ିଶା ରାଜ୍ୟ ସରକାରଙ୍କ ସହ ବଲାରପୁର ପେପର ମିଲ୍‌ର ହୋଇଥିବା ରାଜିନାମା(ଏମ୍‌ଓୟୁ)କୁ ରଦ୍ଦ କରିବା ପାଇଁ ଆଗତ ମାମଲାର ଶୁଣାଣି ହାଇକୋର୍ଟରେ ବୁଧବାର ହୋଇଛି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଓ ବିଚାରପତି ଏମ. ଏସ୍. ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ସମ୍ପୃକ୍ତ ଜମିର ସ୍ଥିତାବସ୍ଥା ବଜାୟ ରଖିବାକୁ ଆଦେଶ ଦେଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ସମେତ ଅନ୍ୟ ପ୍ରତିପକ୍ଷ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୯ ତାରିଖକୁ ଧାର୍ଯ୍ୟ ହୋଇଛି। ଆବେଦନକାରୀ ରମେଶ ଚନ୍ଦ୍ର ନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ଆଇନଜୀବୀ ବି.ପି.ବି. ବାହାଳି ମାମଲା ପରିଚାଳନା କରୁଛନ୍ତି।

**ବଲାରପୁର ପେପର ମିଲ୍ ବିରୋଧରେ ହାଇକୋର୍ଟରେ ମାମଲା**

## କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ଛାତ୍ର ସଂଗଠନ







**ଭୁବନେଶ୍ୱର,୨୦।୨(ସୁଚିସ୍ମିତା ସାହୁ)**

କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଦୋଷୀକୁ ଦଣ୍ଡ ଦେବା ସହିତ ନେପାଳର ଛାତ୍ରୀଛାତ୍ରଙ୍କୁ ଅମାନୁଷିକ ଭାବେ ଆକ୍ରମଣ କରି ବିତାଡିତ କରିଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନେପାଳୀ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା, କ୍ୟାମ୍ପସ ଚତୁଃପାର୍ଶ୍ୱରେ ଥିବା ମଦ ଓ ମାଦକ ଦ୍ରବ୍ୟ ବିକ୍ରି କରୁଥିବା ଦୋକାନଗୁଡିକ ତୁରନ୍ତ ବନ୍ଦ କରିବାକୁ ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ୍‌ସ ଅର୍ଗାନାଇଜେସନ୍ସ (ଏଆଇଡିଏସ୍‌ଓ) ଦାବି କରିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଛାତ୍ରୀଛାତ୍ରମାନେ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିକ୍ଷୋଭସ୍ଥଳରୁ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଆଇଡିଏସଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ, ଉପ-ସଭାପତି ନିରୁପମା ବେହେରା, ଭାଗ୍ୟରବି ଦାସ, କାର୍ଯ୍ୟାଳୟ ସମ୍ପାଦକ ନସିମ ସରକାର, କୋଷାଧ୍ୟକ୍ଷ ସର୍ପ୍ରଷିନୀ ରାଉଳ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସେହିପରି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫଦାରୀ ଦାବିରେ ସିପିଆଇ ଭୁବନେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ଅରୁଣାଚଳ ସୀମାରେ...

ଏହି ଗ୍ରାମଗୁଡ଼ିକ ଚାଇନାର କ୍ଷେତ୍ରୀୟ ଦାବିକୁ ମଜଭୁତ କରିବା ସହ ଅନିର୍ଦ୍ଧାରିତ ସୀମାରେ ସାମରିକ ପ୍ରସ୍ତୁତିକୁ ମଧ୍ୟ ମଜଭୁତ କରିବ ବୋଲି କୁହାଯାଉଛି। ଅଦ୍ୟାବଧି ଚାଇନା ଏଭଳି ୬୨୮ଟି ଗ୍ରାମ ପ୍ରତିଷ୍ଠା କରିସାରିଥିବାବେଳେ ଆହୁରି ୯୦ ବସତି ସ୍ଥାପନ ହେଉଛି ଏହାର ସବୁଠୁ ବଡ଼ ବିସ୍ତାର। ସୂତ୍ରରୁ ଆହୁରି ଜଣାପଡ଼ିଛି ଯେ, ବର୍ଡର ଡିଫେନ୍ସ କୋ-ଅପରେଶନ୍ ଏଗ୍ରିମେଣ୍ଟ (୨୦୦୫) ଅଧୀନରେ ଚାଇନା ଭାରତଠାରୁ ଏକ ଆଇନଗତ ପ୍ରତିରକ୍ଷା ନିର୍ମାଣ ଚାହୁଁଛି, ଯଦ୍ୱାରା ସୀମା ବିବାଦ ଓ ସୀମାନ୍ତରେ ବସବାସ କରୁଥିବା ସ୍ଥାନୀୟ ଲୋକଙ୍କ ବିବାଦର ସମାଧାନ ହୋଇପାରିବ। ଏହି ଚୁକ୍ତିର ଆର୍ଟିକିଲ ୮ ଅନୁସାରେ ଉଭୟ ପକ୍ଷ ସୀମାରେ ବସବାସ କରୁଥିବା ନିଜ ନିଜ ଲୋକଙ୍କ ସ୍ୱାର୍ଥର ସୁରକ୍ଷା କରିପାରିବେ। ଏଲ୍‌ଏସି ପରିମାପ ନେଇ ଯେତେବେଳେ ପ୍ରଶ୍ନ ଉଠିବ, ଏହି ପ୍ରକ୍ରିୟା ଦ୍ୱାରା ଉକ୍ତ ଗ୍ରାମଗୁଡ଼ିକୁ ନେଇ କେହି ହସ୍ତକ୍ଷେପ କରିବେ ନାହିଁ।

ସୀମାରେ ଭାରତ ପକ୍ଷରୁ ମଧ୍ୟ ନିଜସ୍ୱ ଗ୍ରାମ ନିର୍ମାଣ ଯୋଜନା ରହିଛି। ଭାଇବ୍ରାଣ୍ଟ ଭିଲେଜେସ୍ ପ୍ରୋଗ୍ରାମ ଅଧୀନରେ ଅରୁଣାଚଳ ପ୍ରଦେଶରେ ଭାରତ ପୂର୍ବରୁ ରହିଥିବା ଗ୍ରାମଗୁଡ଼ିକର ଉନ୍ନତୀକରଣ କରୁଛି। ପରବର୍ତ୍ତୀ ୧୦ ବର୍ଷ ମଧ୍ୟରେ ୨,୯୬୩ଟି ଗ୍ରାମକୁ ବିକଶିତ କରିବା ଲକ୍ଷ୍ୟରେ ୨୦୨୩ ଏପ୍ରିଲ ୧୩ରେ କିବିଥୁଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ଦ୍ୱିତୀୟ ଚିନ୍ତାଜନକ ଘଟଣାକ୍ରମ ହେଲା, ତିବ୍ବତ ଓ ନେପାଳର ମୁସ୍ତାଙ୍ଗ୍ ସୀମାନ୍ତ କୋରାଲା କ୍ରସିଂ ପଏଣ୍ଟରେ ଚାଇନା ବଡ଼ ଧରଣର ପରିବର୍ତ୍ତନ କରୁଛି। ତିବ୍ବତୀୟ ଶରଣାର୍ଥୀମାନେ ବହୁ ସମୟ ଧରି ଏହି ସୀମା ଦେଇ ଅତିକ୍ରମ କରିଥାନ୍ତି। ଏଠାରେ ଚାଇନା ପକ୍ଷରୁ ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ କରାଯିବା ଭାରତ ପାଇଁ ଏକ ଆହ୍ୱାନ ବୋଲି କୁହାଯାଉଛି। ନେପାଳସ୍ଥିତ ମୁସ୍ତାଙ୍ଗ୍ ହେଉଛି ବୌଦ୍ଧ ଧର୍ମାବଲମ୍ବୀ ବହୁଳ ଅଞ୍ଚଳ। ୧୯୫୯ରେ ଚାଇନା ଶାସନ ବିରୋଧରେ ତିବ୍ବତୀୟଙ୍କ ବିଦ୍ରୋହ ବେଳେ ଏହି ଅଞ୍ଚଳ ଚର୍ଚ୍ଚାକୁ ଆସିଥିଲା। ଚାଇନାର ଦମନମୂଳକ କାର୍ଯ୍ୟାନୁଷ୍ଠାନରୁ ତିବ୍ବତୀୟ ଶରଣାର୍ଥୀମାନେ ବର୍ତ୍ତିବା ପାଇଁ ୧୫,୨୫୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ କୋଲାରା ବର୍ଡର କ୍ରସିଂକୁ ବ୍ୟବହାର କରିଆସିଛନ୍ତି।

## ମୋଦି ସରକାର ଭାରତର ଜାତୀୟ ସୁରକ୍ଷାକୁ ବିପନ୍ନ କରୁଛନ୍ତି: ଖାର୍ଗେ

ଅରୁଣାଚଳ ପ୍ରଦେଶ ସୀମାରେ ଚାଇନା ପକ୍ଷରୁ ୯୦ଟି ନୂତନ ଗ୍ରାମ ପ୍ରତିଷ୍ଠା କରାଯିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ କେନ୍ଦ୍ରକୁ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏକ୍ସ’ରେ ଉଲ୍ଲେଖ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଜାତୀୟ ସୁରକ୍ଷା ପରିବର୍ତ୍ତେ ‘ପିଆର୍ ଷ୍ଟଣ୍ଟ’ ଏବଂ ‘ମିଥ୍ୟା ବିଜ୍ଞାପନ’କୁ ପ୍ରାଧାନ୍ୟ ଦେଉଛନ୍ତି। ମୋଦିଜୀ, ଆପଣ ଚାଇନାକୁ ‘ନାଲିଆଖି’ ଦେଖାଇବା ପରିବର୍ତ୍ତେ ‘ଲାଲସଲାମ’ କରୁଛନ୍ତି। ଏଥିଯୋଗୁ ଭାରତର ଜାତୀୟ ସୁରକ୍ଷା, କ୍ଷେତ୍ରୀୟ ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ଖାର୍ଗେ ସମାଲୋଚନା କରିଛନ୍ତି। ମୋଦି ସରକାର ଭାଇବ୍ରାଣ୍ଟ ଭିଲେଜ୍ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେଉଥିବା ନେଇ ଆପଣ ସଂସଦରେ ଅତିରଞ୍ଜିତ କରି କହୁଛନ୍ତି। କିନ୍ତୁ ସତ ହେଉଛି ଯେ, ଗତ ୨ ବର୍ଷ ଭିତରେ ଏହାର ୯୦% ପାଣ୍ଠିକୁ ଖର୍ଚ୍ଚ କରାଯାଇପାରି ନାହିଁ। ୨୦୨୩ ଫେବୃଆରୀରେ ଏହି ଯୋଜନା ଆରମ୍ଭ ହୋଇଥିଲା। ଆବଣ୍ଟିତ ୪,୮୦୦ କୋଟି ଟଙ୍କାରୁ ମାତ୍ର ୫୦୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଖାର୍ଗେ ନିଜ ପୋଷ୍ଟରେ ଲେଖିଛନ୍ତି।

## ପିଏଲ୍‌ଏର ମନୋବଳ...

ଜିନ୍‌ପିଙ୍ଗଙ୍କ ଭାଷଣ ଏବଂ ଶାସକ କମ୍ୟୁନିଷ୍ଟ ପାର୍ଟିର ନିୟମକୁ ଅଧ୍ୟୟନ କରୁଛନ୍ତି। ଏହାଦ୍ୱାରା ସେମାନଙ୍କ ଜୀବନରେ ବୈପ୍ଳବିକ ମନୋଭାବ ସୃଷ୍ଟି ହେବ ବୋଲି କୁହାଯାଉଛି। ଗତ ଜୁନ୍‌ରେ ଜିନ୍‌ପିଙ୍ଗ୍ ବରିଷ୍ଠ କମାଣ୍ଡରମାନଙ୍କ ଏକ ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ, ସେନାରେ ଆମେ ଦଳୀୟ ନିରଙ୍କୁଶ ନେତୃତ୍ୱକୁ ବଜାୟ ରଖିବା ଜରୁରୀ। କମ୍ୟୁନିଷ୍ଟ ପାର୍ଟି ପ୍ରତି ବିଶ୍ୱସ୍ତ ଓ ଅନୁଗତ ବ୍ୟକ୍ତିମାନେ ବନ୍ଧୁକ ଧରିବା ଆବଶ୍ୟକ ବୋଲି ସେ କହିଥିଲେ। ଜିନ୍‌ପିଙ୍ଗଙ୍କ ଏହି ଭାଷଣ ତାଙ୍କ ସୈନ୍ୟଙ୍କ ମଧ୍ୟରେ ଦେଶାତ୍ମବୋଧ ଓ ଶୃଙ୍ଖଳା ଭରିଦେବ ବୋଲି ମନେକରାଯାଉଛି।

## ଅଚ୍ୟୁତଙ୍କୁ ହାଜର...

ଉଚ୍ଚସ୍ତରୀୟ ତଦନ୍ତ କମିଟି ନିକଟରେ ହାଜର ହେବାକୁ ଅଚ୍ୟୁତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରୀ ଆତ୍ମହତ୍ୟା ମାମଲା ଓ ଏହା ପରବର୍ତ୍ତୀ ଘଟଣାରେ କିଟ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କ’ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ସେ ସମ୍ବନ୍ଧୀୟ ସମସ୍ତ ଡକ୍ୟୁମେଣ୍ଟ କମିଟି ନିକଟରେ ଉପସ୍ଥାପନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଏହି କମିଟି ବୁଧବାର କ୍ୟାମ୍ପସ ପରିଦର୍ଶନ କରିବା ସହ ହଷ୍ଟେଲରେ ଥିବା ନେପାଳୀ ଛାତ୍ରୀଛାତ୍ର ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କେବଳ ନେପାଳ ଛାତ୍ରୀଛାତ୍ରଙ୍କ ପାଇଁ ସାଇନ-ଏ-ଡାଏ ଘୋଷଣା ହେବା ଏବଂ ସେମାନଙ୍କୁ କ୍ୟାମ୍ପସରୁ ଲୋକ ଲଗାଇ ବିଦା କରିବା ଆଦି ବିଷୟରେ ତଦନ୍ତ କରାଯିବ। ସେମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ସହ କ୍ୟାମ୍ପସରେ ଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ ଉକ୍ତ କମିଟି ତଦାରଖ କରିବ। ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ଫେରାଇ ଆଣିବାକୁ ବିଭାଗ ପକ୍ଷରୁ ଅଭିଜ୍ଞ ପରାମର୍ଶଦାତାଙ୍କୁ ନିୟୋଜିତ କରାଯିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ମହାନଦୀରେ ନିର୍ମାଣ ହେବ...

ଏହି ପ୍ରସଙ୍ଗ ଉଠାଇଥିଲେ। ଛତିଶଗଡ଼ ସରକାର ମହାନଦୀର ଉପର ଅବବାହିକା ଅଞ୍ଚଳରେ ୮/୯ଟି ବ୍ୟାରେଜ ନିର୍ମାଣ କରିଛନ୍ତି। ଏହାଦ୍ୱାରା ଓଡ଼ିଶା ଗ୍ରୀଷ୍ମ ସମୟରେ ବିଶେଷମାତ୍ରାରେ ପ୍ରଭାବିତ ହେଉଛି। ଏନେଇ ରାଜ୍ୟ ସରକାର କ’ଣ ପଦକ୍ଷେପ ନେଇଛନ୍ତି ବୋଲି ପ୍ରସନ୍ନ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉତ୍ତର ରଖିଥିଲେ। ସେ କହିଲେ, ଭାଜପା ସରକାର ଗତ ୮ମାସ ଧରି କ୍ଷମତାରେ ଅଛି। ଏତେ କମ୍ ସମୟ ମଧ୍ୟରେ ବନ୍ଧ ନିର୍ମାଣ ହୋଇପାରିବ ନାହିଁ। ତେବେ ରାଜ୍ୟ ସରକାର ୩୧ଟି ବୃହତ୍ ଓ ମଧ୍ୟମ ଜଳପ୍ରକଳ୍ପ, ୨୭ଟି ବ୍ୟାରେଜ, ୭୨ଟି ଆଇଏସ୍‌ଏସ୍ ଡାଙ୍ଗା ଏବଂ ୭୯ଟି କ୍ଷୁଦ୍ର ଜଳପ୍ରକଳ୍ପ କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ୫୧ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଜଳସମ୍ପଦ ବିଭାଗ ଏଥିପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରୁଛି। ଏନେଇ ଆଗାମୀ ୫ବର୍ଷ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ମହାଲିଙ୍ଗ ବିଧାନସଭାରେ ତଥ୍ୟ ରଖିଛନ୍ତି। ସେ ଆହୁରି କହିଛନ୍ତି, ଛତିଶଗଡ଼ରେ ଯେଉଁ ଡ୍ୟାମ ହୋଇଛି ତାକୁ ନେଇ ବିଧାନସଭାରେ ଅନେକ ବାର ଆଲୋଚନା ହୋଇଛି। ଗତ ୨୪ବର୍ଷର ପ୍ରସଙ୍ଗକୁ ଦୋହରାଇବାକୁ ଚାହୁଁନି। ଏତେବର୍ଷ ସରକାରରେ ଥିବା ବିଜେଡି ମହାନଦୀର ତଳମୁଣ୍ଡରେ କେତୋଟି ଡ୍ୟାମ କରିଛି, ତାହାର ତଥ୍ୟ ବର୍ତ୍ତମାନର ବିରୋଧୀ ଦଳ ନେତା ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଥିବ। ତେଣୁ ପ୍ରଥମେ ନିଜକୁ ନିଜେ ପ୍ରଶ୍ନ ପଚାରନ୍ତୁ ବୋଲି ମହାଲିଙ୍ଗ ଟେରଛା ବାଣ ମାରିଛନ୍ତି।

## ମହମ୍ମଦ ଶାମିଙ୍କ...

ମାଇଲଖୁଣ୍ଟରେ ପହଞ୍ଚିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ଭାରତର ପୂର୍ବତନ ପେସର ଅଜିତ ଅଗରକରଙ୍କ ନାମରେ ଥିଲା। ସେ କ୍ୟାରିୟରର ୧୩୩ତମ ମ୍ୟାଚରେ ୨୦୦ ଉଇକେଟ ଅର୍ଜନ କରିଥିଲେ। ତେବେ ଶାମି ଅଷ୍ଟମ ଭାରତୀୟ ଭାବେ ଦିନିକିଆ କ୍ରିକେଟରେ ୨୦୦ ଉଇକେଟ ଅକ୍ତିଆର କରିଛନ୍ତି। ଏତଦ ବ୍ୟତୀତ ୫୦ ଓଭରିଆ ଆଇସିସି ଇଭେଣ୍ଟରେ ଶାମି ଭାରତ ପାଇଁ ସର୍ବାଧିକ ଉଇକେଟ ନେବାର ରେକର୍ଡ ନିଜ ନାମରେ କରିଛନ୍ତି। ଦିନିକିଆ ବିଶ୍ୱକପ ଓ ଚାମ୍ପିୟନ୍ସ ଟ୍ରଫିକୁ ମିଶାଇ ଶାମି ମୋଟ ୬୦ ଉଇକେଟ ନେଇଛନ୍ତି। ଏହି ରେକର୍ଡ ପୂର୍ବରୁ ଜାହିର ଖାନ୍‌ଙ୍କ ନାମରେ ଥିଲା। ସେ ୫୯ ଉଇକେଟ ନେଇଥିଲେ। ଏହି ତାଲିକାରେ ଜାଭାଗଲ ଶ୍ରୀନାଥ (୪୭) ଓ ରବୀନ୍ଦ୍ର ଜାଡେଜା (୪୩) ରହିଛନ୍ତି।

**ଖୋର୍ଦ୍ଧା ଜିଲା ମହୋତ୍ସବରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ଷ୍ଟଲ ଉଦ୍‌ଘାଟିତ**

# ‘ଧରିତ୍ରୀ ତା’ର ସ୍ୱତନ୍ତ୍ରତା ବଜାୟ ରଖିଛି’




**ଖୋର୍ଦ୍ଧା,୨୦।୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଓର୍‌ମାସ ଆନୁକୂଲ୍ୟରେ ଗୁରୁବାରଠାରୁ ଜିଲା ମହୋତ୍ସବ, ପୁସ୍ତକ ମେଳା ଓ ପଲ୍ଲିଶ୍ରୀ ମେଳା ଆରମ୍ଭ ହୋଇଛି। ଏହି ମେଳାରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ପୁସ୍ତକ ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଷ୍ଟଲ ଉଦ୍‌ଘାଟନ କରି କହିଥିଲେ, ଧରିତ୍ରୀ ୫୦ବର୍ଷ ଅତିକ୍ରାନ୍ତ କରି ୫୧ ବର୍ଷରେ ପହଞ୍ଚିବାବେଳେ ତା’ର ସ୍ୱତନ୍ତ୍ରତା ବଜାୟ ରଖିଛି। ଏହାର ବାର୍ଷିକ ବିଶେଷାଙ୍କ ନବକଳେବର, ସୂତାଖିଅରେ ବିଶ୍ୱ, ଅକଳରେ ଅର୍ଥନୀତି ଆଦି ବେଶ୍ ଉଚ୍ଚକୋଟୀର ହୋଇଛି ବୋଲି ବେଉରା କହିଥିଲେ। ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ବାର୍ ସଂଘ ସଭାପତି ଜୀବନ ଜ୍ୟୋତି ମିଶ୍ର ଯୋଗଦେଇ ଯୁବପିଢ଼ି ସାହିତ୍ୟାନୁରାଗୀ ହେବାକୁ ପରାମର୍ଶ ଦେଇଥିଲେ। ଯୁବ ସମାଜ ପୁସ୍ତକ ପଠନ ଅଭ୍ୟାସ କରନ୍ତୁ। ସେହିପରି ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ କହିଥିଲେ, ଆଜିର ଯୁବପିଢ଼ି ହେଉଛନ୍ତି ଦେଶର ଆଗାମୀ ଭବିଷ୍ୟତ। ଯୁବକମାନେ ଅସୀମ ଶକ୍ତିର ଉତ୍ସ। ଅନ୍ତର୍ନିହିତ ପ୍ରତିଭା, ଜ୍ଞାନ ପରିସୀମା ବୃଦ୍ଧି କରନ୍ତୁ। ଓୟୁଜେ ଜିଲା ସଭାପତି ତପନ ନାୟକ କହିଥିଲେ, ଧରିତ୍ରୀର ବଳିଷ୍ଠ ସମ୍ପାଦକୀୟ, ନିର୍ଭୀକତା, ସତ୍ୟ ଓ ତଥ୍ୟଭିତ୍ତିକ ଖବର ପରିବେଷଣ ଦିଗରେ ସ୍ୱତନ୍ତ୍ରତା ରହିଛି। ଧରିତ୍ରୀର ଉତ୍ତୋରତ୍ତର କାମନା ସହ ଯୁବ ସାମ୍ବାଦିକମାନଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ହେଉ ବୋଲି କହିଥିଲେ। ଜିଲା ପ୍ରେସ୍ କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ କହିଥିଲେ, ଭବିଷ୍ୟତ ଭାରତର କର୍ଣ୍ଣଧାର ହେଉଛନ୍ତି ଯୁବପିଢ଼ି। ସେବା ଓ ସମର୍ପଣ ଭାବେ ସମାଜର ପ୍ରଗତିପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ କହିଥିଲେ, ପୁସ୍ତକକୁ ବନ୍ଧୁ ଭାବେ ଗ୍ରହଣ କଲେ ଉଜ୍ଜ୍ୱଳ ଭବିଷ୍ୟତ ହେବ। ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ସଭାପତି ପ୍ରକାଶ ହାତୀ ଧରିତ୍ରୀକୁ ଶୁଭେଚ୍ଛା ଜଣାଇବା ସହ ସାମ୍ବାଦିକତା କ୍ଷେତ୍ରରେ ମାଇଲଖୁଣ୍ଟ ହେଉ। ଗଠନମୂଳକ ଖବର ପରିବେଷଣ ଦିଗରେ ଖବରଦାତାମାନେ ବ୍ରତୀ ହୁଅନ୍ତୁ ବୋଲି କହିଥିଲେ। କଳିଙ୍ଗ ପାଇକ ସଙ୍ଗଠନର କୃଷ୍ଣଚନ୍ଦ୍ର ହରିଚନ୍ଦନ କହିଥିଲେ, ସକାଳ ଆରମ୍ଭ ଧରିତ୍ରୀ ଖବରକାଗଜରୁ ହୋଇଥାଏ। ଯେତେ ଖବରକାଗଜ ପଢିଲେ ମଧ୍ୟ ଧରିତ୍ରୀ ନ ପଢ଼ିଲେ ଭଲ ଲାଗେନି। ଧରିତ୍ରୀ ଅନେକଙ୍କ ମଧ୍ୟରେ ଏକତା ବଜାୟ ରଖିଛି। ନାଇଜର କୁଳସଚିବ ଅଭୟ ନାୟକ, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସାମାଜିକର୍ମୀ ଶୋଭନ ଘୋଷ, ବିଶିଷ୍ଟ କବି ତଥା ଲେଖକ ଶଙ୍କର ସାହୁ, ଓୟୁଜେ ଜିଲା ସଭାପତି ତପନ ନାୟକ, ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଲାଲା ସୁନିଲ ରଥ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଧରିତ୍ରୀ ଖୋର୍ଦ୍ଧା ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ସଂଯୋଜନା କରିଥିଲେ।




# ଆଜିଠୁ ମାଟ୍ରିକ୍ ପରୀକ୍ଷା

**କଟକ,୨୦।୨(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫେବୃଆରୀ ୨୧ ତାରିଖ ଶୁକ୍ରବାରଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୬ରେ ଶେଷ ହେବ। ସେହିପରି ଏକ ସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପରୀକ୍ଷାର୍ଥୀମାନେ ସକାଳ ସାଢେ ୭ଟାରୁ ସାଢେ ୮ଟା ମଧ୍ୟରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବେ। ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହୋଇ ସାଢେ ୧୧ଟାରେ ଶେଷ ହେବ। ପରୀକ୍ଷା ସୁପରିଚାଳନା ପାଇଁ କଟକ ବଜ୍ରକବାଟି ରୋଡ୍‌ସ୍ଥିତ ବୋର୍ଡ ମୁଖ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଏଥିସହ ରାଜ୍ୟର ୬୦୦ ପରୀକ୍ଷା କେନ୍ଦ୍ରରୁ ଲାଇଭ୍ ଯୋଗେ ବୋର୍ଡ ମୁଖ୍ୟାଳୟ ସହ ସଂଯୋଗ ରହିବ। ଏହାଦ୍ୱାରା ବୋର୍ଡ କାର୍ଯ୍ୟାଳୟରୁ ସିଧାସଳଖ ସେହି ପରୀକ୍ଷା କେନ୍ଦ୍ରଗୁଡ଼ିକର ପରୀକ୍ଷା ପରିଚାଳନାକୁ ନିୟନ୍ତ୍ରଣ କରାଯାଇପାରିବ। ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ବୋର୍ଡ ମୁଖ୍ୟାଳୟକୁ ସିଧାସଳଖ ପରୀକ୍ଷାକେନ୍ଦ୍ର ଓ ନୋଡାଲ କେନ୍ଦ୍ରଗୁଡ଼ିକରୁ ଆସିବା ନିମନ୍ତେ ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯାଇଛି। ଏଥିସହ ମାର୍ଚ୍ଚ ୧୯ ତାରିଖରୁ ଖାତାଦେଖା ଆରମ୍ଭ ହେବ ବୋଲି ବୋର୍ଡ ମୁଖ୍ୟାଳୟ ପକ୍ଷରୁ ଜଣାପଡିଛି। ସୂଚନାନୁସାରେ, ରାଜ୍ୟର ମୋଟ୍ ୨୯୭୯ କେନ୍ଦ୍ରରେ ୫,୧୦,୭୮ ଜଣ ମାଟ୍ରିକ୍ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ୧୦୨ଟି କେନ୍ଦ୍ରରେ ୭୭୬୬ ଜଣ ଓ ମଧ୍ୟମା ପରୀକ୍ଷା ୫୨ଟି କେନ୍ଦ୍ରରେ ୩୭୯୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ତେବେ ତିନୋଟିଯାକ ପରୀକ୍ଷାର ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ଗଚ୍ଛିତ ରଖିବା ପାଇଁ ୩୦ଟି ଜିଲାରେ ୩୧୪ ନୋଡାଲ କେନ୍ଦ୍ର କରାଯାଇଛି। ସେଥିମଧ୍ୟରେ ପୋଲିସ ଥାନାରେ ୨୧ଟି ନୋଡାଲ କେନ୍ଦ୍ର ଓ ବିଟ୍ ହାଉସ୍‌ରେ ଗୋଟିଏ କେନ୍ଦ୍ର କରାଯାଇଛି।

## ପରୀକ୍ଷା ପାଇଁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା

କଟକ,୨୦।୨(କାର୍ତ୍ତିକ ସାହୁ): ଶୃଙ୍ଖଳିତ ମାଟ୍ରିକ ପରୀକ୍ଷା ପରିଚାଳନା ତଦାରଖ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ସମସ୍ତ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ୭୦ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ବୋର୍ଡ ମୁଖ୍ୟାଳୟ ପକ୍ଷରୁ ୪୨ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ପରୀକ୍ଷା ପରିଚାଳନା ଯାଞ୍ଚ କରିବ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ଏବଂ ପ୍ରତି ଜିଲାରେ ବିଡିଓ, ତହସିଲଦାର ଓ ଜିଲା ପ୍ରଶାସନର ଅଧିକାରୀଙ୍କୁ ନେଇ ଗଠିତ ସ୍କ୍ୱାଡ୍ ପରୀକ୍ଷା ପରିଚାଳନା ତଦାରଖ ନିମନ୍ତେ ପ୍ରସ୍ତୁତ ହୋଇରହିଛନ୍ତି।

Ramdev
INSTITUTIONAL SPECIAL
SINCE 1965
ହୋଟେଲ୍, ରେଷ୍ଟୁରାଣ୍ଟ, ମିଠାଦୋକାନୀ, କ୍ୟାଟରିଂ, କ୍ୟାଣ୍ଟିନ୍, ନମକିନ୍ ଓ ଫାଷ୍ଟ ଫୁଡ୍ ବ୍ୟବସାୟ ସହିତ ଜଡ଼ିତ ବନ୍ଧୁମାନଙ୍କ ପାଇଁ ଇନଷ୍ଟିଚ୍ୟୁଶନାଲ୍ ପ୍ୟାକ୍ ରେ ଉପଲବ୍ଧ
ବହୁତ ଉଚିତ ମୂଲ୍ୟ,
ରାମଦେବ ଗୁଣବତ୍ତାର ଗ୍ୟାରେଣ୍ଟୀ
ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ – 1kg, 2kg, 5kg
ରେଡ୍ ଗୋଲ୍ଡ କାଶ୍ମୀରୀ ଲଙ୍କା – 1kg
ଷ୍ଟ୍ରଙ୍ଗ୍ ହିଙ୍ଗ୍ – 200g
ଗରମ ମସାଲା ରେଞ୍ଜ୍ – 500g
କସୂରୀ ମେଥି – 500g
ଅନୁସନ୍ଧାନ ପାଇଁ, ଦୟାକରି ଯୋଗାଯୋଗ କରନ୍ତୁ:
7377821657 ♦ 9692557555
(Time: 10 to 5)
ରାମଦେବ ଫୁଡ୍ ପ୍ରୋଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍
www.ramdev.co.in
orissa@ramdev.co.in
HORECA

# କିଟ୍‌ରେ ନେପାଳୀ ଛାତ୍ରଙ୍କୁ ମାଡ଼ ଘଟଣାରେ ଆଉ ୫ ଗିରଫ


ଗିରଫ ହୋଇଥିବା କିଟ୍ ବିଶ୍ୱବିଦ୍ୟାଳୟର କର୍ମଚାରୀ।

**ଜାମିନ ନାମଞ୍ଜୁର ପରେ ଜେଲ ଗଲେ**

**ଭୁବନେଶ୍ୱର,୨୦।୨ (ସତ୍ୟଜିତ୍ ରାଉତ)**

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରଙ୍କୁ ମାଡ଼ ମାରି କ୍ୟାମ୍ପସରୁ ବିଦା କରିବା ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ଗୁରୁବାର ଆଉ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୪ଜଣ ବାଉନ୍‌ସର ଅଛନ୍ତି। ସେମାନେ ହେଲେ ଅଜୟ କୁମାର ସ୍ୱାଇଁ (୪୬), ସରୋଜ କୁମାର ରାଉତରାୟ (୪୫), ଚନ୍ଦନ କୁମାର ସ୍ୱାଇଁ (୨୯), ସୁଧାଂଶୁ ଶେଖର ବେହେରା (୪୧) ଏବଂ ଫିଲ୍ଡ ଅଫିସର ରମାକାନ୍ତ ସେଠୀ (୩୭)। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କୁ ଜାମିନ ପାଇଁ ଆବେଦନ ହୋଇଥିଲା। ହେଲେ ପୋଲିସ ପକ୍ଷରୁ ଦିଆଯାଇଥିବା ପ୍ରମାଣଗୁଡ଼ିକୁ ଆଧାର କରି ବିଚାରପତି ଜାମିନ ନାମଞ୍ଜୁର କରିଦେଇଥିଲେ। ଫଳରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛିଥିବା ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ପୀଡ଼ିତା ମୃତା ପ୍ରକ୍ରିତି ଲାମ୍‌ସଲ୍‌ଙ୍କୁ ନ୍ୟାୟ ଦେବାକୁ ନେପାଳୀ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନର ମୁଖ୍ୟ ଅଧିକାରୀଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ହେଲେ ଆନ୍ଦୋଳନକାରୀଙ୍କୁ ଖୁବ୍‌ଶୀଘ୍ର ହଷ୍ଟେଲ ତଥା ଶିକ୍ଷାନୁଷ୍ଠାନ ପରିସର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୋମବାର ପୂର୍ବାହ୍ନ ୧୧ରୁ ମଧ୍ୟାହ୍ନ ୧୨ଟା ୩୦ ମଧ୍ୟରେ ଛାତ୍ରୀଛାତ୍ରମାନେ ହଷ୍ଟେଲ ଖାଲି କରୁଥିବାବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଯଥାଶୀଘ୍ର ସେଠାରୁ ଚାଲିଯିବାକୁ ତାଗିଦ୍ କରିଥିଲେ। ଛାତ୍ରମାନେ ହଷ୍ଟେଲ ଖାଲି କରିବାରେ ସାମାନ୍ୟ ବିଳମ୍ବ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଓ ମାରପିଟ କରିଥିଲେ। ଏହାପୂର୍ବରୁ ମଙ୍ଗଳବାର ଏହି ମାମଲାରେ କିଟ୍‌ର ୩ଜଣ ଅଧିକାରୀ ଏବଂ ୨ଜଣ ସୁରକ୍ଷା କର୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ପୋଲିସ କୋହଳ ଦଫା ଲଗାଇଥିବାରୁ ସେମାନଙ୍କୁ ତୁରନ୍ତ ଜାମିନ ମିଳି ଯାଇଥିଲା।

# ରିମାଣ୍ଡରେ ପୁରୁଷବନ୍ଧୁ ଆଦଭିକ୍

**କିଟ୍‌ରେ ଛାତ୍ରୀ ମୃତ୍ୟୁ, ନିର୍ଯ୍ୟାତନା ଘଟଣା**

**ଭୁବନେଶ୍ୱର,୨୦।୨ (ସତ୍ୟଜିତ୍ ରାଉତ)**

କିଟ୍ ବିଶ୍ୱ ବିଦ୍ୟାଳୟରେ ବି.ଟେକ୍ ଛାତ୍ରୀ ପ୍ରକ୍ରିତି ଲାମସଲ୍ ଆତ୍ମହତ୍ୟା ଘଟଣାରେ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ କମିଟି ଦ୍ୱାରା ତଦନ୍ତ ଚାଲିଛି। ଅପରପକ୍ଷରେ ପ୍ରକ୍ରିତିଙ୍କୁ ବ୍ଲାକମେଲ୍ କରି ଗିରଫ ହୋଇଥିବା ଅଭିଯୁକ୍ତ ପୁରୁଷବନ୍ଧୁ ଆଦଭିକ୍ ଶ୍ରୀବାସ୍ତବ ୩ ଦିନିଆ ପୋଲିସ ରିମାଣ୍ଡରେ ଆସିଛନ୍ତି। ବୁଧବାରଠାରୁ ଝାରପଡ଼ା ଜେଲରୁ ଅଭିଯୁକ୍ତ ଆଦଭିକ୍‌ଙ୍କୁ ପୋଲିସ ଟିମ୍ ଆଣି ମାରାଥନ୍ ଜେରା କରୁଛି। ପ୍ରକ୍ରିତିଙ୍କୁ ସେ କେବେଠୁ ପ୍ରେମ କରୁଥିଲେ, ସମ୍ପର୍କରେ ଫାଟ ସୃଷ୍ଟି ହେବାର କାରଣ, କାହିଁକି ନିର୍ଯାତନା ଦେଲେ, କିଭଳି ନିର୍ଯାତନା ଦେଉଥିଲେ ଆଦି ଦିଗକୁ ନେଇ ଆଦଭିକ୍‌ଙ୍କଠୁ ପୋଲିସ ତଥ୍ୟ ହାସଲ କରୁଛି। ଅନ୍ୟପକ୍ଷରେ ଆଦଭିକ୍‌ଙ୍କ ଭଏସ୍ ସ୍ପେକ୍‌ଟ୍ରୋଗ୍ରାଫି ଟେଷ୍ଟ ହେବ ବୋଲି ସୂଚନା ମିଳିଛି।




DSPL - 392
ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀ
କଟକ - ୨୦୨୫
ତାରିଖ ୧୮ ଫେବୃଆରୀ ରୁ ୨୪ ଫେବୃଆରୀ ୨୦୨୫
ପ୍ରତ୍ୟେହ ଦିବା ୧୧ ଘଟିକା ରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ
ବାରବାଟୀ କିଲ୍ଲା ପଡିଆ (ଖ୍ରୀଷ୍ଟିଆନ ସାହି ପଡିଆ), ଡିୟର ପାର୍କ ପାଖ, କଟକ
ମନଲୋଭା ଗୃହ ସାଜସଜ୍ଜା ଓ ନିତ୍ୟ ବ୍ୟବହାର୍ଯ୍ୟ ଟେରାକୋଟା ସାମଗ୍ରୀ
ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ
ଆଉ ମାତ୍ର ୩ଦିନ
ଉକ୍ତ ଉତ୍ସବରେ ଉପସ୍ଥିତ ରହି ମୃତ୍ତିକା ହସ୍ତଶିଳ୍ପ କାରିଗର ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଅନୁରୋଧ।
ଆୟୋଜକ : ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ), କଟକ
ପ୍ରାୟୋଜକ : ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
OIPR-31046/13/0004/2425

BADRIPRASAD
Group of Institutions
Affiliated to SCTE & VT and DTE & T, Odisha Approved by AICTE(India), New Delhi
Approved by Govt of Odisha and affiliated to Sambalpur University
Best of Luck!
to all H.S.C Examinees-2025
Choose Your Career in
Diploma Engineering
Mechanical | Electrical | Civil
Electronics & Telecommunication
Sambalpur: Diploma Engineering, BBA, BCA, B.Sc Nursing, GNM, ANM
Bargarh: B.Sc Nursing, PB.BSc(N), GNM
Sambalpur: 9238400140, 7008920803, 7008981857
At-Debaipali, Majhipali Chowk, Po- Sason, Sambalpur Pin-768200
9668505011, 7504241329, 7008119868
Badriprasad Jaiprakash, Infront of Hotel Ganapathi, Bargarh 768028

DSPL - 391
ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ରାଜ୍ୟବାସୀଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଶୁଭକାମନା। ମାତୃଭାଷା ହେଉଛି ଆମ ହୃଦୟର ଭାଷା। ବ୍ୟକ୍ତିତ୍ୱ ଗଠନରେ ମାତୃଭାଷାର ବିଶେଷ ପ୍ରଭାବ ରହିଛି। ଏହା ଆମ ଚିନ୍ତା, ଚେତନା ଓ ଭାବନା ପରିପ୍ରକାଶର ପ୍ରକୃଷ୍ଟ ମାଧ୍ୟମ। ମାତୃଭାଷା କେବଳ ଜାତିର ଭାଷା ଓ ସାହିତ୍ୟକୁ ସମୃଦ୍ଧ କରି ନଥାଏ, ଏହା ଜାତିର ଅସ୍ମିତାକୁ ମଧ୍ୟ ପ୍ରତିଫଳିତ କରେ।
ଆସନ୍ତୁ, ଆଜିର ଏହି ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ଆମେ ସମସ୍ତେ ଆମ ମାତୃଭାଷା ‘ଓଡ଼ିଆ’ର ଶବ୍ଦ ଭଣ୍ଡାର ଓ ସାହିତ୍ୟକୁ ଆହୁରି ପରିପୁଷ୍ଟ କରିବା ସହ ଏହାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାକୁ ପ୍ରତିଜ୍ଞାବଦ୍ଧ ହେବା।
(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବାର୍ତ୍ତା

ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ସମସ୍ତ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା। ଓଡ଼ିଆ ସାହିତ୍ୟ ଦୀର୍ଘକାଳ ଧରି ଏକ ସୃଜନଶୀଳ ପରମ୍ପରା ସୃଷ୍ଟି କରି ଆସିଛି। ମାତୃଭାଷାର ବିକାଶ ବିନା କୌଣସି ଜାତିର ଉନ୍ନତି ଅସମ୍ଭବ। ଆମ ସମସ୍ତଙ୍କ ପାଇଁ ମାତୃଭାଷା ହେଉଛି ଏକ ମୂଲ୍ୟବାନ ସମ୍ପଦ ମଧ୍ୟରୁ ଗୋଟିଏ। ଏହି ସମ୍ପଦକୁ ସଂରକ୍ଷିତ ରଖି ପରବର୍ତ୍ତୀ ପିଢ଼ି ପାଇଁ ଅଗ୍ରସାରିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ।
(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା
OIPR-27068/13/0039/2425

ଯଦି କୌଣସି ସମସ୍ୟା ଆସେ– ତେବେ ତା'ସହିତ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। –ଶ୍ରୀମା



# ଏଆଇର ଗତିଶୀଳତା



ଡାରୋନ ଆକେମୋଗ୍ଲୁ

ନିକଟରେ ପ୍ୟାରିସ୍‌ରେ ଅନୁଷ୍ଠିତ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଆକ୍ସନ ସମିଟ୍ ବା ସମ୍ମିଳନୀରେ ମୁଁ ଭାଗ ନେଇଥିଲି। ସାମାଜିକ କଲ୍ୟାଣ ଦିଗରେ ଏଆଇ ବା କୃତ୍ରିମ ବୁଦ୍ଧିମତ୍ତାକୁ କିଭଳି ଅଧିକ ସଞ୍ଚାଳନ କରାଯାଇପାରିବ, ତାହା ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ଗୋଟିଏ ସମୟ ଥିଲା, ସିଲିକନ୍ ଭ୍ୟାଲିରୁ ଏଆଇ ଗତିଶୀଳତା ପାଇଁ ଅଧିକ ଦାବି ହେଉଥିଲା। କିନ୍ତୁ ଏବେ ଆମେରିକା ସରକାରରୁ ଏହା କରାଯାଉଛି। ଏଭଳି ସ୍ଥିତିରେ ପ୍ରଯୁକ୍ତି ବା ଟେକ୍ନୋଲୋଜିରୁ ଆମେ କ'ଣ ଚାହୁଁ ତାହା ଉପରେ ଗୁରୁତ୍ୱ ଦେବା ପାଇଁ ଏହି ସମ୍ମିଳନୀ ଏକ ସୁଯୋଗ ଥିଲା। ମୋର ଏକ ବକ୍ତବ୍ୟରେ ଦର୍ଶାଇଥିଲି ଯେ, ମାନବ ସମାଜ ପାଇଁ ଯାହା ମୂଲ୍ୟବାନ୍ ଓ ଅଧିକ ଗୁରୁତ୍ୱପୂର୍ଣ୍ଣ, ତାହା ଉପରେ ପ୍ରଶ୍ନ ଉତ୍ଥାପନ ଓ ଆଲୋଚନା କରାଯିବା ଉଚିତ୍। ଦେଖିବାକୁ ଗଲେ ବିକାଶମୂଳକ ଦିଗରେ ଆମେ ସ୍ୱତନ୍ତ୍ର ଭାବରେ କିଛି ଭଲ କିଆ ସଫଳତାର ଅନୁଭବ ହାସଲ କରିଛୁ। ବିଶେଷକରି ଛୋଟ ବଡ଼ ସମସ୍ୟା ସମାଧାନର ପଥ ଗଢ଼ିବାରେ ଆମର ଦକ୍ଷତା ରହିଛି। କେବଳ ଜ୍ଞାନ ସୃଷ୍ଟି କରିବାରେ ନୁହେଁ, ବରଂ ତାହାକୁ ଶେୟାର କରିବାରେ ମଧ୍ୟ ଆମର କ୍ଷମତା ଅଛି। ଏହା ସତ୍ୟ ଯେ, ମାନବ ଜୀବନର ଯାତ୍ରା ସବୁବେଳେ ସରଳ ରହିନାହିଁ। ଅନେକ ସମୟରେ ଆମର କ୍ଷମତା, ମେସିନ, ଜ୍ଞାନ ବ୍ୟାପକ କ୍ଷତି ଘଟାଏ। ତେବେ ଏବକାର ସ୍ଥିତିରେ ଲଗାତାର ଅନୁଧ୍ୟାନ ଏବଂ ଅତ୍ୟଧିକ ତଥ୍ୟ ଶେୟାରର ଆବଶ୍ୟକତା ରହିଛି। ୨ ଲକ୍ଷ ବର୍ଷରୁ ଊର୍ଦ୍ଧ୍ୱ ହେଲା ଟେକ୍ନୋଲୋଜି ବିକାଶର କେନ୍ଦ୍ରରେ ରହିଆସିଛି। ପ୍ରସ୍ତର ଯୁଗରୁ ଏଯାବତ୍ ଆମେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ସମାଧାନ ବାଟ ବାହାର କରିଛୁ। କାହାଣୀ କଥନ ଓ ଲେଖିବା ଶୈଳୀ ଉଦ୍ଭାବନ କରିବାଠାରୁ ଆରମ୍ଭ କରି ଛାପାଖାନା ଓ ଇଣ୍ଟରନେଟ ପର୍ଯ୍ୟନ୍ତ ଆମେ ଜ୍ଞାନ ବିତରଣ କରିବାର ନୂତନ ତଥା ଉନ୍ନତ ପଦ୍ଧତି ବିକାଶ କରିପାରିଛୁ। ବିଗତ ୨୦୦ ବର୍ଷ ମଧ୍ୟରେ କିପରି ଜ୍ଞାନ ଉପରେ ଅଧିକ ସ୍ୱାଧୀନ ଓ ଉତ୍ତମ ପରୀକ୍ଷା କରିବାକୁ ହେବ, ତାହା ମଧ୍ୟ ଆମେ ହାସଲ କରିଛୁ। ଏହା ସହ ଜ୍ଞାନର ଆଦାନ ପ୍ରଦାନ କରିଛୁ। ବୈଜ୍ଞାନିକ ପ୍ରକ୍ରିୟା ଆମକୁ ନିର୍ଭରିତ ତଥ୍ୟ ଦେଇଛି। ପ୍ରତ୍ୟେକ ପିଢ଼ିକୁ ତାହାର ପୂର୍ବ ପିଢ଼ିର ବିକାଶ ଉପରେ ଗଢ଼ିଉଠିବା ପାଇଁ ବାଟ ଦେଖାଇଛି। ଏହା ମଧ୍ୟ ବିଗତ ଦୁଇ ଶତାବ୍ଦୀ ମଧ୍ୟରେ ଅଧିକାଂଶ ଦେଶରେ ଉଲ୍ଲେଖନୀୟ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଛି। ଦୁଇ ଦେଶ କିମ୍ବା ଦେଶ–ଦେଶ ମଧ୍ୟରେ ଆର୍ଥିକ ବିକାଶ ଗମ୍ଭୀର ଅସମାନତା ସୃଷ୍ଟି କରିଥିଲେ ମଧ୍ୟ ଏବେ ପ୍ରାୟ ସବୁଠି ଲୋକେ ଅଷ୍ଟାଦଶ ଶତାବ୍ଦୀ ତୁଳନାରେ



ଅଧିକ ସୁସ୍ଥ ଓ ସମୃଦ୍ଧ ହୋଇ ପାରିଛନ୍ତି। ଏଆଇ ଏହି ଧାରାକୁ ଆହୁରି ଅଧିକ ଶକ୍ତି ଯୋଗାଇଲା। ଏହା ମାନବ କୌଶଳ, ବୁଦ୍ଧି ଓ ଜ୍ଞାନକୁ ଅନୁକୂଳ କରି ଏବଂ ଆମର ନୀତି ନିର୍ଦ୍ଧାରଣ, ଅନୁଧ୍ୟାନ ଏବଂ ଉପଯୋଗୀ ଜ୍ଞାନ ବ୍ୟବହାରରେ ଉନ୍ନତି ଆଣିପାରିଲା। ଏହି ଉଦ୍ଦେଶ୍ୟ ପାଇଁ ଏଆଇ ଦରକାର କି ନାହିଁ ତାହା ଉପରେ କେତେକେ ପ୍ରଶ୍ନ ଉଠାଇପାରନ୍ତି। ତଥାପି ଆମେ ବ୍ୟାପକ ତଥ୍ୟର ଏକ ଯୁଗରେ ବାସ କରୁଛୁ। ଜଣେ ସବୁ କିଛି ଚାହାନ୍ତୁ ବା ନ ଚାହାନ୍ତୁ, ତଥ୍ୟସବୁ ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଉପଯୋଗୀ ତଥ୍ୟ ସହଜରେ ମିଳେନାହିଁ। ତେବେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ କରିବା ପାଇଁ ଠିକ୍ ସମୟରେ ଯଦି ତୁମେ ତଥ୍ୟ ପାଇଲ; ତେବେ ଜାଣିବ ଯେ ତୁମର ଭାଗ୍ୟ ଭଲ। କେବଳ ତଥ୍ୟ ନୁହେଁ, ଉପଯୋଗୀ ତଥା ଗୁରୁତ୍ୱପୂର୍ଣ୍ଣ ବ୍ୟାବହାରିକ ଜ୍ଞାନ କମ୍ପାନୀ କର୍ମଚାରୀଙ୍କୁ ଅଧିକ ଉତ୍ପାଦନକ୍ଷମ କରିଥାଏ, ନୂଆ ଉପକରଣଗୁଡ଼ିକୁ ନିୟନ୍ତ୍ରଣ କରି ଜଟିଳ କାର୍ଯ୍ୟକୁ ସମ୍ପାଦନ ଲାଗି ଇଲେକ୍ଟ୍ରିସିଆନଙ୍କୁ ସକ୍ଷମ କରେ, ସ୍ୱାସ୍ଥ୍ୟସେବାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ନର୍ସଙ୍କୁ ସାହାଯ୍ୟ କରିବାରେ ମଧ୍ୟ ପ୍ରମୁଖ ଭୂମିକା ନେଇଥାଏ। ଏହାସହ ସମସ୍ତ କୌଶଳ ଓ ପୃଷ୍ଠଭୂମିର କର୍ମଚାରୀଙ୍କୁ ନୂତନ ତଥା ଅଧିକ ଉପାଦେୟ ଭୂମିକା ନିର୍ବାହ କରିବା ଲାଗି ଅନୁମତି ଦିଏ। ଏଆଇକୁ ଠିକ୍ ଭାବରେ ବିକାଶ କରି ବ୍ୟବହାର କରାଗଲେ ଏହା ଆମ ଜୀବନକୁ ଉନ୍ନତ କରିପାରିବ। ଏହା କେବଳ ଯେ ଆମ ବୁଦ୍ଧିକୁ ଅଧିକ ଶକ୍ତି ଯୋଗାଏ ତାହା ନୁହେଁ, ବରଂ କାର୍ଯ୍ୟ କ୍ଷମତାକୁ ବଢ଼ାଇଥାଏ। ତଥାପି ଏଆଇର ବ୍ୟାପକ ଶକ୍ତିକୁ ଦେଖିଲେ ଏହା ମଧ୍ୟ ଏବେ ମାନବତା ପ୍ରତି ଗମ୍ଭୀର ବିପଦ ଭାବେ ଉଭା ହୋଇଛି। ଅତି ବୁଦ୍ଧିମତ୍ତାସମ୍ପନ୍ନ ମେଶିନଗୁଡ଼ିକ କୌଣସି ଏକ ସମୟରେ ଆମକୁ ନିୟନ୍ତ୍ରଣ କରିବାରେ ଅଟକି ଯିବେନାହିଁ, ବରଂ ଶିକ୍ଷା, ପରୀକ୍ଷା କରିବା, ଜ୍ଞାନ ବାଣ୍ଟିବା ଏବଂ କାର୍ଯ୍ୟକଳାପରେ ଆମର ସାମର୍ଥ୍ୟକୁ ଏହା ଦୁର୍ବଳ କରିଦେବ। ଯଦି ଏଆଇ ନିରନ୍ତର ଭାବେ କାମ ଓ ଚାକିରି ହଡ଼ାଇବ, ତେବେ ଆମକୁ ଏହା ନ୍ୟୂନ କରି ରଖିବ। ଆମ ଜୀବନକୁ ନିୟନ୍ତ୍ରଣ କରିବା ଲାଗି ଅନ୍ୟ କେତେକ କମ୍ପାନୀକୁ ସକ୍ଷମ କରିବ ଏବଂ ଅତ୍ୟଧିକ ଅସମାନତା ଓ ଭିନ୍ନତା ଥିବା ଏକ ଦ୍ୱିସ୍ତରୀୟ ସମାଜ ସୃଷ୍ଟି କରିବ। ଏହା ମଧ୍ୟ ଗଣତନ୍ତ୍ର ଓ ମାନବ ସଭ୍ୟତାକୁ ନଷ୍ଟ କରିଦେଇପାରେ। ଆମେ ଏବେ ଏହି ଦିଗରେ ଅଗ୍ରସର ହେଉଛୁ ବୋଲି ମୋ ମନରେ ଆଶଙ୍କା ଉଠୁଛି, କିନ୍ତୁ କୌଣସି ପୂର୍ବ ନିର୍ଦ୍ଧାରିତ ନୁହେଁ। ଆମ ସମାଜକୁ ନିୟନ୍ତ୍ରଣ କରିବା ଲାଗି ଆମକୁ ଉନ୍ନତ ଉପାୟ ବାହାର କରିବାକୁ ପଡ଼ିବ ଏବଂ ପ୍ରଯୁକ୍ତି ପାଇଁ ଏକ ଦିଗ ବାଛିବାକୁ ହେବ; ଯାହା ଜ୍ଞାନ ଆହରଣକୁ ବଢ଼ାଇବା ସହ ମାନବସମାଜକୁ ଅଧିକ ସଶକ୍ତ କରିପାରିବ। ଆମେ ନିଶ୍ଚିତ ହେବାକୁ ହେବ ଯେ, ଏଆଇ ଭଲ ଚାକିରି ସୃଷ୍ଟି ଏବଂ ଶ୍ରମଠାରୁ ଆରମ୍ଭ କରି ଆୟ ପର୍ଯ୍ୟନ୍ତ ସବୁଥିରେ କ୍ଷମତା ବୃଦ୍ଧି କରିପାରିବ। କିନ୍ତୁ ପ୍ରଥମେ ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ ଯେ, ଏହି ସାମାଜିକ ଆକାଂକ୍ଷିତ ପଥ ପ୍ରଯୁକ୍ତିଗତ ଦୃଷ୍ଟିକୋଣରୁ ସମ୍ଭବ। ଯଦି ପ୍ରଯୁକ୍ତିବିତ୍, ଯନ୍ତ୍ରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଗଣତାନ୍ତ୍ରିକ ବ୍ୟବସ୍ଥା ସହ ଏକାଠି କାମ କରିବେ ଏବଂ ଆମେରିକା, ୟୁରୋପ ଓ ଚାଇନାରେ ଏଆଇ ବିକାଶକାରୀମାନେ ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକରେ ରହୁଥିବା ୫୦୦ କୋଟି ଲୋକଙ୍କ କଥା ଶୁଣିବେ, ତେବେ ଏଆଇ ମାନବଜାତିକୁ ସମର୍ଥନ କରିବା ଦିଗରେ ଅଗ୍ରସର ହେବ। ଏଥିପାଇଁ ବିଶେଷଜ୍ଞଙ୍କଠାରୁ ଆମେ ଅଧିକ ବିଚାରଶୀଳ ପରାମର୍ଶ ଏବଂ ରାଜନେତାଙ୍କଠାରୁ ପ୍ରେରଣାଦାୟକ ନେତୃତ୍ୱ ଚାହୁଁ। ସେମାନେ ନୀତି ଓ ନିୟାମକ ଆଧାରରେ ମାନବଜାତିକୁ ସମର୍ଥନ କରୁଥିବା ଏଆଇକୁ ଉତ୍ସାହିତ କରିବାରେ ଅଧିକ ଧ୍ୟାନ ଦେବା ଉଚିତ। କିନ୍ତୁ ନୀତିନିୟମଠାରୁ ଆମେ ଅଧିକ କିଛି ଆବଶ୍ୟକ କରୁ। ଆଶା କରାଯାଏ, ସିଲିକନ୍ ଭ୍ୟାଲି ମଡେଲର ବିକଳ୍ପସବୁ ଅଛି ବୋଲି ୟୁରୋପୀୟ ଏଆଇ କମ୍ପାନୀଗୁଡ଼ିକ ଏବଂ ଗବେଷକମାନେ ଦର୍ଶାଇପାରିବେ। ଏହା ହାସଲ କରିବା ପାଇଁ ୟୁରୋପୀୟ ସମାଜ ଏଆଇର ସାମାଜିକ ଉପକାରିତା ଦିଗକୁ ଉତ୍ସାହିତ କରିବା ଉଚିତ୍। ୟୁରୋପୀୟ ନେତାମାନେ ଆବଶ୍ୟକ ଡିଜିଟାଲ ଭିତ୍ତିଭୂମି ଉପରେ ନିବେଶ କରିବା ଆବଶ୍ୟକ। ଏହା ସହ ସେମାନେ ନିବେଶକଙ୍କୁ ନିରୁତ୍ସାହିତ ନ କରି ଓ ଏଆଇ ଗବେଷକମାନଙ୍କୁ ଦୂରେଇ ନ ଦେବା ଭଳି ଆଇନ ଗଠନ କରିବା ଦରକାର। ସମ୍ପୃକ୍ତ ଷ୍ଟାର୍ଟଅପ୍‌କୁ ବୃଦ୍ଧି କରିବା ଲାଗି ପାଣ୍ଠି ଯୋଗାଣ ପ୍ରକ୍ରିୟା ସୃଷ୍ଟି କରିବାକୁ ପଡ଼ିବ। ନିଜର ଏକ ମଜଭୁତ ଏଆଇ ଶିଳ୍ପ ବିନା ୟୁରୋପର ବିଶ୍ୱସ୍ତରରେ କୌଣସି ଗୁରୁତ୍ୱ ରହିବ ନାହିଁ।

୨୦୨୪ ନୋବେଲ ବିଜେତା (ଅର୍ଥନୀତି)

## ପରୀକ୍ଷା ପାଇଁ ପ୍ରସ୍ତୁତି



ଡ. ଅରୁନ୍ଧତୀ ଦେବୀ

ଖୁବ୍ କମ୍ ଦିନ ଭିତରେ ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ଶିକ୍ଷା ଶ୍ରେଣୀ ଭିତରେ ପରୀକ୍ଷା ଆରମ୍ଭ ହୋଇଯାଉଛି। ବାର୍ଷିକ ପରୀକ୍ଷାଫଳ ହୋଇଥିବାରୁ ପରୀକ୍ଷାକୁ ନେଇ କେବଳ ଛାତ୍ରୀଛାତ୍ର ନୁହନ୍ତି ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷକ ବା ଶିକ୍ଷୟିତ୍ରୀମାନଙ୍କ ଭିତରେ ଏକ ପ୍ରକାର ବ୍ୟସ୍ତତା, ଆଶଙ୍କା ଆଉ ପ୍ରସ୍ତୁତିକୁ ନେଇ ଅନେକ ଚର୍ଚ୍ଚା। ଅନେକେ ହୁଏତ ଜାଣି ନ ଥାନ୍ତି ପିଲାମାନେ ପରୀକ୍ଷାକୁ ନେଇ ସେମାନଙ୍କ ଭିତରେ ଏକ ପ୍ରକାର ଚାପ, ଉତ୍କଣ୍ଠା ଓ ଆଶଙ୍କା ସୃଷ୍ଟି କରାଯାଏ। ବର୍ଷ ତମାମ ଯେଉଁ ଶିକ୍ଷା ଖଣ୍ଡକୁ ପିଲାମାନେ ନିତ୍ୟ ନିୟମିତ ଅଧ୍ୟୟନ କରୁଥିଲେ କେତେଟା ଦିନରୁ ଆଖିରେ ରଖି ପିଲାମାନଙ୍କ ଭିତରେ ଆଶଙ୍କା, ଚାପ ସୃଷ୍ଟିକରିବା ସମ୍ପୂର୍ଣ୍ଣ ରୂପେ ଅନୁଚିତ। ପିଲାମାନଙ୍କୁ ଯଥାସମ୍ଭବ ଚାପ ଓ ବ୍ୟସ୍ତତାରୁ ଦୂରେଇରଖିବା ଶ୍ରେଷ୍ଠ ମାଧ୍ୟମ। ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ଦିଗକୁ ଦେଖିଲେ ଶୋଇବାର ଯଥେଷ୍ଟ ପୂର୍ବରୁ ପିଲାଟିର ପାଠପଢ଼ା ଶେଷ ପାଇଁ ଦୃଷ୍ଟି ଦିଅନ୍ତି। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବା ଭଲ। ଠିକ୍ ଭାବରେ ବିଶ୍ରାମ ନ ହେଲେ ଓ ନିର୍ଦ୍ଦିଷ୍ଟ ଅନ୍ତରରେ ଖାଦ୍ୟ ବ୍ୟବସ୍ଥାର ଖିଆପିଆ ନ ରଖିଲେ ପିଲାମାନଙ୍କର ପ୍ରସ୍ତୁତିରେ ବ୍ୟତିକ୍ରମ ଦେଖାଯାଏ। ପରୀକ୍ଷା ପାଇଁ ପ୍ରସ୍ତୁତିରେ ଖସଡ଼ା ଆଗରୁ କରି ନିଜେ ଏକ ପାଠ୍ୟସୂଚୀ ପ୍ରସ୍ତୁତ କରନ୍ତୁ। ପାଠପଢ଼ା ବେଳେ ହାତ ପାଖରେ ଖାତା, କଲମ, ପେନ୍‌ସିଲ ପରି ଆବଶ୍ୟକ ଜିନିଷ ରଖନ୍ତୁ। ଏସବୁ ଜିନିଷ ଖୋଜିବା ପାଇଁ ଯେପରି ଉଠେ ଅନ୍ୟମନସ୍କ ନ ହୁଏ ଏବଂ ଏହା ପାଇଁ ଯେପରି ସମୟ ଅତିବାହିତ ନ କରେ। ସେଥିପାଇଁ କ୍ରମାଗତ ଭାବରେ ୪/୫ ଘଣ୍ଟା ଧରି ପାଠ ପଢ଼ିବା ଅପେକ୍ଷା ମଝିରେ କିଛି ମଧ୍ୟାନ୍ତର ସମୟ ରଖି ଏବଂ ପଢ଼ୁଥିବା ଜିନିଷକୁ ଚିନ୍ତନକରି ଏକ ମୁକ୍ତ ପରିବେଶରେ ନିଜକୁ ରଖିପାରିଲେ ଏହା ବହୁତ ଭଲ କାମ ଦିଏ। ରାତି ରାତି ନିଦ୍ରା ହେଲେ ପିଲାମାନଙ୍କ ଘୋଷା ଘୁଷା କରିବା ଅଭ୍ୟାସ ଭଲ ନୁହେଁ। ବର୍ତ୍ତମାନ ସମୟରେ କେବଳ ସିଲେକ୍ଟିଭ୍ ପ୍ରଶ୍ନ ଉତ୍ତର ପ୍ରସ୍ତୁତ ନ ହୋଇ ପିଲାଟିକୁ ପୁସ୍ତକାକାରର ସମସ୍ତ ଅଧ୍ୟାୟକୁ ନିଜ ଦଖଲରେ ରଖିବା ପାଇଁ ମାନସିକତାର ସହାୟକ ହୁଅନ୍ତୁ। ପିଲାମାନେ ପାଠ ପଢ଼ିବା ବେଳେ ସେମାନଙ୍କୁ ଗରିଷ୍ଠ ଖାଦ୍ୟଠାରୁ ଦୂରେଇରଖନ୍ତୁ। ସକାଳୁ ଉଠିବା ପରେ ମସ୍ତିଷ୍କ ସବୁଠାରୁ ଅଧିକ ସକ୍ରିୟ ଥାଏ, ଏହି ସମୟଟି ପିଲାମାନଙ୍କ ପାଠପଢ଼ା ପାଇଁ ଖୁବ୍ ଭଲ। ମଧ୍ୟାହ୍ନରେ ଭୋଜନ ପରେ ପିଲାମାନେ ବିଶ୍ରାମନେବା ବହୁତ ଭଲ। ବିଶେଷକରି ପରୀକ୍ଷା ସମୟରେ ପିଲାମାନଙ୍କ ମନ ବେଳେ ବେଳେ ଅସ୍ଥିର ରହେ। ପିଲାମାନଙ୍କର ମନସ୍ତାତ୍ତ୍ୱିକ ଦିଗକୁ ଦେଖି ଆପଣ ତାକୁ ପ୍ରେରଣା ଦିଅନ୍ତୁ। ମାନସିକ ଚାପ ପାଇଁ ମନ ଅସ୍ଥିର ହୋଇଥାଏ। ଏ ସମୟରେ ପିଲାମାନଙ୍କୁ କୌଣସି ବାହ୍ୟ ସମସ୍ୟା ବା ଉଦ୍‌ବେଗ ବା ପାରିବାରିକ ସମସ୍ୟା ଜଣାନ୍ତୁ ନାହିଁ। ପିଲାଟିକୁ ଜଣେ ବନ୍ଧୁ ଭାବରେ ବେଶ୍ ହାଲକାରେ ତା' ମାନସିକତା ବୁଝନ୍ତୁ। ଅମୁକ ଡିଭିଜନ ପାଇଲେ ବା ଅମୁକ ର୍ୟାଙ୍କ୍ ପାଇଲେ ଏଇଆ ଦିଆଯିବ ଏପରି ପ୍ରଲୋଭନ ଦିଅନ୍ତୁ ନାହିଁ ବା ଏକ ନିର୍ଦ୍ଦିଷ୍ଟ ପରୀକ୍ଷା ଫଳ ପାଇଁ ପିଲାଟିକୁ ବାଧ୍ୟବାଧକତା ଚାପ ତା'ଉପରେ ଲଦନ୍ତୁନାହିଁ। ପିଲାଟିର ଏହି ପରୀକ୍ଷା ଜୀବନର ଶେଷ ପରୀକ୍ଷା ନୁହେଁ ବା ଏ ପରୀକ୍ଷାରେ ପିଲାଟିର ଫଳ କିଛି କମିଗଲେ ଯେ ତା'ର ଭବିଷ୍ୟତ ବା କ୍ୟାରିୟର ଯେ ଉଜୁଡ଼ି ପଡ଼ିବ ଏପରି ଚିନ୍ତାଧାରାଠାରୁ ଦୂରେଇ ରଖନ୍ତୁ। ବେଳେ ବେଳେ ଦେଖାଯାଏ ତରୁଣ ବୟସରେ କେତେଜଣ ପିଲା ନିଶାଦ୍ରବ୍ୟ ପ୍ରତି ପ୍ରଲୋଭିତ ଥାଆନ୍ତି। ଏ ଦିଗଟିକୁ ଗୁରୁତ୍ୱ ସହ ବିଚାରକରି ତାକୁ ଦୂରେଇରଖନ୍ତୁ। ପଢ଼ୁଥିବାବେଳେ ପିଲାଟିର ପାରିପାର୍ଶ୍ୱିକ ସ୍ଥାନ ଓ ପରିବେଶ ଯେପରି ଭଲ ରହେ ସେ ଦିଗକୁ ଅବହେଳା କରନ୍ତୁ ନାହିଁ। ଏ ସମୟରେ ପିଲାଟିର କୌଣସି ଶାରୀରିକ ଅସୁସ୍ଥତା ଥିଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ଅଯଥା ଉପାୟରେ ପିଲାମାନଙ୍କୁ କପି ଯୋଗାଇବା ବା ଆଉ କୌଣସି ମାଧ୍ୟମ ରାସ୍ତାରେ ତାକୁ ସହାୟତା କରିବା ଭଳି ଗୁରୁତର ଭୁଲ କରିବା ତ ଦୂରର କଥା ପିଲାଟିର ମନ ଭିତରେ ପ୍ରବେଶ କରାନ୍ତୁ ନାହିଁ। ଅନ୍ୟ ଛାତ୍ରୀଛାତ୍ରଙ୍କ ଉଦାହରଣ ଦେଇ ପିଲାଟିକୁ ହତୋତ୍ସାହିତ କରନ୍ତୁ ନାହିଁ। ଆଜିକାଲି ପିଲାମାନଙ୍କ ଉପରେ ଅନେକ ପ୍ରକାର ପ୍ରଲୋଭନ ଓ ଚାପ ଦିଆଯାଉଛି। ଏଥିରୁ ନିବୃତ୍ତ ରଖି ପିଲାଟିକୁ ଜୀବନ ପରୀକ୍ଷା ପାଇଁ ପ୍ରତି ମୁହୂର୍ତ୍ତରେ ସାମ୍ନା କରିବାର ସାମର୍ଥ୍ୟ ଶିଖାନ୍ତୁ ନ ହେଲେ ହୁଏତ ଆପଣଙ୍କର ନୁହେଁ ଆଗାମୀ ସମୟର ମୂଲ୍ୟବାନ୍ ମୁଖ୍ୟାନ୍ ଆପଣ ଅବହେଳା କରୁଛନ୍ତି ବୋଲି ସମୟ ଆସିବ ଆପଣ ଅନୁଭବ କରିବା ପାଇଁ ବାଧ୍ୟ ହେବେ।

ଆନ୍ତର୍ଜାତିକ ଅଣୋଭାନ୍ୟତା ନିରୋଧ ଆନ୍ଦୋଳନ,
କଟକ, ମୋ : ୯୯୩୭୧୭୨୮୧୦

## ଏଇ ଭାରତରେ

କେରଳର ଜୋଶେଫ କରାକାଟୁଙ୍କ ବୟସ ୭୪। ଏହି ବୟସରେ ସେ ନିଜସ୍ୱ ଉଦ୍ୟମରେ ଜଣେ ସଫଳ ଡ୍ରାଗନ ଫ୍ରୁଟ୍ ଚାଷୀ ହୋଇପାରିଛନ୍ତି। ଜୋଶେଫ ପାଖାପାଖି ୧ ଏକର ଜମିରେ ୨୦ ପ୍ରକାର ଡ୍ରାଗନ ଫ୍ରୁଟ୍ ଚାଷ କରୁଛନ୍ତି। ସେ ବିଶେଷକରି ତାଇୱାନ, ବ୍ରାଜିଲ, ଫିଲିପାଇନ୍ସ, ଇକ୍ୱେଡର ଏବଂ ଅଷ୍ଟ୍ରେଲିଆରୁ ଏହି ସବୁ କିସମର ଡ୍ରାଗନଫ୍ରୁଟ୍ ସଂଗ୍ରହ କରିଛନ୍ତି। ଡ୍ରାଗନଫ୍ରୁଟ୍ ବିକ୍ରି କରି ସେ ଯେତିକି ରୋଜଗାର କରୁନାହାନ୍ତି, ତାହାଠାରୁ ଅଧିକ ଲାଭ ପାଉଛନ୍ତି ଚାରା ବିକ୍ରି କରି। ଚାରାରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଜୋଶେଫ ମଧ୍ୟ ନିଜ ପ୍ରଚେଷ୍ଟାରେ ନୂଆ କିସମର ଡ୍ରାଗନଫ୍ରୁଟ୍ ଉଦ୍ଭାବନ କରିଛନ୍ତି। ଏଗୁଡ଼ିକ ମଧ୍ୟରେ ରେଡ୍ ଚିଲି ଓ ଗ୍ରେଡ୍ ବ୍ୟ ଅନ୍ୟତମ। ଚାଷ କରିବା ପୂର୍ବରୁ ଜୋଶେଫଙ୍କର ଏକ ମେଶିନ ଟୁଲ୍ ଇଣ୍ଡଷ୍ଟ୍ରି ଥିଲା। କିନ୍ତୁ ସେ ଏହି ବ୍ୟବସାୟ ଛାଡ଼ି ବାହାରି ଆସି ସେ ଡ୍ରାଗନ ଫ୍ରୁଟ୍ ଚାଷ କରୁଛନ୍ତି। ସେ ଉତ୍ପାଦିତ ଡ୍ରାଗନଫ୍ରୁଟ୍ ଓ ଚାରାକୁ ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟ ସମେତ ବିଦେଶରେ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଫେବୃଆରୀ ୧୯୭୬

- ଲୋକଦଳର ବିଧାନସଭା ସଭ୍ୟ ଉଦୟ ନାରାୟଣ ଦେବ ବକ୍ସୀ ଇସ୍ତଫା ଦେଇଛନ୍ତି।
- ଦୁର୍ଘଟଣାଗ୍ରସ୍ତ ଚାସନାଲୀ କୋଇଲା ଖଣିରୁ ୩୪୮ଟି ଶବ ମିଳିଥିବା ଖଣି ନିରାପତ୍ତା ନିର୍ଦ୍ଦେଶାଳୟ ସୂତ୍ରରୁ ଜଣାପଡ଼ିଛି।
- ଦକ୍ଷିଣ କୋରିଆ ଭାରତରୁ ବର୍ଷକୁ ୨ ନିୟୁତ ଟନ ଲୁହାପଥର ଆମଦାନୀ କରିବା ନେଇ ଚୁକ୍ତି ସ୍ୱାକ୍ଷରିତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | 1 | | | |
| | 9 | | | 4 | | | | |
| | | 7 | 5 | | | 2 | 1 | |
| 8 | | | | 6 | 4 | | 3 | |
| | | | 1 | 3 | | | | 9 |
| | 7 | | | 8 | | | | 2 |
| 9 | | | | | | | | |
| | 1 | | | | | | | |
| 6 | | 2 | | | | 9 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 6 | 1 | 8 | 4 | 3 | 2 | 7 |
| 8 | 7 | 2 | 5 | 6 | 3 | 9 | 4 | 1 |
| 4 | 1 | 3 | 2 | 7 | 9 | 8 | 6 | 5 |
| 3 | 6 | 4 | 8 | 9 | 5 | 7 | 1 | 2 |
| 5 | 2 | 7 | 6 | 3 | 1 | 4 | 9 | 8 |
| 1 | 8 | 9 | 7 | 4 | 2 | 5 | 3 | 6 |
| 2 | 3 | 8 | 4 | 1 | 7 | 6 | 5 | 9 |
| 6 | 4 | 1 | 9 | 5 | 8 | 2 | 7 | 3 |
| 7 | 9 | 5 | 3 | 2 | 6 | 1 | 8 | 4 |

ଗତକାଲିର ଉତ୍ତର

# ଭାଷାର ବିବିଧତା ବଞ୍ଚୁ



ଲୋକନାଥ ପଣ୍ଡା

ଚଳିତ ବର୍ଷ ମିଳିତ ଜାତିସଂଘ ଅନ୍ତର୍ଜାତୀୟ ମାତୃଭାଷା ଦିବସର ରୌପ୍ୟଜୟନ୍ତୀ ପାଳନ କରିବାକୁ ଯାଉଛି। ୧୯୯୯ ମସିହାରେ ମିଳିତ ଜାତିସଂଘ ତରଫରୁ ମାତୃଭାଷା ଦିବସକୁ ଫେବୃଆରୀ ୨୧ରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୨୦୦୦, ଫେବୃଆରୀ ୨୧ ତାରିଖରୁ ନିୟମିତ ଭାବରେ ଏହି ଦିବସ ପାଳନ ହୋଇଆସୁଛି। ଫେବୃଆରୀ ୨୧କୁ ଆମେ କାହିଁକି ପାଳନ କରୁଛେ ପ୍ରଶ୍ନ ପଚାରିବା। ୧୯୫୨ ମସିହାରେ ଢାକାରେ ବହୁ ସଂଖ୍ୟାରେ ଛାତ୍ର ମାତୃଭାଷାର ଅଧିକାରକୁ ନେଇ ଆନ୍ଦୋଳନ କରି ମୃତ୍ୟୁବରଣ କରିଥିଲେ, ସେମାନଙ୍କର ଭାଷା ଓ ସଂସ୍କୃତିରୁ ଲଢ଼ୁଥିବା ମନୋଭାବକୁ ସମ୍ମାନ ଦେବାପାଇଁ ଫେବୃଆରୀ ୨୧ରେ ଏହି ଦିବସ ପାଳନ ହୋଇଆସୁଛି। ସାରା ବିଶ୍ୱ ଭାଷାକୁ ନେଇ ଯେଉଁ ବିବିଧତା ରହିଛି, ତାହାକୁ ସମ୍ମାନ ଜଣାଇବା, ପ୍ରତ୍ୟେକ ଭାଷାକୁ ଉଚିତ ସମ୍ମାନ ଦେବା ଓ ତାହାର ସାଂସ୍କୃତିକ ବିବିଧତାକୁ ବଞ୍ଚାଇ ରଖିବା ପାଇଁ ଏହି ଦିବସ ପାଳନ କରାଯାଉଛି। ଭାଷା ହିଁ ଜାତିର ପରିଚୟ। ନିଜ ମାତୃଭାଷାରେ ହିଁ ଯେକୌଣସି ବ୍ୟକ୍ତିର ସୃଜନଶୀଳତାର ବିକାଶ ହୋଇଥାଏ। ନିଜ ଭାଷାରେ ଯେକୌଣସି ବ୍ୟକ୍ତିବିଶେଷ ହୃଦୟରୁ କଥାବାର୍ତ୍ତା ହୋଇଥାଆନ୍ତି। ଆମେ ନିଜ ମାତୃଭାଷାରେ ହିଁ ଚିନ୍ତା କରିଥାଉ ଏବଂ ମାତୃଭାଷା ହିଁ ଚିନ୍ତା କରିବାକୁ ଖୋରାକ ଯୋଗାଇଥାଏ। ବିଶ୍ୱରେ ୭୦୦୦ରୁ ଅଧିକ ଭାଷାଭାଷୀ ରହିଛନ୍ତି। ପାପୁଆନ୍ୟୁଗିନି ଭଳି ଛୋଟିଆ ଦେଶରେ ୮୦୦ପ୍ରକାର ଭାଷାଭାଷୀ ଅଛନ୍ତି। ଇଣ୍ଡୋନେସିଆ, ନାଇଜେରିଆ ଭଳି ଦେଶରେ ମଧ୍ୟ ୫୦୦ରୁ ଊର୍ଦ୍ଧ୍ୱ ଭାଷାଭାଷୀ ଅଛନ୍ତି। ଭାରତରେ ୭୦୦ ଭାଷାଭାଷୀ ଅଛନ୍ତି। ତେବେ ସରକାରଙ୍କ ତରଫରୁ ଅଷ୍ଟମ ଅନୁଚ୍ଛେଦରେ ୨୨ଟି ଭାଷାକୁ ଭାରତୀୟ ସମ୍ବିଧାନରେ ମାନ୍ୟତା ଦିଆଯାଇଛି। ଓଡ଼ିଶା ପରିପ୍ରେକ୍ଷୀରେ ଯଦି ଦେଖିବା, ତେବେ ଓଡ଼ିଶାରେ ୬୨ ପ୍ରକାର ଭାଷାଭାଷୀ ରହିଛନ୍ତି ବୋଲି ପୂର୍ବରୁ ଅନେକ ଜନଗଣନା ହେଉ କିମ୍ବା ଆଦିବାସୀ ବିଭାଗ ତରଫରୁ ପ୍ରକାଶିତ ରିପୋର୍ଟ ଅଧିକାର ପ୍ରକାଶିତ ହେଉଥିଲା। କିନ୍ତୁ କିଛିବର୍ଷ ତଳେ ୩୭ ଭାଷାଭାଷୀ ନିଜର ମାତୃଭାଷାରେ କଥା ହେଉଛନ୍ତି ବୋଲି ବାହାରିଥିଲା। ବର୍ତ୍ତମାନ ଯଦି ଆମେ ଏହାକୁ ନେଇ ସର୍ଭେ କରିବା, ତେବେ ଏହାର ସଂଖ୍ୟା ଆହୁରି କମିଯିବ ! କିନ୍ତୁ ଯଦି ଆମେ କଥିତ ଭାଷା ଓ ଲିଖିତ ଭାଷା ଦେଖିବା, ତେବେ ଜନଜାତିଙ୍କ ଭାଷା ରହିଛି, ଯାହାକି ଲୋକ ପରମ୍ପରା, ସଂସ୍କୃତି, ପରିବେଶ ଆଦିକୁ ବଞ୍ଚାଇ ରଖିଛି। କିଛିବର୍ଷ ତଳେ ବିଶ୍ୱର କଥିତ ଭାଷାକୁ ନେଇ ଏକ ରିପୋର୍ଟ ପ୍ରକାଶିତ ହୋଇଥିଲା, ଯେଉଁଥିରେ ଅନେକ ଭାଷା ଦ୍ରୁତଗତିରେ ଲୋପ ପାଇଯାଉଛି ବୋଲି କୁହାଯାଇଥିଲା। ସେଥିରେ ଓଡ଼ିଶାରେ ବହୁଳ ଭାବରେ କଥିତ କୁଇ, ସଉରା ମଧ୍ୟ ସ୍ଥାନ ପାଇଥିଲା। ଏହି ରିପୋର୍ଟରେ ଦର୍ଶାଯାଇଥିଲା ଯେ, କୁଇ ହେଉ ଏବଂ ସଉରା ହେଉ, କଥିତ ଭାଷାଭାଷୀଙ୍କ ସଂଖ୍ୟା ଦ୍ରୁତ ଗତିରେ କମି ଯାଉଛି। ଶିକ୍ଷାବିତ୍, ମନୋବୈଜ୍ଞାନୀ ଓ ସରକାରଙ୍କ ନୀତିରେ ମଧ୍ୟ କୁହାଯାଉଛି ଯେ, ଯଦି ଶିଶୁଟି ମାତୃଭାଷାରେ ଭଲ କରୁଛି ବା ଭଲ ଭାବରେ ଶିଖୁଛି, ତେବେ ସେ ଅନ୍ୟ ଭାଷାଗୁଡ଼ିକରେ ଶିଖିବାରେ ସହାୟକ ହେଉଛି। ଶିଶୁଟି ଅନେକ ଭାଷା ଶିଖିଲେ ତାହାର ଭାଷାଗତ ଦକ୍ଷତା ବୃଦ୍ଧି ପାଉଛି। ବିଶ୍ୱରେ ଭାଷାକୁ ନେଇ ସଚେତନତା ଏବଂ ସାରା ବିଶ୍ୱରେ ଭାଷାର



ସୁରକ୍ଷା ପାଇଁ ବିଶେଷ ଦାୟିତ୍ୱ ନେବା ଜରୁରୀ। କିଛିବର୍ଷ ତଳେ 'ଦି ହିନ୍ଦୁ'ରେ ଏକ ପ୍ରବନ୍ଧ ପ୍ରକାଶ ପାଇଥିଲା, ଆଣ୍ଡାମାନ ଓ ନିକୋବର ଦ୍ୱୀପର ଗୋଟିଏ ଭାଷାର ଶେଷ ସକ୍ତକ ଭାବରେ କହୁଥିବା ମହିଳାଙ୍କ ମୃତ୍ୟୁ ଘଟିଲା ଏବଂ ସେହି ଭାଷାଟି ମରିଗଲା ! ସେହି ଲେଖାଟି ପଢ଼ି ମୋତେ ହୃଦ୍‌ବୋଧ ହେଲା ଯେ, ଭାଷା କିପରି ମରିଯାଉଛି ! ଗତ କିଛିବର୍ଷ ଧରି ଓଡ଼ିଶାର ମୁଖ୍ୟତଃ ଦକ୍ଷିଣ ଓଡ଼ିଶାରେ ଭାଷା ଓ ବ୍ୟବହାରକୁ ନେଇ ଲକ୍ଷ୍ୟକରୁଥିଲି। ଅନେକ ସମୟରେ ଦେଖୁଛି, କଥିତ ଭାଷା ମରି ମରି ଯାଉଛି ! ପୁରୁଣା ମହିଳାମାନେ ନିଜର ମାତୃଭାଷାରେ ଅନେକ ଦକ୍ଷତା ରହିଛି, ସଙ୍ଗୀତ, କାହାଣୀ, ନିଜ ଅଞ୍ଚଳର ଇତିହାସ, ଭାଷାକୁ ନେଇ ଅନେକ ଲୋକକଥା ରହିଛି। ସେମାନଙ୍କ ମଧ୍ୟରେ ଅନେକ ପହେଳି, ଭାଷା ଭରିରହିଛି। ଯଦି ଆମେ ଏହାର ପର ପିଢ଼ିକୁ ଦେଖିବା, ସେମାନେ କିଛି କିଛି ସ୍କୁଲ ପିଲା ମାଡ଼ିଛନ୍ତି, ସେମାନେ ନିଜର ମାତୃଭାଷାକୁ ଭୁଲିଯାଉଛନ୍ତି ଏବଂ ନିଜ ପିଲାମାନେ କିପରି ଅନ୍ୟ ଭାଷା ଶିଖିବେ, ଅନ୍ୟଭାଷାକୁ ଗୁରୁତ୍ୱ ଦେବେ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଦେଖାଯାଉଛି ସ୍ୱାମୀ ସ୍ତ୍ରୀ ଓ ପିଲାଙ୍କ ସହିତ ମାତୃଭାଷାରେ କଥା ହେଉଛନ୍ତି, କିନ୍ତୁ ନିଜ ପୁଅଙ୍କ ସହ କଥା ହେବାବେଳେ ଓଡ଼ିଆରେ କଥା ହେବାପାଇଁ ଚେଷ୍ଟା କରିଥାଆନ୍ତି।

ବିଦ୍ୟାଳୟ ସ୍ତରରେ ମାତୃଭାଷା ଆଧାରିତ ଶିକ୍ଷା କାର୍ଯ୍ୟକ୍ରମକୁ ସରକାରଙ୍କ ତରଫରୁ କୁହାଯାଉଛି। କିନ୍ତୁ ତାହା ବିଶେଷ ଭାବରେ ଫଳପ୍ରଦ ହେଉନାହିଁ ! ଏ ସମ୍ପର୍କରେ କିଛି ବିଦ୍ୟାଳୟରେ ଭାଷାକୁ ନେଇ ଶିକ୍ଷକମାନଙ୍କ ସହିତ ଆଲୋଚନା କରୁଥିଲି। ଶିକ୍ଷକଙ୍କୁ ଶିଶୁମାନଙ୍କ ମାତୃଭାଷାରେ ପଢ଼ାଇବା ବିଦ୍ୟାଳୟରେ କେତେ ଅନୁକୂଳ ପରିବେଶଟିଏ ଦେଉଛନ୍ତି, ତାହାକୁ ଜାଣିବା ପାଇଁ ପ୍ରୟାସ କରୁଥିଲି। ଅନେକ ଉତ୍ତର ଆସିଥିଲା, ଶିଶୁମାନେ ଘରେ ଓଡ଼ିଆରେ କଥା ହେଉଛନ୍ତି, ଅଙ୍ଗନୱାଡ଼ିରେ ଗଲାବେଳେ ଓଡ଼ିଆ ଭାଷା ଶିଖିଯାଉଛନ୍ତି, ବିଦ୍ୟାଳୟରେ ଆସିଲେ ଭାଷାକୁ ନେଇ ବିଶେଷ ଅସୁବିଧା ହେଉନାହିଁ, ସେମାନେ ଓଡ଼ିଆରେ ବୁଝିପାରୁଛନ୍ତି ! ଆଦିବାସୀ ଅଞ୍ଚଳରେ ଅଙ୍ଗନୱାଡ଼ିରେ ମଧ୍ୟ ଶିକ୍ଷକ ମାତୃଭାଷାକୁ ଛାଡ଼ି ଓଡ଼ିଆ ଭାଷାକୁ ଗୁରୁତ୍ୱ ଦିଆଯାଉଛି ! କେତେଜଣ ମାତୃଭାଷା ଶିକ୍ଷକଙ୍କ ସହ ଆଲୋଚନା କରୁଥିଲି, ସେମାନଙ୍କର ମତ ଥିଲା ଏବଂ ମୁଁ ଅନୁଭବ କରୁଥିଲି, ସରକାରଙ୍କ ତରଫରୁ ଶ୍ରେଣୀଗୃହରେ ମାତୃଭାଷାକୁ ଗୁରୁତ୍ୱଦେବା କିମ୍ବା ଭାଷାଗତ ବିବିଧତାକୁ ଗୁରୁତ୍ୱଦେବା ବିଶେଷ ଭାବରେ ପ୍ରୟାସ କରାଯାଉ ନାହିଁ । ମାତୃଭାଷାକୁ କିପରି ଶିଶୁଟି ଭଲ ପାଇବ, ନିଜେ ଜଣେ କୁଇ ଭାଷାଭାଷୀ କହି ଗର୍ବ କରିବ, ନିଜ ଭାଷାରେ ଚାରି କଥା କହିବ, ଏହାକୁ ନେଇ ସେ ଏକ ଅନୁକୂଳ ପରିବେଶଟିଏ ଘରେ ହେଉ, ବିଦ୍ୟାଳୟରେ ହେଉ, କିମ୍ବା ଗୋଷ୍ଠୀ ହେଉ ତାହା ଶିଶୁଟି ପାଉ ନାହିଁ। ସରକାରଙ୍କ ତରଫରୁ ଭାଷା, ସଂସ୍କୃତି, ପରିବେଶର ସୁରକ୍ଷା ନିମନ୍ତେ ଅନେକ କାର୍ଯ୍ୟକ୍ରମ ହେଉଛି। ଗଣମାଧ୍ୟମ ମଧ୍ୟ ଏଥିପ୍ରତି ବିଶେଷ ସର୍ତ୍ତକ ରହୁଛି, କିନ୍ତୁ ଅନେକ ସମୟରେ ଏହିସବୁ ଅନୁଷ୍ଠାନ ମାତୃଭାଷାକୁ ବିକାଶ ପାଇଁ ଉତ୍ସାହିତ କରିବା ବେଳେ ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ନିଆଯାଉଛି, ତାହାର ଫଳାଫଳ ବିଶେଷ ଭାବରେ ଭାଷା ବଞ୍ଚିବାରେ ଫଳପ୍ରଦ ହେଉନାହିଁ! ଦେଖାଯାଉଛି ଯେଉଁଠି ତଥାକଥିତ ବିକାଶ ପହଞ୍ଚିଛି, ସେଠାରେ ଭାଷା ମଧ୍ୟ ମରିଯାଉଛି! ଯେଉଁଠି ତଥାକଥିତ ବିକାଶ ପହଞ୍ଚିନି, ସେଠାରେ ଭାଷା ବଞ୍ଚିଛି, ସଂସ୍କୃତି ବଞ୍ଚିଛି ! ତଥାକଥିତ ବିକାଶ ସହିତ ସଂସ୍କୃତି ଓ ଭାଷା କିପରି ବଞ୍ଚିବ, ସେଥିପ୍ରତି ଗୁରୁତ୍ୱ ଦେବା ଦରକାର। ଏଥିପାଇଁ ଉପଯୁକ୍ତ ଭାବରେ ଯୋଜନା କରିବା ଆବଶ୍ୟକ। ଅନ୍ତର୍ଜାତୀୟ ଭାଷାଦିବସ ଅବସରରେ ଭାଷାର ବିବିଧତାକୁ ବଞ୍ଚାଇ ରଖିବାକୁ ନେଇ ସାରା ବିଶ୍ୱରେ ଅନେକ କାର୍ଯ୍ୟକ୍ରମ ହେଉଛି। ଯଦି ଶିକ୍ଷାରେ, ଜୀବନ ଓ ଜୀବିକାରେ, ଜ୍ଞାନକୌଶଳରେ ଓ ଦୈନନ୍ଦିନ ଜୀବନରେ ଭାଷାର ବ୍ୟବହାର ରହେ, ତେବେ ନିଶ୍ଚିତ ଭାବରେ ଭାଷା ବଞ୍ଚିବାରେ ସହାୟକ ହେବ, ନହେଲେ ଭାଷା ମରିବ, ଭାଷା ମରିବା ସହିତ ସଂସ୍କୃତି, ସାହିତ୍ୟ, ଚର୍ଚ୍ଚା, ପରିବେଶ ଆଦି ମଧ୍ୟ ମରିଯିବ।

୪ର୍ଥ ଗଳି, ରାଣୀଗୁଡ଼ା, ରାୟଗଡ଼ା
ମୋ: ୯୪୩୮୦୮୧୪୩୦

## ଚିରନ୍ତନୀ

ଧୀରେ ଧୀରେ ଲଭଇ ଚେତନା
ବହେ କାହିଁ ମନ୍ଦ ମଳୟ
ଜୀବନର ଶେଷର ଗୀତ
ହରିଥିଲା କାଲି ଜଡ଼ ଶୀତ
କଅଁଳି ଆଣେ ଉଗାଳେ ପ୍ରଳୟ
ପଉଷର ମନ୍ଦ ମଳୟ !
–(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭାଗଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା

ମହାଶୟ,

କୃଷକ ଚେଳିଷ୍ଟି ବିତର୍କ ହେଉ ଶିରୋନାମାରେ ଧରିତ୍ରୀରେ ସ୍ଥାନିତ ନିବନ୍ଧଟି ପଢ଼ିଲି। ପ୍ରକୃତରେ ଭାଗଚାଷୀଙ୍କ ସ୍ୱାର୍ଥ ପାଇଁ ଓକିଲାତି କରୁଥିବା ମନେହେଉଥିଲା। ତେବେ ଭାଗଚାଷୀଙ୍କୁ ଅଧିକ ସୁବିଧା ମିଳିଲେ ଜମି ମାଲିକଙ୍କ ପ୍ରତି ଥିବା ଭବିଷ୍ୟତ ଆଶଙ୍କା ବାବଦରେ ସେ ଯାହା ଲେଖିଛନ୍ତି ତାହା ଅମୂଳକ ନ ହୋଇପାରେ। ସତ କହିବାକୁ ଗଲେ ଏବେ ଜମି ମାଲିକ ଶ୍ରମିକ ଲଗାଇ ନିଜେ ଚାଷୀ ହୋଇ ଜମି ଚାଷ କଲେ ସର୍ବସ୍ୱାନ୍ତ ହୋଇପାରନ୍ତି। ଏପରେ କିଏ ଧରିବାକୁ ଭାଗୁଆଲି ମିଳୁଛି ବା କେଉଁଠି? ଯେଉଁମାନେ ଭାଗଚାଷୀ ରୂପେ ଜମି ଚାଷ କରୁଛନ୍ତି ମାଲିକ ନିଜର ପ୍ରାପ୍ୟ ପାଇଁ ସେମାନଙ୍କ ଦ୍ୱାରସ୍ଥ ହୋଇ କାନ୍ଦୁଥା ଯାହା ପାଉଛୁ ବାଧ୍ୟତାରେ ସନ୍ତୁଷ୍ଟ ହେଲା ବେଳେ ଜମି ମଧ୍ୟ ପଡ଼ିଆ ରହି ଯାଉଛି।

– ଟି.ପି. ତ୍ରିପାଠୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ତଣ୍ଟିଚିପି ହତ୍ୟା

- ■ତାଲା ପଡ଼ିଥିବା ଗ୍ୟାରେଜ୍ ଘରୁ ମିଳିଲା ମୃତଦେହ
- ■ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରୁଛି ତୁମୁସିଙ୍ଗା ପୋଲିସ
- ■ମୃତାଙ୍କ ୨ ମୋବାଇଲ, ଝିଅଙ୍କ ମୋବାଇଲ ଫୋନ ଗାଏବ


ମୃତ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀ।

**କାମାକ୍ଷାନଗର, ୨୦।୨(ସୁଧୀର ପରିଡ଼ା)**

ରାତିରେ ପରିବାର ଲୋକଙ୍କ ସହ ଘରେ ଶୋଇଥିଲେ ପ୍ରଧାନଶିକ୍ଷୟିତ୍ରୀ। ହେଲେ ସକାଳୁ ତାଙ୍କ ମୃତଦେହ ଘର ବାହାରେ ଥିବା ଗ୍ୟାରେଜରେ ପଡ଼ିଥିଲା। ଗ୍ୟାରେଜ ଘର ବାହାରୁ ତାଲା ପଡ଼ିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀଙ୍କ ବେକରେ କଳା ଦାଗ ରହିଛି। ତେଣୁ ରାତିରେ କେହି ତାଙ୍କୁ ବାହାରକୁ ଡାକି ତଣ୍ଟିଚିପି ହତ୍ୟା କରିଥିବା ସନ୍ଦେହ କରୁଛନ୍ତି ପରିବାର ଲୋକେ। ସମ୍ପୃକ୍ତା ପ୍ରଧାନଶିକ୍ଷୟିତ୍ରୀ ହେଉଛନ୍ତି ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଗୁନେଇବିଲି ଗ୍ରାମର ପ୍ରଭାତୀ ଦେହୁରୀ। ସେ ତୁମୁସିଙ୍ଗା ଗ୍ରାମ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀଙ୍କ ଶ୍ୱଶୁର ଧେଡ଼ିଆ ପଧାନ ଥାନାରେ ହତ୍ୟା ଅଭିଯୋଗ କରିବା ପରେ ତୁମୁସିଙ୍ଗା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ତୁମୁସିଙ୍ଗା ଥାନା ଗୁନେଇବିଲି ଗ୍ରାମର ପ୍ରଭାତୀଙ୍କ ସ୍ୱାମୀ ୨ବର୍ଷ ତଳେ ପ୍ରାଣ ହରାଇଥିବା ବେଳେ ତାଙ୍କର ଗୋଟିଏ ଝିଅ ଓ ପୁଅ ଅଛନ୍ତି। ବୁଧବାର ରାତିରେ ପୁଅ, ଝିଅ, ଶ୍ୱଶୁର ଓ ଜଣେ ଦିବ୍ୟାଙ୍ଗ ଦିଅରଙ୍କ ସହ ପ୍ରଭାତୀ ଘରେ ଶୋଇଥିଲେ। ସକାଳୁ ଡ୍ରାଇଭର ଆସି ତାଙ୍କୁ ସ୍କୁଲ ନେବା ପାଇଁ ଡାକିଥିଲେ। ହେଲେ ପ୍ରଭାତୀ ଘରେ ନ ଥିବା ଶ୍ୱଶୁର କହିଥିଲେ। ତେବେ ପ୍ରଭାତୀ କୁଆଡ଼େ ଗଲେ ସେ ନେଇ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଘର ସମ୍ମୁଖରେ ତାଲା ପଡ଼ିଥିବା ଗ୍ୟାରେଜ ଘରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ପ୍ରଭାତୀଙ୍କ ଶ୍ୱଶୁର ତୁମୁସିଙ୍ଗା ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରଧାନ ଶିକ୍ଷୟିତ୍ରୀଙ୍କ ୨ଟି ମୋବାଇଲ ଓ ତାଙ୍କ ଝିଅଙ୍କ ମୋବାଇଲ ଫୋନ ଗାଏବ ହୋଇଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ସେହିପରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ସୁନାହାର ମଧ୍ୟ ନାହିଁ। ପ୍ରଭାତୀଙ୍କ ଶ୍ୱଶୁର କରିଥିବା ହତ୍ୟା ଅଭିଯୋଗ ଆଧାରରେ ପୋଲିସ ନଂ. ୩୯/୨୫ରେ ଏକ ମାମଲା ରୁଜୁ କରିଛି। ଘଟଣାସ୍ଥଳରେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର ପହଞ୍ଚି ତଦନ୍ତ କରିଛନ୍ତି। ତୁମୁସିଙ୍ଗା ଥାନା ଅଧିକାରୀ ମନସ୍ୱିନୀ ମହାନ୍ତି କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ଘଟଣା ଜଣାପଡ଼ିବ। ପୋଲିସ ତଦନ୍ତ ଚଳାଇଥିବାରୁ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ। ମୃତା ପ୍ରଧାନଶିକ୍ଷୟିତ୍ରୀ କାମାକ୍ଷାନଗର ବ୍ଲକ ଓଷ୍ଟାର ସଭାପତି ଥିଲେ। ତେଣୁ ତୁରନ୍ତ ଘଟଣା ଉପରୁ ପୋଲିସ ପରଦା ହଟାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓଷ୍ଟା ରାଜ୍ୟ ପରିଷଦ ସଦସ୍ୟ ଶ୍ରୀରାମ ରାଉତ ଦାବି କରିଛନ୍ତି।


ଘଟଣାସ୍ଥଳରେ ତୁମୁସିଙ୍ଗା ପୋଲିସ ତଦନ୍ତ କରୁଛି।

# ପ୍ରମାଣ ଅଭାବରୁ ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଦେବଗଡ଼, ୨୦।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ଥାନା ପେଟପୁରା ଗ୍ରାମର ଯୋଗେନ କୁମାର ପ୍ରଧାନ ନାମକ ଜଣେ ବଳାତ୍କାର ଅଭିଯୁକ୍ତ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ ହୋଇଛନ୍ତି । ଦେବଗଡ଼ ସହକାରୀ ଦୌରା ଜଜ୍ ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଶରେ ଖଲାସ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ ପ୍ରାୟ ୯ ବର୍ଷ ପୂର୍ବେ ବାରକୋଟ ଥାନାଞ୍ଚଳର ଏକ ବିଦ୍ୟାଳୟ ଶିକ୍ଷୟିତ୍ରୀଙ୍କୁ ଯୋଗେନ ପ୍ରେମ ନିବେଦନ କରିଥିଲେ। ମାତ୍ର ଶିକ୍ଷୟିତ୍ରୀ ଏହାକୁ ପ୍ରତ୍ୟାଖ୍ୟାନ କରିବାରୁ କିଛି ମାସ ପରେ ଯୋଗେନ ଶିକ୍ଷୟିତ୍ରୀଙ୍କୁ ଭଡାଘରେ ଏକୁଟିଆ ଦେଖି ଭୁଜାଲୀ ମୁନରେ ବଳ ପୂର୍ବକ ବଳାତ୍କାର କରିଥିଲେ। ଏଥିସହ ପୀଡିତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ସ୍ଥାପନ କରିବାରୁ ଶିକ୍ଷୟିତ୍ରୀ ଗର୍ଭବତୀ ହୋଇଥିଲେ। ଏହାପରେ ଯୋଗେନ ତାଙ୍କୁ ଔଷଧ ଖୁଆଇ ତାଙ୍କ ଗର୍ଭ ନଷ୍ଟ କରିବା ସହ ପୁନର୍ବାର ବିବାହ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ଯୋଗେନ ତାଙ୍କୁ ବିବାହ ପାଇଁ ମନା କରିବା ସହ ଅତ୍ୟାଚାର କରିଥିବାପୀଡ଼ିତା ଜଣକ ବାରକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୨୦୧୬ରେ ବାରକୋଟ ଥାନାରେ ଦଫା ୪୫୦ ଏବଂ ୩୭୬ (୧) ଆଇପିସିରେ ଏକ ମାମଲା ରୁଜୁ କରି ଯୋଗେନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିଦିନଠାରୁ ଏହି ମାମଲା ଦେବଗଡ଼ସ୍ଥିତ ସହକାରୀ ଦୌରାଜ ଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ମାମଲାରେ ପୀଡ଼ିତାଙ୍କ ପକ୍ଷରୁ ୧୨ ଜଣଙ୍କ ସାକ୍ଷ ଗ୍ରହଣ କରାଯିବା ସହ ଉଭୟ ପକ୍ଷ ଓକିଲଙ୍କ ଜବାବ ସୁଆଲ ପରେ ସହକାରୀ ଦୌରା ଜଜ୍ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଶରେ ଖଲାସ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢୀ ଏବଂ ତାଙ୍କ ସହଯୋଗୀ ମାମଲା ପରିଚାଳନା କରୁଥିଲେ।

DSPL - 393

**ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ୨୦୨୫**
**ଅବସରରେ**
**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା**



ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୨୧ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ବହୁତ ମହତ୍ୱପୂର୍ଣ୍ଣ । ତେଣୁ ଛାତ୍ରଛାତ୍ରୀମାନେ ଯେପରି ସମ୍ପୂର୍ଣ୍ଣ ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଉତମ ପ୍ରଦର୍ଶନ କରିବେ, ସେଥି ପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍ । ଏତଦ୍‌ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27004/13/0064/2425

# ସ୍ପାଇଡର ସତୀଶ ଦେଖାଇଲେ ଡେମୋ

**ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ଚୋରି ଘଟଣା**

**ଭୁବନେଶ୍ୱର, ୨୦।୨(ସୂର୍ଯ୍ୟକାନ୍ତ ବେହେରା)**

ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାରେ ଝାରପଡ଼ା ଜେଲରେ ଥିବା ଆନ୍ତଃରାଜ୍ୟ ଲୁଟେରା ସତୀଶ ରେଡ୍ଡି ଓରଫ୍ ସ୍ପାଇଡର ସତୀଶଙ୍କୁ ୫ଦିନିଆ ରିମାଣ୍ଡରେ ଆଣି କମିଶନରେଟ ପୋଲିସ ମାରାଥନ ଜେରା କରୁଛି। ଗୁରୁବାର ପୋଲିସ ନିରଞ୍ଜନଙ୍କ ନୟାପଲ୍ଲୀସ୍ଥିତ ଘର ଓ ସେହି ରାସ୍ତାକୁ ସତୀଶଙ୍କୁ ନେଇ ସିନ୍ ରିକ୍ରିଏଶନ କରିଛି। ନିରଞ୍ଜନଙ୍କ ଘରେ କେମିତି ପଶିଲେ, କେଉଁ ପଟେ ଆସିଲେ, କିପରି ଚୋରି ପରେ ଚମ୍ପଟ ମାରିଲେ ତାହାର ଗୋଟି ଗୋଟି ଡେମୋ ଦେଖାଇଛନ୍ତି ଲୁଟେରା ସ୍ପାଇଡର ସତୀଶ। ଅନ୍ୟପଟେ ଚୋରି ସମୟରେ ସତୀଶ କିପରି ସିସିଟିଭି ଫୁଟେଜ, ଲୋକଙ୍କୁ ଅଣଦେଖା କରି ଯିବା ଓ ୮ ଟି ପାଚେରି ଡେଇଁ ନିରଞ୍ଜନଙ୍କ ଘରେ ପଶିବା ଏବଂ ଚୋରି ପରେ ଆଉ ଏକ ପୋଷାକ ପରିଧାନ କରି ଫେରାର ହୋଇଯାଇଥିଲେ ସେନେଇ ପୋଲିସ ଆଗରେ ବଖାଣିଥିଲେ। ଏଥିସହ ଚୋରି ଟଙ୍କା କେଉଁଠି ବିନିଯୋଗ କରିଛନ୍ତି ଓ ସତୀଶଙ୍କ ବ୍ୟାଙ୍କ ଆକଉଣ୍ଟର ଟ୍ରାଞ୍ଜାକ୍ସନ ଉପରେ ପୋଲିସ ଅଧିକ ଖୋଲତାଡ଼ ଚଳାଇଛି। ଅଭିଯୁକ୍ତଙ୍କ ନାମରେ ୧୦୦ରୁ ଅଧିକ ଆପରାଧିକ ମାମଲା ରହିଥିବାବେଳେ କେଉଁ କେଉଁ ବଡ଼ ବଡ଼ିଆଙ୍କ ଘରୁ ଚୋରି କରିଥିଲେ ତାହାର ତଥ୍ୟ ପୋଲିସକୁ ଦେଇଥିବା ସୂଚନା ମିଳିଛି। ସୂଚନାନୁସାରେ ଗତ ୨୫ତାରିଖ ବିଳମ୍ବିତ ରାତିରେ କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ସତୀଶ ଚୋରି କରିବା ପରେ ଫେରାର ହୋଇଯାଇଥିଲେ। ୧୮ ଦିନ ପରେ କମିଶନରେଟ୍ ୪ ଟି ରାଜ୍ୟରେ ଛାନ୍‌ଭିନ ପରେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌ରୁ ସତୀଶଙ୍କୁ ଗିରଫ କରିଥିଲା। ଗୋଟିଏ କାର୍, ବହୁ ସୁନା ଅଳଙ୍କାର, ମୋବାଇଲ ଫୋନ, ନଗଦ ୭ ଲକ୍ଷ ଟଙ୍କା, ଅପରାଧ ବେଳେ ବ୍ୟବହୃତ ପୋଷାକ ଆଦି ସାମଗ୍ରୀ ସତୀଶଙ୍କଠାରୁ ଜବତ କରିଥିଲା।


ଅଭିଯୁକ୍ତ ସତୀଶଙ୍କୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରୁଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୋଲ ବାଇଦ କୋଶେ,**
**ତୁଣ୍ଡ ବାଇଦ ସହସ୍ର କୋଶ।**

ଢୋଲର ଶବ୍ଦ ସୀମିତ। ମାତ୍ର ତୁଣ୍ଡର ଶବ୍ଦ ଏ ତୁଣ୍ଡରୁ ସେ ତୁଣ୍ଡ ହୋଇ କାହିଁ କେତେ ଦୂରକୁ ବ୍ୟାପି ଯାଇଥାଏ। ମୁଖରୁ ମୁଖ ହୋଇ କଥା ଶୀଘ୍ର ବ୍ୟାପି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଢକ ଢକ କରି ପିଉଛି ପାଣି,**
**ମିଛେ ବୋଲୁଥାଏ ବାସି ତୋରାଣି।**

କିଛି ବ୍ୟକ୍ତି ଖାଇବାକୁ ପାଉ ନ ଥିବା ବେଳେ ନିଜର ଅଭାବ ଅସୁବିଧାକୁ ଲୁଚାଇବାକୁ ଯାଇ ଅନ୍ୟ ଆଗରେ ଭଲ ଖାଦ୍ୟ ଖାଉଥିବାର ମିଛ ଅଭିନୟ କରିଥାନ୍ତି। ଛଳନା କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ନାବାଳିକାଙ୍କୁ ଯୌନ ନିର୍ଯାତନା, ଟ୍ୟୁଶନ ଶିକ୍ଷକ ଗିରଫ

**ପାଲଲହଡ଼ା, ୨୦।୨(ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ସଦରମହକୁମାଠାରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରରେ ପଢୁଥିବା ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଉକ୍ତ କୋଚିଂ ସେଣ୍ଟର ମାଲିକ ତଥା ଶିକ୍ଷକ ମୁକେଶ କୁମାର ବେହେରାଙ୍କୁ ପାଲଲହଡ଼ା ପୋଲିସ ଗୁରୁବାର ଗିରଫ କରିଛି। ପୋଲିସ କହିଛି, ସମ୍ପୃକ୍ତା ଛାତ୍ରୀଙ୍କ ସହ ଶିକ୍ଷକ ମୁକେଶ କୁମାରଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫୋଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ଜଣାପଡ଼ିବା ପରେ ନାବାଳିକା ଛାତ୍ରୀଙ୍କ ମା' ବୁଧବାର ସନ୍ଧ୍ୟାରେ ତାଙ୍କ ଝିଅଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଶିକ୍ଷକ ମୁକେଶଙ୍କୁ ଗିରଫ କରିଛି।

# ନୟାଗଡ଼ ଜଗନ୍ନାଥ ମନ୍ଦିରରୁ ଶ୍ରୀଜୀଉଙ୍କ ଅଳଙ୍କାର ଚୋରି

ନୟାଗଡ଼, ୨୦।୨(ଲୋକନାଥ ମିଶ୍ର): ନୟାଗଡ଼ ଟାଉନ ଥାନା ଅଧୀନ ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଶ୍ରୀଜୀଉଙ୍କ ଅଳଙ୍କାର ସମେତ ବହୁ ସାମଗ୍ରୀ ଚୋରି ହୋଇଛି । ଚୋରମାନେ ମନ୍ଦିର ଦକ୍ଷିଣ ଦ୍ୱାର କବାଟ କଡା ଭାଙ୍ଗି ବଡଠାକୁରଙ୍କ ମସ୍ତକ ଶୋଭିତ ୨ ସପ୍ତଫେଣୀ ଚାନ୍ଦି ନାଗ ମୂର୍ତ୍ତି ଓ ସୁନାପାଣିଦିଆ ଗୋଟିଏ ଚିତା, ମା' ସୁଭଦ୍ରାଙ୍କ ସୁନାପାଣିଦିଆ ମଥା ଚିତା ଓ ଗୋଟିଏ ରୁପା କିରୀଟ, ଶ୍ରୀଜଗନ୍ନାଥଙ୍କ ମୟୂର ଚନ୍ଦ୍ରିକାର ରୁପା କିରୀଟ, ଗୋଟିଏ ଷ୍ଟୋନ ଚିତା, ଗୋଟିଏ ସୁନାପାଣିଦିଆ ପେଣ୍ଟ ଚିତା ଓ ନାକଗୁଣା ପରି ୧୩୦୦ ଗ୍ରାମର ସୁନା ପାଣିଦିଆ ରୁପା ଅଳଙ୍କାର ଚୋରି ହୋଇଛି । ସେହିପରି ମନ୍ଦିର ହୁଣ୍ଡି ଭାଙ୍ଗି ଭକ୍ତଙ୍କ ଦାନ ଅର୍ଥ ଚୋରମାନେ ନେଇଯାଇଛନ୍ତି । ପ୍ରାୟ ୧ବର୍ଷ ହେଲା ହୁଣ୍ଡିରୁ ଦାନ ଅର୍ଥ ଗଣତି କରାଯାଇ ନ ଥିଲା। ଚୋରି ନେଇ ମନ୍ଦିର ପରିଚାଳକ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୭/୨୫) ରୁଜୁ କରି ତନାଘନା ଆରମ୍ଭ କରିଛି । ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ସାମନ୍ତରାୟ, ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ର, ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମନ୍ଦିରରେ ରାତି ଜଗୁଆଳି ଥିଲେ । ହେଲେ ଚୋରି ସମ୍ପର୍କରେ ସେ କିଛି ଜାଣି ନ ପାରିବା ସନ୍ଦେହ ସୃଷ୍ଟି କରିଛି। ସୁଆର ସେବକ ସୁକାନ୍ତ କୁମାର ମିଶ୍ର ଗୁରୁବାର ଭୋର ୪.୪୫ରେ ରାତି ଜଗୁଆଳିଙ୍କୁ ଡାକିଥିଲେ । ହେଲେ ଦକ୍ଷିଣ ଦ୍ୱାର ଖୋଲାଥିବା ଦେଖି ଚୋରି ହୋଇଥିବା ସନ୍ଦେହ କରିଥିଲେ । ଏହା ପରେ ସେ ଦେବୋତ୍ତର ବିଭାଗର ପରିଚାଳକ ଓ ମନ୍ଦିର ସୁପରଭାଇଜରଙ୍କୁ ଖବର ଦେବା ପରେ ସମସ୍ତ ଘଟଣା ଲୋକଲୋଚନକୁ ଆସିଥିଲା।

DSPL - 394

**ବାର୍ତ୍ତା**



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ମାସ ୨୧ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ / ରାଜ୍ୟ ମୁକ୍ତ ବିଦ୍ୟାଳୟ / ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି । ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ । ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଏବଂ ଗଣଶିକ୍ଷା, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

OIPR-27004/13/0065/2425

## ସଂକ୍ଷେପରେ

### ରେଲୱେ ଷ୍ଟେସନରୁ ୨୪ କେଜି ଗଞ୍ଜେଇ ଜବତ

କଣ୍ଟାବାଞ୍ଜି,୨୦।୨ (ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେସନର ପ୍ଲାଟଫର୍ମ ନଂ ୧ରୁ ୨୪କେଜି ୧୨୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ମିଳିଥିବା ସୂଚନା ଅନୁସାରେ, ବୁଧବାର ରାତିରେ ପ୍ଲାଟଫର୍ମରେ ଜିଆରପି ପୋଲିସ ପାଟ୍ରୋଲିଂ କରିବା ବେଳେ ପ୍ଲାଟଫର୍ମ ନଂ.୧ର ଏକ ସ୍ଥାନରେ ଦୁଇଟି ଟ୍ରଲି ବ୍ୟାଗ ଥିବା ବେଳେ ସେଠାରେ କୌଣସି ବ୍ୟକ୍ତି ନ ଥିବା ଦେଖିଥିଲେ । କୌଣସି ବ୍ୟକ୍ତି ଦୀର୍ଘ ସମୟ ଧରି ଟ୍ରଲି ବ୍ୟାଗ ପାଖକୁ ନ ଆସିବାରୁ ପୋଲିସ ସନ୍ଦେହ କରି ଯାଞ୍ଚ କରିଥିଲା । ଯାଞ୍ଚ କରିବା ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନାହିଁ।

### ୧୯୮୪ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

ଟିଟିଲାଗଡ,୨୦।୨(ଶରତ ମିଶ୍ର)

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୯୮୪ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଟିଟିଲାଗଡଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଛାତ୍ରୀମାନେ ଆସି ଯୋଗ ଦେଇଥିଲେ । ସେମାନେ ସ୍କୁଲ ଜୀବନର ପୁରୁଣା ସ୍ମୃତିକୁ ମନେ ପକାଇ ଖୁସି ବ୍ୟକ୍ତ କରିଥିଲେ । ସଂଯୁକ୍ତା ଚୌଧୁରୀ, ଆରତୀ ତ୍ରିପାଠୀ ଓ ମାତାଜୀ ସାହୁଙ୍କ ଉଦ୍ୟମକ୍ରମେ ଏହି ବନ୍ଧୁମିଳନ ଦୀର୍ଘ ବର୍ଷ ପରେ ହୋଇଥିଲା ।

### ଯୁବ ସଙ୍ଗଠକଙ୍କ ପରଲୋକ



ଡମ୍ବରୁଧର ଭୋଇଙ୍କ ଫାଇଲ ଫଟୋ ।

ଦେଓଗାଁ,୨୦।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ତଥା ଯୁବ ସଂଗଠକ ଡମ୍ବରୁଧର ଭୋଇ (୫୫)ଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ଗୁରୁବାର ସକାଳେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡପୁଅ ଭିକୁରାମ ଭୋଇ ମୁଖାଗ୍ନି ଦେଇଥିଲେ । ସେ ଜଣେ ଯୁବ ସଂଗଠକ ତଥା ବିଜେଡିର ପଞ୍ଚାୟତ ସ୍ତରରେ ଆଗଧାଡିର ନେତା ଥିଲେ । ତାଙ୍କ ପରଲୋକ ଖବର ପାଇ ଦେଓଗାଁ ବ୍ଲକ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ବିଧାୟକ କଳିକେଶ ନାରାୟଣ ସିଂ ଦେଓ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂ ଦେଓ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ରୀନା ମେହେର, ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦ, ବରିଷ୍ଠ ବିଜେଡି ନେତା ଉମା ଶଙ୍କର ସିଂ, ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ , ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି ।

# ବଲାଙ୍ଗୀରରେ ପରୀକ୍ଷା ଦେବେ ୨୨,୪୨୩ ଛାତ୍ରୀଛାତ୍ର

ବଲାଙ୍ଗୀର,୨୦।୨(ବୀରେନ୍ଦ୍ର କୁମାର ଝାଙ୍କର)

**ଆଜି ଠାରୁ ମାଟ୍ରିକ ପରୀକ୍ଷା**

- ଜିଲାରେ ୧୬୫ଟି ପରୀକ୍ଷା କେନ୍ଦ୍ରରେ ହେବ ମାଟ୍ରିକ ପରୀକ୍ଷା
- ମୁକ୍ତ ଓ ଅବାଧ ପରୀକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା
- ଜିଲାର ୨୧,୯୫୨ ରେଗୁଲାର ପରୀକ୍ଷାର୍ଥୀ
- ୯୦ ଏକ୍ସ-ରେଗୁଲାର, ୧୨୭ ମଧ୍ୟମା, ୨୫୪ ଓଏସ୍‌ଏସ୍‌ସି ପରୀକ୍ଷାର୍ଥୀ

ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ଏହି ପରୀକ୍ଷା ସୁରୁଖୁରୁରେ ପରିଚାଳନା କରିବା ପାଇଁ ବଲାଙ୍ଗୀର ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଚଳିତବର୍ଷ ବଲାଙ୍ଗୀର ଜିଲାରେ ୩୬୭ଟି ହାଇସ୍କୁଲର ୨୨,୪୨୩ ଜଣ ପରୀକ୍ଷାର୍ଥୀ ୧୬୫ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ। ଏଥିସକାଶେ ସମସ୍ତ ପ୍ରସ୍ତୁତି ସରିଛି। ସମୁଦାୟ ପରୀକ୍ଷାର୍ଥୀଙ୍କଠାରୁ ୨୧୯୫୨ ଜଣ ରେଗୁଲାର ପରୀକ୍ଷାର୍ଥୀ, ୯୦ ଜଣ ଏକ୍ସ–ରେଗୁଲାର ପରୀକ୍ଷାର୍ଥୀ, ୧୨୭ ଜଣ ମଧ୍ୟମା ରେଗୁଲାର ଏବଂ ଏକ୍ସ–ରେଗୁଲାର ଏବଂ ୨୫୪ ଜଣ ରାଜ୍ୟ ମୁକ୍ତ ସ୍କୁଲ କୋର୍ସ (ଓଏସ୍ଏସ୍‌ସି) ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାପଡିଛି। ଜିଲାର ୧୬୫ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ଯେଭଳି ସୁରୁଖୁରୁରେ ପରୀକ୍ଷା ଦେବେ ସେନେଇ ସବୁ ସୁବ୍ୟବସ୍ଥା କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ସୂଚନା ଦେଇଛନ୍ତି। ୧୬୫ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୧୧୫ଟି ସରକାରୀ ହାଇସ୍କୁଲ, ୫୩ଟି ଅନୁଦାନପ୍ରାପ୍ତ ତଥା ନୂତନ ଅନୁଦାନପ୍ରାପ୍ତ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି। ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ସଂରକ୍ଷଣ ଏବଂ ଡେସ୍‌ପାଚ୍ ପାଇଁ ଜିଲାରେ ୧୫ଟି ନୋଡାଲ ସେଣ୍ଟର କରାଯାଇଛି। କିଭଳି ଭାବେ ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ସୁରୁଖୁରୁରେ ପ୍ରଶ୍ନପତ୍ର ପହଞ୍ଚିବ ତାର ସୁବ୍ୟବସ୍ଥା କରାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ଜିଲା ପ୍ରଶାସନ ଏବଂ ବୋର୍ଡ ପକ୍ଷରୁ ସ୍କ୍ୱାଡ୍ ଗଠନ କରାଯାଇଛି। ଅବାଧ ଏବଂ କପିମୁକ୍ତ ପରୀକ୍ଷା ପରିଚାଳନା ପାଇଁ ସ୍କ୍ୱାଡ୍ ପରୀକ୍ଷା କେନ୍ଦ୍ରଗୁଡିକୁ ନିରୀକ୍ଷଣ କରିବେ। ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ମାଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଗୁରୁବାର ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ହେବ। ଛାତ୍ରଛାତ୍ରୀମାନେ ୮ଟାରୁ ପରୀକ୍ଷା କେନ୍ଦ୍ରକୁ ଯିବେ ଏବଂ ୯ଟାରୁ ପରୀକ୍ଷା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ପ୍ରଥମ ଦିନ ଓଡିଆ ଭାଷା ସାହିତ୍ୟ ପରୀକ୍ଷା ହେବ। ଆସନ୍ତା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



ଦେଓଗାଁ କେନ୍ଦୁପତ୍ର ବିଭାଗ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ସିଜନାଲ କର୍ମଚାରୀ ମାନେ ଧାରଣାରେ ବସିଛନ୍ତି ।

# ସିଜନାଲ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଦେଓଗାଁ,୨୦।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଟିଟିଲାଗଡ ଡିଭିଜନ ଦେଓଗାଁ କେନ୍ଦୁପତ୍ର ରେଞ୍ଜର ସିଜନାଲ କର୍ମଚାରୀମାନେ ୩ ଦଫା ଦାବି ନେଇ ଗୁରୁବାର ଦେଓଗାଁ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ରେଞ୍ଜରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟତଃ ସମସ୍ତ ସିଜିନାଲ କର୍ମଚାରୀଙ୍କୁ ବର୍ଷସାରା କାମ ଯୋଗାଇ ଦେବା ଓ ତୁରନ୍ତ ଗତବର୍ଷର ବକେୟା ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ଏହାସହ ଟି.ଏ ବିଲ ମଧ୍ୟ ପ୍ରଦାନ କରିବା ପାଇଁ ଦାବି ହୋଇଛି । ଆବାହକ ବାଞ୍ଛାନିଧି ପଧାନ ଯୋଗଦେଇ ସିଜିନାଲ କର୍ମଚାରୀମାନଙ୍କୁ ନିୟମିତ ଭାବେ କାମ ଯୋଗାଇ ଦେବାକୁ କହିଥିଲେ । ଉକ୍ତ ଦାବିଗୁଡିକ ସରକାର ପୂରଣ ନ କଲେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସୂଚନା ଦେଇଥିଲେ । ଡିଭିଜନର ସଂଘ ସମ୍ପାଦକ ଛବିଳ ସିଂ ଚିନ୍ଦା, ମହାବୀର ପଧାନ, ରଜନୀକାନ୍ତ ଭୋଇ, ବିଜୟ କୁମାର ସାହୁ, ବୀର କିଶୋର ବିଶ୍ୱାଳ, ମାନଭଞ୍ଜନ ସାହୁ, ଗଗନ ସ୍ୱାଇଁ, ଦୁଃଖିଶ୍ୟାମ ସାହୁ ପ୍ରମୁଖ ଯୋଗଦେଇ ଦାବି ସମ୍ପର୍କରେ କହିଥିଲେ। ଏହାପରେ ସ୍ଥାନୀୟ ରେଞ୍ଜର ଧ୍ରୁବା ରଣାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ରେଞ୍ଜର ରଣା ଦାବି ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ବକେୟା ଦରମା ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦେବା ଅଭିଯୋଗ

ଲୋଇସିଂହା,୨୦।୨(ସୁଶାନ୍ତ ବାରିକ)

**ଉପରବାହାଲ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

**ତଦନ୍ତ ପାଇଁ ଦିନ ଗଡୁଛି, ବଢୁଛି ଅସନ୍ତୋଷ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରବାହାଲ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଭାବେ ନିର୍ଯାତନା ଦିଆଯିବା ନେଇ ଅଭିଯୋଗ ହୋଇଛି। ଏନେଇ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ଗତ ୧୭ ତାରିଖ ଦିନ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି । ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ବିଭାଗ ଅବଗତ ଅଛି। ତେବେ ଅଭିଯୋଗ ହେବାର ୪ ଦିନ ବିତି ଯାଇଥିଲେ ସୁଦ୍ଧା ତଦନ୍ତ କରାଯାଉନାହିଁ। ଦିନ ଗଡୁଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

ଅଭିଯୋଗରୁ ପ୍ରକାଶ ଯେ, ବିଭିନ୍ନ ସମୟରେ ଛାତ୍ରୀଛାତ୍ରଙ୍କୁ ଚାନ୍ଦା ଦେବାକୁ ବାଧ୍ୟ କରାଯାଉଛି । ଗତ ସରସ୍ୱତୀ ପୂଜା ସମୟରେ ପିଲା ପିଛା ୧ ଶହ ଟଙ୍କା ଚାନ୍ଦା ଆଦାୟ କରାଯାଇଥିଲା । ଚାନ୍ଦା ଯିଏ ଦେବନି ପୂଜାକୁ ଆସି ପାରିବ ନାହିଁ ବୋଲି ଛାତ୍ରୀଛାତ୍ରଙ୍କୁ ସେତେବେଳେ କୁଆଡେ କୁହାଯାଇଥିଲା। ଫେବୃଆରୀ ୩ ତାରିଖ ଦିନ ବିନା କାରଣରେ ସ୍କୁଲ ବନ୍ଦ କରି ଦିଆଯାଇଥିଲା। ସେହିଦିନ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ସ୍କୁଲ ପଛପଟ ସଫେଇ ପାଇଁ ଛାତ୍ରୀଛାତ୍ରଙ୍କୁ କୁହାଯାଉଛି। ଏହାକୁ ମନା କଲେ ମାଡ଼ ମରାଯାଉଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏପରି କି ବିଦ୍ୟାଳୟରେ ପାଳନ କରାଯାଉଥିବା ବିଭିନ୍ନ ଜୟନ୍ତୀ ଉତ୍ସବରେ ପ୍ରଥମରୁ ୭ମ ଶ୍ରେଣୀ ପିଲାଙ୍କୁ ସାମିଲ କରାଯାଉନାହିଁ । ସରକାର ଶିକ୍ଷଣ ସାମଗ୍ରୀ କିଣିବା ପାଇଁ ଅନୁଦାନ ଦେଉଥିବା ବେଳେ ବିଦ୍ୟାଳୟରେ ବିନା ଶିକ୍ଷଣ ସାମଗ୍ରୀରେ ପାଠପଢା ଯାଉଛି । ପୁରୁଣା ନଳକୂପ ପାଣି ଛାତ୍ରୀଛାତ୍ର ବାଧ୍ୟ ହୋଇ ପିଉଥିବା ଅଭିଯୋଗ ହୋଇଛି । ୨୦୨୪–୨୫ ଶିକ୍ଷାବର୍ଷ ସରିବାକୁ ବସିଥିଲେ ସୁଦ୍ଧା ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ପାଠ୍ୟ ପୁସ୍ତକ ଛାତ୍ରୀଛାତ୍ରଙ୍କୁ ନ ମିଳିବା ପରିତାପର ବିଷୟ ବୋଲି ଅଭିଯୋଗରେ ଦର୍ଶାଯାଇଛି। ପ୍ରଧାନ ଶିକ୍ଷକ ରମେଶ କୁମାର ତ୍ରିପାଠୀଙ୍କୁ ଫୋନ ଯୋଗେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ବିଇଓ ରୀନାକୁମାରୀ ବେହେରାଙ୍କୁ ପଚାରିବାରେ ଅଭିଯୋଗ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅବଗତ ହୋଇଛି। ଉପରିସ୍ଥ ଅଧିକାରୀ ଏହାର ତଦନ୍ତ କରିବେ ବୋଲି ସେ କହିଛନ୍ତି ।

## ମନୋହରପୁର ସ୍କୁଲ ପରିଦର୍ଶନ କଲେ ନାଗରିକ କମିଟି ସଦସ୍ୟ

ବଲାଙ୍ଗୀର,୨୦।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ନାଗରିକ କମିଟିର ଶିକ୍ଷା ସବ୍‌କମିଟି ସଦସ୍ୟ ସ୍ଥାନୀୟ ମନୋହରପୁରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସବ୍‌କମିଟି ସଦସ୍ୟମାନେ ସ୍କୁଲ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହାକୁର, ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ସହ ଛାତ୍ରୀଛାତ୍ରଙ୍କ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ସବ୍‌କମିଟିର ଧର୍ମବ୍ରତ ରଥ, ପ୍ରଫେସର ତରୁଣ କୁମାର ମିଶ୍ର, ଦିବାକର ହୋତା, କୃଷ୍ଣଚନ୍ଦ୍ର ମହାକୁର, ପୁରୁଷୋତ୍ତମ ପଣ୍ଡା ସ୍କୁଲ ପରିଦର୍ଶନରେ ଯାଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସ୍କୁଲରେ ୩୦୩ ଜଣ ଛାତ୍ରୀଛାତ୍ର ଅଛନ୍ତି। ସ୍କୁଲର ସପ୍ତମ ଏବଂ ଅଷ୍ଟମ ଶ୍ରେଣୀ ପାଇଁ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତିର ଆବଶ୍ୟକତା ରହିଛି। ଶ୍ରେଣୀ ଓ ଛାତ୍ରୀଛାତ୍ର ସଂଖ୍ୟା ଅନୁପାତରେ ଆବଶ୍ୟକ ଶ୍ରେଣୀ ଗୃହର ଅଭାବ ରହିଛି। ମାତ୍ର ୩ଟି ଭଲ ଅବସ୍ଥାରେ ଥିବା ବେଳେ ଅନ୍ୟ ୬ଟି ଶ୍ରେଣୀ ଗୃହ ମରାମତି ଅଭାବରୁ ବ୍ୟବହାରଯୋଗ୍ୟ ହୋଇପାରୁନାହିଁ। ପାଚେରି ଅଭାବରୁ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିମାନେ ଆସି ବିଦ୍ୟାଳୟରେ ଭଙ୍ଗାରୁଜା କରୁଥିବା ଆଲୋଚନା ବେଳେ ଜଣାପଡିଥିଲା। ବିଦ୍ୟାଳୟର ପାଚେରି ନିର୍ମାଣ, ଶ୍ରେଣୀ ଗୃହ ମରାମତି ତଥା ଅନ୍ୟାନ୍ୟ ଆନୁସଙ୍ଗିକ ବିଧି ବ୍ୟବସ୍ଥା ପାଇଁ ଜିଲା ପ୍ରଶାସନ, ଶିକ୍ଷାଧିକାରୀ ତଥା ମ୍ୟୁନିସିପାଲଟି କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେଲେ ଶିକ୍ଷାଦାନ ବ୍ୟବସ୍ଥିତ ହୋଇପାରିବ ବୋଲି ସବ୍‌କମିଟି ସଦସ୍ୟମାନେ କହିଛନ୍ତି।

# ଗୋ ସୁରକ୍ଷା ପାଇଁ ରେଡିୟମଯୁକ୍ତ ସୁରକ୍ଷା ବେଲ୍ଟ



ଇନ୍ଦିରାନଗର ନିକଟ ମୁଖ୍ୟ ରାସ୍ତା ଉପରେ ବୁଲା ଗାଈଗୋରୁଙ୍କୁ ସୁରକ୍ଷା ବେଲ୍ଟ ଲଗାଯାଉଛି।

ବଲାଙ୍ଗୀର,୨୦।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ବୁଲା ଗାଈଗୋରୁଙ୍କ ସୁରକ୍ଷା ପାଇଁ ମହାକାଳ ସେବା ଦଳ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ବୁଧବାର କେତେଜଣ ଯୁବ ସ୍ୱେଚ୍ଛାସେବୀ ବୁଲା ଗାଈଗୋରୁଙ୍କ ବେକରେ ରେଡିୟମଯୁକ୍ତ ସୁରକ୍ଷା ବେଲ୍ଟ ଲଗାଇଥିଲେ। ବଲାଙ୍ଗୀର ସହର ଆରଟିଓ ଅଫିସ ଛକରୁ ନୂଆ ବସ ଟର୍ମିନାଲ, ଇନ୍ଦିରାନଗରରୁ ରାଜୀବନଗର ରାସ୍ତାରେ ବୁଲୁଥିବା ଗାଈଗୋରୁଙ୍କ ବେକରେ ଏହି ରେଡିୟମଯୁକ୍ତ ସୁରକ୍ଷା ବେଲ୍ଟ ଲଗାଇଥିଲେ। ଏହି ବେଲ୍ଟ ଲଗାଇବା ଦ୍ୱାରା ବିଶେଷକରି ରାତିରେ ଯାନବାହନ ଧକ୍କାରୁ ଗୋରୁ ରକ୍ଷା ପାଇପାରିବେ ବୋଲି ସ୍ୱେଚ୍ଛାସେବୀମାନେ କହିଛନ୍ତି। ମହାକାଳ ସେବା ଦଳ ସଭାପତି କରନ୍ କୁମାର, ଆଦିତ୍ୟ ତ୍ରିପାଠୀ, ରାଜ୍ ସାନ୍ତ୍ରା, ଅଭିନାଶ ପଧାନ, ବିଭୂତି ମହାପାତ୍ର, ପିୟୁଷ ପଧାନ, ପ୍ରତୀକ ସେଠ୍, ଅରମାନ୍ ଗୁରୁ, ରୁଦ୍ରାଶିଷ ଷଡଙ୍ଗୀ ଓ ଅନ୍ୟମାନେ ବୁଲା ଗାଈଗୋରୁଙ୍କ ବେକରେ ସୁରକ୍ଷା ବେଲ୍ଟ ଲଗାଇଥିଲେ। ଆଗକୁ ଏହି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆଦିତ୍ୟ ତ୍ରିପାଠୀ କହିଛନ୍ତି।

# ପୂର୍ବତନ ଭିଏଲ୍‌ଡବ୍ଲ୍ୟୁଙ୍କୁ ୨ ବର୍ଷ ଜେଲ, ୨୦ ହଜାର ଜରିମାନା

ବଲାଙ୍ଗୀର,୨୦।୨(ବୀରେନ୍ଦ୍ର କୁମାର ଝାଙ୍କର)

ସରକାରୀ ଯୋଜନା ଅର୍ଥ ତୋଷରପାତ ମାମଲାରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ପୂର୍ବତନ ଭିଏଲ୍‌ଡବ୍ଲ୍ୟୁ ବିହାରୀଲାଲ ବାରିକଙ୍କୁ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ମଳୟ ରଞ୍ଜନ ଦାସ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟରେ ଦୁଇ ମାସ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ଆଦେଶ କରିଥିବା ଜଣାପଡିଛି। ସୂଚନା ମୁତାବକ, ୨୦୦୨ରୁ ୨୦୦୭ ମସିହା ପର୍ଯ୍ୟନ୍ତ ଦେଓଗାଁ ବ୍ଲକରେ ଭିଏଲଡବ୍ଲୁ ଥିବା ବେଳେ ବିଭିନ୍ନ ସରକାରୀ ଯୋଜନାରେ ଗରିବ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରାୟ ୬ ଶହ କୁଇଣ୍ଟାଲ ଚାଉଳ ତୋଷାରପାତ କରିଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଅଭିଯୁକ୍ତ ଭିଏଲଡବ୍ଲୁ ବାରିକଙ୍କ ବିରୋଧରେ ଭ୍ରଷ୍ଟାଚାର ନିରୋଧ ଆଇନ ୧୯୮୮ ଅନୁଯାୟୀ ଧାରା ୧୩ (୨), ୧୩ (୧) (ଗ) ଓ ଭାରତୀୟ ଦଣ୍ଡ ସଂହିତାର ଧାରା ୪୦୯ ଅନୁଯାୟୀ ମକଦ୍ଦମା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଦାସ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଭିଜିଲାନ୍ସ ପକ୍ଷରୁ ସରକାରୀ ଓକିଲ ଜୟକୃଷ୍ଣ ସାହୁ ମାମଲା ପରିଚାଳନା କରିଥିଲେ। ତତ୍କାଳୀନ ଭିଜିଲାନ୍ସ ଡିଏସ୍‌ପି ଲକ୍ଷ୍ମଣ କୁମାର ଜାଲ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ।

# ରିନବଚନ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଙ୍କ ସହ ଶିଶୁ କଳାକାର ।

ବଲାଙ୍ଗୀର,୨୦।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ରିନବଚନ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଭୀମସେନ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଶୋକ କୁମାର ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ବିନୋଦ କୁମାର ଷଡଙ୍ଗୀ ଓ ସ୍କୁଲ ପରିଚାଳନା କମିଟି ସଭାପତି ମାଧବ ଦୀପ ମଞ୍ଚାସୀନ ଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ କମଳ ଲୋଚନ ସାହୁ ସଭା ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଆକୃତି ପଣ୍ଡା ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍କୁଲର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ପୁରସ୍କୃତ କରିଥିଲେ। ସଭା ପରେ ସ୍କୁଲ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ଗୀତ ପରିବେଷଣ କରିଥିଲେ। ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ତାରାକାନ୍ତ ସାହୁ, ଲୋକନାଥ ଭୋଇ ସହଯୋଗ କରିଥିଲେ।

# ରାସାୟନିକ ସାର ବଦଳରେ ଜୈବିକ ପଦ୍ଧତି ଆପଣାଇବା ଉପରେ ଗୁରୁତ୍ୱ

ଦେଓଗାଁ,୨୦।୨(କୃଷ୍ଣ ପ୍ରସାଦ ପାଣିଗାହୀ)

**କୁତୁର୍ଲା ପଞ୍ଚାୟତରେ ଅଗ୍ରଣୀ ଚାଷୀଙ୍କ ବୈଠକ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ବହଲି ନିକଟ ଏକ ଫାର୍ମରେ ସ୍ଥାନୀୟ କୋଶଳୀ ଲୋକନୃତ୍ୟ ଏକାଡେମୀ ଆନୁକୂଲ୍ୟରେ ଅଞ୍ଚଳର ଅଗ୍ରଣୀ ଚାଷୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସଙ୍ଗଠକ ତଥା ଏକାଡେମୀର ସମ୍ପାଦକ ଧରଣୀଧର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୃଷି ବିଶେଷଜ୍ଞ ଭାବେ ରାଜସ୍ଥାନର ଲୋକେଶ ପାଣ୍ଡେ ଯୋଗଦେଇ କହିଥିଲେ, ସୁସ୍ଥ ସମାଜ ଗଠନ ପାଇଁ ନିରନ୍ତର କୃଷିର ଆବଶ୍ୟକତା ରହିଛି। ଏଣୁ ଚାଷୀମାନେ ରାସାୟନିକ ସାର ବଦଳରେ ଜୈବିକ ପଦ୍ଧତିକୁ ଆପଣାଇବା ନିତାନ୍ତ ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଚାଷୀମାନେ କେମିତି କମ ଖର୍ଚ୍ଚରେ ବିଷମୁକ୍ତ ଚାଷ କରିପାରିବେ ସେ ଉପରେ ବିଶଦ ଆଲୋଚନା କରିବା ସହ ବିଭିନ୍ନ ଅର୍କ ପ୍ରସ୍ତୁତି ବିଷୟରେ ଅବଗତ କରିଥିଲେ।ସମ୍ମାନିତ ଅତିଥି ଭାବେ ପୁରୀର ଭାସ୍କର ପାଇକରାୟ ଓ ଆଠଗଡର ବିଷ୍ଣୁଚରଣ ରାଉତ ଯୋଗଦେଇ ଜୈବିକ ଉତ୍ପାଦିତ ସାର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଚାଷ କରୁଥିବା ଯୁବଚାଷୀ ରାଜେଶ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରଞ୍ଜନ ନାଗ , ଚନ୍ଦ୍ରମଣି ବାଗ ପ୍ରମୁଖ ସହଯୋଗ କରିଥିଲେ।



ସଭାରେ ଉପସ୍ଥିତ ଚାଷୀବୃନ୍ଦ।

# କଣ୍ଟାବାଞ୍ଜି ସେମି ଫାଇନାଲକୁ ଉନ୍ନୀତ

ଲାଠୋର,୨୦।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଖେଳପଡ଼ିଆରେ ଜୟ ମା' ବସ୍ତ୍ରେନ କ୍ରିକେଟ କ୍ଲବ ସଭାପତି ଲାଏବାନ ସୁନାଙ୍କ ନେତୃତ୍ୱରେ ୧୫ତମ ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଚାଲିଛି । ଗୁରୁବାର ଦିନ ଖେଳରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ,ଏମ୍‌ପି ନୋମିନୀ ସନ୍ତୋଷ ଭଇଁସାଲ,ବେନ୍ଦେର ସରପଞ୍ଚ ସସ୍ମିତା ମାଝୀ,ଏଲଡିଏ ପ୍ରତିଷ୍ଠାତା ଲବ ସୁନା,ସେବା ସମବାୟ ସମିତି ସଭାପତି ଈଶ୍ୱର ଖର୍ସେଲ ଯୋଗ ଦେଇଥିଲେ। ଲାଠୋର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲେ। ଜବାବରେ କଣ୍ଟାବାଞ୍ଜି ଦଳ ୧୩୭ ରନର ପିଛା କରି ୧୪.୧ ଓଭରରେ ୬ ଉଇକେଟ ବିନିମୟରେ ୧୪୨ ରନ କରି ସେମି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅମ୍ପାୟର ପଦ୍ମନ ବିଶି ଏବଂ ବିଭୁ ସାହୁ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ଅମିତ ଭଇଁସାଲ ଏବଂ ଶରତ ହଂସ ଦାୟିତ୍ୱ ତୁଲାଇ ଥିଲେ । ଧାରା ବିବରଣୀ ଅକ୍ରୁର ହାତୀ ଏବଂ ବିଶ୍ୱହରି ନାଗ ପ୍ରଦାନ କରିଥିଲେ । ଏହି ଅବସରରେ କ୍ଲବ ସମ୍ପାଦକ ରବି ସୋନି,ମନୁ ଭଲ୍ଲା,ଭାରତ ଥାପା,ସୁନିଲ ଘିବେଲାଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ କଣ୍ଟାବାଞ୍ଜି ଏବଂ ଲାଠୋର ଦଳର ଖେଳାଳି ।

## ସଂକ୍ଷେପରେ

### ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

ବାଉଁଶୁଣୀ,୨୦।୨(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଁଳାପାଲି ଛକରେ ଗୁରୁବାର ବାଇକ୍ ଓ ସାଇକେଲ ମଧ୍ୟରେ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାଇକେଲ ଆରୋହୀ ଦଶରଥ ମଲ୍ଲିକ। ଏହି ଦୁର୍ଘଟରାରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କୁ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବାଉଁଶୁଣୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ବହିରା ପଟରୁ ସାଇକେଲ ଯୋଗେ ଅଁଳାପାଲି ଗ୍ରାମର ଦଶରଥ ନିଜ ଘରକୁ ଫେରୁଥିବା ବେଳେ ବୌଦ୍ଧ ପଟରୁ ଭୁଡିଆପାଲି ଗ୍ରାମର ଶୁକଦେବ ଅମାତ ବାଇକ ଯୋଗେ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ସାଇକେଲକୁ ଧକ୍କା ଦେଇଥିଲା। ଖବର ପାଇ ବାଉଁଶୁଣୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୁରୁତରଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦଶରଥଙ୍କୁ ମୃତ ଘୋଷଣା କରିଥିଲେ।

### ରାଇସ୍ ମିଲ୍‌କୁ ନୋଟିସ

କନ୍ଧମାଳ,୨୦।୨(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ କସୁରବନ୍ଧ ପଞ୍ଚାୟତର ପଦ୍ମପୁର ଟାକୁଟା ମୌଜା ନିକଟରେ ରାଇସ୍ ମିଲ୍ ନବକିରଣ ଏଣ୍ଟରପ୍ରାଇଜେସ ଗୋଚର ଜମି ଦଖଲ କରି ମିଲ୍ ଚଲାଉଛି। ଏଭଳି ଅଭିଯୋଗ ହେବା ପରେ ବୌଦ୍ଧ ଅତିରିକ୍ତ ତହସିଲଦାର ପତ୍ର ସଂଖ୍ୟା ୩୦୧ ତା ୧୦।୨।୨୫ରେ ଉକ୍ତ ରାଇସ୍ ମିଲ୍‌କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଉକ୍ତ ରାଇସ୍ ମିଲ୍ ବିନା ଅନୁମତିରେ ୨୯ ଡେସିମିଲ ଗୋଚର ଜମି ଜବରଦଖଲ କରିଥିବା ଅଭିଯୋଗ ହୋଇଛି।

### କଳା, କ୍ରୀଡ଼ା ଶିକ୍ଷକ ସଂଘର ସ୍ମାରକପତ୍ର

ସୋନପୁର,୨୦।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ନିଯୁକ୍ତି ପାଇଥିବା ସାମୟିକ କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ସ୍ମାରକପତ୍ର ପ୍ରଦାନ କରଯାଇଛି। ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ଜରିଆରେ କଳା ଓ କ୍ରାଡା ଶିକ୍ଷକ ସଂଘ ସ୍ମାରକପତ୍ର ପ୍ରଦାନ କରିଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସମଗ୍ର ସାମୟିକ କଳା ଓ କ୍ରୀଡା ପ୍ରଶିକ୍ଷକଙ୍କର ପାର୍ଟ ଟାଇମ ଚାକିରିକୁ ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ପାଇଁ ସେମାନେ ଦାବି କରିଛନ୍ତି । ୨୦୧୩ରୁ କଳା ଓ କ୍ରୀଡା ପ୍ରଶିକ୍ଷକମାନେ ନିଯୁକ୍ତି ପାଇଛନ୍ତି। ଏହି ସାମୟିକ ପ୍ରଶିକ୍ଷକମାନେ ବିଦ୍ୟାଳୟଗୁଡ଼ିକରେ ନିଜର କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରୁଥିବାବେଳେ ଅବହେଳାର ଶିକାର ହୋଇ ଆସୁଛନ୍ତି। ତେଣୁ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ସଂଘ ସମ୍ପାଦକ ଚୌଧୁରୀ ବିଭାର, ସହ ସମ୍ପାଦକ ସଞ୍ଜୟ କୁମାର ସାହୁ, ଶ୍ୟାମସୁନ୍ଦର ମେହେର, ଶ୍ରୀନିବାସ ସାହୁ, ଆଲୋକ ଗହନ, ସୁକାନ୍ତ ମାହାକୁର, ପ୍ରସନ୍ନ ତାଣ୍ଡି, ପ୍ରମୋଦ ନାୟକ, ସୁଜାତା ସାହୁ, ସୁରେନ୍ଦ୍ର ମେହେର, ମିନାକ୍ଷୀ ପଣ୍ଡା, ନିର୍ମଳ ପୋଡ଼, ସୁରେନ୍ଦ୍ର କୁମାର ମେହେର ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଶିକ୍ଷା ଏକ ଅମୂଲ୍ୟ ସମ୍ପଦ

ଡୁଙ୍ଗୁରିପାଲି, ୨୦।୨(ଦୀନବନ୍ଧୁ ସୁନା)



ଡୁଙ୍ଗୁରିପାଲିସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆରୋହଣ-୨୦୨୫**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆରୋହଣ -୨୦୨୫ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କରମଚନ୍ଦ୍ର ବାରିକ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ପଞ୍ଚଶାଖା ଶିକ୍ଷାସେତୁର ସଭାପତି ମକରଧ୍ୱଜ ସାହୁ, ସମାଜସେବୀ ବିପ୍ରଚରଣସାହୁ,ଏବିଓ ବଟକୃଷ୍ଣ ପାଢ଼ୀ, ଏବିଓ ଜଗତ ମଲ୍ଲିକ, ଏବିଓ ଗଞ୍ଜୁଲୁ ମିର୍ଦ୍ଧା, ବିଏମପୁର ପାତାଳି ଶ୍ରୀଜଗନ୍ନାଥ ପ୍ରତନ୍ତ୍ରନର କବି ତଥା ଡିଆରଜି ସଦସ୍ୟ ଡ. ଅନିରୁଦ୍ଧ କୁରକୁରିଆ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବ ବିବରଣୀ ପଠନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରମଚନ୍ଦ୍ର ବାରିକ କରିଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସଭା ପରିଚାଳନା ଶିକ୍ଷୟିତ୍ରୀ ହେମାଙ୍ଗିନୀ ଦାସ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜେପୁର ଯାମପାଲି ଗ୍ରାମର ହାସ୍ୟକବି ହରିଲାଲ ସାହୁ ଯୋଗଦେଇ ଆଜିର ଶିକ୍ଷା ନୀତି, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରଙ୍କ କିପରି ଶିକ୍ଷା ଉପରେ ଧ୍ୟାନ ରହିବା କଥା କହିଥିଲେ। ମୁଖ୍ୟ ଅତିଥି ବିଇଓ କିଷାନ କହିଥିଲେ, ବିଦ୍ୟାଳୟ ଏକ ମଣିଷ ଗଢ଼ା କାରଖାନା। ଏହି କାରଖାନାରେ ପ୍ରତ୍ୟେକ ଶିକ୍ଷୟିତ୍ରୀ, ଶିକ୍ଷକ ସମସ୍ତେ ଜଣେ ଜଣେ ନିପୁଣ କଳାକାର। ଶିକ୍ଷା ଏକ ଅମୂଲ୍ୟ ଧନ। ଯାହାକୁ କିଏ ଚୋରି କରି ନେଇ ନ ପରେ। ବରଂ ଶିକ୍ଷାକୁ ଦାନ କରାଯାଇ ଥାଏ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି ସହ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ପରେ ବିଦ୍ୟାଳୟ ପ୍ରତି ଅତୁଳନୀୟ ଅବଦାନ ପାଇଁ ନାଟ୍ୟକାର ପ୍ରମୋଦ ବର୍ଗତି, ଗୃହରକ୍ଷୀ ଯୋଗେଶ୍ୱର ତରିଆ ଓ ବିଦ୍ୟାଳୟ ସହାୟକ ବିଭୂତି ପଧାନଙ୍କୁ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

କୁଡ଼ାରୀକଟା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥବିର ଦୋରା, ସିଆରସିସି ପ୍ରବୀର ଭୋଇ, ରମେଶଭୋଇ, ନରେନ୍ଦ୍ର ପୁରୋହିତ, ନୀଳକଣ୍ଠ ନାଏକ, ସୁଧାଂଶୁ ସାହୁ, ଶିକ୍ଷୟିତ୍ରୀ ନିରମାମଞ୍ଜରୀ ପଣ୍ଡା, ଚନ୍ଦ୍ରକାନ୍ତି ପଧାନ, ମିନା ପଧାନ, ଶିକ୍ଷକ ଧର୍ମେନ୍ଦ୍ର ହରିପାଳ, ନିର୍ମଳ ପାତ୍ର, ହେମସାଗର ଗଡତିଆ, ଅନିଲ ଅଗ୍ରୱାଲ ସହଯୋଗ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିଲା। ଶେଷରେ ଶିକ୍ଷକ ତିରୁପତି ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୨୦।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲେଇ ଗ୍ରାମପଞ୍ଚାୟତର ଖଜୁରିଆପାଲି ବନ ସୁରକ୍ଷା ସମିତିରେ ବନାଗ୍ନି ନିରାକରଣ ସଚେତନତା ଓ ଶପଥ ପାଠ କାର୍ଯ୍ୟକ୍ରମ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମଋତୁର ଆଗମନରେ ଜଙ୍ଗଲରେ ବିଭିନ୍ନ ସ୍ଥାନରେ ନିଆଁ ଲାଗି ବହୁତ କ୍ଷୟକ୍ଷତି ହେଉଥିବାବେଳେ ବନ୍ୟପ୍ରାଣୀ, ବୃକ୍ଷଲତା ଓ ଔଷଧୀୟ ବୃକ୍ଷଲତା ନଷ୍ଟ ହେଉଛି। ମାଟିର ଉର୍ବରତା ମଧ ହ୍ରାସ ପାଉଛି। ଏହାଫଳରେ ପରିବେଶ ଦିନକୁ ଦିନ ପ୍ରଦୂଷଣ ହୋଇଯାଉଛି। ଚାଷ ଜମିରେ, ଜଙ୍ଗଲରେ ନିଆଁ ନ ଲଗାଇବା, କୌଣସି ସ୍ଥାନରେ ନିଆଁ ଲାଗିଥିବାର ଦେଖିଲେ ତୁରନ୍ତ ଲିଭାଇବା ପାଇଁ ଉଦ୍ୟମ କରିବା ସହ ବନବିଭାଗ କର୍ମଚାରୀଙ୍କୁ ଖବର ଦେବା ପାଇଁ ଟିମ୍ ଲିଡର ସଞ୍ଜିବ କୁମାର ନାଗ ସମସ୍ତଙ୍କୁ ବୁଝାଇବା ସହ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସତ୍ୟଜିତ ଗଡ୍ଡୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବନପାଳ ରଘୁମଣୀ ଭୋଇ ଉଦ୍‌ବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତିର ସଭାପତି କିଶୋର ଗଡ୍ଡୁଆ, କୋଷାଧ୍ୟକ୍ଷ ଗୁପ୍ତେଶ୍ୱର ଦେହେରୀ, କଳ୍ପନା ଦେହେରୀ, ବିଶ୍ୱନାଥ ଗଡ୍ଡୁଆ, କାହ୍ନା ଗଡ୍ଡୁଆଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।


ବନାଗ୍ନି ନିରାକରଣ ପାଇଁ ଶପଥ ପାଠ କରୁଛନ୍ତି।

# କଟକ ସ୍ପୋର୍ଟ୍ସ ହଷ୍ଟେଲ ସେମିରେ


ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ସୋନପୁର,୨୦।୨(ମୃତ୍ୟୁଞ୍ଜୟ ଶତପଥୀ)

**ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ୍**

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୬ତମ ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ପୁଲ୍-ବିର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଝାଡଖଣ୍ଡର ଉମେଶ ବ୍ରଦର୍ସ ଓ କଟକ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷ ପୂର୍ଣ୍ଣ ଥିଲା । ନିର୍ଦ୍ଧାରିତ ସମୟରେ କୌଣସି ଦଳ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ। ଟ୍ରାଇବ୍ରେକରରେ କଟକ ସ୍ପୋର୍ଟ୍ସ ହଷ୍ଟେଲ ଦଳ ଝାଡଖଣ୍ଡକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କଟକର ସଞ୍ଜୟ ହେମ୍ବ୍ରମ୍‌ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଛି। ମ୍ୟାଚ୍‌କୁ ରେଫେରି ସଞ୍ଜିବ୍ କୁମାର ସାହୁ ପରିଚାଳନା କରିଥିବା ବେଳେ ରାଜେଶ ଥନାପତି, ଦିଲ୍ଲିପ କୁମାର ରାଉତ ଓ ଦେବାଶିଷ ବାଗ ସହଯୋଗ କରିଥିଲେ। ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ଓ ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ ଯୋଗଦାନ କରି ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବରେ ଲୋକନାଥ ରଥ, ପ୍ଲାବନ କୁମାର ମହାପାତ୍ର, ଭେଟେରାନ ଫୁଟବଲ ଖେଳାଳି ଗୋରେଖନାଥ ସାହୁ, ବିରଞ୍ଚି ମହାନ୍ତି, ଗୌରିଶ୍ୟମ ପଣ୍ଡା, ଗତିକୃଷ୍ଣ ମିଶ୍ର, ଦିଗମ୍ବର ଶତପଥୀ, ଆଦିତ୍ୟ କିଶୋର ଦାନୀ ଓ ବି ସତ୍ୟ ନାରାୟଣ ରାଓ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିବା ସହ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପ୍ରଭୁଦତ୍ତ କୁମାର ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ପିୟୁଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାକୁ ବିକାଶ ପଣ୍ଡା ସଂଯୋଜନା କରିଥିଲେ। ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଶୁକ୍ରବାର ରାଉରକେଲା ରେଡ ଓ ସୁବର୍ଣ୍ଣପୁର ରାମଧୁନ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

### ଏସ୍‌ଡିପିଓଙ୍କ ସହିତ ଆଲୋଚନା କଲା ମାହେଶ୍ୱରୀ ସେନା, ଜିଲା ଡୁମାଳ ପରିଷଦ

ଅମରପାଲି,୨୦।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡିୟ ପୋଲିସ କାର୍ଯ୍ୟାଳୟରେ ନୂତନ ଭାବରେ ଯୋଗ ଦେଇଥିବା ଏସଡିପିଓ ହେମନ୍ତ ରାଓଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କଲା ସୁବର୍ଣ୍ଣପୁର ଜିଲା ଡୁମାଳ ପରିଷଦ ଓ ମା'ମାହେଶ୍ୱରୀ ସେନା କାର୍ଯ୍ୟ କର୍ତ୍ତା। ନୂତନ ଭାବେ ଯୋଗଦାନ କରିଥିବା ରାଓଙ୍କୁ ପ୍ରଥମେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଆଇନ ଶୃଙ୍ଖଳା ପରିସ୍ଥିତି ଓ ସାଧାରଣ ଜନତାଙ୍କୁ ଆଇନ ଅନୁଯାୟୀ ସହଯୋଗ ପାଇଁ ରାଓଙ୍କୁ ଅନୁରୋଧ କରିଥିଲେ କର୍ମକର୍ତ୍ତା। ଏହି ପ୍ରତିନିଧି ଦଳରେ ଜିଲା ଡୁମାଳ ପରିଷଦର ଉପଦେଷ୍ଟା ମୀନକେତନ ମହାକୁର, ଜିଲା ସଭାପତି ଅଶ୍ୱିନି କୁମାର ମହାକୁର, ମା' ମାହେଶ୍ୱରୀ ସେନାର ସୁଧାଂଶୁ କର୍ଣ୍ଣ, ରାମଶ୍ୱର ଦେହେରି, ଆଲୋକ ଦେହୁରୀ, ଭଗବାନ କର୍ଣ୍ଣ, ଭକ୍ତ ଖେତି, ଭଜମନ ମେଣ୍ଡିଲି, ଆଲୋକ କର୍ଣ୍ଣ, ହରିହର ପଧାନ, ସତ୍ୟବାନ ମହାକୁର, ମଣ୍ଟୁ ପଲତା, ଅଜିତ ମହାକୁର୍ ସାମିଲ ଥିଲେ।

### ଶିକ୍ଷକ ବାପାଙ୍କୁ ଝିଅ ଦେଲେ ମୁଖାଗ୍ନି

କନ୍ଧମାଳ,୨୦।୨(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ପତ୍ରାପାଲି ଗାଁରେ ଗୁରୁବାର ଶିକ୍ଷକ ବାପଙ୍କ ଚିତାରେ ତାଙ୍କ ଝିଅ ମୁଖାଗ୍ନି ଦେଇଛନ୍ତି। ପ୍ରକାଶ ଯେ, ବୁଧବାର ମଧ୍ୟରାତିରେ ଲୋକାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ ଚରଣ ମହାଲିକଙ୍କ ଛାତିରେ ଭୀଷଣ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ସୋନପୁର ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ଡାକ୍ତରଖାନା ପକ୍ଷରୁ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଖବର ପାଇ ଅଡ଼ଶପୁରରେ ହାଇସ୍କୁଲ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ତାଙ୍କ ଝିଅ ଶ୍ୱେତଲୀନା ମହାଲିକ ସେଠାରୁ ଆସି ବାପାଙ୍କ ଚିତାରେ ମୁଖାଗ୍ନି ଦେଇଥିଲେ। ଶିକ୍ଷକଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ


ଭାଲୁଡୁଙ୍ଗୁରୀସ୍ଥିତ ଶୃଙ୍ଗଦର୍ହରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଅବସରରେ ବିଗ୍ରହଙ୍କ ପୂଜାର୍ଚ୍ଚନା।

ଅମରପାଲି, ୨୦।୨(ପୀତାମ୍ବର ସାହୁ)

**ଭାଲୁଡୁଙ୍ଗୁରୀ ଶୃଙ୍ଗଦର୍ହରେ ଚବିଶ ପ୍ରହର ନାମଯଜ୍ଞ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀ ଗ୍ରାମର ଶୃଙ୍ଗଦର୍ହରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ସନ୍ଧ୍ୟାରେ ସମାପନ ହୋଇଯାଇଛି। ଏହା ସହିତ ମନ୍ଦିର ପ୍ରତିଷ୍ଠା ପାଇଁ ହେଉଥିବା ଚବିଶ ପ୍ରହରୀ ନାମଯଜ୍ଞର ମଧ ପୂର୍ଣ୍ଣାହୁତି ପଡ଼ିଛି। ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ହୋଇଥିଲା। ଶୃଙ୍ଗଦର୍ହସ୍ଥିତ ରାଧାବଲ୍ଲଭ ମଠର ମଠାଧିସ ସନତ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କଳସ ଶୋଭାଯାତ୍ରାରେ ଅଞ୍ଚଳର ଶତାଧିକ ମହିଳା ସାମିଲ ହୋଇଥିଲେ। ଏହି ଅବସରରେ ଶୁକ୍ରବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ଏଥିରେ ବୀରମହାରାଜପୁର ବ୍ଲକ ବଡ଼ବର୍ଡାକଟା ଗ୍ରାମର ଅଟଳ ମିଶ୍ର ବ୍ୟାସ ଭାବେ ଯୋଗଦେଇ ସୁନ୍ଦରାକାଣ୍ଡ ପାଠ କରିଥିଲେ। ଦ୍ୱିତୀୟ ଦିବସରୁ ଚବିଶ ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ପାରାୟଣ ମଣ୍ଡପ ସହିତ ନାମ ମଣ୍ଡପ ଓ ଅନ୍ୟସବୁ ମଣ୍ଡପରେ କର୍ତ୍ତା ଭାବେ ଗଜାନନ ସାହୁ ଓ ଉଦିଆଁ ସାହୁ, ପଙ୍କଜ ଧଳ ଓ ପ୍ରମୋଦିନି ଧଳ, ଚୈତନ୍ୟ ସାହୁ ଓ କୁମାରୀ ସାହୁ ଏବଂ ଷଡ଼ାନନ ସାହୁ ସସ୍ତ୍ରୀକ ଏବଂ ପ୍ରଦୀପ କୁମାର ଖେତି ସସ୍ତ୍ରୀକ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିରର ମୁଖ୍ୟ ଗର୍ଭଗୃହରେ ରାଧାକୃଷ୍ଣଙ୍କ ବିଗ୍ରହ ସ୍ଥାପନ କରାଯାଇଥିବାବେଳେ ଚାରି ଦ୍ୱାରରେ ଦ୍ୱାରିକାନାଥ, ରାମେଶ୍ୱରମ, ବଦ୍ରିନାଥ ଓ ଜଗନ୍ନାଥ,ବଳଭଦ୍ର ଓ ଦେବୀ ସୁଭଦ୍ରା, ଦଶବତାର ଓ ପାର୍ଶ୍ୱ ଦେବାଦେବୀଙ୍କ ବିଗ୍ରହ ସ୍ଥାପନ କରାଯାଇଛି।

### ସୁବର୍ଣ୍ଣପୁର ଜିଲା ଭାଜପା ସଭାପତିଙ୍କୁ ସମ୍ବର୍ଦ୍ଧନା

ଡୁଙ୍ଗୁରିପାଲି,୨୦।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ଭାରତୀୟ ଜନତା ପାର୍ଟି(ଭାଜପା)ର ପୂର୍ବତନ ଅନୁସୂଚିତଜାତି ମୋର୍ଚ୍ଚା ଜିଲା ସଭାପତି ଚଉତୁରା ଦୀପ ଓ ତାଙ୍କ ସହିତ ବହୁ ସଂଖ୍ୟାରେ ଭାଜପା କର୍ମୀ ବିଏମ୍‌ପୁର ସ୍ଥିତ ଡାକବଙ୍ଗଳାକୁ ଯାଇ ଗୁରୁବାର ସୁବର୍ଣ୍ଣପୁର ଜିଲା ଭାଜପା ସଭାପତି ବେଣୁଧର ଦାଶଙ୍କୁ ସାକ୍ଷାତ କରିଥିଲେ। ସେଠାରେ ଚଉତୁରା ଦୀପଙ୍କ ସହ ବହୁ କର୍ମୀ ଜିଲା ସଭାପତି ଦାଶଙ୍କୁ ଫୁଲାତୋଡ଼ା ଓ ଉପଢୌକନ ଦେଇ ସ୍ୱାଗତ ଜଣାଇଥିଲେ। ସରକାରଙ୍କ ଜନହିତକର ଜନକଲ୍ୟାଣ ଯୋଜନାଗୁଡ଼ିକ ଯେପରି ଲୋକେ ପାଇପାରିବେ ସେ


ଜିଲା ସଭାପତି ବେଣୁଧର ଦାଶଙ୍କୁ ଭାଜପା କର୍ମୀମାନେ ଫୁଲତୋଡ଼ା, ଦେଇ ସ୍ୱାଗତ ଜଣାଉଛନ୍ତି।

ଦିଗରେ ଦୃଷ୍ଟି ଦେବା ପାଇଁ କର୍ମୀମାନେ ସଭାପତିଙ୍କୁ ନିବେଦନ କରିଥିଲେ। ବରିଷ୍ଠ ଭାଜପା ନେତା ବେଣୁଧର ଦାଶଙ୍କୁ ଭାଜପା ସରକାର ସୁବର୍ଣ୍ଣପୁର ଜିଲା ଶାଖା ସଭାପତି ଭାବେ ନିଯୁକ୍ତି ଦେଇଥିବାରୁ ଖବର ପାଇ ସୁବର୍ଣ୍ଣପୁରରେ ଭାଜପା କର୍ମକର୍ତ୍ତା ଓ କର୍ମୀ ସମର୍ଥକଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି।

### ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜନ

ଅମରପାଲି,୨୦।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟାସ୍ଥିତ ଡ. ବି ଆର ଆମ୍ବେଡକର ସେବାସଂଘ ଦ୍ୱାରା ବାବା ସାହେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କମିରା ଛକଠାରେ ଥିବା ସେବାସଂଘ କାର୍ଯ୍ୟାଳୟରେ ଶତାଧିକ ସଦସ୍ୟ ଉପସ୍ଥିତି କ୍ରମେ ଅଲେଖ ଧର୍ମାବଲମ୍ବୀଙ୍କ କରକମଳରେ ଭୂମିପୂଜନ କରାଯାଇଥିଲା। ସେବାସଂଘ ସଭାପତି ଧୀମାନ ଗଦାଧର ବାଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ସି,ଏସ୍‌ଟି ଏମପ୍ଲୋଇ ଆସୋସିଏଶନ ବ୍ଲକ ସଭାପତି ଅଭିମନ୍ୟୁ ଲୁହା, ଶିକ୍ଷକ ପଙ୍କଜ ତାଣ୍ଡିଆଙ୍କ ସମେତ ସଂଘର ସଦସ୍ୟ ଉପସ୍ଥିତ ଥିଲେ।

# ବିଜି ସ୍ପୋର୍ଟିଂ, ଗିରାସିଙ୍ଗା ବିଜୟୀ


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

ବାଉଁଶୁଣୀ,୨୦।୨(ଦେବାଶିଷ ନେପାକ)

**ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ବୌଦ୍ଧ ବ୍ଲକ୍ ବହିରା ଖେଳ ପଡିଆରେ ଗୁରୁବାର ଅପରାହ୍ନ ସାଢେ ୪ଟାରେ ତୃତୀୟ ବଜରଙ୍ଗବାଲି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବହିରା ଗ୍ରାମପଞ୍ଚାୟତ ସରପଞ୍ଚ ଯଯାତୀ କେଶରୀ ମହାଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟ ନାରାୟଣ ଷାଣ୍ଢ, ପ୍ରଦୀପ କୁମାର ମେହେର ଯୋଗ ଦେଇଥିଲେ। ଉଦଘାଟନୀ ଦିବସର ପ୍ରଥମ ମ୍ୟାଚ୍ ବିଜି ସ୍ପୋର୍ଟିଂ ଓ ଆଇଟିଆଇ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ବିଜି ସ୍ପୋର୍ଟିଂ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଗିରାସିଙ୍ଗା ଓ ମନୁପାଲି ମଧ୍ୟରେ ହୋଇ ଗିରାସିଙ୍ଗା ବିଜୟୀ ହୋଇଥିଲା। ରେଫରୀ ଅମିତ ନାଏକ, ପ୍ରହଲ୍ଲାଦ ଭୁକ୍ତା ଓ ସତ୍ୟ ଖେଳ ପରିଚାଳନା କରିଥିଲେ। ସ୍ୱଧାୟ ମୁକେଶ ନାଏକ, ଶ୍ରୀତମ ଡାଙ୍ଗ, ଆନନ୍ଦ ଷାଣ୍ଢ, ଚନ୍ଦନ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ। ପରିଚାଳକ ମଣ୍ଟୁ ସାହୁ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# କ୍ରିକେଟ ଖେଳ: ସୋନପୁର ବିସିସି ଚାମ୍ପିୟନ

ତରଭା,୨୦।୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା କ୍ରିକେଟ କ୍ଲବ ଆନୁକୂଲ୍ୟରେ ହାଇସ୍କୁଲ ଖେଳପଡିଆରେ ୫ଦିନ ଧରି ଚାଲିଥିବା କ୍ରିକେଟ ମ୍ୟାଚ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରାଇଜିଂ ଷ୍ଟାର ସମ୍ବଲପୁର ଏବଂ ବିସିସି ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୋନପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ଓଭରରେ ସମସ୍ତ ଉଇକେଟ ହରାଇ ୧୯୨ ରନ ସଂଗ୍ରହ କରିଥିଲା। ରାଇଜିଂ ଷ୍ଟାର ସମ୍ବଲପୁର ଦଳ ନିର୍ଦ୍ଧାରିତ ଓଭରରେ ମାତ୍ର ୮୨ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲେ। ଫାଇନାଲ ମ୍ୟାଚରେ ସୋନପୁର ଦଳ ଚାମ୍ପିୟନ ଆଖ୍ୟା



ତରଭା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

ଅର୍ଜନ କରିଥିଲା। ବିଜେତା ସୋନପୁର ଟିମ୍‌କୁ ୧୦,୦୦୦ ଟଙ୍କାର ଚେକ ଏବଂ ସୁଜାତା ଷଡ଼ଙ୍ଗୀ ମେମୋରିଆଲ ଉଇନର କପ ଓ ରନର ସମ୍ବଲପୁର ଦଳକୁ ପୁରସ୍କାର ବାବଦକୁ ୭,୦୦୦ ହଜାର ଟଙ୍କାର ଚେକ ଏବଂ ସୁଜାତା ଷଡ଼ଙ୍ଗୀ ମେମୋରିଆଲ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ତରଭା କ୍ରିକେଟ କ୍ଲବର ସଭାପତି ଅର୍ଜୁନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତରଭା ପଞ୍ଚାୟତ ସମିତିର ଅଧ୍ୟକ୍ଷ ସରୋଜ କମ୍ପ, ସ୍ୱତନ୍ତ୍ର ଅତିଥି ଭାବରେ ସୁବର୍ଣ୍ଣପୁର ଜିଲା ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ, ସମ୍ମାନିତ ଅତିଥି ଭାବରେ ସହରର ବ୍ୟବସାୟୀ ଗୋପାଳ ଝାରଝାରିଆ, ତରଭା ଓକିଲ ସଂଘର ସମ୍ପାଦକ ସତ୍ୟନାରାୟଣ ନାଏକ, ତରଭା କ୍ରିକେଟ କ୍ଲବର ପ୍ରାକ୍ତନ କ୍ରୀଡାବିତ ତଥା ଏନଏସି କାଉନସିଲର ଆକବର ଅଲ୍ଲୀ ଏବଂ ତରଭା କ୍ରିକେଟ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିବା ସହ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ। ୫ଦିନ ଧରି ଟୁର୍ନାମେଣ୍ଟର ଧାରାବିବରଣୀ ହିରଣ୍ମୟ ପଟ୍ଟନାୟକ, ନସାଦ ମହମ୍ମଦ କରିଥିବାବେଳେ ନବାବ ମହମ୍ମଦ ଧନ୍ୟବାଦ ଦେଇଥିଲେ।


ବିଶ୍ରା ବ୍ଲକ ଅଧୀନ ଖୁଣ୍ଟଗାଁର ଏକ କ୍ଷେତରେ ବାଇଗଣ ଗଦା ହୋଇଛି।


ଅଙ୍କୁରପାଲି ଅଞ୍ଚଳର ଜଣେ ଚାଷୀ କ୍ଷେତରେ ନଷ୍ଟ ହୋଇଥିବା ଟମାଟୋ ଦେଖାଉଛନ୍ତି।

# ଶଢୁଛି ପରିବା, ଚାଷୀଙ୍କୁ ମିଳୁନି ମୂଲ

ରାଉରକେଲା,୨୦ା୨(ଦିନେଶ ମିଶ୍ର)

ରାଉରକେଲା ସହର ସମେତ ବିଭିନ୍ନ ବ୍ଲକ ଅଞ୍ଚଳରେ ଆବଶ୍ୟକ ଶୀତଳ ଭଣ୍ଡାର ନାହିଁ। ଫଳରେ ଚାଷୀମାନଙ୍କ ଉତ୍ପାଦିତ ପନିପରିବା ସଂରକ୍ଷଣ କରାଯାଇପାରୁନାହିଁ। ଗ୍ରାମାଞ୍ଚଳର ଚାଷୀ ରାଉରକେଲା ସହରରେ ନିଜ ପନିପରିବା ବିକ୍ରି କଲା ପରେ ବଳକା ପରିବାକୁ ଘରକୁ ନେବାରେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଫଳରେ ସେମାନେ ହାଟରେ କମ୍ ଦରରେ ବିକ୍ରି କରିବା ସହ ବଳକା ପରିବାକୁ ଫିଙ୍ଗି ଦେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ପରିବା ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଚାଷୀ କ୍ଷେତରୁ ବାଇଗଣ, ଟମାଟୋ ଆଦି ପରିବା ତୋଳୁନାହାନ୍ତି। ଫଳରେ ସେଗୁଡିକ କ୍ଷେତରେ ପଚିସଢି ନ ଷ୍ଟ ହେଉଥିବା ଦେଖିବାକୁ ମିଳିଛି।

ସୁନ୍ଦରଗଡ ଜିଲାର ବିଶ୍ରା, ନୂଆଗାଁ, ଭୋଜପୁର, ଅଙ୍କୁରପାଲି, ଖୁଣ୍ଟଗାଁ, ଲାଠିକଟା, ପସରା, କୁଆଁରମୁଣ୍ଡା, ପ୍ରଧାନପାଲ୍ଲୀ, ମେନ୍‌ମିନ୍, ହାତିବାରୀ, ପୁରୁଣାପାଣି, ବାଲିମୁଣ୍ଡା ଆଦି ଅଞ୍ଚଳରେ ପ୍ରଚୁର ପନିପରିବା ଚାଷ ହେଉଛି। ଏଠାକାର ଚାଷୀମାନେ ପ୍ରତିଦିନ ସହରକୁ ତଟକା ପନିପରିବା ନେଇ ବିକ୍ରି କରିଥାନ୍ତି। ରାଉରକେଲା ସହରକୁ ଏହି ଅଞ୍ଚଳର ଚାଷୀମାନଙ୍କ ଆଗମନ ଯୋଗୁ ବିଭିନ୍ନ ସମୟରେ ସୁଲଭ ମୂଲ୍ୟରେ ପରିବା ମିଳିପାରୁଛି। ଅନ୍ୟପକ୍ଷେ ରାଉରକେଲା ସହରରେ ପ୍ରତି ସପ୍ତାହରେ ଛେଣ୍ଡ ସ୍ଥିତ ଭିଏସ୍ଏସ୍ ମାର୍କେଟରେ ବୁଧବାର ଓ ରବିବାର ହାଟ ଲାଗୁଥିବାବେଳେ ଝିରପାଣି ଅଞ୍ଚଳରେ ଗୁରୁବାର ଓ ସୋମବାର ହାଟ ବସୁଛି। ସେହିଭଳି ସେକ୍ଟର-୧୯ସ୍ଥିତ ମୁଣ୍ଡା ମାର୍କେଟରେ ଶୁକ୍ରବାର ହାଟ ଲାଗୁଥିବାବେଳେ ପାନପୋଷ ଅଞ୍ଚଳରେ ଶୁକ୍ରବାର ଓ ମଙ୍ଗଳବାର ହାଟ ବସୁଛି। ଏହିସବୁ ହାଟରେ ବିଭିନ୍ନ ବ୍ଲକ ଅଞ୍ଚଳର ଚାଷୀମାନେ ପରିବା ବିକ୍ରି କରିସାରିବା ପରେ ବଳକା ପନିପରିବାକୁ ନେବା ଆଣିବାରେ ହଇରାଣ ହେଉଛନ୍ତି। ଜଣେ ଚାଷୀ କୁଇଣ୍ଟାଲ କିମ୍ବା ଦୁଇ କୁଇଣ୍ଟାଲ ପରିବା ବିକ୍ରି କରିବାକୁ ଆଣିଲେ ୧୫ ଶହ ଟଙ୍କା ପର୍ଯ୍ୟନ୍ତ ଲାଭ ପାଉଛନ୍ତି। ମାତ୍ର ପରିବା ବଳକାଗୁଡିକୁ ପୁଣି ଘରକୁ ନେବା ପାଇଁ ଗାଡି ଭଡାରେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ପ୍ରଚାର ପ୍ରସାର ଅଭାବରୁ ରାଉରକେଲାର କେଉଁ ସ୍ଥାନରେ କେତୋଟି ଶୀତଳ ଭଣ୍ଡାର ରହିଛି ଓ ସେଠାରେ ପନିପରିବା ରଖିବା ପାଇଁ କଣ ମୂଲ୍ୟ ରହିଛି ତାହା ଚାଷୀମାନେ ଜାଣିନାହାନ୍ତି। ଅଧିକାଂଶ ସମୟରେ ସେମାନେ ହାଟ ଶେଷ ବେଳକୁ ବହୁ କମ୍ ଦାମ୍‌ରେ ପରିବା ବିକ୍ରି କରିବାକୁ ବାଧ ହେଉଛନ୍ତି। ସହରକୁ ପ୍ରତି ସପ୍ତାହରେ ଯେତିକି ପରିମାଣର ପନିପରିବା ଆସୁଛି ସେଥିରୁ ବଳକା ପରିବାକୁ ସଂରକ୍ଷିତ କରି ରଖିବାକୁ ଆବଶ୍ୟକ ଶୀତଳ ଭଣ୍ଡାର ନାହିଁ। ଫଳରେ ବହୁ ଚାଷୀ ଠିକ୍ ସମୟରେ ନିଜ ଚାଷ ଜମିରୁ ପନିପରିବା ନ ତୋଳିବା ଯୋଗୁ ସେଗୁଡିକ କ୍ଷେତରେ ପଚିସଢି ଯାଉଛି। ସେହିପରି ବ୍ଲକ ଅଞ୍ଚଳରେ ଆବଶ୍ୟକ ଶୀତଳ ଭଣ୍ଡାର ନ ଥିବାରୁ କ୍ଷେତରେ ଟମାଟୋ, ବାଇଗଣ ଆଦି ପରିବା ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ଏ ନେଇ ଆରଏମ୍‌ସି କମିଶନର ତଥା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ବିଭିନ୍ନ ଗ୍ରାମାଞ୍ଚଳରୁ ଆସୁଥିବା ଚାଷୀମାନେ ଶୀତଳଭଣ୍ଡାର ବିଷୟରେ ଅବଗତ ନାହାନ୍ତି। ସେଥିପାଇଁ ବିଭିନ୍ନ ହାଟକୁ ଆସୁଥିବା ଚାଷୀଙ୍କ ଅବଗତି ପାଇଁ ଏସ୍ଏଚ୍‌ଜି ମହିଳାମାନଙ୍କୁ ନିୟୋଜିତ କରାଯାଇଛି। ରାଉରକେଲା ସହରର ପାନପୋଷ ମାର୍କେଟ, ଆମ୍ବାଗାନ, ଫର୍ଟିଲାଇଜର, ଛେଣ୍ଡ ଭିଏସ୍ଏସ୍ ମାର୍କେଟ ଓ ଟ୍ରାଫିକ୍ ଗେଟ୍ ମାର୍କେଟରେ ଶୀତଳଭଣ୍ଡାର ରହିଛି। ଏହି ଶୀତଳଭଣ୍ଡାରରେ କୌଣସି ଚାଷୀ ନିଜ ପରିବାକୁ ସଂରକ୍ଷିତ ରଖିବା ପାଇଁ ଟ୍ରେ ପିଛା ସର୍ବନିମ୍ନ ୨୦ ପଇସା ରଖାଯାଇଛି। ଗୋଟିଏ ଶୀତଳଭଣ୍ଡାରେ ୩୦ ମେଟ୍ରିକ ଟନ୍ ପରିବା ରଖିବା ବ୍ୟବସ୍ଥା କରାଯାଇଛି। ଆଗକୁ କିଭଳି ସହରରେ ଅଧିକାଂଶ ଶୀତଳଭଣ୍ଡାର ହୋଇପାରିବ ସେଥିପ୍ରତି ଆମେ ଖୁବ୍‌ଶୀଘ୍ର ପଦକ୍ଷେପ ନେବୁ ବୋଲି କମିଶନର କୁଲକର୍ଣ୍ଣୀ ସୂଚନା ପ୍ରଦାନ କରିଥିଲେ।

# ଏନ୍‌ଆଇଟିରେ ଆଡ୍‌ଭାନ୍ସଡ ସିରାମିକ୍ସ ପାଠ୍ୟକ୍ରମ ଆରମ୍ଭ

ରାଉରକେଲା, ୨୦ା୨(ସଙ୍ଗୀତା ଜେନା)

ରାଉରକେଲା ଏନ୍‌ଆଇଟିସ୍ଥିତ ସିରାମିକ୍ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ପଣ୍ଡା-ସମାଦ୍ଦାର-ସିହ୍ନା ସ୍ମାରକୀ ପାଞ୍ଚ ଦିନିଆ କ୍ଷୁଦ୍ରକାଳୀନ ପାଠ୍ୟକ୍ରମ 'ଆଇଡେଣ୍ଟିଫିକେଶନ ଆଣ୍ଡ୍ କଣ୍ଟ୍ରୋଲ୍ ଅଫ୍ ଡିଫେକ୍ଟସ୍ ଇନ୍ ପ୍ରି-ଫାୟାର୍ଡ ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ ଆଡ୍‌ଭାନ୍ସଡ ସିରାମିକ୍ସ-ଇଫେକ୍ଟ ଅନ୍ କଷ୍ଟ ଏନର୍ଜି, ଆଣ୍ଡ୍ କାର୍ବନ ଏମିସନ୍(ଆଇସିଡିଆଇଏସି-୨୦୨୫)' ଶୀର୍ଷକ କାର୍ଯ୍ୟକ୍ରମ ଗୁରୁବାର ପୂର୍ବାହ୍ନ ୧୦ଟାରୁ ଭୁବନେଶ୍ୱର ବେହେରା ଅଡ଼ିଟୋରିୟମରେ ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଏହି ପାଠ୍ୟକ୍ରମରେ ଶିକ୍ଷାବିତ୍, ଶିଳ୍ପପତି, ବୈଜ୍ଞାନିକ ଓ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସମେତ ୧୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଦେବାଶିଷ ସରକାର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜଗାଙ୍ଗପୁରସ୍ଥିତ ଆର୍‌ଏଚ୍‌ଆଇ ମ୍ୟାଗ୍ନେସିଟା ଇଣ୍ଡିଆ ରିଫ୍ରାକ୍ଟୋରିଜ୍ ଲିମିଟେଡ୍‌ର ପ୍ଲାଣ୍ଟ ହେଡ୍ ବୀରେନ୍ଦ୍ର ପ୍ରସାଦ ମୁଖ୍ୟ ଅତିଥି, ଫ୍ରିଲାନ୍ସ କନ୍ସଲଟାଣ୍ଟ ଡ. ନିଖିଳ ରଞ୍ଜନ ଭଟ୍ଟାଚାର୍ଯ୍ୟ ଓ ଆଇଆଇଟି ମାଡ୍ରାସର ପ୍ରଫେସର ଅଫ୍ ପ୍ରାକ୍ଟିସ୍ ଡ. ଦେବାଶିଷ ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭରସାଯୋଗ୍ୟ ସିରାମିକ୍ସ ଉତ୍ପାଦନ ଉପରେ ଆଲୋଚନା କରିଥିଲେ। ଏଭଳି ପାଠ୍ୟକ୍ରମରେ ଶିକ୍ଷାବିତ୍ ଓ ଶିଳ୍ପପତି ଏକ ସ୍ଥାୟୀ ଭବିଷ୍ୟତ ହାସଲ ଉପରେ ଗୁରୁତ୍ୱ ଦେଇ ଶିଳ୍ପର ଆବଶ୍ୟକତାକୁ ବୁଝିବା ପାଇଁ ଚିନ୍ତାଧାରା ଆଦାନପ୍ରଦାନ କରିପାରିବେ। ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଏହି ସ୍ୱଳ୍ପକାଳୀନ ପାଠ୍ୟକ୍ରମ ଆୟୋଜନ କରିଥିବାରୁ ଆୟୋଜକ ଦଳକୁ ଅଭିନନ୍ଦନ ଜଣାଇଥିଲେ। ଏଥିରେ ପ୍ରଫେସର ଏସ୍. କେ. ପ୍ରତିହାର (ଡିନ୍, ଏସ୍‌ଆର୍‌ଆଇସିସିଇ, ଏନ୍‌ଆଇଟିଆର୍) ଯୋଗଦେଇ ସିରାମିକ୍ ଉତ୍ପାଦନର ଗୁରୁତ୍ୱପୂର୍ଣ୍ଣ ଦିଗ ଓ ଶିଳ୍ପ ଦକ୍ଷତା ବୃଦ୍ଧି ଏବଂ ପରିବେଶ ସ୍ଥାୟୀତାକୁ ପ୍ରୋତ୍ସାହିତ କରିବାରେ ଏହାର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏହାପରେ ବିଭାଗୀୟ ମୁଖ୍ୟ ପ୍ରଫେସର ରଣାବ୍ରତ ମଜୁମଦାର ସିରାମିକ୍ ଇଞ୍ଜିନିୟରିଂ ବିଭାଗ ଏବଂ ଏଥିରେ ମିଳୁଥିବା ବିଭିନ୍ନ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସ୍ୱଳ୍ପକାଳୀନ ପାଠ୍ୟକ୍ରମ ସିରାମିକ୍ ଇଞ୍ଜିନିୟରିଂ କ୍ଷେତ୍ରରେ ଅଗ୍ରଣୀ ଡ. ଜେ. ଡି. ପଣ୍ଡା, ପ୍ରଫେସର ବି.ଏନ୍. ସମାଦ୍ଦାର ଓ ପ୍ରଫେସର ଆର୍.କେ. ସିହ୍ନାଙ୍କ ଅବଦାନକୁ ସମ୍ମାନିତ କରିବା ପାଇଁ ସମର୍ପିତ ବୋଲି ମୁଖ୍ୟ ସଂଯୋଜକ ପ୍ରଫେସର ଶାନ୍ତନୁ ଭଟ୍ଟାଚାର୍ଯ୍ୟ କହିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଚାଷଜମିରୁ ପାଣିପମ୍ପ ଚୋରି

ବଡ଼ଗାଁ,୨୦ା୨( ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ଥାନା ଅନ୍ତର୍ଗତ ବାଲିପୋଷ ଗ୍ରାମରେ ୪ ଜଣ ଚାଷୀଙ୍କ ଚାଷଜମିରେ ଲାଗିଥିବା ୩ଟି ମୋଟର ପାଣିପମ୍ପ ଗତ ସପ୍ତାହ ଚୋରି ହୋଇଥିଲା। ଏନେଇ ଚାଷୀ ଭୂପାଲ ଚନ୍ଦ୍ର ସା, ଗୌତମ ସା, ଚୈତନ୍ୟ ସା, ଜେନାମଣି ପଟେଲ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ଓଡ଼ିଆ ଭାଷା ବ୍ୟବହାରକୁ ଗୁରୁତ୍ୱ

ରାଉରକେଲା,୨୦ା୨(ଦିନେଶ ମିଶ୍ର)

ସେକ୍ଟର-୩ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ଖଣ୍ଡ ଭବନରେ ଶମ୍ଭୁନାଥ ପରିଡାଙ୍କ ସଭାପତିତ୍ୱରେ ଗୁରୁବାର ଅପରାହ୍ନ ସାଢେ ୫ଟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆମେ ଓଡିଆର କେନ୍ଦ୍ରୀୟ କମିଟି ଅନୁମୋଦନ କ୍ରମେ ରାଉରକେଲାଠାରେ ଏକ ଶାଖା ଖୋଲିବାକୁ ଆଲୋଚନା କରାଯାଇଥିଲା। ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା, ଐତିହ୍ୟ ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି। ତାକୁ ସୁରକ୍ଷା କରିବା ଓ ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର, ଅସ୍ମିତାକୁ ଉଜ୍ଜୀବିତ କରିବା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନ, ବାଣିଜ୍ୟ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହ ନିଜ ଘରେ ଓଡ଼ିଆ ଭାଷା ବ୍ୟବହାର କରିବାକୁ ଗୁରୁତ୍ୱ ଦେବା ପାଇଁ ଆଲୋଚନା କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଡ. ସନାତନ ପ୍ରଧାନ, ଡ. ସମର ମୁଦାଲି, ଅନୀଲ କୁମାର ଦାଶ, ସତ୍ୟାନନ୍ଦ ବେହେରା, ଶମ୍ଭୁନାଥ ପରିଡା, ଶଶଧର ପାତ୍ର, ଚାନ୍ଦମଣି ବେହୁରା, ସୁବ୍ରତ ମଲ୍ଲିକ, ଜଗନ୍ନାଥ ରାଉତ, ଉଗ୍ରସେନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନାପ୍ରଦାନ କରାଯାଉଛି।

# ୨୨ରୁ ସ୍ୱସ୍ତି ସାହିତ୍ୟ ସଂସଦର କବିତାୟନ କାର୍ଯ୍ୟକ୍ରମ

ରାଉରକେଲା, ୨୦ା୨(ଦିନେଶ ମିଶ୍ର)

ରାଉରକେଲା ସହରର ଅନ୍ୟତମ ସାହିତ୍ୟ ଆନୁଷ୍ଠାନ ସ୍ୱସ୍ତି ସାହିତ୍ୟ ସଂସଦର କବିତା ପାଠୋତ୍ସବ ଓ ବନ ବିହାର କାର୍ଯ୍ୟକ୍ରମ 'କବିତାୟନ' ଆସନ୍ତା ୨୨ ଓ ୨୩ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ଇସ୍ପାତ ସାହିତ୍ୟ ସଂସଦ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜୀବ ପାଣି, ବ୍ରଜେନ୍ଦ୍ର ଦାଶ, ଶଙ୍କର ପ୍ରସାଦ ତ୍ରିପାଠୀ, ଡ଼ ଶକ୍ତି ପ୍ରସାଦ ସାମନ୍ତରାୟ, ରାଜକୁମାର ମହାନ୍ତି, ଅଶୋକ କୁମାର ପଟ୍ଟନାୟକ, ନୃସିଂହ ଚରଣ ବିଶ୍ୱାଳ, ବିଜୟ କୁମାର ପାତ୍ର, ଅଙ୍ଗୁରବାଳା ପରିଡ଼ା ପ୍ରମୁଖ ଏ ସମ୍ପର୍କରେ ସୂଚନା ପ୍ରଦାନ କରି କହିଥିଲେ, ଆସନ୍ତା ୨୨ତାରିଖ ପୂର୍ବାହ୍ନ ୧୦ଟା ୪୫ ମିନିଟରେ ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ। ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଶିକ୍ଷାବିତ୍ ପ୍ରଫେସର ପ୍ରଫୁଲ୍ଲ ମହାନ୍ତି, ଅତିଥି ଭାବେ ସାହିତ୍ୟିକ ଦାଶ ବେନହୁର, ବରିଷ୍ଠ କବି ରାମକୃଷ୍ଣ ସାହୁ ବିଭିନ୍ନ ବିଷୟରେ ଆଲୋଚନା କରିବେ। ଅପରାହ୍ନ ସାଢ଼େ ୩ଟା ସମୟରେ ସିଭିକ୍ ସେଣ୍ଟରରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ 'କବିତିକା' ଅନୁଷ୍ଠିତ ହେବ। ଏଥିରେ କବି ବିଷ୍ଣୁ ସାହୁ ଓ ଡ଼ା କୃପାସିନ୍ଧୁ ନାୟକ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତୃତୀୟ ପର୍ଯ୍ୟାୟରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଭାପତି ହରିହର ମିଶ୍ରଙ୍କ ସ୍ମୃତିରେ କବିତାୟନ କାର୍ଯ୍ୟକ୍ରମ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ପ୍ରଫୁଲ୍ଲ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ଦାଶ ବେନହୁର ଯୋଗ ଦେବେ। ୨୩ ତାରିଖରେ ଚତୁର୍ଥ ପର୍ଯ୍ୟାୟ ବନବିହାର କାର୍ଯ୍ୟକ୍ରମ କଟାରୁଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ପଞ୍ଚମ ପର୍ଯ୍ୟାୟରେ କଥା, କବିତା, ସଙ୍ଗୀତ ଓ ସଂଳାପ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଭୂତି ଭୂଷଣ ଦାସ, ସୁଶାନ୍ତ ନାୟକ, ପ୍ରଫୁଲ୍ଲ ସାମଲ, ରଶ୍ମି ସାହୁ, ବବିତା ମହାଳିକ, ଅନିଲ କୁମାର ଦାଶ, ହରିହର ଶତପଥୀ, ଗୌତମ ଦାସ, ପ୍ରକାଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପିଲାଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ସମସ୍ତଙ୍କ ଦାୟିତ୍ୱ

## ବିଶ୍ରା ବ୍ଲକ୍, ଉଦିତନଗର କ୍ଲଷ୍ଟରସ୍ତରୀୟ ନିପୁଣ ମେଳା

ରାଉରକେଲା, ୨୦ା୨(ଦିନେଶ ମିଶ୍ର)

ରାଉରକେଲା ସହର ଡେଲି ମାର୍କେଟରେ ଗୁରୁବାର ସରକାରୀ ଉଚ୍ଚ ବିଦ୍ୟାଳୟ ବିଶ୍ରା ବ୍ଲକ୍ ଓ ଉଦିତନଗର କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ରା ବିଇଓ ସୁପ୍ରଭାତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସତ୍ୟାନନ୍ଦ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରାଥମିକ ସ୍ତରରେ ପିଲାଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି କରିବାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ମାତାପିତାଙ୍କର ମଧ ଦାୟିତ୍ୱ ରହିଛି ବୋଲି ମତ ଦେଇଥିଲେ। ଏବିଇଓ ସତ୍ୟଭାମା ବେହେରା, ଉଦିତ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠି, ବିବେକାନନ୍ଦ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିତ ସାହାଣୀ, ବିଦ୍ୟୁତ୍ କଲୋନୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ସିଂ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତା ଗଡନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ନିପୁଣ ଓଡ଼ିଶା ସଙ୍ଗୀତ ଗାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଯଶୋବନ୍ତୀ ସାହୁ ଶପଥ ପାଠ କରାଇଥିଲେ। ୧୭ଟି କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କରେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ଉପସ୍ଥାପନ କରିବା ସହ ସୃଜନାତ୍ମକଶୀଳ ଷ୍ଟଲରେ ମୁଖା ଓ ଛାୟା କଣ୍ଢେଇ ବ୍ୟବହାର କରି ଅଭିନୟ କରିଥିଲେ। ଏହି ଅବସରରେ ଏଫ୍‌ଏଲ୍‌ଏନ୍ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସିଆର୍‌ସିସି ବିଦ୍ୟୁତ୍‌ପ୍ରଭା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ଦୀପ୍ତିମୟୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।


ନିପୁଣ ମେଳା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ମଞ୍ଚ୍ ଷ୍ଟାର, ବାସନ୍ତୀ ଫାଇଟର 'ବି' ବିଜୟୀ

## ସୌମ୍ୟଜିତ ମେମୋରିଆଲ କ୍ରିକେଟ

ରାଉରକେଲା,୨୦ା୨(ଦିନେଶ ମିଶ୍ର)


ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ରାଉରକେଲା ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ଫାଇଟର୍ସ କ୍ଲବ ପକ୍ଷରୁ ଚାଲିଥିବା ପ୍ରଥମ ସୌମ୍ୟଜିତ ମେମୋରିଆଲ ଟି-୧୨ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଷଷ୍ଠ ଦିବସରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ମଞ୍ଚ୍ ଷ୍ଟାର ଓ ଇଣ୍ଡିଆନ ଗାର୍ମେଣ୍ଟ୍ସ ମଧ୍ୟରେ ଖେଳାଯାଇଥିବା ବେଳେ ଇଣ୍ଡିଆନ ଗାର୍ମେଣ୍ଟ୍ସ ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ମଞ୍ଚ୍ ଷ୍ଟାର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୩୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିକାଶ ବଡାଇକ ୨୧ଟି ବଲ ଖେଳି ସର୍ବାଧିକ ୪୪ ରନ କରିଥିଲା। ଏହି ରନ୍ ଲକ୍ଷ୍ୟ ନେଇ ଇଣ୍ଡିଆନ ଗାର୍ମେଣ୍ଟ୍ସ ଦଳ ୧୦୦ ରନରେ ଅଲଆଉଟ୍ ହୋଇ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ବିକାଶ ବଡାଇକଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ୍ ବାସନ୍ତୀ ଫାଇଟର 'ଏ' ଓ ଫାଇଟର 'ବି' ମଧ୍ୟରେ ଖେଳାଯାଇଥିଲା। ଏଥିରେ ବାସନ୍ତୀ ଫାଇଟର 'ବି' ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା। ଏହି ରନ୍ ଲକ୍ଷ୍ୟ ନେଇ ବାସନ୍ତୀ ଫାଇଟର 'ଏ' ଦଳ ୮୬ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ବାସନ୍ତୀ ଫାଇଟର 'ବି' ଦଳର ସନ୍ତୋଷ ବେହେରା ମାତ୍ର ୧୫ ବଲ ଖେଳି ସର୍ବାଧିକ ୨୩ ରନ୍ କରିବା ସହ ୪ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ଜଗଦୀଶ ସାହୁ ଓ ବାବୁଲି ବେହେରା ମ୍ୟାଚ୍ ପରିଚାଳନା କରିଥିଲେ।

# ନେତୃତ୍ୱ, ପ୍ରବନ୍ଧନ ଉତ୍ପାଦକତା କର୍ମଶାଳା ଆରମ୍ଭ

ରାଉରକେଲା, ୨୦ା୨(ଦିନେଶ ମିଶ୍ର)

ରାଉରକେଲା ଇସ୍ପାତ କାରଖାନାର ବରିଷ୍ଠ ଅଧିକାରୀଙ୍କ ପାଇଁ ଏକ ନେତୃତ୍ୱ ଏବଂ ପ୍ରବନ୍ଧନ ଉତ୍ପାଦକତା ଉପରେ କର୍ମଶାଳା ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରଠାରେ ଗୁରୁବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. ଆର୍. ପଲାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ, ଏସ୍. ପାଲ ଚୌଧୁରୀ ଏବଂ ସେଲ୍‌ର ପୂର୍ବତନ ନିର୍ଦ୍ଦେଶକ ଡ. ଶୋଏବ ଅହମ୍ମଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମେସର୍ସ ଇମ୍ପେଟସ୍ ଏକ୍ସିମ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟାପକ ଆର୍. ଏଲ୍. ଯୋଶେଫ ଏବଂ ଏ. ଯୋଶେଫ ତଥା ଆର୍‌ଏସ୍‌ପିର ବହୁ ସିଜିଏମ୍ ଏବଂ ଏଲ୍‌ଏଣ୍ଡଡି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ସମୁଦାୟ ୨୫ ଜଣ ବରିଷ୍ଠ ଅଧିକାରୀ ଯୋଗ ଦେଇଛନ୍ତି।


କର୍ମଶାଳାରେ ମଞ୍ଚାସୀନ ଅତିଥି।

ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପଲାଇ ତାଙ୍କ ବକ୍ତବ୍ୟରେ କହିଥିଲେ, ପ୍ରତ୍ୟେକ ସଙ୍ଗଠନ ତାର ନେତୃତ୍ୱଙ୍କ ନିଷ୍ପତ୍ତିକୁ ଆଧାର କରି ସଫଳତା ପାଇଥାଏ। ଏହି ଲ୍ୟାମ୍ପ କର୍ମଶାଳା ଆମର ଭବିଷ୍ୟତର ନେତୃତ୍ୱଙ୍କ ମାର୍ଗ ପ୍ରଶସ୍ତ କରିବ ଏବଂ ସେମାନଙ୍କୁ ଆହ୍ୱାନଗୁଡ଼ିକୁ ମୁକାବିଲା କରିବାରେ ସାହାଯ୍ୟ କରିବ। ସେ ଆହୁରି ମଧ୍ୟ କହିଥିଲେ, ଆମର ମାନବ ସମ୍ବଳ ହେଉଛି ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି ଏବଂ ସେମାନଙ୍କ ବିକାଶରେ ଆର୍‌ଏସ୍‌ପି ବିକଶିତ ହେବ। କାର୍ଯ୍ୟକ୍ରମର ଶ୍ରେଷ୍ଠ ଉପଯୋଗ ସହକାରେ ଉତ୍ତମ ନେତୃତ୍ୱ ଭାବେ ଉଭା ହେବା ପାଇଁ ପଲାଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅନିଲ କୁମାର କର୍ମଶାଳାର ପାଠ୍ୟକ୍ରମକୁ ପ୍ରଶଂସା କରିବା ସହିତ ଏହାକୁ ଏକ ସୁସନ୍ତୁଳିତ ଏବଂ ବ୍ୟବହାରିକ ପଦ୍ଧତି ବୋଲି କହିଥିଲେ। ଆମର ବରିଷ୍ଠ ଅଧିକାରୀମାନେ ପୂର୍ବରୁ ଶ୍ରେଷ୍ଠ ରହିଆସିଛନ୍ତି ଏବଂ ଶ୍ରେଷ୍ଠମାନଙ୍କ ମଧ୍ୟରୁ ଶ୍ରେଷ୍ଠତମ ଗଢିବା ଫ୍ୟାକଲ୍ଟି ଦଳ ପାଇଁ ଆହ୍ୱାନ ରହିବ ବୋଲି କୁମାର କହିଥିଲେ। ଡ. ଶୋଏବ ଅହମ୍ମଦଙ୍କ ସମୃଦ୍ଧ ଅଭିଜ୍ଞତାରୁ ସର୍ବୋତ୍ତମ ଅନ୍ତର୍ଦୃଷ୍ଟି ପାଇବା ପାଇଁ କର୍ମଶାଳାକୁ ଅଧିକ ମତବିନିମୟ ଯୁକ୍ତ କରିବାକୁ ଏମ୍. ପି. ସିଂହ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ। ଏପରି ପଦକ୍ଷେପର ଲକ୍ଷ୍ୟ ସଙ୍ଗଠନକୁ ପ୍ରତ୍ୟେକ ଦିଗରେ ଏକ ନମ୍ବର କରିବା ବୋଲି ସେ କହିଥିଲେ। ସେହିପରି ନେତୃତ୍ୱ ଏବଂ ପରିଚାଳନାଗତ ଗୁରୁତ୍ୱ ଉପରେ ଆଲୋକପାତ କରି ପାଲ ଚୌଧୁରୀ କହିଥିଲେ, ଉଭୟ ହେଉଛି ପରିପୂରକ ଏବଂ ଏକ ସଙ୍ଗଠନର ବିକାଶ ପାଇଁ ସେମାନଙ୍କର ପ୍ରଭାବ ବେଶ୍ ମହତ୍ୱପୂର୍ଣ୍ଣ ଅଟେ।

ଡ. ଅହମ୍ମଦ ତାଙ୍କ ଭାଷଣରେ କର୍ମଶାଳାର ମୁଖ୍ୟ ପ୍ରସଙ୍ଗ ସହିତ ଏହି ତିନିଦିନିଆ କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁଗୁଡ଼ିକ ଉପରେ ସଂକ୍ଷେପରେ ବର୍ଣ୍ଣନା କରିଥିଲେ। ବର୍ତ୍ତମାନର ଜଣେ ଲିଡର, ବାସ୍ତବ ଜୀବନ ଅଭିଜ୍ଞତାରୁ ଶିକ୍ଷାଗ୍ରହଣ କରି ଭବିଷ୍ୟତର ଜଣେ ଉତ୍ତମ ଲିଡର ଭାବେ ବିକଶିତ ହୋଇପାରିବ ବୋଲି ସେ କହିଥିଲେ। ଏଚ୍‌ଆର୍-ଏଲ୍‌ଏଣ୍ଡଡି ବିଭାଗର ସିଜିଏମ ପି. କେ. ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ ଏବଂ ଏଲ୍‌ଏଣ୍ଡଡି ବିଭାଗର ଜିଏମ୍ ସୁଶ୍ରୀ ଚୈତାଳି ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଚ୍‌ଆର୍ ଏଲ୍‌ଏଣ୍ଡଡି ବିଭାଗର ଡିଜିଏମ୍ କେ. କେ. ଜୟସ୍ୱାଲ ଏବଂ ଡେପୁଟି ମ୍ୟାନେଜର ଏସ୍. କେ. ଶୁକ୍ଳା ଉଦ୍‌ଘାଟନୀ ସମାରୋହ ପରିଚାଳନା କରିଥିଲେ।

# ରାସ୍ତାରେ ମାଟି, ନିର୍ମାଣ ସାମଗ୍ରୀ


ମୁଦିପଡ଼ା-ଲକ୍ଷ୍ମୀଛକ ରାସ୍ତା ମଝିରେ ରଖାଯାଇଥିବା ମେଶିନ।


ଡ୍ରେନ ନିର୍ମାଣ ପାଇଁ ରାସ୍ତା ଖୋଳା ହୋଇପଡ଼ିଛି।

**ସମ୍ବଲପୁର,୨୦।୨(ଭବାନୀ ଶଙ୍କର ଭୋଇ)**

■ଲକ୍ଷ୍ମୀଛକ-ମୁଦିପଡ଼ା ଛକ ମଧରେ ଡ୍ରେନ ନିର୍ମାଣ ଆଗଉନି

■ଯାତାୟାତରେ ସମସ୍ୟା ଭୋଗୁଛନ୍ତି ସହରବାସୀ

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଲକ୍ଷ୍ମୀଛକରୁ ମୁଦିପଡା ଛକ ପର୍ଯ୍ୟନ୍ତ ଉଭୟ ପଟରେ ଡ୍ରେନ ନିର୍ମାଣ କାମ ଆରମ୍ଭ କରାଯାଇଥିଲା। କିଛିଦିନ କାମ ହେବା ପରେ ପ୍ରାୟ ଏକ ସପ୍ତାହ ହେବ ବନ୍ଦ ରହିଛି। ତେବେ ଡ୍ରେନ ନିର୍ମାଣ ପାଇଁ ଉଭୟ ପଟ ରାସ୍ତାର ମାଟି ଖୋଳି ଦିଆଯାଇଛି। ରାସ୍ତା ଉପରେ ଲୁହାରଡ ବାଇଣ୍ଡିଂ କରାଯାଇ ରଖାଯାଇଛି। ବାଲି ଗେଟି ସବୁ ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ଗଦା କରାଯାଇଛି। ହେଲେ ଠିକାଦାର କାମ କରୁନାହାନ୍ତି କିମ୍ବା ରାସ୍ତାରୁ ନିର୍ମାଣ ସାମଗ୍ରୀ ଏବଂ ମେଶିନ ଆଦି ହଟାଉ ନାହାନ୍ତି। ଯାହାଦ୍ୱାରା ବ୍ୟସ୍ତବହୁଳ ରାସ୍ତାରେ ଲୋକେ ଯିବା ଆସିବାରେ ହଇରାଣ ହେଉଛନ୍ତି।

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଏବେ ଜବରଦଖଲ ଉଚ୍ଛେଦ କାମ ଜାରି ରହିଛି। ଜବରଦଖଲ ହଟିବା ପରେ ରାସ୍ତା ପ୍ରଶସ୍ତିକରଣ କାମ କରାଯାଉଛି। ମହାନଗର ନିଗମର ଅଧିକାଂଶ ରାସ୍ତା ପୂର୍ତ୍ତ ବିଭାଗ ଅଧିନରେ ଥିବା ବେଳେ ଡ୍ରେନ ଏବଂ ରାସ୍ତା ପ୍ରଶସ୍ତିକରଣ କାମ ପୂର୍ତ୍ତ ବିଭାଗ ହାତକୁ ନେଉଛି। ତେବେ ଦୁର୍ଭାଗ୍ୟର ବିଷୟ କୌଣସି ରାସ୍ତାରେ ଡ୍ରେନ ନିର୍ମାଣ କାମ ଶେଷ ହେବା ପୂର୍ବରୁ ଅନ୍ୟ ରାସ୍ତା ଖୋଳା ଆରମ୍ଭ କରାଯାଉଛି। ଠିକାଦାର ଭିନ୍ନ ହୋଇଥିଲେ ବି ସବୁଠି ସମାନ ପରିସ୍ଥିତି। ଅଧାପନ୍ତରିଆ ହୋଇ କାମ ପଡି ରହିଛି। ଲୋକେ ଧୂଳିଧୂଆଁରେ ଯିବା ଆସିବା କରୁଥିଲେ ବି ପୂର୍ତ୍ତବିଭାଗ ଦୃଷ୍ଟି ପକାଉନାହିଁ। ଅନ୍ୟ ଏକ ଘଟଣାକ୍ରମରେ ଭୂତାପଡା ଛକରୁ ଜିଲା ସ୍କୁଲ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପରେ ସେଠାରେ ଡ୍ରେନ ନିର୍ମାଣ ପାଇଁ କାମ ଆରମ୍ଭ ହୋଇଛି। ହେଲେ ଅଡିଟ କାର୍ଯ୍ୟାଳୟ ଆଗରେ ରାସ୍ତା ସଙ୍କୁଚିତ କରାଯାଇ ଡ୍ରେନ ନିର୍ମାଣ କରାଯାଉଛି। ଯାହାଦ୍ୱାରା ରାସ୍ତା ପାର୍ଶ୍ୱ ପୁଣି ଜବରଦଖଲ ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ଏନେଇ ପୂର୍ତ୍ତ ବିଭାଗ ଏସଡିଓ ବିନିତ କୁମାର ଲାକରାଙ୍କୁ ପଚାରିବାରୁ ଡ୍ରେନ ପାଣି ଯିବାର ବ୍ୟବସ୍ଥା ନହେବାରୁ ମୁଦିପଡା ପଟୁ କାମ ଆରମ୍ଭ ହେବ। ସେଥିପାଇଁ କିଛି ଦିନ କାମ ବ୍ୟାଘାତ ହୋଇଥିଲା । ମୁଦିପଡା ପେଟ୍ରୋଲପମ୍ପ ନିକଟରେ ରୋଡ କାଟି କଲଭର୍ଟ ନିର୍ମାଣ ବ୍ୟବସ୍ଥା କରାଯାଉଛି। ଯାହାଦ୍ୱାରା ଡ୍ରେନରେ ପାଣି ସବୁଧାରେ ପ୍ରବାହିତ ହୋଇପାରିବ ଏବଂ ନିର୍ମାଣ କାମ ମଧ୍ୟ କରାଯାଇ ପାରିବ ବୋଲି କହିଛନ୍ତି।

# ଆଜିଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ

**ସମ୍ବଲପୁର,୨୦।୨(ପ୍ରମୋଦ ବହିଦାର)**

**ସମ୍ବଲପୁର ଜୋନ୍‌ରେ ୧,୧୬,୮୨୨ ପରୀକ୍ଷାର୍ଥୀ**

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ବର୍ଷ ୨୦୨୪-୨୫ ମାଟ୍ରିକ୍ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଏହା ଆସନ୍ତା ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ଚଳିତବର୍ଷ ସମ୍ବଲପୁର ସହିତ କଳାହାଣ୍ଡି, ନୂଆପଡ଼ା, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼କୁ ନେଇ ଗଠିତ ସମ୍ବଲପୁର ଜୋନ ଅଧୀନରେ ଥିବା ୨୧୩୪ଟି ବିଦ୍ୟାଳୟର ମୋଟ ୧ ଲକ୍ଷ ୧୬ହଜାର ୮୨୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ୧ଲକ୍ଷ ୧୬ହଜାର ୩୫୬ଜଣ ରେଗୁଲାର, ୩୧୯ ଏକ୍ସ ରେଗୁଲାର, ୧୪୧ଜଣ ପତ୍ରମାଧ୍ୟମ ରେଗୁଲାର ଓ ୬ଜଣ ପତ୍ରମାଧ୍ୟମ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। ମଧ୍ୟମାରେ ୩୫୭ଜଣ, ମୁକ୍ତ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ୭୭୯ ନୂତନ ଓ ୪୧୫ ବ୍ୟାକ ଛାତ୍ରୀଛାତ୍ରଙ୍କୁ ମିଶାଇ ମାଟ୍ ୧୧୯୪ ଜଣ ପରୀକ୍ଷା ଦେବାକୁ ପଞ୍ଜିକୃତ ହୋଇଛନ୍ତି।

ସମ୍ବଲପୁର ଜୋନର ୭୬୬ଟି ପରୀକ୍ଷା କେନ୍ଦ୍ରରେ ହାଇସ୍କୁଲ ସାର୍ଟିଫିକେଟ୍ ମାଟ୍ରିକ୍ ପରୀକ୍ଷା ଆୟୋଜନ କରାଯାଉଥିବା ବେଳେ ୧୩ଟି କେନ୍ଦ୍ରରେ ମଧ୍ୟମା ଓ ୧୪ଟି କେନ୍ଦ୍ରରେ ମୁକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷାକେନ୍ଦ୍ର ଆୟୋଜନ ହୋଇଛି। ସମ୍ବଲପୁର ଜୋନର ୮୮ଟି ନୋଡାଲ କେନ୍ଦ୍ରରୁ ପ୍ରଶ୍ନପତ୍ର ନିକଟରେ ଥିବା ପରୀକ୍ଷା କେନ୍ଦ୍ରକୁ ପ୍ରେରଣ କରାଯିବ। ସୁନ୍ଦରଗଡ଼ରେ ସର୍ବାଧିକ ୨୦ଟି ଓ ଝାରସୁଗୁଡ଼ାରେ ସର୍ବନିମ୍ନ ୪ଟି ନୋଡାଲ କେନ୍ଦ୍ର ଖୋଲାଯାଇଛି। କଳାହାଣ୍ଡିରେ ୧୩ଟି, ନୂଆପଡ଼ାରେ ୫ଟି, ବରଗଡ଼ରେ ୧୨ଟି, ଦେବଗଡ଼ ଓ ସମ୍ବଲପୁରରେ ୬ଟି ଲେଖାଏ, ସୁବର୍ଣ୍ଣପୁରରେ ୭ ଏବଂ ବଲାଙ୍ଗୀରରେ ୧୫ଟି ନୋଡାଲ କେନ୍ଦ୍ର ଖୋଲାଯାଇଛି। ଏଠାରୁ ପଶ୍ନପତ୍ରକୁ ପରୀକ୍ଷା କେନ୍ଦ୍ରକୁ ନେବା ସହ ଉତ୍ତରଖାତାକୁ ପରୀକ୍ଷା କେନ୍ଦ୍ରରୁ ନୋଡାଲ କେନ୍ଦ୍ର ପର୍ଯ୍ୟନ୍ତ ପରିବହନ ପାଇଁ ସମ୍ବଲପୁର ଜୋନରେ ମୋଟ ୧୯୯ଟି ଡେସ୍‌ପାଚ ଦଳଙ୍କୁ ନିୟୋଜିତ କରାଯାଇଛି। ସେଥିମଧ୍ୟରେ ସମ୍ବଲପୁରରେ ୨୦, ବଲାଙ୍ଗୀରରେ ୩୯, ସୁବର୍ଣ୍ଣପୁରରେ ୧୫, କଳାହାଣ୍ଡିରେ ୩୫, ସୁନ୍ଦରଗଡ଼ରେ ୩୭, ବରଗଡ଼ରେ ୨୫, ନୂଆପଡ଼ାରେ ୧୦, ଦେବଗଡ଼ରେ ୮ ଓ ଝାରସୁଗୁଡ଼ାରେ ୧୦ ଟି ଡେସପାଚ ଦଳଙ୍କୁ ନିୟୋଜିତ କରାଯାଇଛି ବୋଲି ସମ୍ବଲପୁର ମାଧ୍ୟମିକ ଶିକ୍ଷା ବୋର୍ଡ ଉପସଚିବ ଲାଲମୋହନ ହାଁସଦା ସୂଚନା ଦେଇଛନ୍ତି।

ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ ପ୍ରଥମ ମାତୃଭାଷା ପରୀକ୍ଷା, ୨୩ରେ ଦ୍ୱିତୀୟ ଭାଷା(ଇଂରାଜୀ), ୨୬ରେ ଗଣିତ, ୨୮ରେ ତୃତୀୟ ଭାଷା, ମାର୍ଚ୍ଚ ୪ରେ ସାଧାରଣ ବିଜ୍ଞାନ ଓ ମାର୍ଚ୍ଚ ୬ରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତିଦିନ ସକାଳ ୯ ଟାରେ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ପରୀକ୍ଷାର୍ଥୀ ସାଢ଼େ ୭ଟାରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବେ। କପି ରୋକିବା ପାଇଁ ଚାରିସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି। ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ରିଅଲ୍-ଟାଇମ୍ କାର୍ଯ୍ୟାବଳୀ ତଦାରଖ କରିବା ପାଇଁ ବୋର୍ଡ ମୁଖ୍ୟାଳୟରେ ଏକ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରାଯାଇଛି। ବୋର୍ଡ ଅଧିକାରୀମାନେ ସିଧାସଳଖ ଉକ୍ତ ନିୟନ୍ତ୍ରଣ କକ୍ଷରୁ ପରୀକ୍ଷା କେନ୍ଦ୍ର ଉପରେ ନଜର ରଖିବ ବୋଲି କହିଛନ୍ତି ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ବୋର୍ଡ ଉପସଚିବ ହାଁସଦା।

# ଶିକାରୀ ଗୁଳିରେ ଶିକାର ପାଇଁ ଯାଇଥିବା ଯୁବକ ଗୁରୁତର

**କୁଚିଣ୍ଡା,୨୦।୨(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଞ୍ଚଳର ଏକ ଜଙ୍ଗଲକୁ ବୁଧବାର ରାତିରେ କେତେକ ଶିକାରି ଶିକାର ପାଇଁ ଯାଇଥିଲେ। ହେଲେ ଶିକାର ପାଇଁ ଯାଇଥିବା ଜଣେ ଯୁବକଙ୍କ ବେକ ଓ ମୁଣ୍ଡରେ ଗୁଳି ବାଜିଛି। ସେ ଏବେ କୁଚିଣ୍ଡା ଉପଖଣ୍ଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆହତ ଯୁବକ ହେଲେ କୁଚିଣ୍ଡା ଥାନା ବୁରୋଡିହି ଗ୍ରାମର ସୁଦର୍ଶନ ସୋରେଙ୍ଗ(୨୫)। ତାଙ୍କୁ କୁନ୍ତରାସ୍ଥିତ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମହୁଲପାଲି ପୋଲିସ କୌଣସି ସୂତ୍ରରୁ ଖବରପାଇ କୁନ୍ତରା ମେଡିକାଲ ଯାଇ ଆହତଙ୍କ ଅବସ୍ଥା ଗୁରୁତର ଥିବା ଦେଖି ତାଙ୍କୁ କୁଚିଣ୍ଡା ମେଡିକାଲ ନେଇ ଭର୍ତ୍ତି କରିଥିଲା। ଏନେଇ ପୋଲିସ ମହୁଲପାଲି ଥାନାରେ ଏକ ମାମଲା ରୁଜୁ କରି ୩ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ତଦନ୍ତ ବ୍ୟାଘାତ ହେବା ଆଶଙ୍କାରେ ସବିଶେଷ ତଥ୍ୟ ଦେବାକୁ ପୋଲିସ ମନା କରିଛି।


ମେଡିକାଲରେ ଚିକିତ୍ସିତ ସୁଦର୍ଶନ ସୋରେଙ୍ଗ।


ବିଜୟ ବାହାଦୁର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚରେ ଅତିଥିଙ୍କ ସହ ଖେଳାଳିମାନେ।

# ସୁନ୍ଦରଗଡ଼ ଜିଲା ୫-୦ଗୋଲରେ ବିଜୟୀ

**ସମ୍ବଲପୁର,୨୦।୨(ବି.ଶଙ୍କର)**

**ବର୍ଷୀୟାନ କ୍ରୀଡ଼ା ସଂଘ ଆୟୋଜିତ ଆନ୍ତଃଜିଲା ଫୁଟ୍‌ବଲ**

ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା(ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୁର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚରେ ସୁନ୍ଦରଗଡ ଜିଲା ଦଳ ବିଜୟୀ ହୋଇଛି। ଏହି ବିଜୟ ସହ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ଗୁରୁବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ସୁନ୍ଦରଗଡ ଓ କୋରାପୁଟ ଜିଲା ମଧ୍ୟରେ ମ୍ୟାଚ ଏକତରଫା ହୋଇଥିଲା। ମ୍ୟାଚ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସୁନ୍ଦରଗଡ଼ର ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଫଳସ୍ୱରୂପ ସୁନ୍ଦରଗଡ ଦଳ ୫-୦ ଗୋଲ ସ୍କୋରରେ ବିଜୟୀ ହୋଇଥିଲା । ମ୍ୟାଚର ୧୩ତମ ମିନିଟରେ ଅଜୟ କିସାନ ଏକ ଗୋଲସ୍କୋର କରିଥିଲେ । ଫଳରେ ଦଳ ୧-୦ ଗୋଲରେ ଅଗ୍ରଣୀ ରହିଥିଲା । ଏହାପରେ ଖେଳାଳିମାନେ ଯୋଜନାବଦ୍ଧ ଭାବେ ବିପକ୍ଷ କୋରାପୁଟ ଗୋଲ ପୋଷ୍ଟ ଉପରେ ତୁହାକୁତୁହା ଆକ୍ରମଣ ଜାରି ରଖିଥିଲେ । ମ୍ୟାଚର ୩୫ ଓ ୪୩ ତମ ମିନିଟରେ ଅଶାନ୍ତ କେରକେଟା ୨ଟି ଏବଂ ଶକ୍ତି କିସାନ ୪୬ ଓ ୮୧ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ । ଖେଳକୁ ରାଜ୍ୟ ସ୍ତରୀୟ ରେଫରୀ ସୁବ୍ରତ ପୁରୋହିତ, ଜିତୁ ପାତ୍ର, ପଞ୍ଚାନନ ପାତ୍ର ଓ ସଲିଲ ବେହେରା ଏବଂ ଅରୁଣ ଭୋଇ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ ସଂଘ ସଭାପତି ଗୋକୁଳ ଦର୍ଜିଙ୍କ ପରିଚାଳନାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ମହାନଗର ନିଗମ ଆୟୁକ୍ତ ବେଦ ଭୂଷଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ଅତିଥି ସ୍ୱାଗତ କରିଥିବା ବେଳେ ସାହେବ ଖମାରୀ ଉଦଘୋଷକ ଥିଲେ ।

# ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକଙ୍କ ସମୀକ୍ଷା

**ରେଢ଼ାଖୋଲ,୨୦।୨(ଅଚ୍ୟୁତାନନ୍ଦ ପୁରୋହିତ)**

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉତ୍ତରାଞ୍ଚଳ ଡିଭିଜନ ଉପନିର୍ଦ୍ଦେଶକ କଲ୍ୟାଣୀ ଦାସ ଗୁରୁବାର ରେଢ଼ାଖୋଲ ଗସ୍ତରେ ଆସିଥିଲେ। ସେ ବିଭାଗ ଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ସୂଚନା କେନ୍ଦ୍ର ଓ ପାଠାଗାର ସମୀକ୍ଷା କରିଥିଲେ। ପୂର୍ବାହ୍ନରେ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟର ବିଭିନ୍ନ ଫାଇଲ ରେଜିଷ୍ଟର ତଦାରଖ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ କାର୍ଯ୍ୟାଳୟର ବିଭିନ୍ନ ସମସ୍ୟା ଉପ ନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ।

# ରୋଷେଇ ପ୍ରତିଯୋଗିତାରେ ୩୬ଏସ୍‌ଏଚ୍‌ଜି

**କୁଚିଣ୍ଡା,୨୦।୨(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କିରାଶାସନ ଗ୍ରାମରେ ବୁଧବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାର୍କ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଅଣଧାନ ଖାଦ୍ୟ ପ୍ରସ୍ତୁତି ଉପରେ ଏକ ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ଅଣଧାନରୁ ଉତ୍ପାଦିତ ଖାଦ୍ୟ ଓ ଏହାର ଉପାଦେୟତା ଉପରେ ବକ୍ତବ୍ୟ ଦେଇଥିଲେ। କୁଚିଣ୍ଡା କୃଷି ଜିଲା ଅଧିକାରୀ ପ୍ରସନ୍ନ ସ୍ୱାଇଁ, କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ଜିଲା ଯୋଜନା ଅଧିକାରୀ ଟଙ୍କଧର ନାଗ,ଏସବିଆଇ ଲିଡ ବ୍ୟାଙ୍କ ମ୍ୟାନେଜର ଦେବକିଶୋର ନାଏକ, ବ୍ଲକ କୃଷି ଅଧିକାରୀ ଦିବ୍ୟସ୍ୱରୂପ ପଣ୍ଡା, ସହକାରୀ କୃଷି ଅଧିକାରୀ ସୁସ୍ମିତା କିରୋ, କୃଷି ବିଶେଷଜ୍ଞ ରଘୁମଣି ହୋତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଗୋଷ୍ଠୀର ମହିଳା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ୩ ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ୩୬ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଅଂଶଗ୍ରହଣ କରିଥିଲେ। ଅଣଧାନ ତଥା ମୁଗ, ବିରି, କୋଳଥ, ମକା, ମାଣ୍ଡିଆ, ଚିନାବାଦାମ, ରାଶି ଓ ବିଭିନ୍ନ ପ୍ରକାର ପନିପରିବାରେ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମରେ କିରାଶାସନ, ସାତକମା, ବିଜାଡ଼ିହି, କୁଲେଇଗଡ଼, ପୁରୁଣାପାଣି, କୁଟୁରାଟୁଆଁ ଗ୍ରାମର ପ୍ରତିନିଧି ଯୋଗଦେଇଥିଲେ। ସାର୍କ ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପଜିଲାପାଳ ଗୌରବମୟ ପ୍ରଧାନ ବକ୍ତବ୍ୟ ରଖୁଛନ୍ତି ।

# ଏମ୍‌ସିଏଲ୍-କନ୍ଧମାଳ ଜିଲା ପ୍ରଶାସନ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର

**ସମ୍ବଲପୁର,୨୦।୨(ବି.ଶଙ୍କର)**

**ସ୍ୱାସ୍ଥ୍ୟସେବା ସୁଦୃଢ଼ ପାଇଁ ୭.୦୨କୋଟି**

କନ୍ଧମାଳ ଜିଲାରେ ସ୍ୱାସ୍ଥ୍ୟସେବା ସୁଦୃଢ଼ ହେବ। ଏନେଇ ମହାନଦୀ କୋଇଲା କମ୍ପାନୀ(ଏମ୍‌ସିଏଲ) ପଦକ୍ଷେପ ଗ୍ରହଣ କରିଛି। ଏମ୍‌ସିଏଲ କନ୍ଧମାଳରେ ଯକ୍ଷ୍ମା ଓ ସିକଲ ସେଲ ପ୍ରଭୃତି ରୋଗର ମୁକାବିଲା କରିବା ସକାଶେ ୭.୦୨ କୋଟିର ଆର୍ଥିକ ସହାୟତା ପ୍ରଦାନ କରିଛି। ଏନେଇ ଏମ୍‌ସିଏଲ ଓ କନ୍ଧମାଳ ଜିଲା ପ୍ରଶାସନ ମଧ୍ୟରେ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏମ୍‌ସିଏଲ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମର ଅଂଶ ଭାବେ ହାତକୁ ନେଇଛି । ଏହି ପଦକ୍ଷେପ ସ୍ୱାସ୍ଥ୍ୟସେବାକୁ ବୃଦ୍ଧି କରିବ ଏବଂ ଜିଲା ବାସିନ୍ଦାଙ୍କ କଲ୍ୟାଣରେ ଉନ୍ନତି ଆଣିବା ପାଇଁ ଲକ୍ଷ୍ୟ ରଖିଛି । ଏମ୍‌ସିଏଲ ଜିଏମ (ସିଏସଆର) ବିଚିତ୍ରାନନ୍ଦ ବେହେରା ଏବଂ କନ୍ଧମାଳର ମୁଖ୍ୟ ଜିଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ପାଢୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। କାର୍ଯ୍ୟକ୍ରମରେ କନ୍ଧମାଳ ଏଡିଏମ୍ ରମେଶ ଚନ୍ଦ୍ର ଜେନ, ଡେପୁଟି ମ୍ୟାନେଜର (ସିଏସଆର) ଅରବିନ୍ଦ ସାହୁ ଉପସ୍ଥିତ ଥିଲେ ।



ଏମ୍‌ସିଏଲ ଅଧିକାରୀ ଓ କନ୍ଧମାଳ ଜିଲା ପ୍ରଶାସନ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହେଉଛି।

# ଅମଳ ପରେ ଜମିରେ ଲଗାଉଛନ୍ତି ନିଆଁ

**କୁଚିଣ୍ଡା, ୨୦।୨(ବିରଞ୍ଚି ଦର୍ଜୀ)**


ଜମିରେ ନିଆଁଲାଗି ଫସଲ ଅମଳ ପରେ ଥିବା ନଡା ପୋଡ଼ି ପାଉଁଶ ହୋଇଯାଇଛି।

■ଲୋକଙ୍କୁ କରାଯାଉନି ସଚେତନ

■ଧୂଆଁ, ତାତିରେ ଲୋକେ ଅତିଷ୍ଠ

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ଅଧିକାଂଶ ଜମିରେ ଧାନ ଅମଳ ପରେ ନିଆଁ ଲଗାଇ ଦିଆଯାଉଛି। ଏଥିଯୋଗୁ ଧୂଆ ଉଡ଼ି ପରିବେଶ ପ୍ରଦୂଷିତ କରୁଛି। ଅପରପକ୍ଷରେ ବାୟୁମଣ୍ଡଳ ଉତ୍ତପ୍ତ ହୋଇ ପ୍ରବଳ ତାତି ଅନୁଭୂତ ହେଉଛି। ସଚେତନତା ଅଭାବରୁ ଏସବୁ କରାଯାଉଥିବା ପରିଲକ୍ଷିତ ହେଉଛି।

ସମ୍ପ୍ରତି ଚାଷୀମାନେ ମେଶିନ ଦ୍ୱାରା ଧାନ ଅମଳ କରୁଥିବାରୁ କ୍ଷେତରେ ନଡ଼ା ପଡି ରହୁଛି। ଏହା ଗୋରୁଙ୍କ ମୁଖ୍ୟ ଆହାର ହୋଇଥିବା ବେଳେ ଜମିରେ ନିଆଁ ଲାଗିବା ଫଳରେ ନଡ଼ା ଓ ଶୁଖିଲା ଘାସପତ୍ର ପୋଡ଼ି ପାଉଁଶ ହୋଇଯାଉଛି। ବହୁ ହେକ୍ଟର ଜମିରେ ଥିବା ନଡ଼ା ପୋଡ଼ି ପାଉଁଶ ହୋଇଯାଉଥିବାରୁ ଗୋରୁଙ୍କ ଚାରଣ ପାଇଁ ସଙ୍କଟ ସୃଷ୍ଟି ହୋଇଛି। କେତେକ ସ୍ଥଳରେ ଖୋଦ୍ ଚାଷୀ ଓ ଅନ୍ୟ କେତେକ ସ୍ଥାନରେ ଦୁର୍ବୃତ୍ତମାନେ ନିଆଁ ଲଗାଇଦେଉଥିବାରୁ ଏବେ ଏହା ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ସକାଳୁ ଜମିରେ ପଡ଼ିଥିବା ଶୁଖିଲା ନଡ଼ା ଓ ଘାସପତ୍ର ଗୋରୁ ଖାଇ ସଞ୍ଜରେ ଗୁହାଳକୁ ଫେରିଥାନ୍ତି। ହେଲେ ନିଆଁ ଲାଗି ନଡ଼ା ଓ ଘାସଲଟା ପୋଡ଼ିଯିବାରେ ଏବେ ସେମାନେ ନିରାଶ ହୋଇ ଏଣେତେଣେ ବୁଲୁଛନ୍ତି। କ୍ଷେତକୁ ଚାହିଁଲେ କେବଳ ପାଉଁଶ ଗଦା ଦେଖିବାକୁ ମିଳୁଛି। ନିଆଁ ଆୟତ୍ତ ପାଇଁ ଲୋକେ ଅଗ୍ନିଶମ ବାହିନୀ ସହାୟତା ନେଉଛନ୍ତି। ତେବେ ଏକାବେଳେ ବିଭିନ୍ନ ଗାଁରେ ନିଆଁ ଲାଗୁଥିବା କାରଣରୁ ଅଗ୍ନିଶମ ସେବାସଂସ୍ଥା ସେବା ଯୋଗାଇବାରେ ବିଫଳ ହେଉଛି। କୁଚିଣ୍ଡା ଉପଖଣ୍ଡ ଏକ କୃଷିପ୍ରଧାନ ଅଞ୍ଚଳ। ଶତ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରକରନ୍ତି। ଏଠାରେ ଜଳସେଚନର କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଖରିଫ ଧାନ ଫସଲ ପରେ ଚାଷୀମାନେ ଜଳଉତ୍ସ ଥିବା ନଈନାଳ, ବନ୍ଧ ପୋଖରୀ ଅଥବା ଗଭୀର ନଳକୂପ ଦ୍ୱାରା କାଁଭାଁ ବିଭିନ୍ନ ପନିପରିବା ଚାଷ କରିଥାନ୍ତି। ପୂର୍ବରୁ ଶ୍ରମିକମାନଙ୍କ ଦ୍ୱାରା ଦା'ରେ ଧାନ କଟା ହେଉଥିବା ଯୋଗୁ ଅମଳରେ ବିଳମ୍ବ ହେଉଥିଲା ଓ କଟା ଧାନକୁ ଚାଷୀ ଘରକୁ ବୋହିଆଣି ଅମଳ କରୁଥିଲା। ମାତ୍ର ଗତ କିଛି ବର୍ଷ ହେବ ମେଶିନ ଦ୍ୱାରା ବିଲରେ ହିଁ ଧାନସବୁ ଅମଳ କରାଯାଉଥିବାରୁ ନଭେମ୍ବର ସୁଦ୍ଧା ବିଲ ଖାଲି ହୋଇ କେବଳ ନଡ଼ା ପଡ଼ିରହୁଛି। ତେଣୁ କୌଣସି କାରଣରୁ ପ୍ରତିବର୍ଷ ଜମିରେ ନିଆଁ ଲାଗୁଥିବା ଏକ ପ୍ରକ୍ରିୟା ପାଲଟିଛି।

**ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ**

ନାକଟିଦେଉଳ,(ବିକ୍ରମାଦିତ୍ୟ ସାହୁ): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ରିଶିଖଣ୍ଡପୁର ଛକରେ ଗୁରୁବାର ରାତି ପ୍ରାୟ ୮ ଟାରେ ଅଜଣା ଗାଡି ଧକ୍କାରେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ରିଶିଖଣ୍ଡପୁର ଗ୍ରାମର ମାଗରା ବାରିକ(୩୫)। ମାଗରା ଅନ୍ୟଜଣଙ୍କ ସହିତ ରିଶିଖଣ୍ଡପୁର ଛକରେ ଠିଆ ହୋଇଥିବା ବେଳେ କିସିଣ୍ଡା ପଟୁଆଡୁ ଆସୁଥିବା ହାଇୱା ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ପୁର୍ଘଟଣା ଘଟାଇ ହାଇୱା ଚାଳକ ଗାଡ଼ି ସହିତ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ମାଗରାଙ୍କୁ ନାକଟିଦେଉଳ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିସିଣ୍ଡା ପୋଲିସ ଏକ ମାମଲା ରୁଜୁ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଯିବ ବୋଲି ପୋଲିସ କହିଛି।

# ଯୁବତୀଙ୍କୁ ଆକ୍ରମଣ କରି ପୁରୁଷ ବନ୍ଧୁ ଗିରଫ

**ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କୁ ଆକ୍ରମଣ ଘଟଣା**

**ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର**

ସମ୍ବଲପୁର,୨୦।୨(ପ୍ରମୋଦ ବହିଦାର)

ବୁର୍ଲା ଭେଟିରିନାରି ଅଟଳ ଛକକୁ ସଂଯୋଗ କରୁଥିବା ଭିଆଇପି ରାସ୍ତାକଡ଼ରୁ ବୁଧବାର ରାତିରେ ରକ୍ତ ଜୁବୁଜୁବୁ ଅବସ୍ଥାରେ ଜଣେ ଯୁବତୀଙ୍କୁ ଉଦ୍ଧାର ଘଟଣାରେ ପୋଲିସ ତାଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ବୁର୍ଲା ସହରର ରାକେଶ ଦାଶ(୫୦)। ସେ ବିବାହିତ ଏବଂ ମହାନଗର ନିଗମରେ ଜଣେ କର୍ମଚାରୀ। ତାଙ୍କ ନିକଟରୁ ଛାତ୍ରୀଙ୍କ ଗାଏବ ଥିବା ମୋବାଇଲ ଫୋନ ସହିତ ଆକ୍ରମଣରେ ବ୍ୟବହୃତ ସିମେଣ୍ଟ ଖଣ୍ଡ ପୋଲିସ ଜବତ କରିଛି। ଅନ୍ୟପକ୍ଷରେ ଛାତ୍ରୀଙ୍କ ଅଧିକ ଚିକିତ୍ସା ପାଇଁ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ମିଳିତ ଖବରଦାତା



ଗିରଫ ଅଭିଯୁକ୍ତ ରାକେଶ।

ସମ୍ମିଳନୀରେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ ଓ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁସାରେ ଆକ୍ରମଣର ଶିକାର ହୋଇଥିବା ଛାତ୍ରୀ ଜଣକ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ ବିଭାଗ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର। ତାଙ୍କ ଘର ବୁର୍ଲା ସହର ଭାରତୀ ଛକ ଅଞ୍ଚଳରେ। ପ୍ରାଥମିକ ତଦନ୍ତରୁ ମିଳିଥିବା ସୂଚନା ଅନୁସାରେ, ଗତ ୨ମାସ ହେଲା ଅଭିଯୁକ୍ତ ରାକେଶଙ୍କ ସହିତ ତାଙ୍କର ସମ୍ପର୍କ ଗଢି ଉଠିଥିଲା। ବୁଧବାର ଅପରାହ୍ନରେ ରାକେଶ ତାଙ୍କୁ ସାକ୍ଷାତ କରିବା ପାଇଁ ମେଟାକାନୀ ମନ୍ଦିର ନିକଟ ପଡ଼ିଆକୁ ଡାକିଥିଲେ। ସେହି ଅନୁସାରେ ପାଡିତା ଆଗୁଆ ଯାଇ ପହଞ୍ଚିଥିଲେ। କିଛି ସମୟ ପରେ ସେଠାରେ ରାକେଶ ପହଞ୍ଚି ଥିଲେ। ଏହି ସମୟରେ ଛାତ୍ରୀ ଜଣକ ମୋବାଇଲରେ କାହା ସହିତ କଥା ହେଉଥିଲେ। କାଳେ ଅନ୍ୟ କୌଣସି ପୁରୁଷଙ୍କ ସହ କଥାବାର୍ତ୍ତା ହେଉଥିବେ ଏହା ତାଙ୍କର ସନ୍ଦେହ ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଏହାକୁ ନେଇ ବଚସା ହୋଇଥିଲା। କ୍ରୋଧିତ ହୋଇ ରାକେଶ ତଳେ ପଡ଼ିଥିବା ଏକ ସିମେଣ୍ଟ ଖଣ୍ଡ ପାଡିତାଙ୍କ ମୁଣ୍ଡରେ ଛେଚି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହୋଇ ସେ ତଳେ ପଡ଼ିଯିବା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଓ ପଥଚାରୀ ବୁର୍ଲା ପୋଲିସକୁ ଖବର ଦେଇଥିଲେ। ବୁର୍ଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭିମ୍ସାରରେ ଭର୍ତ୍ତି କରିଥିଲା। ତେବେ ପୋଲିସ ଉକ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା ବୋଲି ଖବରଦାତା ସମ୍ମିଳନୀରେ ଆଇଜି ଲାଲ କହିଛନ୍ତି। ଅପରପକ୍ଷରେ ପାଡ଼ିତାଙ୍କ ପିତାଙ୍କ ଏତଲା ଆଧାରରେ ବୁର୍ଲା ଥାନାରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୯(୧), ୩(୫)ରେ ଏକ ମାମଲା (ନଂ.୭୨/୨୫) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପାଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଜେଲ ଗଲେ ରସିକିଆ ଡାକ୍ତର

ମାଲକାନଗିରି,୨୦।୨(ଦୁର୍ଯ୍ୟୋଧନ ପାତ୍ର)



ଗିରଫ ଡାକ୍ତର ଅମିତ କୁମାର ସାହୁ।

**ଅନ୍ୟଜଣଙ୍କୁ ବିବାହ ମହଙ୍ଗା ପଡ଼ିଲା**

ଅନ୍ୟଜଣଙ୍କୁ ବିବାହ କରିବା ମହଙ୍ଗା ପଡ଼ିଛି ଜଣେ ରସିକିଆ ଡାକ୍ତରଙ୍କ କ୍ଷେତ୍ରରେ। ଗିରଫ ହୋଇ ଜେଲ ଯାଇଛନ୍ତି। ସେ ହେଲେ ଆୟୁଷ ଡାକ୍ତର ଅମିତ କୁମାର ସାହୁ। ମାଲକାନଗିରି ଜିଲା ମୋଟୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତର ଭାବେ ୨୦୧୯ରୁ ସାହୁ କାର୍ଯ୍ୟ କରୁଥିଲେ। ମୋଟୁ ତହସିଲ କାର୍ଯ୍ୟାଳୟରେ ପିଅନ ଭାବେ ଜଣେ ମହିଳା ସେହି ସମୟରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ କନ୍ୟାଙ୍କ ସହ ପରିଚୟ ହୋଇଥିଲା। ପରେ ସେ ତାଙ୍କ କନ୍ୟାଙ୍କୁ ପ୍ରଲୋଭନ ଦେଖାଇ ବିବାହ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଉଭୟଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇବା ପରେ ଡାକ୍ତର ସାହୁ ଶାରୀରିକ ସମ୍ପର୍କ ରଖିଥିଲେ। ୨୦୨୪ରେ ସାହୁଙ୍କର ମୋଟୁରୁ କୋରୁକୋଣ୍ଡା ବଦଳି ହୋଇଥିଲା। ୨୭।୧୦।୨୪ ତାରିଖରେ ଯୁବତୀ ଜଣକ ଡାକ୍ତର ସାହୁଙ୍କ ନିକଟକୁ ଯାଇ ବିବାହ ପାଇଁ କହିଥିଲେ। କିଛି ଦିନ ଅପେକ୍ଷା କରିବାକୁ ଡାକ୍ତର ସାହୁ ଯୁବତୀଙ୍କୁ କହିଥିଲେ। ପରେ ୩୦।୧୦।୨୪ ରେ ଯୁବତୀଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ସାହୁ ତାଙ୍କ ଘରକୁ ଯାଇ ମଥାରେ ସିନ୍ଦୂର ଲଗାଇଥିଲେ। ପରେ ସାହୁଙ୍କର ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଗୋଛରା ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଥିଲା। ସେଠାରେ ଯୋଗ ଦେଲାପରେ ତାଙ୍କ ମୋବାଇଲ ନମ୍ବର ବଦଳାଇ ଦେଇଥିଲେ। ଫଳରେ ଯୁବତୀ ଜଣକ ସାହୁଙ୍କ ସହ ଆଉ ଯୋଗାଯୋଗ କରିପାରିଲେ ନାହିଁ।

୧୭।୨।୨୫ ତାରିଖରେ ସାହୁଙ୍କର ଅନ୍ୟତ୍ର ବିବାହ ହେଉଥିବା ଯୁବତୀ କୌଣସି ସୂତ୍ରରୁ ଜାଣି ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ମାଲକାନଗିରି ପୋଲିସ ବୁଧବାର ସମ୍ବଲପୁର ଜନମକିରା ଗ୍ରାମକୁ ଯାଇ ସାହୁ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରି ଫେରୁଥିବା ବେଳେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ରାଉରକେଲା ଆର୍‌ୱାଇସିସି ବିଜୟୀ

ସମ୍ବଲପୁର,୨୦।୨(ବି.ଶଙ୍କର)

ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ସର୍ବଭାରତୀୟ ୧୩ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସମ୍ବଲପୁର ସହର ସ୍ଥିତ ହାୱା ମଇଦାନରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ହୀରାକୁଦ ସ୍ଥିତ ହିଣ୍ଡାଲକୋ ସିଏସଆର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା, ଲାୟନ୍ସ କ୍ଲବ ସଭାପତି ନାରାୟଣ ଅଗ୍ରୱାଲ, ଅଭିଷେକ ନାୟକ, ଧନୁପାଲି ସ୍ଥିତ ଏସବିଆଇ ଶାଖା ପରିଚାଳକ ସୁବ୍ରତ ବାଗ, ରେଙ୍ଗାଲି କ୍ରିକେଟ ଆସୋସିଏଶନ ସାଧାରଣ ସମ୍ପାଦକ ବାଇଜେନ ପଣ୍ଡା, ଦେବାଶିଷ ରାୟଗୁରୁ ସମ୍ମାନୀତ ଅତିଥି ଥିଲେ।

ଉଦ୍‌ଘାଟନୀ ମ୍ୟାଚ ରାଉରକେଲା ଆରୱାଇସିସି ଓ ପଶ୍ଚିମବଙ୍ଗ ରାଜ୍ୟର ବିରାଟ ଏକାଡେମୀ ମଧ୍ୟରେ ହୋଇଥିଲା। ରାଉରକେଲା ଦଳ ଟସ୍ ଜିଣି ବିରାଟ ଏକାଡେମୀକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ବିରାଟ ଏକାଡେମୀ ୨୦ ଓଭରରେ ୯ ଉଇକେଟ ହରାଇ ୧୬୫ ରନ କରିଥିଲା। ଦଳର ଅମିତ ୩୯ ବଲରେ ଦ୍ରୁତତମ ୬୦ରନ



ଉଦଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

**ସର୍ବଭାରତୀୟ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ**

କରିଥିଲେ। ଦଳର ଅନ୍ୟତମ ବ୍ୟାଟ୍ସମ୍ୟାନ ଅପସାର ୪୨ଟି ବଲରେ ୫୩ରନ କରିଥିଲେ। ରାଉରକେଲା ବୋଲର ରୋଶନ କୁମାର ଓ ଅମରଜିତ କୁମାର ୩ଟି ଲେଖାଏ ଏବଂ ହ୍ରିତିକ କୁମାର ୧ଟି ଉଇକେଟ ନେଇଥିଲେ। ଜବାବରେ ରାଉରକେଲା ୧୯.୩ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ପରବର୍ତ୍ତୀ ରାଉଣ୍ଡକୁ ଯାଇଛି। ଦଳର ଜ୍ଞାନରଞ୍ଜନ ୧୮ ବଲରେ ୪୨, ସୌମ୍ୟ ଲେଙ୍କା ୨୨ ବଲରେ ୩୩ ରନ କରିଥିଲେ। ବିରାଟ ଏକାଡେମୀର ସଞ୍ଜିବ ବୋଡେକ ଓ ପିଣ୍ଟୁ ବଢ଼େଇ ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ବିଜୟୀ ରାଉରକେଲାର ପିଣ୍ଟୁ ବଢ଼ାଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ଦିଆଯାଇଥିଲା। ଟୁର୍ନାମେଣ୍ଟ ଆୟୋଜକ ଅନୁଷ୍ଠାନ ସଭାପତି ବିକାଶ ମିଶ୍ରଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ସମ୍ପାଦକ ସଞ୍ଜିବ କୁମାର ନାୟକ ସୂଚନା ପ୍ରଦାନ, ଟୁର୍ନାମେଣ୍ଟ ଅଧକ୍ଷ ସଞ୍ଜିବ ପ୍ରସାଦ ଅତିଥି ସ୍ୱାଗତ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଦୀପ ପାଢ଼ୀ, ଉପସଭାପତି ପୱନ ଶର୍ମା ଓ ସୁବ୍ରତ ଦାଶ, ଯୁଗ୍ମସମ୍ପାଦକ ଅନନ୍ତ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ଲୋକୋ ପାଇଲଟଙ୍କ ୩୬ ଘଣ୍ଟିଆ ଅନଶନ

ସମ୍ବଲପୁର,୨୦।୨
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟ ଆଗରେ ଅଖିଳଭାରତୀୟ ଲୋକୋ ରନିଙ୍ଗ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ୩୬ଘଣ୍ଟିଆ ଅନଶନ ଆରମ୍ଭ ହୋଇଛି। ଏଥିରେ ସମ୍ବଲପୁର ରେଳମଣ୍ଡଳ ଅଧୀନରେ କାର୍ଯ୍ୟରତ ଲୋକୋ ପାଇଲଟମାନେ ସାମିଲ ହୋଇଥିଲେ । ସଂଘ ପକ୍ଷରୁ ସ୍ଥାନୀୟ ଦାବିସହ କେନ୍ଦ୍ରୀୟସ୍ତରରେ ୧୨ ଦଫା ଦାବି ପୂରଣ ନେଇ ଏହି ଅନଶନ କରାଯାଇଛି । ଲୋକେ ପାଇଲଟମାନଙ୍କ ଉପରେ ଅତ୍ୟଧିକ ଚାପ ଯୋଗୁ ଅନେକ ସମୟରେ ଭୁଲ ହୋଇ ଧନ ଜୀବନହାନୀ ହେଉଥିବା ସଂଘ ଅଭିଯୋଗ କରିଛି। ଲୋକୋ ପାଇଲଟମାନେ କୌଣସି ମେଶିନ ନୁହନ୍ତି, ସେମାନଙ୍କୁ ମଣିଷ ଭଳି ଉପଯୋଗ କରାଯିବା ଜରୁରୀ ବୋଲି ସଂଘର ସଭାପତି କୁନା ମାରାଣ୍ଡି କହିଛନ୍ତି । ଲୋକେ ପାଇଲଟମାନଙ୍କୁ ରେଳ ଚଳାଚଳ ପାଇଁ ୯ ଘଣ୍ଟିଆ ଡ୍ୟୁଟି ବ୍ୟବସ୍ଥା କରିବା, ଏକା ସମୟରେ ସର୍ବାଧିକ ୧୨୦କିମି ଟ୍ରେନ ଚାଳନା, ଅସୁରକ୍ଷିତ ପରିଚାଳନା ସମ୍ପୂର୍ଣ୍ଣ ବନ୍ଦ, ଚାଳକ ଦଳ ସହ ଲିଙ୍କ ବ୍ୟବସ୍ଥା ଆଦି ୭ ଦଫା ସ୍ଥାନୀୟ ଦାବି ସହ ଲଗାତାର ଦୁଇ ରାତି ଡ୍ୟୁଟି ନଦେବା, ଏକକ ଚାଳକ ବ୍ୟବସ୍ଥା ଉଚ୍ଛେଦ ଆଦି ୧୫ ଦଫା ଦାବି ନେଇ ଏହି ଅନଶନ କରାଯାଉଛି। ଏନେଇ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

**ପୂର୍ବ ତଟ ରେଳପଥ**

**ସମ୍ବଲପୁର – ଅନୁଗୁଳ ଷ୍ଟେସନ ମଧ୍ୟରେ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗକୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା**

ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍‌ରେ ଲିମିଟେଡ ହାଇଟ୍ ସବ୍‌ୱେ (LHS)ର ନିର୍ମାଣ ହୋଇ ସାରିଥିବା କାରଣରୁ ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ ନିମ୍ନଲିଖିତ 'C' ଶ୍ରେଣୀ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍‌କୁ ସଡ଼କ ଯାତାୟାତ ନିମନ୍ତେ ସ୍ଥାୟୀ ରୂପେ ବନ୍ଦ କରି ଦିଆଯିବ । ସଡ଼କ ବ୍ୟବହାରକାରୀ ଦୟାକରି ଏହି ସୂଚନାଟିକୁ ତା.28.02.2025ରିଖ ଠାରୁ ପ୍ରଭାବଯୁକ୍ତ ଭାବେ ଗ୍ରହଣ କରିବେ ।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ ସଂଖ୍ୟା | LCର ରେଳବାଇ କିଲୋମିଟର | ପ୍ରହରୀଯୁକ୍ତ / ପ୍ରହରୀବିହୀନ |
|---|---|---|---|---|
| ସମ୍ବଲପୁର - ଅନୁଗୁଳ | ରେଢ଼ାଖୋଲ - ବାମୁର | ST - 45 | 77/3-4 | ପ୍ରହରୀଯୁକ୍ତ |

ସନ୍ଦର୍ଭ : କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ରାୟଗଡ଼ାଙ୍କ ପତ୍ର ସଂଖ୍ୟା : 1149/Judl, ତା.20.06.2012ରିଖ ଅନୁଯାୟୀ ।

PR-1003/P/24-25 ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ)/ସମ୍ବଲପୁର

# ଯାଞ୍ଚ ପାଇଁ ଇଓଡବ୍ଲ୍ୟୁ ସହାୟତା ନିଆଯିବ:ଏସ୍‌ପି

**ଏମ୍‌ସିଏକ୍ସ ସଂସ୍ଥା ଠକେଇ ମାମଲା**

ସମ୍ବଲପୁର,୨୦।୨(ପ୍ରମୋଦ ବହିଦାର)

ସମ୍ବଲପୁରରେ ଏକ ବଡ଼ଧରଣର ଆର୍ଥିକ ଠକେଇ ନେଇ ଅଭିଯୋଗ ହୋଇଛି। ଏହା ଏକ ଅର୍ଥନୈତିକ ଅପରାଧ ମାମଲା ହୋଇଥିବାରୁ ଏହାର ଯାଞ୍ଚ ପାଇଁ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ର ସହାୟତା ନିଆଯିବ ବୋଲି କହିଛନ୍ତି ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ। ସେ କହିଛନ୍ତି ଯେ, ଦୀର୍ଘଦିନରୁ ଏହି କାରବାର ଚାଲି ଆସୁଥିବା ବେଳେ ଅନେକ ଏଥିରୁ ଲାଭାନ୍ୱିତ ହୋଇଛନ୍ତି। ୨୦୧୪-୧୫ରୁ ଆରମ୍ଭ ହୋଇ ୨୦୨୩ ପର୍ଯ୍ୟନ୍ତ ଲୋକେ ଏହି ସଂସ୍ଥା ସହିତ ଜଡ଼ିତ ରହିଥିଲେ। ତେବେ ବର୍ତ୍ତମାନ ଠକେଇର ସମ୍ମୁଖୀନ ହେବା ପରେ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଏହାର ଯାଞ୍ଚ ସମୟ ସାପେକ୍ଷ। ବିଗତ ଦିନରେ ଏହି ସଂସ୍ଥା ସହ କେତେଜଣ ଜଡ଼ିତ ରହିଛନ୍ତି, କେତେଜଣ ଲାଭାନ୍ୱିତ ହୋଇଛନ୍ତି, କେତେଜଣ ଏଥିରେ ପୁଞ୍ଜିନିବେଶ କରିଛନ୍ତି ସେନେଇ ତଦନ୍ତ କରିବାକୁ ସମୟ ଲାଗିବ। ଏହାବ୍ୟତୀତ ଏହା ଏକ ବଡ଼ ରାଶିର ଠକେଇ ହୋଇଥିବାରୁ ଇଓଡବ୍ଲ୍ୟୁ ବିଶେଷଜ୍ଞଙ୍କ ସହାୟତା ନିଆଯିବ। ସମସ୍ତ ଦିଗକୁ ନେଇ ତଦନ୍ତ ପରେ ଉତ୍ତରାଞ୍ଚଳ ଆଇଜିଙ୍କ ସହ ଆଲୋଚନା କରାଯାଇ ପରପର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଆବଶ୍ୟକ ହେଲେ ତଦନ୍ତ ପାଇଁ ଏହି ମାମଲାକୁ ଇଓଡବ୍ଲ୍ୟୁକୁ ମଧ୍ୟ ଦିଆଯିବ ବୋଲି ଅରକ୍ଷୀ ଅଧୀକ୍ଷକ ଭାମୁ କହିଛନ୍ତି। ତେବେ ପ୍ରାଥମିକ ଭାବେ ଏମ୍‌ସିଏକ୍ସ ସିଟି ନାମରେ ଚାଲିଥିବା ଅନ୍‌ଲାଇନ ଟ୍ରେଡିଂ ଠକେଇ ମାମଲାରେ ଅଭିଯୁକ୍ତ ସନ୍ତୋଷ ଆଚାର୍ଯ୍ୟଙ୍କ ଆକାଉଣ୍ଟ ଯାଞ୍ଚ କରାଯାଉଛି। ତାଙ୍କ ଆକାଉଣ୍ଟରେ କେତେ ଟଙ୍କାର କାରବାର ହୋଇଛି ତାର ହିସାବ ନିଆଯାଉଛି। ତେବେ ତାଙ୍କ ଆକାଉଣ୍ଟରେ ଆର୍ଥିକ ଅନିୟମିତତା ହୋଇଥିବା ସ୍ପଷ୍ଟ ହେଉଛି। ହେଲେ ଏଥିରେ ଏକାକୀ ସନ୍ତୋଷ ଆଚାର୍ଯ୍ୟ ନା ଅନ୍ୟ କେଉଁମାନେ ସାମିଲ ସେନେଇ ମଧ୍ୟ ଯାଞ୍ଚ ଚାଲିଛି ବୋଲି ସେ କହିଛନ୍ତି। ତେବେ ଏନେଇ କ୍ଷତିଗ୍ରସ୍ତ ନିବେଶକାରୀମାନେ ଧନୁପାଲି ଥାନାରେ ମଧ୍ୟ ଅଭିଯୋଗ କରିପାରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ଘଟଣାକୁ ନେଇ ନିବେଶକ ଦେବବ୍ରତ ପାଣିଗ୍ରାହୀ, ରୁଦ୍ରାକ୍ଷ ପ୍ରଧାନ, ଏସ୍‌ଏସ୍ ପଟେଲ, ମିତାଙ୍ଗିନୀ ନାୟକ, ପ୍ରକାଶ ଚନ୍ଦ୍ର ପାଢ଼ୀଙ୍କ ପକ୍ଷରୁ ରବିବାର ଦିଆଯାଇଥିବା ଏତଲା ଆଧାରରେ ଗତ ମଙ୍ଗଳବାର ଧନୁପାଲି ଥାନାରେ ଏକ ମାମଲା( ନଂ.୪୧/୨୫)ରୁଜୁ ହୋଇଛି।

# ହନୋଇରେ ମନୋଜଙ୍କ ସମ୍ବଲପୁରୀ ଚିତ୍ରକଳା

ସମ୍ବଲପୁର,୨୦।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରର ବିଶିଷ୍ଟ ଯୁବ ଚିତ୍ରଶିଳ୍ପୀ ମନୋଜ ଚୌଧୁରୀ ଭିଏତ୍‌ନାମର ହନୋଇଠାରେ ଆୟୋଜିତ ଚିତ୍ର କର୍ମଶାଳାରେ ସାମିଲ ହୋଇଛନ୍ତି। ଏହି କର୍ମଶାଳା ଭିଏତନାମର ପ୍ରତିଷ୍ଠିତ ଚିତ୍ରକଳା ସଂସ୍ଥା ଆର୍ଟହୋମ ପକ୍ଷରୁ ଗତ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ହନୋଇଠାରେ ଆୟୋଜନ କରାଯାଇଥିଲା । ଏହି ଚିତ୍ର କର୍ମଶାଳାରେ କାଜାକିସ୍ଥାନ, ମଙ୍ଗୋଲିଆ, ନେପାଳ ଆଦି ବିଭିନ୍ନ ଦେଶରୁ ପ୍ରତିଷ୍ଠିତ ଯୁବ ଚିତ୍ରଶିଳ୍ପୀଙ୍କୁ ନିମନ୍ତ୍ରଣ କରାଯାଇଥଲା। ଏଥିରେ ଓଡ଼ିଶାରୁ ୪ ଜଣ ଯୁବ ଚିତ୍ରଶିଳ୍ପୀ ସାମିଲ ହୋଇଥିଲେ। ସମ୍ବଲପୁରରୁ ଚିତ୍ରଶିଳ୍ପୀ ମନୋଜ ଚୌଧୁରୀଙ୍କ ସମେତ ବାଲେଶ୍ୱରରୁ ସୁଚିସ୍ମିତା ଘଡେଇ, ଭୁବନେଶ୍ୱରରୁ



ଭିଏତ୍‌ନାମ ଚିତ୍ରଶିଳ୍ପୀଙ୍କ ସହ ମନୋଜ ଚୌଧୁରୀ।

ପ୍ରସନ୍ନ ସ୍ୱାଇଁ, ଜଳେଶ୍ୱରରୁ ମୁକ୍ତିପଦ ନନ୍ଦୀ ସାମିଲ ହୋଇଛନ୍ତି। ଏଥିରେ ବିଭିନ୍ନ ଅଞ୍ଚଳର ଲୋକ ଚିତ୍ରକଳା ଉପରେ କର୍ମଶାଳା ଏବଂ ଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଚିତ୍ରଶିଳ୍ପୀ ମନୋଜ ଚୌଧୁରୀ ସମ୍ବଲପୁରୀ ବାନ୍ଧକଳା ଉପରେ ଚିତ୍ରକଳା ପ୍ରଦର୍ଶନ କରି ଦେଶ ବିଦେଶର ଚିତ୍ରଶିଳ୍ପୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଦର୍ଶନୀ ପରିଦର୍ଶନ ଅବସରରେ ଭିଏତନାମର ପ୍ରତିଷ୍ଠିତ ସିରେମିକ କଳାକାର କୁଏସନ ସମ୍ବଲପୁରୀ ବାନ୍ଧକଳା ଉପରେ ଚିତ୍ରକଳାକୁ ପ୍ରଶଂସା କରିବା ସହିତ ପୁରସ୍କୃତ କରିଥିଲେ। ଚିତ୍ରଶିଳ୍ପୀ ଚୌଧୁରୀ କହିଛନ୍ତି, ବିଭିନ୍ନ ଦେଶରୁ ଆସିଥିବା ଚିତ୍ରଶିଳ୍ପୀମାନେ ନିଜ ଅଞ୍ଚଳର ଚିତ୍ରକଳାରେ ବେଶ ନିପୁଣ। ତେବେ ଏଭଳି କର୍ମଶାଳା ଜରିଆରେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀମାନଙ୍କଠାରୁ ଅନେକ କିଛି ଶିଖିବାର ସୁଯୋଗ ମିଳିପାରିଛି। ଗୁରୁବାର ଏହି କର୍ମଶାଳା ଶେଷ ହେବା ପରେ ମନୋଜ ଶୁକ୍ରବାର ସ୍ୱଦେଶ ଫେରିବା କାର୍ଯ୍ୟକ୍ରମ ରହିଛି।

**ପୂର୍ବ ତଟ ରେଳପଥ**

ନିଲାମ କ୍ୟାଟାଲଗ୍ ନଂ.: SBP-CATG-T-R-25 ତା.11.02.2025ରିଖ

**କ୍ରମ ସଂ. 1 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ସଇଁତଳା ଷ୍ଟେସନ "E" ବର୍ଗ (SFC) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍) ।

**କ୍ରମ ସଂ. 2 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ମହାସମୁନ୍ଦ ଷ୍ଟେସନ "D" ବର୍ଗ (MSMD) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍) ।

**କ୍ରମ ସଂ. 3 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ନୂଆପଡ଼ା ରୋଡ଼୍ ଷ୍ଟେସନ "D" ବର୍ଗ (NPD) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍) ।

**କ୍ରମ ସଂ. 4 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ଝାରସୁଗୁଡ଼ା ରୋଡ଼୍ "E" ବର୍ଗ (JSGR) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍) ।

**କ୍ରମ ସଂ. 5 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ବଡ଼ମାଲ ଷ୍ଟେସନ "D" ବର୍ଗ (BUDM)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍) ।

**କ୍ରମ ସଂ. 6 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ "D" ବର୍ଗ (SBPY) / ପ୍ଲାଟଫର୍ମ-2/3 ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍-ମହିଳା) ।

**କ୍ରମ ସଂ. 7 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ଅତାବିରା ଷ୍ଟେସନ "E" ବର୍ଗ (ATS) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍) ।

**କ୍ରମ ସଂ. 8 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ଝାରସୁଗୁଡ଼ା ରୋଡ଼୍ "E" ବର୍ଗ (JSGR)/ପ୍ଲାଟଫର୍ମ-02 ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ଜେନେରାଲ ମାଇନର ୟୁନିଟ୍) ।

**କ୍ରମ ସଂ. 9 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ବିଷମ କଟକ ଷ୍ଟେସନ "E" ବର୍ଗ (BMCK) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ସ୍ପେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି) ।

**କ୍ରମ ସଂ. 10 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ କୁନାଗଡ଼ ରୋଡ଼୍ ଷ୍ଟେସନ "D" ବର୍ଗ (JNRD) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ସ୍ପେଶାଲ ମାଇନର ୟୁନିଟ୍-ସଂଖ୍ୟାଲଘୁ) ।

**କ୍ରମ ସଂ. 11 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ହରିଶଙ୍କର ରୋଡ଼୍ "D" ବର୍ଗ (HSK) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ସ୍ପେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି-ମହିଳା) ।

**କ୍ରମ ସଂ. 12 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ "D" ବର୍ଗ (SBPY) / ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ରିଫ୍ରେସମେଣ୍ଟ ରୁମ୍ (Refreshment Room) ବ୍ୟବସ୍ଥା (ସ୍ପେଶାଲ ମାଇନର ୟୁନିଟ୍-ଅନ୍ୟାନ୍ୟ ପଛୁଆ ବର୍ଗ) ।

**କ୍ରମ ସଂ. 13 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ "D" ବର୍ଗ (SBPY) / ପ୍ଲାଟଫର୍ମ-02/03 ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ସ୍ପେଶାଲ ମାଇନର ୟୁନିଟ୍-ଅନ୍ୟାନ୍ୟ ପଛୁଆ ବର୍ଗ) ।

**କ୍ରମ ସଂ. 14 – ସମ୍ପତ୍ତିର ବିବରଣୀ :** 05 ବର୍ଷ ନିମନ୍ତେ ବଲାଙ୍ଗୀର ଷ୍ଟେସନ "B" ବର୍ଗ (BLGR) / ପ୍ଲାଟଫର୍ମ-02/03 (ବରଗଡ଼ ଏଣ୍ଡ) ରେଳ ଷ୍ଟେସନ ଠାରେ ଚ଼ ଦୋକାନ (Tea Stall) ବ୍ୟବସ୍ଥା (ସ୍ପେଶାଲ ମାଇନର ୟୁନିଟ୍-ଶାରିରୀକ ଭିନ୍ନକ୍ଷମ) ।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 27.02.2025, 1000 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ) ।

ନିଲାମ ବନ୍ଦ ହେବା ତାରିଖ ଓ ସମୟ : 27.02.2025, 1240 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ) ।

ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର

PR-1004/P/24-25

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର (୧୮୩୯୮)
ସା: ମହାନଦୀ ଭବନ, କଚେରୀ ରୋଡ୍, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ନିକଟ, ପ୍ରଥମ ମହଲା, ପ୍ରଶାସନିକ କାର୍ଯ୍ୟାଳୟ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୧, ଇ-ମେଲ: sbi.18398@sbi.co.in

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୦୩.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ**
ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ
ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୦୭.୦୩.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ କନ୍ଧମାଳ ସ୍ପାଇସେସ୍ ଆଣ୍ଡ ଆଗ୍ରୋ ଫୁଡ୍ସ ପ୍ରଡକ୍ଟ ପ୍ରା. ଲିଃ., ନିର୍ଦ୍ଦେଶକ: ଶ୍ରୀ ସନ୍ତୋଷ ପ୍ରସାଦ ମିଶ୍ର, ସା: ଏମ୍‌ଆଇଜି II-୧୪/୨୪, ବିଡ଼ିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୨୩ / ଜାମିନ୍‌ଦାର: ରାଜେନ୍ଦ୍ର ପ୍ରସାଦ ଚୌଧୁରୀ, ସା: ଗୋଇବନ୍ଧ, ମହାସିଙ୍ଘି, ଭାୟା: କେ. ନୂଆଗାଁ, ବାଲିଗୁଡ଼ା, କନ୍ଧମାଳ-୭୬୨୧୦୩ | ମେସର୍ସ କନ୍ଧମାଳ ସ୍ପାଇସେସ୍ ଆଣ୍ଡ ଆଗ୍ରୋ ଫୁଡ୍ସ ପ୍ରଡକ୍ଟ ପ୍ରା. ଲିଃ., ନିର୍ଦ୍ଦେଶକ: ଶ୍ରୀ ସନ୍ତୋଷ ପ୍ରସାଦ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗୋଇବନ୍ଧ, ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ, ଖାତା ନଂ.: ୨୦/୨୫, ପ୍ଲଟ୍ ନଂ.: ୧୬୩/୧୮୧, କ୍ଷେତ୍ର: ୦.୨୦୦ ହେକ୍ଟର (ଏକର୦.୪୯ ଡିସିମିଲି), କିସମ: ଘରବାରି | ୧୬.୦୧.୨୦୨୫ ପର୍ଯ୍ୟନ୍ତ ସୁଧ ସହିତ ଟ.୯୭,୦୪,୮୫୨.୦୦ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୩.୧୧.୨୦୧୭ | ଟ.୩୩,୪୮,୦୦୦/- / ଟ.୩,୩୪,୮୦୦/- / ଟ.୫୦,୦୦୦/- |

ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ (https://www.baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ support.BAANKNET@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। https://www.baanknet.com ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.baanknet.com
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀମତୀ ପ୍ରମିଳା ଇକ୍କା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୯୭୮୩୫୧୯୯୮ ଏବଂ ସିସିଓ: ଶ୍ରୀ ଦିଲେଶ୍ୱର ମେହେର, ମୋ: ୮୯୧୭୩୮୮୪୦୮

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିଗୁଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା.୦୭.୦୩.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ**
ଗାଡ଼ି ଗୁଡିକ ତନଖି କରିବାର ତାରିଖ ଓ ସମୟ: ୦୩.୦୩.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଗାଡି ଗୁଡ଼ିକର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡ଼ିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଦଧିଚି ରିଏଲ୍ ଇଷ୍ଟେଟ୍ ଆଣ୍ଡ ଡେଭେଲପର ପ୍ରା. ଲିଃ., ନିର୍ଦ୍ଦେଶକମାନେ: ଶ୍ରୀମତୀ ଲକ୍ଷ୍ମୀ ଦଧିଚି ଏବଂ ଶ୍ରୀମତୀ କବିତା ଦଧିଚି, ଶିତଳା ମନ୍ଦିର ଗଳି, ରାଜଗାଙ୍ଗପୁର, ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୭୦୦୧୭ / ଆକାଉଣ୍ଟ ନଂ.: ୪୦୦୮୦୨୨୨୭୩୭, ୪୧୦୩୭୩୩୫୩୦୫ | 1) Ashok Leyland Truck UM4220-6600MM, Regd No.: OD-14Y-3132, Chassis No.: MB1NGKHD0MPJM8319, Engine No.: MJPZ105697, MFG. 2021 | ୧୫.୦୧.୨୦୨୫ ସୁଦ୍ଧା ଟ.୨୨,୧୫,୫୭୫/- + ସେବାବଦ ସୁଧ + ପରବର୍ତ୍ତି ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ | ୧)ଟ.୧୮,୧୩,୦୫୦/- / ଟ.୧,୮୧,୩୦୫/- / ଟ.୧୦,୦୦୦/- |
| | | 2) Maruti Suzuki Swift Dezire, Regd. No.: OD-14A-A0238, Chassis No.: MA3EJKD1S00C96847, Engine No.: K12MN2434009, MFG. 2022 | | ୨)ଟ.୩,୬୭,୯୭୦/- / ଟ.୩୬,୭୯୭/- / ଟ.୧୦,୦୦୦/- |
| | | 3) Maruti Suzuki Swift Dezire, Regd. No.: OD-14A-A0281, Chassis No.: MA3EJKD1S00C97222, Engine No.: K12MN2434367, MFG. 2022 | | ୩)ଟ.୩,୬୭,୯୭୦/- / ଟ.୩୬,୭୯୭/- / ଟ.୧୦,୦୦୦/- |
| | | 4) Maruti Suzuki Swift Dezire, Regd. No.: OD-14Z-8617, Chassis No.: MA3EJKD1S00C96024, Engine No.: K12MN2433184, MFG. 2022 | | ୪)ଟ.୩,୬୭,୯୭୦/- / ଟ.୩୬,୭୯୭/- / ଟ.୧୦,୦୦୦/- |
| | | 5) Maruti Suzuki Swift Dezire, Regd. No.: OD-14A-A0455, Chassis No.: MA3EJKD1S00C97866, Engine No.: K12MN2434897, MFG.2022 | | ୫)ଟ.୩,୬୭,୯୭୦/- / ଟ.୩୬,୭୯୭/- / ଟ.୧୦,୦୦୦/- |
| ୨. | ଋଣଗ୍ରହୀତା: ଶ୍ରୀ ବିକାଶ ଦଧିଚି, ଶିତଳା ମନ୍ଦିର ଗଳି, ରାଜଗାଙ୍ଗପୁର, ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୭୦୦୧୭ / ଆକାଉଣ୍ଟ ନଂ.: ୩୯୦୧୯୩୮୨୧୫୧ | 1) Ashok Leyland Truck ALU3718-6600MM (260") WB (BS IV), Regd No.: OD-14U-0965, Chassis No.: MB1NAKHD0KPDK2553, Engine No.: KDPZ124615, MFG.2019 | ୧୩.୦୧.୨୦୨୫ ସୁଦ୍ଧା ଟ.୨୪,୩୧,୨୬୨/- + ସେବାବଦ ସୁଧ + ପରବର୍ତ୍ତି ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ | ୧)ଟ.୧୧,୬୨,୮୦୦/- / ଟ.୧,୧୬,୨୮୦/- / ଟ.୧୦,୦୦୦/- |
| | | 2) Ashok Leyland Truck UM3718-6600MM, Regd No.: OD-14U-0966, Chassis No.: MB1NAKHD1KPDK2562, Engine No.: KDPZ124617, MFG. 2019 | | ୨)ଟ.୧୧,୩୯,୮୫୦/- / ଟ.୧,୧୩,୯୮୫/- / ଟ.୧୦,୦୦୦/- |

ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ (https://www.baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ support.BAANKNET@psballiance.com କୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। https://www.baanknet.com ୱେବସାଇଟ୍‌ରେ ଗାଡ଼ି ଖୋଜିବାବେଳେ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି। ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରବେ।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍: https://sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.baanknet.com

ଗାଡିଗୁଡିକର ପାର୍କିଂ ୟାର୍ଡ ବିବରଣୀ: ଏମ୍ ବି ଷ୍ଟକ୍ ୟାର୍ଡ, ଜଲଦା, ରାଉରକେଲା

ଗାଡ଼ି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ସିସିଓ: ଶ୍ରୀ ସୁବ୍ରତ ସାହୁ, ମୋ: ୯୫୯୪୦୬୩୪୯୦ ଏବଂ ଶ୍ରୀମତୀ ପ୍ରମିଳା ଇକ୍କା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୯୭୮୩୫୧୯୯୮

ତାରିଖ: ୨୦.୦୨.୨୦୨୫
ସ୍ଥାନ: ସମ୍ବଲପୁର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ସମ୍ବଲପୁର

## ସଂକ୍ଷେପରେ

### ୨ ଦିବ୍ୟାଙ୍ଗ ସନ୍ତାନଙ୍କୁ ଧରି ମା' ଜିଲାପାଳଙ୍କ ଦ୍ୱାରସ୍ଥ

ଖଡ଼ିଆଲ,୨୦।୨ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ୍ ଖୁଦପେଜ ପଞ୍ଚାୟତ ଠକପାଲି ଗ୍ରାମର ଉମକନ୍ତୀ ଭୋଇ ଗୁରୁବାର ୨ ଦିବ୍ୟାଙ୍ଗ ସନ୍ତାନଙ୍କୁ ସାଙ୍ଗରେ ଧରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉମକନ୍ତୀ ଦର୍ଶାଇଥିଲେ, ସ୍ୱାମୀ ଉତ୍ତମ କୁମାର ଭୋଇଙ୍କ ୨୦୧୮ରେ ମୃତ୍ୟୁ ପରେ ୨ ଦିବ୍ୟାଙ୍ଗ ସନ୍ତାନ ଝିଅ ଭାର୍ଗବୀ, ପୁଅ ଘନଶ୍ୟାମଙ୍କ ପ୍ରତିପୋଷଣ ଦାୟିତ୍ୱ ତୁଲାଉଛନ୍ତି। ହେଲେ ସେମାନଙ୍କୁ ଛାଡ଼ି ସେ କାମ କରିବାକୁ ଯାଇପାରୁନାହାନ୍ତି। ୨ ସନ୍ତାନ ଶତ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବାବେଳେ ମାସିକ ଭତ୍ତା ମାତ୍ର ୧୨୦୦ ଟଙ୍କା ଲେଖାଏ ମିଳୁଛି। ହେଲେ ସରକାରଙ୍କ ପକ୍ଷରୁ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରିବା ଧାର୍ଯ୍ୟ ହୋଇଛି। ଜିଲାପାଳ ଏହି ସମସ୍ୟା ଅନୁଧ୍ୟାନ କରି ଆବଶ୍ୟକ ସହାୟତା ସାଙ୍ଗକୁ ଏକ ହ୍ୱିଲ ଚେୟାର ପ୍ରଦାନ କରିଛନ୍ତି।

### ଗ୍ରୀଷ୍ମପ୍ରବାହ ପ୍ରଶମନ ପ୍ରସ୍ତୁତି

ନୂଆପଡ଼ା,୨୦।୨ (ମକାରୁ ବେମାଲ): ଫେବୃଆରୀ ମାସରେ ତାପମାତ୍ରାକୁ ଦୃଷ୍ଟିରେ ରଖି ଜିଲା ଜରୁରିକାଳୀନ ଶାଖା ତରଫରୁ ଜିଲା ଓସ୍ୱାନ ପ୍ରକୋଷ୍ଠରେ ଜିଲାପାଳ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଅତିରିକ୍ତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଯୋଗେଶ୍ୱର ଭୋଇ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଗୁରୁପ୍ରସାଦ ଜେନା, ଜରୁରିକାଳୀନ ଅଧିକାରୀ ଏସ୍.କେ. ନସିମ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ରଏତ ସମସ୍ତ ସ୍ୱାଗତ ଜଣାଇ ଗ୍ରୀଷ୍ମ ପ୍ରବାହକୁ ପ୍ରଶମନ ପାଇଁ ସଜାଗ ରହିବାକୁ ଆହ୍ୱାନ କରିଥିଲେ। ଏହାସହ ପାନୀୟ ଜଳର ଅଭାବ ଉପରେ ମଣ୍ଡଳ ୱାରି ଆଲୋଚନା କରିଥିଲେ। ବନାଗ୍ନି ନିୟନ୍ତ୍ରଣ, ପଶୁପକ୍ଷୀଙ୍କ ସୁରକ୍ଷା, ବିଦ୍ୟୁତ୍ କାଟ, ଗ୍ରୀଷ୍ମକାଳରେ ଯାନବାହନ ଚଳାଚଳ ଇତ୍ୟାଦି ଉପରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧରୁଆ ଜଳଛତ୍ର ପରିଚାଳନା, ଅଂଶୁଘାତଜନିତ ଚିକିତ୍ସା ଓ ମୃତ୍ୟୁ ଅନୁକମ୍ପା ରାଶି ପାଇବା ନିମନ୍ତେ ମିଳିତ ତଦାରଖ ଉପରେ ଅବଗତ କରାଇଥିଲେ। ବୈଠକରେ ସମସ୍ତ ତହସିଲଦାର, ବିଡିଓ ଓ ବ୍ଲକସ୍ତରୀୟ ଅଧିକାରୀ ଆଭାସି ମାଧ୍ୟମରେ ଯୋଡ଼ିହୋଇଥିଲେ।

### ବ୍ଲକସ୍ତରୀୟ ପରାମର୍ଶ ଶିବିର

କଲମପୁର, ୨୦।୨(ଗଣେଶରାମ ବାଗ): କଲମପୁର ପଞ୍ଚାୟତ ସମିତି ଏସ୍‌ଜେଏସ୍‌ୱାଇ ସଭାଗୃହରେ ଗୁରୁବାର ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ ସଂସ୍ଥା ଯୋଗଦାନ କରିଥିଲେ। ବିଶେଷକରି ବେକାର ଯୁବତୀଯୁବକ କିପରି ଓ କେଉଁଠି ଆବେଦନ କରିବେ, କିପରି ତାଲିମ ନେବେ, ଅନୁବନ୍ଧିତ ସଂସ୍ଥାରେ କାମ ପାଇବେ, କ'ଣ ସବୁ ସୁବିଧା ଅଛି ସେ ବିଷୟରେ ତାଲିମଦାତା ପରାମର୍ଶ ଦେଇଥିଲେ। ହେଲେ ପ୍ରଚାରପ୍ରସାର ଅଭାବରୁ ବେକାର ଯୁବତୀଯୁବକ କମ ସଂଖ୍ୟାରେ ଉପସ୍ଥିତ ଥିବା କୁହାଯାଉଛି। ବିପିଏମ୍ ରିଜାଆନୁସ ଏକ୍କାଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଡିଓ ବିଜୟ ମାଣ୍ଡାଙ୍ଗି ଉପସ୍ଥିତ ଥିଲେ।

# ଗୋଟିଏ କାନ୍ଥରେ ୩ ସୂଚନା ଫଳକ

ଭବାନୀପାଟଣା/ଜୁନାଗଡ଼,୨୦।୨ (ଉତ୍ତମ କୁମାର ଦାଶ/ସୁନିଲ କୁମାର ସିଂହ)



ଗୋଟିଏ କାନ୍ଥରେ ଲଗାଯାଇଥିବା ୩ ସୂଚନା ଫଳକ।

**ଚର୍ଚ୍ଚାରେ ହାବସପୁର ପଞ୍ଚାୟତ**
- ୨ ସୂଚନା ଫଳକର କାର୍ଯ୍ୟ ଅନ୍ୟ ପଞ୍ଚାୟତର
- କାର୍ଯ୍ୟ ଆରମ୍ଭ, ଶେଷ ତାରିଖ ଉଲ୍ଲେଖ ନାହିଁ

କଳାହାଣ୍ଡି ଜିଲା ହାବସପୁର ଗ୍ରାମରେ ଥିବା ଏକ ଘର କାନ୍ଥରେ ୩ଟି ସୂଚନା ଫଳକ ରହିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ୩ ସୂଚନା ଫଳକରେ ୩ ପଞ୍ଚାୟତର କାର୍ଯ୍ୟ ବିଷୟରେ ଉଲ୍ଲେଖ ରହିଛି। ଗୋଟିକରେ ହାବସପୁର ପଞ୍ଚାୟତର କଛିମ ଡୋଲାଠାରୁ ଶ୍ମଶାନ ରାସ୍ତା ଉନ୍ନତୀକରଣ ଦର୍ଶାଯାଇଛି। ଏଥିରେ ଆର୍ଥିକ ବର୍ଷ ୨୦୨୨-୨୩ ସାଂସଦଙ୍କ ଉନ୍ନୟନ ପାଣ୍ଠିରୁ ଏହା ହୋଇଥିବାବେଳେ ଏଥିପାଇଁ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏଥିରେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଉଲ୍ଲେଖ କରାଯାଇନାହିଁ। ଦ୍ୱିତୀୟ ସୂଚନା ଫଳକ ମହିଚଲା ଓ ଚକୁଲି ଗ୍ରାମରେ ସୋକ୍‌ପିଟ୍ ନିର୍ମାଣ କାର୍ଯ୍ୟ ପାଇଁ ଲଗାଯାଇଛି। ଆର୍ଥିକ ବର୍ଷ ୨୦୨୩-୨୪ର ଏହା ହୋଇଥିବାବେଳେ ଏଥିପାଇଁ ୪ଲକ୍ଷ ୨୦ହଜାର ଟଙ୍କା ବ୍ୟୟ ଅଟକଳ ରହିଥିବା ଉଲ୍ଲେଖ କରାଯାଇଛି। ଏଠାରେ ମଧ୍ୟ କେବେ କାର୍ଯ୍ୟ ଆରମ୍ଭ ଓ ଶେଷ ହେଲା ତାହା ଉଲ୍ଲେଖ କରାଯାଇନାହିଁ। ସେହିପରି ତୃତୀୟ ଫଳକରେ ଗୌଡଛେଣ୍ଡିଆ ପଞ୍ଚାୟତ ଚିକିଲି ଗ୍ରାମରେ ହୋଇଥିବା ଧାନଖଳା ନିର୍ମାଣ ପାଇଁ ଉଲ୍ଲେଖ କରାଯାଇଛି। ଆର୍ଥିକ ବର୍ଷ ୨୦୨୩-୨୪ର ଏହା ହୋଇଥିବାବେଳେ ୭ଲକ୍ଷ ୩୨ ହଜାର ଟଙ୍କା ବ୍ୟୟ ଅଟକଳ ରହିଛି। ଏଠାରେ କାର୍ଯ୍ୟ ଆରମ୍ଭ ଓ ଶେଷ କେବେ ତାହା ଉଲ୍ଲେଖ କରାଯାଇନାହିଁ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଦ୍ୱିତୀୟ ଓ ତୃତୀୟ ସୂଚନା ଫଳକ ଅଲଗା ପଞ୍ଚାୟତର କାର୍ଯ୍ୟ ହୋଇଥିବାବେଳେ ହାବସପୁର ପଞ୍ଚାୟତରେ ଥିବା ଏହି ଘର କାନ୍ଥରେ କିଭଳି ଲେଖାଗଲା ତାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସ୍ଥାନୀୟ ଯନ୍ତ୍ରୀ କିଭଳି ଏହି କାର୍ଯ୍ୟର ବିଲ କଲେ ତାହା ତଦନ୍ତସାପେକ୍ଷ। ଏ ନେଇ କନିଷ୍ଠ ଯନ୍ତ୍ରୀ ଡାକାସିଂହ ମାଝୀଙ୍କୁ ପଚାରିବାରୁ ମୁଁ ଜାଣି ନ ଥିଲି ଏବେ ଜାଣୁଛି। ସ୍ଥାନୀୟ ଗ୍ରାମର ଜଣେ ପେଣ୍ଟର ପ୍ରାକ୍ଟିସ କରିବା ପାଇଁ ଏପରି ଲେଖିଦେଇଛି ବୋଲି ଅତି ହାଲୁକା ଭାବେ ସଫେଇ ଦେଇଥିଲେ। ସେହିପରି ପେଣ୍ଟର ଜଣକ ଯଦି ସୂଚନା ଫଳକର ସବୁ କାର୍ଯ୍ୟ ବିଷୟରେ ଉଲ୍ଲେଖ କରିଛନ୍ତି, ତେବେ କାର୍ଯ୍ୟଆରମ୍ଭ ଓ ଶେଷ ତାରିଖ କାହିଁକି ଲେଖିନାହାନ୍ତି ବୋଲି ପଚାରିବାରୁ ଠିକ ଉତ୍ତର ଦେଇପାରି ନ ଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

# ଆଜିଠାରୁ ମାଟ୍ରିକ୍ ପରୀକ୍ଷା

### ନୂଆପଡ଼ା: ୫୨ କେନ୍ଦ୍ରରେ ୬୫୬୩ ପରୀକ୍ଷାର୍ଥୀ

ନୂଆପଡ଼ା,୨୦।୨ (ମକାରୁ ବେମାଲ)

ସାରା ରାଜ୍ୟରେ ଶୁକ୍ରବାର ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ନୂଆପଡା ଜିଲାରେ ୫୨ କେନ୍ଦ୍ରରେ ୧୫୫ ଉଚ୍ଚ ବିଦ୍ୟାଳୟର ୬୫୬୩ ଛାତ୍ରୀଛାତ୍ର ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପରୀକ୍ଷା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। କପି ରୋକିବା ପାଇଁ ପ୍ରତ୍ୟେକ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଛି । ସମ୍ବେଦନଶୀଳ କେନ୍ଦ୍ରରେ କଡା ସୁରକ୍ଷା ବଳୟରେ ପରୀକ୍ଷା କରାଯିବ । ଜିଲାର ୫ ବ୍ଲକରେ ଗୋଟିଏ ଲେଖାଏ ନୋଡାଲ ସେଣ୍ଟର କରାଯାଇଛି। ଗୋଟିଏ ପରୀକ୍ଷାକେନ୍ଦ୍ର ପାଇଁ ଜଣେ ପର୍ଯ୍ୟବେକ୍ଷକ ରହିବେ। ୨ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ପରୀକ୍ଷା ପତ୍ର ଲିକ୍ ନ ହେବା ପାଇଁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ଭୂଏ କହିଛନ୍ତି।

### କର୍ଲାମୁଣ୍ଡା ବ୍ଲକ୍: ୬ କେନ୍ଦ୍ରରେ ୯୪୬ ପରୀକ୍ଷାର୍ଥୀ

କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ୬ଟି କେନ୍ଦ୍ରରେ ୯୪୬ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସୂଚନା ମତେ ରିଷିଡ଼ା ବାପୁଜୀ ଉଚ୍ଚ ବିଦ୍ୟାଳୟଠାରେ ଗଜବାହାଲ ଉଚ୍ଚ ବିଦ୍ୟାଳୟ ଓ କର୍ଲାମୁଣ୍ଡା ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲର ୨୧୮ ଛାତ୍ରୀଛାତ୍ର, ରିଷିଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ତେରେସିଙ୍ଗା ଓ ଭଟାପଲା ହାଇସ୍କୁଲର ୧୩୭, ତେରେସିଙ୍ଗା ହାଇସ୍କୁଲରେ କେସିଙ୍ଗା ବ୍ଲକର ବେଲଖଣ୍ଡି, ସ. ମାଲପଡ଼ା ଓ ବାପୁଜୀ ହାଇସ୍କୁଲ ରିଷିଡାର ୧୭୧, ଭଟାପଲା ହାଇସ୍କୁଲରେ ଉନ୍ନୀତ ହାଇସ୍କୁଲ ବାଞ୍ଜିପଦର, ରେଗଡା ଓ ରିଞ୍ଜା ହାଇସ୍କୁଲର ୧୨୯, ଗଜବାହଲ ପରୀକ୍ଷା କେନ୍ଦ୍ରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରିଷିଡା, ପୌରକେଲା ଓ ମ. ରାମପୁର ବ୍ଲକ୍ ଗୋଛାଡେଙ୍ଗ ହାଇସ୍କୁଲର ୧୩୪, ଜୋରାଡବରା ପରୀକ୍ଷା କେନ୍ଦ୍ରରେ ମ. ରାମପୁର ବ୍ଲକର କେନ୍ଦୁବନ୍ଧ ଓ ମୁଡିଙ୍ଗ ହାଇସ୍କୁଲର ୧୬୭ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ବିଭିନ୍ନ ପରୀକ୍ଷା କେନ୍ଦ୍ରର ସୁପରିଚାଳନା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ସା କହିଛନ୍ତି।

### ଖଡ଼ିଆଳ: ୧୧ କେନ୍ଦ୍ରରେ ୧୫୦୦ ପରୀକ୍ଷାର୍ଥୀ

ଖଡ଼ିଆଳ (ସୁଜିତ କୁମାର ପ୍ରଧାନ): ଶୁକ୍ରବାର ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଥିବାବେଳେ ଖଡ଼ିଆଳ ବ୍ଲକର ୧୧ କେନ୍ଦ୍ରରେ ୧୫୦୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। କେନ୍ଦ୍ରଗୁଡିକ ହେଲା ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ, ଖଡ଼ିଆଳ ବାଳିକା ଉଚ୍ଚ ବିଦ୍ୟାଳୟ, ସାନମହେଶ୍ୱର, ବରଗାଁ, କେନ୍ଦୁପାଟି, ଜୁଆଝର, ରାଣୀମୁଣ୍ଡା, ଡୁକଲା, ଲୋହରପାଲି, ଚନାବେଡା ଓ ଭୁଲିଆସିକୁଆ। ପରୀକ୍ଷା ପରିଚାଳନା ନେଇ ଶିକ୍ଷା ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି ବୋଲି ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାୟକ ପ୍ରକାଶ କରିଛନ୍ତି।

# ୫ ବର୍ଷିଆ ମାଷ୍ଟର ପ୍ଲାନ୍ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ


ଅଧିକାରୀମାନେ ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା କରୁଛନ୍ତି।

ନୂଆପଡ଼ା,୨୦।୨ (ମକାରୁ ବେମାଲ)

**ଜିଲା ଉନ୍ନୟନ ସମିତି ବୈଠକ**

ନୂଆପଡ଼ା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଜିଲା ଉନ୍ନୟନ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ସମ୍ମିଳିତ ଉଦ୍ୟମ ଜାରିରହିଲେ ଅନେକ ବିଭାଗରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିପାରିବା ବୋଲି ଜିଲାପାଳ କହିଥିଲେ। ଉପନିର୍ଦ୍ଦେଶକ ପ୍ଲାନିଂ ପରିମଳ ସାମଲ ବିଗତ ବୈଠକରେ ବିବରଣୀ ପାଠ କରିଥିଲେ। ଆସନ୍ତା ମାସ ପାଇଁ ବିଭିନ୍ନ ବିଭାଗର ଲକ୍ଷ୍ୟ ପୂରଣ ସହ ଆଗାମୀ ୫ ବର୍ଷ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ସମୟରେ ସାରି ବିନିଯୋଗ ପ୍ରମାଣପତ୍ର ଦେବା ପାଇଁ ଜିଲାପାଳ ତାଗିଦ କରିଥିଲେ। ବୈଠକରେ ପଞ୍ଚାୟତିରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ଜଳସେଚନ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ମାଓବାଦୀ ଦମନ ପାଇଁ ରାସ୍ତାଘାଟର ଉନ୍ନତି ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଜନସାଧାରଣଙ୍କୁ ସମସ୍ତ ସୁବିଧା ଯୋଗାଇଦେବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର, ସୁବାସ ଚନ୍ଦ୍ର ରଏତ, ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ୍ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝିଙ୍କ ସମେତ ଲାଇନ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ ।

### ମନ୍ଦିର ଓ ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

ଖଡ଼ିଆଳ,୨୦।୨ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ମଝିଆଗୁଡି ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ନବନିର୍ମିତ ଧବଳେଶ୍ୱର ମନ୍ଦିର, ଦୁର୍ଗେଶର ମନ୍ଦିର ଓ ସଙ୍କଟମୋଚନ ହନୁମାନ ମନ୍ଦିର ପ୍ରତିଷ୍ଠା ସହିତ ଠାକୁରମାନଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ନାମଯଜ୍ଞ ସହ କଳସ ଯାତ୍ରା, ଠାକୁରମାନଙ୍କ ନଗର ପରିକ୍ରମା, ଅଧିବାସ, କୁମ୍ଭ ଭରଣ, ମହାପ୍ରଭୁଙ୍କ ମନ୍ଦିର ପ୍ରବେଶ, ସିଂହାସନ ବିଜେ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ମନ୍ଦିର ପରିଚାଳକ ମିଳିନ୍ଦ ଖମାରୀ, ସଭାପତି ସନ୍ତୋଷ ବାରିକ, ଉପସଭାପତି ମାଧବ ମୁଣ୍ଡ, ସମ୍ପାଦକ ଲଳିତେନ୍ଦୁ ସାହୁ, ସହ ସମ୍ପାଦକ ରତନଲାଲ ସୋନି, କୋଷାଧ୍ୟକ୍ଷ ହୃଷୀକେଶ ସାହୁ ଓ ନରେଶ ବାରିକ, କମିଟିର ମୁଖ୍ୟ ସହଯୋଗୀ ଚିତ୍ତବିନୋଦ ମିଶ୍ର, ବିଜୟ ହୋତା ପ୍ରମୁଖ ସହଯୋଗ କରିଥିଲେ।

### ଭବାନୀପାଟଣାରେ ବାମପନ୍ଥୀ ଦଳର ପ୍ରତିବାଦ

ଭବାନୀପାଟଣା,୨୦।୨(ଉତ୍ତମ କୁମାର ଦାଶ) କର୍ପୋରେଟ ସପକ୍ଷବାଦୀ ବଜେଟ୍ ପ୍ରତ୍ୟାହାର ଦାବି ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଗୁରୁବାର ଭବାନୀପାଟଣା ଜିଲାପାଳଙ୍କ ଅଫିସ ନିକଟରେ ବାମପନ୍ଥୀ ଦଳ ପ୍ରତିବାଦ କରିଛି। ଏଥିରେ ବାମପନ୍ଥୀ ଦଳ ଯଥା ସିପିଏମ୍, ସିପିଆଇ, ସିପିଆଇଏମ୍‌ଏଲ୍ (ଲିବରେଶନ)ର କର୍ମକର୍ତ୍ତା ଯୋଗଦେଇଥିଲେ। ଦର ବୃଦ୍ଧି ନିୟନ୍ତ୍ରଣ, ବେକାରଙ୍କୁ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିର ବିକାଶ ପାଇଁ ବିକଳ୍ପ ବିଜେଟ ବ୍ୟବସ୍ଥା ଦାବି ନେଇ ସେମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରତିବାଦ କରିଥିଲେ। ଏଥିରେ ସିପିଆଇଏମ୍ ରାଜ୍ୟ କମିଟି ସଭ୍ୟ ବିଶ୍ୱଜିତ ଚାଟାର୍ଜୀ, ସିପିଆଇ ଜିଲା ସହ ସମ୍ପାଦକ ସୁରେନ୍ଦ୍ର ମାଝୀ, ସଞ୍ଜୟ ସୁନାନୀ, ଜଗଦୀଶ ଦୁର୍ଗା, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମୋଦର ବେହେରା, ଏଆଇଏସ୍‌ଏଫ୍‌ର କଳାହାଣ୍ଡି ଜିଲା ସଭାପତି ରାଜାରାମ ଡଙ୍ଗରୀ, ସିପିଆଇଏମ୍ ଜିଲା ସମ୍ପାଦକ ସତ୍ୟଜିତ ଚାଟାର୍ଜୀ, ବାମପନ୍ଥୀ ନେତା ନବ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ ।

### ସଟ୍ଟାଖେଳ ଉପରେ ଚଢ଼ାଉ: ୫ ଗିରଫ

ସିନାପାଲି, ୨୦।୨((ମନଫୁଲ ମେହେର)

ସିନାପାଲି ବ୍ଲକର ବିଭିନ୍ନ ଗାଁ ଗଣ୍ଡାରେ ବେଆଇନ ଭାବେ ସଟ୍ଟା ଖେଳ ଚାଲିଥିବା ଅଭିଯୋଗ ହେବା ପରେ ସିନାପାଲି ପୋଲିସ ଆକ୍ସନ ମୋଡ୍‌କୁ ଆସିଛି। ସଟ୍ଟା ଖେଳ ଉପରେ ଅତର୍କିତ ଚଢ଼ାଉ କରି ଦୁଇ ଦିନରେ ୫ଜଣ ସଟ୍ଟା ଏଜେଣ୍ଟଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ସଟ୍ଟା ପଟି ସହ ନଗଦ ଟଙ୍କା ଜବତ ହୋଇଛି। ସୂଚନା ଅନୁସାରେ ଗତ ୧୮ ତାରିଖରେ ସିଙ୍ଗଝର ଗ୍ରାମର ଚୁଲ ନାଏକ, ହାତୀବନ୍ଧା ଗ୍ରାମର ଭୁବନେଶ୍ୱର ମେହେର ଓ ରୋହିତ ସିଂ ନିନାଙ୍କୁ ପୋଲିସ ଗିରଫ କରି ତାଙ୍କଠାରୁ ସଟ୍ଟା ପଟି ଜବତ କରିଥିଲା। ସେହିପରି ଗତ ୧୯ରେ ଗଣ୍ଡାବାହାଲି ଗ୍ରାମର ଜତିନ୍ଦ୍ର ମେହେର ଓ ସିନାପାଲିର ରାଧେଶ୍ୟାମ ମେହେରଙ୍କୁ ଗିରଫ କରି ସଟ୍ଟା ପଟି ଜବତ କରିଥିଲା। ଅଭିଯୁକ୍ତମାନଙ୍କ ନାମରେ କେସ୍ ନ. ୪୨, ୪୩, ୪୪, ୪୫, ୪୬ /୨୦୨୫ରେ ମାମଲା ରୁଜୁ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ନୋଟିସ ଦେଇ ଛାଡି ଦିଆଯାଇଥିବା ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନ ସୂଚନା ଦେଇଛନ୍ତି। ଏହି ଚଢାଉ ପରେ ସଟ୍ଟା ଏଜେଣ୍ଟଙ୍କ ଭିତରେ ଭୟ ସୃଷ୍ଟି ହୋଇଛି।

### ପାନୀୟଜଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ


ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

ଖଡ଼ିଆଳ,୨୦।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡିଆଳ ବ୍ଲକ୍‌ର ୨୬ ଗ୍ରାମପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ଯୋଗଦେଇ ବିଭିନ୍ନ ପଞ୍ଚାୟତରେ ଥିବା ସମସ୍ତ ନଳକୂପ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରତି ପରିବାରକୁ ଜଳଯୋଗାଣ ଏକ ଦାୟିତ୍ୱ ମନେକରିବାକୁ ସମସ୍ତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ଆହ୍ୱାନ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ବ୍ଲକ୍ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ବିଡିଓ ନରସିଂହ ଗଡବା, ମାଲ୍ୟବନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ସମସ୍ୟା: ଜିଲାପାଳଙ୍କୁ ଭେଟିଲେ ଲାଞ୍ଜିଗଡ଼ବାସୀ

ଲାଞ୍ଜିଗଡ଼,୨୦।୨ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସହର ମୁଖ୍ୟ ରାସ୍ତା ସମସ୍ୟା ନେଇ ଗୁରୁବାର ଅଞ୍ଚଳବାସୀ ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗପତ୍ର ଦେଇଛନ୍ତି। ଅଭିଯୋଗକ୍ରମେ ବାରମ୍ବାର ଦାବିପରେ ପୂର୍ତ୍ତ ବିଭାଗ ୨୦୧୭-୧୮ରେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରିଥିଲା। ପ୍ରଥମ ପର୍ଯ୍ୟାୟରେ ପୋଖରୀବନ୍ଧ ଛକଠାରୁ ଲାଞ୍ଜିଗଡ଼ ଟାଙ୍ଗନକଣା ଛକ ପର୍ଯ୍ୟନ୍ତ ୧୮ କି.ମି. ରାସ୍ତାକାମ କରାଯାଇଥିଲା। ମାତ୍ର ଟାଙ୍ଗନକଣା ଛକରୁ ଲାଞ୍ଜିଗଡ଼ ରାଜାପଡ଼ା ପର୍ଯ୍ୟନ୍ତ ଅବଶିଷ୍ଟ ୩ କି.ମି. ରାସ୍ତା ସମ୍ପୂର୍ଣ୍ଣ ହୋଇନାହିଁ। ଗତ ଜାନୁଆରୀ ୨୦୨୩ରେ ରାସ୍ତାକାମ ଆରମ୍ଭ ହୋଇ ଲାଞ୍ଜିଗଡ଼ ସହର ଖେଳପଡ଼ିଆ ପର୍ଯ୍ୟନ୍ତ ୨ କି.ମି. ପହଞ୍ଚିଛି। ହେଲେ ଅବଶିଷ୍ଟ ୧ କି.ମି. ରାସ୍ତାକାମ ବନ୍ଦ ରହିଛି। ବର୍ତ୍ତମାନ ଏହି ରାସ୍ତାଟି ଅଣଓସାରିଆ ହୋଇ ରହିଥିବା ବେଳେ ଭାରିଯାନ ଯାତାୟାତ ସହ ରାସ୍ତାର ଦୁଇପାର୍ଶ୍ୱକୁ ଉଠାଦୋକାନୀ କବ୍‌ଜା କରିଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାଛଡ଼ା ରାସ୍ତାରେ ନର୍ଦ୍ଦମା ପାଣି ବୋହୁଥିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ତେଣୁ ତୁରନ୍ତ ରାସ୍ତାର ସମ୍ପ୍ରସାରଣ ନେଇ ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଜିଲାପାଳ ପାୱାର ସଚିନ ପ୍ରକାଶଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଏହି ଅବସରରେ ଲାଞ୍ଜିଗଡ଼ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ବସନ୍ତପଡ଼ା ସରପଞ୍ଚ ଚାଞ୍ଚେର ମାଝୀ, ଜଗନ୍ନାଥପୁର ସରପଞ୍ଚ ମୁଗାନା ମାଝୀ ଓ ସମିତି ସଭ୍ୟ ପ୍ରଦୀପ ମାଝୀ, ଶ୍ରୀମୁଖ ଅଗସ୍ତି, ପରମାନନ୍ଦ ନାଏକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସେନାପତି ନାଏକ, ସମାଜସେବୀ ଶିଶିର ପୂଜାରୀ ଓ ତ୍ରିନାଥ ମହାଖୁଡ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବିଶ୍ୱ ନୃତତ୍ତ୍ୱ ଦିବସ

ଭବାନୀପାଟଣା,୨୦।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ବିଭାଗରେ ଗୁରୁବାର ବିଶ୍ୱ ନୃତତ୍ତ୍ୱ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରଙ୍କ ପାଇଁ ନୃତତ୍ତ୍ୱ ବିଜ୍ଞାନର ଉପଯୋଗିତା ସମ୍ପର୍କରେ ବୁଝାଇଥିଲେ। କୁଳସଚିବ ପିତାମ୍ବର ଭୋଇ, ବିତ୍ତ ନିୟନ୍ତ୍ରକ ସୁରେଶ ଚନ୍ଦ୍ର ପିଡିସିକା ଉପସ୍ଥିତ ରହି ପ୍ରସଙ୍ଗ ଭିତ୍ତିକ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ବକ୍ତା ଭାବେ ମେଜର ଡ. ଜୟଦେବ ସାହୁ ନୃତତ୍ତ୍ୱ ଦିବସ ଉପରେ ଆଲୋକପାତ କରିଥିଲେ। ନୃତତ୍ତ୍ୱ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. କୁମୁଦ ଚନ୍ଦ୍ର ନାଏକ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ, ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ଡ. ବିରେନ୍ଦ୍ର ସୁନା, ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁବ୍ରତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ନୃତତ୍ତ୍ୱ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଧନଞ୍ଜୟ କୁମାର, ସହକାରୀ ପ୍ରଫେସର ଚିରଞ୍ଜିବୀ ଶବରଙ୍କ ନେତୃତ୍ୱରେ ଏହି ଦିବସ ପାଳିତ ହୋଇଥିଲା। ଏଥିରେ ନୃତତ୍ତ୍ୱବିଜ୍ଞାନ ବିଭାଗର ସମସ୍ତ ଗବେଷକ ଗବେଷିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିବରଣୀ ପାଠ ପରେ ପ୍ରାଚୀର ପତ୍ରିକା ଉନ୍ମୋଚନ କରାଯାଇଥିଲା। ଗବେଷିକା ଭାଗ୍ୟଶ୍ରୀ ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଛାତ୍ରୀ ଅର୍ଚ୍ଚନା ବିଶି ଧନ୍ୟବାଦ ଅର୍ପଣ କରିଥିଲେ।


ବିଶ୍ୱ ନୃତତ୍ତ୍ୱ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର ଓ ଅତିଥିଗଣ।

# ଅନ୍ଧାରରେ ୭୭ ଗାଁର ୨ ହଜାର ପରିବାର

**ଲାଞ୍ଜିଗଡ଼ ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶ ଅପହଞ୍ଚ**

ଲାଞ୍ଜିଗଡ଼,୨୦।୨(ରମେଶ ଚନ୍ଦ୍ର ନାୟକ)


ଦୁର୍ଗମ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଏକ ଗାଁର ଦୃଶ୍ୟ।

ସ୍ୱାଧୀନତାର ୭୭ବର୍ଷ ପରେ ବି କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶ ଅପହଞ୍ଚ ହୋଇରହିଛି। ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ୭୭ ଗାଁର ୨ ହଜାର ପରିବାର ଅନ୍ଧାରରେ ରହିଛନ୍ତି। ସୂଚନା ଅନୁସାରେ ଭଟାଙ୍ଗପଦର ପଞ୍ଚାୟତର ୧୦ଗ୍ରାମ, ଗୁଣ୍ଡରି ପଞ୍ଚାୟତ ୭, ବେଡାଗାଁ ପଞ୍ଚାୟତ ୭, ଲାଞ୍ଜି ପଞ୍ଚାୟତ ୪, ବନ୍ଧପାରି ପଞ୍ଚାୟତ ୩, ଭୁର୍ତ୍ତିଗଡ଼ ପଞ୍ଚାୟତ ୧୦, କମର୍ଦ୍ଧା ପଞ୍ଚାୟତ ୩, କଦମଗୁଡା ପଞ୍ଚାୟତ ୩, କାନକୁଟୁରୁ ପଞ୍ଚାୟତ ୨, ବେନଗାଁ ପଞ୍ଚାୟତ ୭, ଲାଖବାହିଲି ପଞ୍ଚାୟତ ୧, ମାଲିଗୁବାଙ୍ଗ ପଞ୍ଚାୟତ ୨, ବିଜେପୁର ପଞ୍ଚାୟତ ୩, ତ୍ରିଲୋଚନପୁର ପଞ୍ଚାୟତ ୧୨, ଲାଞ୍ଜିଗଡ ପଞ୍ଚାୟତ ୨, ଛତ୍ରପୁର ପଞ୍ଚାୟତର ୧ ଗୋଟି ଗ୍ରାମ ଅନ୍ଧାରରେ ରହିଛି। ଏଥିମଧ୍ୟରୁ ପ୍ରାୟ ୨୫ରୁ ୩୦ ଗୋଟି ଗାଁରେ ସୌରଚାଳିତ ବିଦ୍ୟୁତ୍ କାର୍ଯ୍ୟକାରୀ ହୋଇଥିବା ସରକାରୀ ତଥ୍ୟରେ କାଗଜପତ୍ର ଦ୍ୱାରା ଦର୍ଶାଯାଉଛି। କିନ୍ତୁ ଏହି ଗାଁଗୁଡ଼ିକର ସୋଲାର ବିଦ୍ୟୁତ୍ ଲାଇଟ ଠିକ୍‌ଭାବରେ କାର୍ଯ୍ୟକାରୀ ହେଉନହିଁ। କେଉଁଠି ବ୍ୟାଟେରି ନାହିଁ ତ କେଉଁଠି ସୋଲାର ଚାର୍ଜ ମଧ୍ୟ ଠିକ୍ ଭାବରେ ରହୁନାହିଁ। ବିଭିନ୍ନ ସ୍ଥାନରେ ସୋଲାର ଲାଇଟ ଖରାପ ହେଲେ ମଧ୍ୟ ଏହାର ମରାମତି ପାଇଁ କୌଣସି ବ୍ୟବସ୍ଥା ନାହିଁ। ବହୁ ଅଞ୍ଚଳରେ ନାମକୁ ମାତ୍ର ସୋଲାର ଲାଇଟ୍ ଲାଗିଛି । ସେହିପରି ୧୦ ଗୋଟି ଗ୍ରାମରେ ଟ୍ରାନ୍ସଫର୍ମର ବସି ତାର ମଧ୍ୟ ଟଣାଯାଇଛି। କିନ୍ତୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ଗାଁକୁ ବିଜୁଳି ସଂଯୋଗ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଦୁର୍ଗମ ଅଞ୍ଚଳବାସୀଙ୍କୁ ବିଜୁଳି ମିଳିବା ସ୍ୱପ୍ନ ପାଲଟିଛି। ଫଳରେ ଲୋକେ ଭାଗ୍ୟକୁ ଆଦରି ଡିବିରି ଆଲୁଅରେ ଜୀବନ ଅତିବାହିତ କରୁଛନ୍ତି। ବର୍ଷାଦିନେ ଏମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍ଗିନ ହୋଇପଡ଼େ। ବିଭିନ୍ନ ସ୍ଥାନକୁ ରାସ୍ତା ନ ଥିବାବେଳେ ରାତିରେ ଆଲୁଅ ନ ଥିବା ଯୋଗୁ ଅନ୍ଧାରରେ ନିଜର ଭିଟାମାଟିରେ ଭାଗ୍ୟକୁ ଆଦରି ପଡ଼ି ରହିଥାନ୍ତି। ନିର୍ବାଚନ ଆସିଲେ ରାଜନେତାମାନେ ବିଦ୍ୟୁତ୍ ସଂଯୋଗ ପାଇଁ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତଉଥିବାବେଳେ ନିର୍ବାଚନ ସରିଲେ ସେମାନଙ୍କ କଥା ଭୁଲିଯାଆନ୍ତି। ନୂତନ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ରାସ୍ତାକଡ଼େ ତୁଳସୀ ଚାରାରୋପଣ କଲେ ଛାତ୍ରୀମାନେ



**ବରଗଡ଼,୨୦।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲିସ୍ଥିତ ସତୀହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବୁଧବାର ଏକ ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ତନସନାଙ୍କ ତତ୍ତ୍ୱାବଧାନରେ ଛାତ୍ରୀ, ଅଭିଭାବକ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ବିଦ୍ୟାଳୟ ସନ୍ନିକଟ ରାସ୍ତାକଡ଼ରେ ୨୦୦ରୁ ଊର୍ଦ୍ଧ୍ୱ ତୁଳସୀ ଚାରାରୋପଣ କରିଥିଲେ। ସ୍ଥାନୀୟ ୟୁଥ୍ ଆଣ୍ଡ୍ ଇକୋ କ୍ଲବ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଥିଲା ଏବଂ ସେହି ପ୍ରସ୍ତାବ ଅନୁଯାୟୀ ତୁଳସୀ ଚାରାରୋପଣ ହୋଇଛି। ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏହି ପ୍ରକଳ୍ପରୁ ଏଣିକି ପ୍ରତିଦିନ ମହାପ୍ରଭୁ ଦଧିବାମନଙ୍କ ପ୍ରିୟ ତୁଳସୀ ତାଙ୍କ ପୂଜାରେ ଲାଗି ପାରିବ ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ।

### ସ୍ୱପ୍ନେଶ୍ୱର ବାବା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଝାରବନ୍ଧ,୨୦।୨(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ବିଜାଢୋଲଠାରେ ନବ ନିର୍ମିତ ସ୍ୱପ୍ନେଶ୍ୱରବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ସମାପନ ହୋଇଯାଇଛି। ପ୍ରତ୍ୟୁଷରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପୂର୍ଣ୍ଣ କଳସ ଆଣି ପୂଜା ସ୍ଥଳୀରେ ସ୍ଥାନିତ କରାଯାଇଥିଲା। ସ୍ନିଗ୍ଧା ସମର୍ପିକା ଓ ସିଦ୍ଧାର୍ଥ ଦାସ ଦମ୍ପତି ମୁଖ୍ୟ କର୍ତ୍ତା ଭାବରେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ରମେଶ ଚନ୍ଦ୍ର ରାୟ, କମଳାକାନ୍ତ ରାୟ, ପ୍ରମୋଦ ରାୟ, ରଶ୍ମିକାନ୍ତ ରାୟ, ଅଂଶୁମାନ ରାୟ, ହେମନ୍ତ ରାୟ ସହଯୋଗ କରିଥିଲେ। ଏପରି ପରିପ୍ରେକ୍ଷୀରେ ବିଜାଢୋଲ, ମସାନକୁଣ୍ଡା, ସାନକୁଞ୍ଜାରୀ, ସରଗୁଲ ସଂକୀର୍ତ୍ତନ ମଣ୍ଡଳୀ ବୈଠକୀ କୀର୍ତ୍ତନ ପରିବେଷଣ କରିଥିଲେ। ପ୍ରତିଷ୍ଠା ପୂଜାରେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ, ପଣ୍ଡିତ ମୁକେଶ ଦାସ ସହଯୋଗୀ ବୈଦ୍ୟନାଥ ମହାପାତ୍ର, ଦୂର୍ବାଦଳ ମହାପାତ୍ର, ହେମନ୍ତ ଷଡ଼ଙ୍ଗୀ, ପୌଲସ୍ତ୍ୟ ମହାପାତ୍ର ପୂଜାର୍ଚ୍ଚନା, ହୋମ କରିଥିଲେ।

### ସ୍ୱାବଲମ୍ବୀ ହେବାକୁ ମହିଳାଙ୍କୁ ଆହ୍ୱାନ

**ବରଗଡ଼,୨୦।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରରେ ବୁଧବାର ଏସ୍ଏଚ୍ଜି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶିକା ସଞ୍ଜୁଲତା ପାତ୍ର ଏବଂ ଫାକଲ୍ଟି ନାନୀଗୋପାଳ ଜାନା ଉପସ୍ଥିତ ଥିଲେ। ଅନୁଷ୍ଠାନର ବଜାର କାର୍ଯ୍ୟକ୍ରମରେ ଭଟଲି ବ୍ଲକ ଅନ୍ତର୍ଗତ ସୁକୁଡ଼ା ଗ୍ରାମର ୧୫ଜଣ ଏସ୍ଏଚ୍ଜି ମହିଳା ସାମିଲ ହୋଇ ଫିନାଇଲ ଏବଂ ଡିଟରଜେଣ୍ଟ ପ୍ରସ୍ତୁତ ସହିତ ତାହା ବିକ୍ରି କରି ରୋଜଗାରକ୍ଷମ ହୋଇ ପାରିଥିବା ସେମାନେ ସୂଚନା ଦେଇଥିଲେ।

# ବଢ଼ିଛି ପରୀକ୍ଷା କେନ୍ଦ୍ର, କମିଛନ୍ତି ପରୀକ୍ଷାର୍ଥୀ

## ଆଜିଠୁ ମାଟ୍ରିକ ପରୀକ୍ଷା

**ବରଗଡ଼,୨୦।୨(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷା ଶୁକ୍ରବାର ଆରମ୍ଭ ହେବ। ମାର୍ଚ୍ଚ ୬ତାରିଖ ଯାଏ ଏହି ପରୀକ୍ଷା ଚାଲିବ। ପ୍ରତ୍ୟେକ ଦିନ ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ୩୦ମିନିଟ୍ ଯାଏ ଗୋଟିଏ ସିଟିଂ ପରୀକ୍ଷା ଚାଲିବ। ଶୃଙ୍ଖଳିତ ଏବଂ ସୁଚାରୁରୂପେ ପରୀକ୍ଷା ସମ୍ପାଦନ ପାଇଁ ବରଗଡ଼ ଜିଲା ଶିକ୍ଷା ବିଭାଗ ପ୍ରସ୍ତୁତି ଚୂଡ଼ାନ୍ତ କରି ସାରିଛି। ପରୀକ୍ଷା କେନ୍ଦ୍ର ଏବଂ ନୋଡାଲ ପରୀକ୍ଷା କେନ୍ଦ୍ରଗୁଡ଼ିକ ପ୍ରସ୍ତୁତ ହୋଇସାରିଛି। ସିସିଟିଭି ନଜରରେ ସବୁ ପରୀକ୍ଷାକେନ୍ଦ୍ର ରହିଥିବାବେଳେ ନୋଡାଲ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଏ.ଆଇ . କ୍ୟାମେରା ସ୍ଥାପନ କରାଯାଇଛି। ସେହିପରି ପରୀକ୍ଷା କେନ୍ଦ୍ରଗୁଡ଼ିକୁ ତଦାରଖ କରିବା ପାଇଁ ଜିଲାସ୍ତରରେ ୨ଟି ଏବଂ ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାଡ୍ ଗଠନ କରାଯାଇଛି। ଅନ୍ୟବର୍ଷ ଭଳି ଏଥର ମଧ୍ୟ ଜିଲାରେ ମାଟ୍ରିକ ପରୀକ୍ଷାଫଳ ଭଲ ରହିବ ବୋଲି ସଭିଏ ମନରେ ଆଶା ବାନ୍ଧିଛନ୍ତି। ଗୋଟିଏ ପଟେ ବିଗତବର୍ଷ ତୁଳନାରେ ଜିଲାରେ ପରୀକ୍ଷା କେନ୍ଦ୍ର ସଂଖ୍ୟା ବଢ଼ିଛି। କିନ୍ତୁ ଅନ୍ୟପଟେ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଏଥର ହ୍ରାସ ପାଇଛି। ଏହା ବର୍ତ୍ତମାନ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ଏଥର ଜିଲାରେ ସମୁଦାୟ ୧୭ହଜାର ୨୧୬ ମାଟ୍ରିକ ପରୀକ୍ଷାର୍ଥୀ



ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ।

ରହିଛନ୍ତି। ସେମାନେ ସମସ୍ତେ ଜିଲାର ୩୨୦ହାଇସ୍କୁଲର ଛାତ୍ରୀଛାତ୍ର ଅଟନ୍ତି। ସେମାନଙ୍କ ମଧ୍ୟରୁ ରେଗୁଲାର, ଏକ୍ସ-ରେଗୁଲାର ମିଶି ୧୬ହଜାର ୯୭୯(ରେଗୁଲାର-୧୬୯୪୭, ଏକ୍ସ ରେଗୁଲାର-୩୨) ପରୀକ୍ଷାର୍ଥୀ ଅଛନ୍ତି। ସେହିପରି ୧୦୨ମଧ୍ୟମା ଏବଂ ୧୩୫ଜଣ ଏସ୍ଆଇଓଏସ୍ ପରୀକ୍ଷାର୍ଥୀ ଅଛନ୍ତି। ତେବେ ଏହି ପରୀକ୍ଷାର୍ଥୀମାନଙ୍କ ମଧ୍ୟରୁ ବରଗଡ଼ ବ୍ଲକ ଓ ପୌରାଞ୍ଚଳର ସର୍ବାଧିକ ୨୬୪୩ଜଣ ହୋଇଥିବାବେଳେ ଅମ୍ବାଭୋନା ବ୍ଲକରେ ସର୍ବନିମ୍ନ ୭୨୨ପରୀକ୍ଷାର୍ଥୀ ରହିଛନ୍ତି। ସେହିପରି ଅତାବିରାରେ ୧୭୨୫, ବରପାଲିରେ ୧୪୩୪, ଭଟଲିରେ ୯୮୫, ଭେଡେନରେ ୧୩୮୦, ବିଜେପୁରରେ ୧୪୯୬, ଗାଇସିଲେଟରେ ୧୧୬୦, ଝାରବନ୍ଧରେ ୯୦୫, ପାଇକମାଳରେ ୧୫୨୦, ରାଜବୋଡ଼ାସମ୍ବର(ପଦ୍ମପୁର)ରେ ୧୭୦୬ ଏବଂ ସୋହେଲା ବ୍ଲକରେ ୧୫୪୦ଜଣ ପରୀକ୍ଷାର୍ଥୀ ରହିଛନ୍ତି।

ପରୀକ୍ଷାର୍ଥୀଙ୍କ ପାଇଁ ଏଥର ଜିଲାରେ ସମୁଦାୟ ୯୮ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ସେଥିରୁ ଅମ୍ବାଭୋନା ବ୍ଲକରେ ୧୪ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୪, ଅତାବିରା ବ୍ଲକ/ପୌରାଞ୍ଚଳରେ ୩୩ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୧୦, ବରଗଡ଼ ବ୍ଲକ, ପୌରାଞ୍ଚଳରେ ୪୧ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୧୩, ବରପାଲି ବ୍ଲକର ୩୨ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ପାଇଁ ୭, ଭଟଲିର ୧୯ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୬, ଭେଡେନ ବ୍ଲକର ୨୮ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୮, ବିଜେପୁରର ୨୭ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୮, ଗାଇସିଲେଟର ୨୩ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୭, ଝାରବନ୍ଧ ହାଇସ୍କୁଲର ୧୮ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୬, ପାଇକମାଳର ୨୫ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୧୦, ରାଜବୋଡ଼ାସମ୍ବର ବ୍ଲକର ୨୯ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୧୦ ଏବଂ ସୋହେଲା ବ୍ଲକର ୩୧ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପାଇଁ ୯ ପରୀକ୍ଷା କେନ୍ଦ୍ର ରହିଛି। ସେହିପରି ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୧୨ନୋଡାଲ ପରୀକ୍ଷା କେନ୍ଦ୍ର ଅଛି।

ତେବେ ପରୀକ୍ଷା କେନ୍ଦ୍ର ସଂଖ୍ୟା ବୃଦ୍ଧି ପାଉଥିବାବେଳେ ପରୀକ୍ଷାର୍ଥୀଙ୍କ ସଂଖ୍ୟା କମିବାରେ ଲାଗିଛି। ୨୦୧୮-୧୯ ଶିକ୍ଷାବର୍ଷରେ ଜିଲାରେ ୯୨ପରୀକ୍ଷା କେନ୍ଦ୍ର ଖୋଲାଯାଇ ଥିବାବେଳେ ୧୮ହଜାର ୫୧୩ ପରୀକ୍ଷାର୍ଥୀ ଥିଲେ। ୨୦୧୯-୨୦ରେ ପରୀକ୍ଷାକେନ୍ଦ୍ର ୮୮ ଏବଂ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୭ହଜାର ୩୯୩କୁ ଖସିଥିଲା। ୨୦୨୦-୨୧ ଏବଂ ୨୦୨୧-୨୨ରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୨୦ହଜାର ୬୧୨ ଏବଂ ୨୦ହଜାର ୯୭୧କୁ ବୃଦ୍ଧି ପାଇଥିଲା। କିନ୍ତୁ ୨୦୨୨-୨୩ରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ପୁଣି ହ୍ରାସ ପାଇଥିଲା। ସେତେବେଳେ ୯୩ପରୀକ୍ଷା କେନ୍ଦ୍ର ରହିଥିବାବେଳେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୭ହଜାର ୯୨୬କୁ ଖସିଥିଲା। ୨୦୨୩-୨୪ରେ ଉଭୟ ପରୀକ୍ଷାକେନ୍ଦ୍ର ଏବଂ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ୯୭ପରୀକ୍ଷା କେନ୍ଦ୍ର ରହିଥିବାବେଳେ ୧୮ହଜାର ୪୯୯ ପରୀକ୍ଷାର୍ଥୀ ଥିଲେ। କିନ୍ତୁ ଏଥର ପରୀକ୍ଷାକେନ୍ଦ୍ର ୯୮କୁ ବୃଦ୍ଧି ପାଇଥିବାବେଳେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୭ହଜାର ୨୧୬କୁ ହ୍ରାସ ପାଇଛି।

### ଶିକ୍ଷାବିତ୍‌ମାନେ କହନ୍ତି...

**ଓଡ଼ିଆ ମାଧ୍ୟମ ସ୍କୁଲ ପ୍ରତି ଭରସା ତୁଟୁଛି**



"ଓଡ଼ିଆ ମାଧ୍ୟମ ସ୍କୁଲଗୁଡ଼ିକରେ ଶିକ୍ଷକ ଅଭାବ ରହୁଛନ୍ତି। ବିଜ୍ଞାନ ଲାବରେଟୋରିଗୁଡ଼ିକ ପାଇଁ ପର୍ଯ୍ୟାପ୍ତ ଖର୍ଚ୍ଚ କରାଯାଉଛି। ହେଲେ ଛାତ୍ରୀଛାତ୍ରଙ୍କଠାରେ ସେଗୁଡ଼ିକର ଉପଯୁକ୍ତ ଡେମୋନଷ୍ଟ୍ରେଶନ ହେଉ ନାହିଁ। ଆଗଭଳି ଶିକ୍ଷା ଅଧିକାରୀମାନେ ମଧ୍ୟ ସ୍କୁଲକୁ ସରପ୍ରାଇଜ୍ ଭିଜିଟ୍‌ରେ ଯାଉ ନାହାନ୍ତି। ଛାତ୍ରୀଛାତ୍ରଙ୍କୁ ଯେଉଁ ମାର୍କ ଦିଆଯାଉଛି, ସେଥିରେ ମଧ୍ୟ ଗୁଣାବତ୍ତା ନାହିଁ। ସ୍କୁଲର ଇନଫ୍ରାଷ୍ଟ୍ରକଚର୍ କେବଳ ବଢୁଛି, ହେଲେ ଓଡ଼ିଆ ମାଧ୍ୟମ ସ୍କୁଲ ପ୍ରତି ଅଭିଭାବକଙ୍କ ଭରସା ତୁଟିବାରେ ଲାଗିଛି।

**-କିରଣ କୁମାର ମିଶ୍ର, ଶିକ୍ଷାବିତ୍**

**ଉତ୍ତର ଦାୟିତ୍ୱର ଅଭାବ ହିଁ କାରଣ**



"ଇଂଲିଶ ମାଧ୍ୟମ ସ୍କୁଲଗୁଡ଼ିକରେ ପିଲାଙ୍କୁ ପଢ଼ାଇଲେ ଚାକିରି ପାଇଁ ହେଉଥିବା ପ୍ରତିଯୋଗିତାମୂଳକ ପରୀକ୍ଷାରେ ପିଲାମାନେ ସୁବିଧାଜନକ ସ୍ଥିତିରେ ରହିବେ ବୋଲି ଅଭିଭାବକଙ୍କ ଭ୍ରମାତ୍ମକ ଧାରଣା ରହୁଛି। ସେହିପରି ଇଂଲିଶ ମାଧ୍ୟମ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇବା କିଛି ଅଭିଭାବକ ନିଜ ସାମାଜିକ ମାନ ସମ୍ମାନର ପରିମାପକ ବୋଲି ମନେ କରିଥାନ୍ତି। ଯାହାକି ହାସ୍ୟାସ୍ପଦ। ଅନ୍ୟପଟେ ଓଡ଼ିଆ ମାଧ୍ୟମ ସ୍କୁଲରେ ଉତ୍ତର ଦାୟିତ୍ୱର ଯଥେଷ୍ଟ ଅଭାବ ରହୁଛି। ଏଥିପାଇଁ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା ନିରନ୍ତର ହ୍ରାସ ପାଉଛି।

**-ସତ୍ୟନାରାୟଣ ପାଢ଼ୀ, ଶିକ୍ଷାବିତ୍**

## ରାଜ୍ୟସ୍ତରୀୟ କିଷାନ ମହାପଞ୍ଚାୟତ ପାଇଁ ପ୍ରସ୍ତୁତି

**ପଦ୍ମପୁର,୨୦।୨(ପ୍ରଦୀପ୍ତ ଦାଶ)**

ଆସନ୍ତା ମାର୍ଚ୍ଚ ୭ ତାରିଖରେ ବରଗଡ଼ ଜିଲାରେ ପ୍ରଥମ କରି ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ରାଜ୍ୟସ୍ତରୀୟ କିଷାନ ମହାପଞ୍ଚାୟତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପଦ୍ମପୁର ଗୋରୁ ବଜାରଠାରେ ଆବାହକ ଅଶୋକ ସାହୁଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ବୈଠକରେ ଉପଦେଷ୍ଟା ରମେଶ ମହାପାତ୍ର ସଂଯୁକ୍ତ କିଷାନ ମୋର୍ଚ୍ଚା କେନ୍ଦ୍ରୀୟ କମିଟିଗୁଡ଼ିକର ବୈଠକରେ ବରଗଡ଼ ଜିଲାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ସମସ୍ତ ସାଙ୍ଗଠନିକ ସଦସ୍ୟ ଯୋଗଦେବା ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। ପୂର୍ବ ନିର୍ଦ୍ଧାରିତ ଜର୍ଜ ହାଇସ୍କୁଲ ପଡ଼ିଆକୁ ଜିଲା ପ୍ରଶାସନ କୌଣସି କାରଣରୁ ମନା କରିବା ଫଳରେ ସୟାଁ ଖେଳ ପଡ଼ିଆରେ କରିବାର ଅନୁମତି ପାଇଥିବା ପ୍ରକାଶ କରିଥିଲେ। ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ଯେଉଁ ସବୁ ପ୍ରସଙ୍ଗ ପ୍ରଶାସନ ବା ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ସେହି ସବୁ ପ୍ରସଙ୍ଗ ଏହି ମହାପଞ୍ଚାୟତରେ ଆଲୋଚନା ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସଂଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥୀ, ରୋହିତ ପଧାନ, ପଞ୍ଚାନନ ସାହୁ, ଲିଙ୍ଗରାଜ ପଧାନ, କାହ୍ନୁ ମେହେର, ରତିକାନ୍ତ ବାରିକ, ଆନନ୍ଦ ପଧାନ, ବିରେନ ପଧାନ, ଭଗବାନ ପଧାନ, ଅମୋଦ ପଟେଲ ଏବଂ ଅମୃତ ଲାଲ ସାହୁ, ବିଜୟ ପଧାନ ଉପସ୍ଥିତ ଥିଲେ।



ବରଗଡ଼ ଜିଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳାପରିଷଦର ବଛରକିଆ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କଳାକାରମାନେ। **(ଫଟୋ: ପ୍ରେମାନନ୍ଦ ଖମାରୀ)**

## ଜାଗର ମେଳା ପାଇଁ ପ୍ରସ୍ତୁତି ବୈଠକ

**ସରଣ୍ଡା,୨୦।୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ସ୍ଥିତ ଅଷ୍ଟଶମ୍ଭୁ ବିଶ୍ୱେଶ୍ୱର ବାବାଙ୍କ ଶୈବ ପୀଠରେ ମହା ଶିବରାତ୍ରି ପାଇଁ ବୁଧବାର ରାତି ୯ଟାରେ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ବୈଠକରେ ଉପ ସଭାପତି ରାଧେଶ୍ୟାମ ମହାପାତ୍ର, କୋଷାଧ୍ୟକ୍ଷ ପ୍ରମୋଦ ମହାପାତ୍ର, ଦେବରାଜ ମହାପାତ୍ର, ସଂଯୋଜକ ମନୋଜ ମହାପାତ୍ର, ଶ୍ରୀକାନ୍ତ ସିଂଦେଓ, ଯୁଧିଷ୍ଠିର ମହାପାତ୍ର, ଗୌରୀଶଙ୍କର ମହାପାତ୍ର, ଅନ୍ତର୍ଯାମୀ ମହାପାତ୍ର, ଲବ ମହାପାତ୍ର, ମୁକ୍ତେଶର ମହାପାତ୍ର, ମଧୁସୂଦନ ମହାପାତ୍ର, ଅବଧୂତ ମହାପାତ୍ର, ତରଣୀ ମହାପାତ୍ର, ସୁଦାମ ମହାପାତ୍ର, ଟିଙ୍କୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଆସନ୍ତା ବୁଧବାର ଅନୁଷ୍ଠିତ ହେବାକୁ ଥିବା ସରଣ୍ଡା ବିଶ୍ୱେଶ୍ୱର ବାବାଙ୍କ ମହା ଶିବରାତ୍ରି ଜାଗର ମେଳା ପାଇଁ ଫେବୃଆରୀ ୨୨ ତାରିଖ ଶନିବାର ଶୁଭସ୍ତମ୍ଭ ସ୍ଥାପନ କରିବାକୁ ସ୍ଥିର କରାଯାଇଛି । ମହା ଶିବରାତ୍ରି ଉଜାଗର ମେଳା ଦିନ ପାହାନ୍ତିଆ ୩ଟାରେ ମନ୍ଦିର ଦ୍ୱାର ଖୋଲାଯାଇ ପାଳି ପୂଜକ ପ୍ରଥମେ ବାବା ବିଶ୍ୱେଶ୍ୱରଙ୍କୁ ଗଙ୍ଗା ଜଳରେ ସ୍ନାନ କରାଇ ବିଧିମୁତାବକ ପୂଜାର୍ଚ୍ଚନା କରିବେ । ପରେ ଭକ୍ତଙ୍କ ପାଇଁ ଦର୍ଶନ ଲାଗି ଦ୍ୱାର ଖୋଲାଯିବ । ପୂର୍ବାହ୍ନ ସାଢେ ଦଶ ଟାରେ ବିଶ୍ୱେଶ୍ୱର ବାବାଙ୍କ ପୀଠରୁ ବାବା ଚନ୍ଦ୍ରଶେଖର ସରଣ୍ଡା ଗ୍ରାମ୍ୟ ପରିକ୍ରମା ପାଇଁ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରିବେ। ଏଥିରେ ବରପାଲି ଖେମେସରାର ଘୁଙ୍ଗୁରା ବାଦ୍ୟ ସାଂସ୍କୃତିକ ଅନୁଷ୍ଠାନ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ସେହିପରି ରାତ୍ରିରେ ସୁବର୍ଣ୍ଣପୁର ଜିଲା ଖଲିଆପାଲି ଗ୍ରାମର ଓ ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଲିଙ୍ଗମାର୍ଣ୍ଣି ଗ୍ରାମର ମାଁ ଚନ୍ଦ୍ରିପାଟ ମହିଳା ସଂକୀର୍ତ୍ତନ ଦଳ ବୈଠକୀ ଭଜନ କୀର୍ତ୍ତନ ପରିବେଷଣ କରିବେ ।



ମହା ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ବରଗଡ଼ ଏମ୍‌ପିଙ୍କୁ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତିର ଦାବିପତ୍ର

**ପାଇକମାଳ/ପଦ୍ମପୁର,୨୦।୨ (ବଡ଼ ଶତପଥୀ/ପ୍ରଦୀପ୍ତ ଦାଶ)**

ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଗୁରୁବାର ମିଳିତ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ସଦସ୍ୟ ତଥା ଅଲ୍ ଓଡ଼ିଶା ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ପ୍ରାଥମିକ ଶିକ୍ଷାରୁ ଚୁକ୍ତିଭିତ୍ତିକ ପ୍ରଥା ସ୍କିମାଟିକ୍ ପ୍ରଥା ଉଚ୍ଛେଦ, କଣ୍ଟ୍ରାକ୍ଟୁଆଲ ସମୟ ୬ ବର୍ଷ ଓ ୮ ବର୍ଷ ସମୟ ଅବଧିକୁ ମୂଳ ଚାକିରିରେ ଗଣନା କରିବା ସହ ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ, ମାଟ୍ରିକ ସି.ଟି. ପୋଷ୍ଟରୁ ଯୁକ୍ତ୨ ସି. ଟି. ପୋଷ୍ଟକୁ ଉନ୍ନୀତ କରି ୩୫୪୦୦ ସ୍କେଲ୍‌ରେ ଦରମା ପ୍ରଦାନ ଆଦି ଉଲ୍ଲେଖ ରହିଛି। ଏହି ଦାବିକୁ ପୂରଣ କରିବା ଦିଗରେ ସରକାରଙ୍କ ସହ ଆଲୋଚନା କରି ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବାକୁ ବରଗଡ ଏମ୍‌ପି ପୁରୋହିତ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରାଜବୋଡାସମ୍ବର ବ୍ଲକର ସାଙ୍ଗଠନିକ ସମ୍ପାଦକ ନେତ୍ରାନନ୍ଦ ସାହୁ, ଝାରବନ୍ଧ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଷ୍ଣୁ ଚରଣ ସାହୁ, ପଦ୍ମପୁର ବ୍ଲକରୁ ପ୍ରେମସାଗର ପ୍ରଧାନ, ସୁରେଶ ସିଂ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।



ଶିକ୍ଷକ ସଂଘ ପକ୍ଷରୁ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ଦାବିରେ ଗଣଧାରଣା

**ପାଇକମାଳ,୨୦।୨(ବଡ଼ ଶତପଥି)**

ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର କପିଳମୁନି ଆଶ୍ରମ ନୃସିଂହନାଥ ଓ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ହରିଶଙ୍କର ଶାଖାର ମିଳିତ ଆନୁକୂଲ୍ୟରେ ଗନ୍ଧମାର୍ଦ୍ଦନ ପର୍ବତର ସ୍ଥାୟୀ ସୁରକ୍ଷା ଆଇନ ଦାବି ନେଇ ପାଇକମାଳ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦିଆଯାଇଛି। ଏହି ଧାରଣା ଗୁରୁବାର ଅଷ୍ଟମ ଦିନରେ ପହଞ୍ଚିଛି। ଗଣ ଧାରଣା ସଭାରେ କେନ୍ଦୁଭଟା ଗ୍ରାମ ସହିତ ବିଭିନ୍ନ ଗ୍ରାମରୁ ଶତାଧିକ ଲୋକେ ଯୋଗଦେଇଥିଲେ। ସଭାରେ କ୍ଷିରୋଦ ରେନ୍ଧିଆ ସଭାପତିତ୍ୱ କରିଥିଲେ। ପିଙ୍ଗଲମୁଣ୍ଡା ଗ୍ରାମର ସନ୍ତୋଷ ପ୍ରଧାନ, ଗିରିଶ ତନସନା, ସୁଧାଂଶୁ ଶେଖର ବାରିକ, ରବିନାରାୟଣ ସାହୁ, ଡାଏମଣ୍ଡ ଭୂଏ ତଥା କେନ୍ଦୁଭଟା ଗ୍ରାମ ମାଁ ଭଉଣୀ, ଭଦ୍ରବ୍ୟକ୍ତିମାନେ ଗନ୍ଧମାର୍ଦ୍ଦନ ପର୍ବତର ସ୍ଥାୟୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ସମସ୍ତଙ୍କର ଗୋଟିଏ ଦାବି ଗନ୍ଧମାର୍ଦ୍ଦନ ପର୍ବତର ସ୍ଥାୟୀ ସୁରକ୍ଷା ଆଇନ ପ୍ରଣୟନ କରାଯାଉ ବୋଲି ଦାବି କରିଛନ୍ତି।

## ମାସିକ ଗଙ୍ଗାଧର ସାହିତ୍ୟ ଆଲୋଚନା

**ବରପାଲି,୨୦।୨(ଚିତ୍ତରଞ୍ଜନ ସାହୁ)**

କବି ଗଙ୍ଗାଧର ମେହେରଙ୍କ ସାହିତ୍ୟ ପର୍ଯ୍ୟବସିତ ଏକ ସାରସତ୍ୱ ସଭା ଗୁରୁବାର ଅନୁଷ୍ଠିତ ହୋଇଛି। ଗଙ୍ଗାଧର କ୍ଲବର ନୂତନ ସଭାପତି ନରେନ୍ଦ୍ର କୁମାର ହୋତାଙ୍କ ସଭାପତିତ୍ୱ, ସମ୍ପାଦକ ବାଳ କିଶୋର ଖାଡଙ୍ଗାଙ୍କ ସଂଯୋଜନା ଓ ପ୍ରାକ୍ତନ ସଭାପତି ଡ. ଘନଶ୍ୟାମ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏହା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଉପ ସଭାପତି ପଦ୍ମ ଲୋଚନ ସାହୁ ସଂଯୋଜନା କରିଥିଲେ। ଏହି ମାସିକ ଗଙ୍ଗାଧର ସାହିତ୍ୟ ଆଲୋଚନାକୁ ବକ୍ତା ହିସାବରେ ସତଲମା ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀଲୋକବନ୍ଧୁ ପଧାନ ଆଲୋଚନା କରିଥିଲେ। ଶ୍ରୀଖାଡ଼ଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଦିନିଆ ବର୍ଷା ସହ କୁଆ ପଥର ମାଡ଼

**ବରପାଲି,୨୦।୨(ଚିତ୍ତରଞ୍ଜନ ସାହୁ)**

ବରପାଲିରେ ଗୁରୁବାର ସନ୍ଧ୍ୟାରେ ଅଦିନିଆଁ ବର୍ଷା ପବନ ସହ କୁଆପଥର ମାଡ଼ ହୋଇଛି। ଏହାର ପ୍ରଭାବରେ ସହରର କେତେକ ସ୍ଥାନରେ ଚାଳଘର ଉଡ଼ି ଯାଇଥିବା ବେଳେ ବସ୍‌ଷ୍ଟାଣ୍ଡର କେତୋଟି ଦୋକାନର ଗୃହର ଆଜବେଷ୍ଟସ ମଧ୍ୟ ଉଡେଇ ନେଇଛି। ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଯିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ସେହିପରି ଗ୍ରାମାଞ୍ଚଳରେ ବ୍ୟାପକ ପନିପରିବା କ୍ଷୟକ୍ଷତି ହୋଇଛି। ବରପାଲି ରାମେଶ୍ୱରରେ ନୂତନ ପ୍ରତିଷ୍ଠିତ ବାସେଲି ଦେବୀ ମନ୍ଦିର କୁମ୍ଭ ଓ ପାଚେରୀ ଉପରେ ବିଶାଳ ବଟ ବୃକ୍ଷ ଭାଙ୍ଗିଯାଇଯାଇଛି। ସରକାରୀ କ୍ଷତିପୂରଣ ପାଇଁ ଦାବି ହେଉଛି।

## ସମାଜ ସଂସ୍କାରକ ଭଗବାନ ମିଶ୍ରଙ୍କ ଜୟନ୍ତୀ

**ବରଗଡ଼,୨୦।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ସମାଜ ସଂସ୍କାରକ ତଥା ଶିକ୍ଷାବିତ୍ ସ୍ୱର୍ଗତ ଭଗବାନ ମିଶ୍ରଙ୍କ ୮୯ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭଗବାନ ମିଶ୍ର ସ୍ମୃତି ସମିତି ପକ୍ଷରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମିତିର ସଭାପତି ସର୍ଦ୍ଦାର ପ୍ରୀତମ ସିଂ ସଭାପତିତ୍ୱ କରିଥିଲେ। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ମିଶ୍ରଙ୍କ ସମାଜ ପ୍ରତି ଅବଦାନ ଉପରେ ଆଲୋକପାତ କରିଥିଲେ। ଏହା ସହିତ ଏମ୍‌ପି ନିଜେ ବାପାଙ୍କ ନାଁରେ ସମାଜ ପ୍ରତି ସମର୍ପିତ ଜଣଙ୍କୁ ସମ୍ମାନିତ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଛତିଶଗଡ଼ ରାଜ୍ୟ ସରାଇପାଲିର ଶିକ୍ଷାବିତ୍ ବିଦ୍ୟାଭୂଷଣ ଶତପଥୀ ମୁଖ୍ୟବକ୍ତା ଭାବେ ମିଶ୍ରଙ୍କ ସାମାଜିକ କାର୍ଯ୍ୟରେ ତାଙ୍କ ଭୂମିକା ଉପରେ କହିଥିଲେ। ଅତାବିରା ବ୍ଲକ ବନହର ଗାଁର ଶିକ୍ଷକ ନକୁଳ ବାଦୀଙ୍କୁ ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ରେଣୁ ଅଗ୍ରୱାଲ, ଜଗଦାନନ୍ଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସନ୍ତୋଷ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ବିବରଣୀ ପାଠ କରିଥିଲେ। ସମାରୋହରେ ବରଗଡ଼ ଜିଲାରେ ଗତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୮ଜଣ ଛାତ୍ରୀଛାତ୍ରଙ୍କୁ ମେଧା ପୁରସ୍କାର ପ୍ରଦାନ କରାଯାଇଥିଲା। ହିନ୍ଦୀ ପ୍ରତିଯୋଗିତାରେ କୃତକାର୍ଯ୍ୟ ୩୧ଜଣ ପୁରସ୍କୃତ ହୋଇଥିଲେ। ବିନୋଦ ସାହୁ, ରାମକୃଷ୍ଣ ଠାକୁର, କମଳ ଯୋଶୀ, ନିଳାମ୍ବର ମେହେର, ଜଗଦୀଶ ସୈନ, ମନୋରମା ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅରବିନ୍ଦ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।



ଶିକ୍ଷକ ନକୁଳ ବାଦୀଙ୍କୁ ସମାରୋହରେ ସମ୍ବର୍ଦ୍ଧିତ କରାଯାଉଛି।

## ଜଳାଶୟ ପୋତିବାକୁ ବିରୋଧ, ଜିଲାପାଳଙ୍କୁ ଫେରାଦ

**ବରଗଡ଼,୨୦।୨(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲା ସଦର ବ୍ଲକ ଅନ୍ତର୍ଗତ ତେନ୍ତଲା ଗ୍ରାମରେ ଗ୍ରାମବାସୀଙ୍କ ଏକମାତ୍ର ନିର୍ଭରଯୋଗ୍ୟ ଜଳାଶୟ(ବନ୍ଧ)କୁ ପୋତିଦେବା ପାଇଁ କିଛି ଲୋକେ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ତାକୁ ବିରୋଧ କରି ଗୁରୁବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟିଛନ୍ତି। ଜିଲାପାଳ ଗୋୟଲଙ୍କୁ ସେମାନେ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ ସହିତ ଜଳାଶୟର ସୁରକ୍ଷା ଦିଗରେ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ତେନ୍ତଲା ଗ୍ରାମରେ ଏକ ଜଳାଶୟ ରହିଛି। ସେହି ଜଳାଶୟ ଉପରେ ଗ୍ରାମର ପ୍ରାୟ ୭୦୦ଲୋକେ ବର୍ଷସାରା ନିର୍ଭର କରି ଆସୁଛନ୍ତି। ଜଳାଶୟ ପାଣିରେ ଗାଧୋଇବା ସହିତ ବିଭିନ୍ନ ପର୍ବପର୍ବାଣୀରେ ସେହି ଜଳାଶୟରୁ ଜଳପୂର୍ଣ୍ଣ କଳସ ଆଣି ପୂଜା ଆଦି କାର୍ଯ୍ୟକ୍ରମ କରୁଛନ୍ତି। ସେହିପରି ବିବାହ, ବ୍ରତ କାର୍ଯ୍ୟକ୍ରମରେ ମଧ୍ୟ ଉକ୍ତ ଜଳାଶୟ ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ଏପରିକି ଜଳାଶୟ ପାଣି ଶୁଖିଗଲେ ଗ୍ରାମବାସୀ ଗଭୀର ନଳକୂପରୁ ପାଣି ଆଣି ସେଠାରେ ଭର୍ତ୍ତି କରି ଆସୁଛନ୍ତି। ଏଥିପାଇଁ ଜଳାଶୟ ନିକଟରେ ଏକ ଗଭୀର ନଳକୂପ ମଧ୍ୟ ଖନନ କରାଯାଇଛି। କିନ୍ତୁ ବୁଧବାର ୫ଜଣ ଲୋକ ସେଠାକୁ ପହଞ୍ଚି ଗଭୀର ନଳକୂପ ପାଇଁ ରହିଥିବା ମୋଟର ପମ୍ପ ବନ୍ଦ କରି ଦେଇଥିଲେ ଏବଂ ଜଳାଶୟରେ ପାଣି ଭର୍ତ୍ତି କରିବାକୁ ମନା କରିଥିବା ଅଭିଯୋଗ ହୋଇଛି। ଏହା ସହିତ ସେହି ଜଳାଶୟ ହିଡ଼ ଭାଙ୍ଗି ସେଠାରୁ ଜଳ ନିଷ୍କାସନ କରି ମାଟି ପକାଇ ଜଳାଶୟକୁ ପୋତି ଦେବେ ବୋଲି ସେମାନେ ଧମକ୍ ଦେଇ ସେଠାରୁ ଚାଲି ଯାଇଥିବା ଗ୍ରାମବାସୀ କହିଛନ୍ତି। ଆଗରୁ ମଧ୍ୟ ଗ୍ରାମବାସୀଙ୍କୁ ଏଭଳି ଧମକଚମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଫଳରେ ଜଳାଶୟର ସୁରକ୍ଷା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଜିଲାପାଳଙ୍କଠାରେ ଦାବି ଉପସ୍ଥାପନ କରିଛନ୍ତି। ଭରତ ପ୍ରଧାନ, କାର୍ତ୍ତିକ ଷଣ୍ଢ, ବିଦ୍ୟା ପ୍ରଧାନ, ସୁନିଲ ପ୍ରଧାନଙ୍କ ସମେତ ଗ୍ରାମର ଅନେକ ମହିଳା, ପୁରୁଷ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।



ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରୁଛନ୍ତି।

**ଜଳାଶୟର ସୁରକ୍ଷା ଦେବାକୁ ଦାବି**

## ସଂକ୍ଷେପରେ

### ସପ୍ତାହବ୍ୟାପୀ ଭାଗବତ କଥାମୃତ




ସୁନ୍ଦରଗଡ,୨୦।୨(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ସହର ଇବ୍ ନଗର (ଆରଆର ଆଇଟି କଲୋନୀ) ଶିବ ମନ୍ଦିର ପରିସରରେ ଚାଲିଥିବା ସପ୍ତାହ ବ୍ୟାପୀ ଭାଗବତ କଥାମୃତର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ପୁରୀରୁ ଆଗତ ତ୍ରୀଦଣ୍ଡି ସ୍ୱାମୀ ଭକ୍ତି ରକ୍ଷକ ସିଦ୍ଧାନ୍ତି ମହାରାଜ ଏହି କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ଯୋଗଦେଇ ଭାଗବତର ଗାଥାକୁ ଆଲୋଚନା କରୁଛନ୍ତି। ରାଧାକୃଷ୍ଣଙ୍କ ଭଜନ ସଂକୀର୍ତ୍ତନ ଗାନ କରି ଶ୍ରଦ୍ଧାଳୁଙ୍କୁ ବାନ୍ଧି ରଖିଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ୬ଟାରୁ ରାତି ୯ ଟା ପର୍ଯ୍ୟନ୍ତ ଚାଲିବ।

### କୁଆପଥର ବର୍ଷାରେ ଫସଲ କ୍ଷତିଗ୍ରସ୍ତ, ଚିନ୍ତାରେ ଚାଷୀ

ବନ୍ଧମୁଣ୍ଡା,୨୦।୨(ସୁବ୍ରତ ଦେ): ବିଶ୍ରା ବ୍ଲକ ଉଡସୁ ପଞ୍ଚାୟତର ପ୍ରାୟ ସମସ୍ତ ଗାଁରେ ଗୁରୁବାର ସକାଳେ ପ୍ରବଳ ଝଡ଼ ସହିତ କୁଆପଥର ବର୍ଷା ହୋଇଥିଲା। ପ୍ରବଳ ବର୍ଷା ଯୋଗୁ ଚାଷ ଜମିଗୁଡିକ ଜଳମଗ୍ନ ହୋଇପଡିଛି। ଫଳରେ ଫସଲ ନଷ୍ଟ ହୋଇଯାଇଛି। ଚାଷୀମାନେ ସେମାନଙ୍କ ଅଞ୍ଚଳର ସରପଞ୍ଚ ଦୁଲାରୀ ଖାଖାଙ୍କ ମାଧ୍ୟମରେ ବିଶ୍ରା ବ୍ଲକ ଅଧିକାରୀ ଜଗନ୍ନାଥ ହନୁମାନଙ୍କୁ ଫସଲର କ୍ଷତି ବିଷୟରେ ଜଣାଇବା ସହିତ କ୍ଷତି ପୂରଣ ବାବଦରେ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି।



ଚାଷ ଜମି ଜଳମଗ୍ନ ହୋଇଛି।

# ୭ ହତ୍ୟା ଅଭିଯୁକ୍ତ ଗିରଫ

ରାଉରକେଲା,୨୦।୨(ଦିନେଶ ମିଶ୍ର)

ରାଉରକେଲା ପୋଲିସ ଚାନ୍ଦିପୋଷ ଓ କୁତ୍ରା ଥାନା ଅଞ୍ଚଳରେ ହୋଇଥିବା ଦୁଇଟି ହତ୍ୟାକାଣ୍ଡର ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୭ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରଘୁନାଥପାଲି ଥାନା ଅନ୍ତର୍ଗତ ମନଟୋଲା ବସ୍ତିର ରାଧା ସ୍ୱାଇଁ(୩୦), ବେଦବ୍ୟାସ ଅଞ୍ଚଳର ମନୋଜ ଦାସ(୨୦), ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲୀ ଅଞ୍ଚଳର ଯୁବରାଜ ପାଶୱାନ(୨୧), ଶେଖ୍ ଆସିଫ ଅଲ୍ଲୀ(୨୨), ଗାନ୍ଧୀରୋଡ୍‌ର ସୁରଜ କୁମାର ସିଂ(୨୨), ଭବେଶ ରାଜ ଚୌଧୁରୀ(୨୦), ଝାଡ଼ଖଣ୍ଡର ଶମ୍ଭୁ ମାହତୋ(୪୨)। ସେମାନେ ହତ୍ୟାରେ ବ୍ୟବହାର କରିଥିବା ଭୁଜାଲି ଓ ଛୁରିକୁ ମାରଣାସ୍ତ୍ର ବ୍ରାହ୍ମଣୀ ନଦୀ ଏବଂ ଏକ ମୋବାଇଲ ସହ ଗାଡ଼ିକୁ ଡିଏଭି ପୋଖରୀରୁ ଜବତ କରାଯାଇଛି।




ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

**କୋଇଲା ବ୍ୟବସାୟୀ ଓ ହିସାବରକ୍ଷକ ହତ୍ୟା ଘଟଣା**

ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଓ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଉରକେଲା ସିଭିଲଟାଉନଶିପ୍ ଅଞ୍ଚଳର କୋଇଲା ବ୍ୟବସାୟୀ ବିନୋଦ ଦାରୁକା(୬୪) ସପରିବାର ରୁହନ୍ତି। ତାଙ୍କ କାର୍ଯ୍ୟାଳୟରେ ପି. ଦୀପା ରାୟ(୩୨) ହିସାବରକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୨ ତାରିଖରେ ବିନୋଦ ଓ ଦୀପା ରାୟ ନିଜ କାର୍ (ନଂ.ଓଡି୧୪ଏସ୍/୮୮୯୯) ଯୋଗେ ଘରୁ ବାହାରି ଆଉ ଫେରି ନ ଥିଲେ। ତାଙ୍କ ଫୋନ ସୁଇଚ୍ ଅପ୍ ଥିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଗତ ୧୫ ତାରିଖରେ ରଘୁନାଥପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଘଟଣାର ତଦନ୍ତ ଜାରି ରଖିଥିବାବେଳେ ଗତ ୧୪ ତାରିଖ ରାତିରେ କୁତ୍ରା ଥାନା ଗମାରଡିହି ମୁଖ୍ୟ ରାସ୍ତାକଡ଼ରେ ବିନୋଦଙ୍କ ମୃତଦେହକୁ ଚିହ୍ନଟ କରିଥିଲା। ସେହିଭଳି କୋଇଲା ବ୍ୟବସାୟୀ ବିନୋଦଙ୍କ କାର୍ଯ୍ୟାଳୟର ହିସାବରକ୍ଷକ ପି. ଦୀପା ରାୟ(୩୨)ଙ୍କ ନିଖୋଜକୁ ନେଇ ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ଚାନ୍ଦିପୋଷ ଥାନା ଅନ୍ତର୍ଗତ ଏକ ପୋଲ ତଳୁ ତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ଉଦ୍ଧାର କରିଥିଲା। ଦୁଇଟ ହତ୍ୟା ଘଟଣାର ଦୋଷୀଙ୍କୁ ଧରିବା ଲାଗି ଏସ୍‌ପି ୱାଧୱାନୀ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଥିଲେ। ଉକ୍ତ ସ୍କ୍ୱାଡ୍ ଉଭୟ ଘଟଣାର ଛାନ୍‌ଭିନ୍ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## କାଂଶବାହାଲ ଡକାୟତି ଘଟଣା: ୫ ଗିରଫ

ରାଜଗାଙ୍ଗପୁର,୨୦।୨(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କାଂଶବାହାଲଠାରେ ହୋଇଥିବା ସଶସ୍ତ୍ର ଡକାୟତି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମୁନା ସନ୍ୟାସୀ, ନେହେରୁ ସନ୍ୟାସୀ, ସୁରଜ ବରୁଆ, ସାଗର ସାହୁ, ସୁଜିତ ଭେଙ୍ଗ୍ରା। ଗୁରୁବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ପୋଲିସ ୩ଟି ବାଇକ୍, ୧୦୦୦୦ ଟଙ୍କା, ୩ହଳ ସୁନା ଚୁଡି, ୨ହଳ କାନଫୁଲ, ୧ଟି ସୁନା ଚେନ, ୧ଟି ସୁନା ରିଙ୍ଗ, ସୁନା ବ୍ରେସଲେଟ ଓ ମୁଦି, ୫ଟି ମୋବାଇଲ, ଛୁରି, ୨ଟି ଗୁଳି ରଖିବା ମ୍ୟାଗାଜିନ ଓ ୫ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ରାଜଗାଙ୍ଗପୁର ଏସଡିପିଓ ବିଭୂତି ଭୂଷଣ ଭୋଇ ଗୁରୁବାର ପ୍ରେସ ମିଟ କରି ଏହି ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗତ ୪ତାରିଖ ସନ୍ଧ୍ୟାରେ କାଂଶବାହାଲ ନିୟୁ କଲୋନି କ୍ୱାର୍ଟର ନଂ .୨୧୪ ନିବାସି ରଘୁନାଥ ନାଏକଙ୍କ ଘରେ ୫ ଜଣ ଡକାୟତ ପସି ଛୁରା ଓ ବନ୍ଧୁକ ଦେଖାଇ ତାଙ୍କ ପୁଅ ଓ ସ୍ତ୍ରୀଙ୍କୁ ଭୟଭୀତ କରିଥିଲେ। ଆଲମାରିରୁ ୧ଲକ୍ଷ ୧୦ ହଜାର ଟଙ୍କା ସହ ସୁନା ଅଳଙ୍କାର, ବିଭିନ୍ନ ଦରକାରି କାଗଜପତ୍ର, ବ୍ୟାଙ୍କ ଓ ପୋଷ୍ଟାଲ ଡିପୋଜିଟ କାଗଜ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରିଥିଲା। ଅଭିଯୁକ୍ତଙ୍କୁ ଧରିବା ପରେ ଘଟଣା ସମ୍ପର୍କରେ ଜଣାପଡିଥିଲା। ସେଠାକାର ଜଣ ଲୋକେ ରଘୁନାଥଙ୍କୁ ଜାଣନ୍ତି। ସେ ତାଙ୍କ ଘରେ ଡକାୟତି କରିବା ପାଇଁ ଯୋଜନା କରି ତାର ସାଙ୍ଗ ନେହେରୁଙ୍କୁ କହିଥିଲେ। ନେହେରୁ ଏବିଷୟରେ ତାଙ୍କ ପୁତୁରା ମୁନାଙ୍କୁ କହିଥିଲେ। ମୁନା ତାଙ୍କ ସାଙ୍ଗ ଆଜାଦଙ୍କ ସହିତ ଘଟଣାର ୨ ଦିନ ଆଗରୁ ରଘୁନାଥଙ୍କ ଘର ପାଖକୁ ଯାଇ ଡକାୟତି ପାଇ ଯୋଜନା କରି ଫେରିଥିଲେ। ଗତ ୪ ତାରିଖରେ ଡକାୟତି କରିବା ପାଇଁ ଯାଇଥିଲେ। ମୁନା ଓ ସାଗର ଘରର ବାହାରେ ଜଗି ରହିଲେ। ଆଜାଦ, ସୁରଜ ଓ ସୁଜିତ ବନ୍ଧୁକ, ଛୁରା ଧରି ଘରେ ପଶିଲେ। ଲୁଟ ପରେ ଅଧିକାଂଶ ସୁନା ରାଉରକେଲାରେ ଜଣଙ୍କ ମାଧ୍ୟମରେ ବିକ୍ରିକରିଥିଲେ। ଟଙ୍କାକୁ ନିଜ ଭିତରେ ବାଣ୍ଟି ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର ।

## ଆର୍ଦ୍ର ଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

କୁତ୍ରା,୨୦।୨(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ଗଏରବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାସଙ୍କ ତତ୍ତ୍ୱାବଧାନରେ ପରିବେଶ ସନ୍ତୁଳନ ଓ ଜୈବିକ ଉପାଦାନର ସୁରକ୍ଷା ନିମନ୍ତେ ଆର୍ଦ୍ର ଭୂମି ସଂରକ୍ଷଣ ସଚେତନତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରୀମାନେ ବିଦ୍ୟାଳୟରୁ ବାହାରି ଗ୍ରାମ ପରିକ୍ରମା କରି ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ଆର୍ଦ୍ର ଭୂମି ସଂରକ୍ଷଣ ବିଷୟରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପରେ ନିକଟସ୍ଥ ପୋଖରୀକୁ ଯାଇ ଆର୍ଦ୍ର ଭୂମି ପରିଦର୍ଶନ କରିଥିଲେ। ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର ଆର୍ଦ୍ର ଭୂମି ସଂରକ୍ଷଣର ଆବଶ୍ୟକତା ଏବଂ ଏହାର ସଂରକ୍ଷଣ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଏଥିରେ ବିଜ୍ଞାନ ଶିକ୍ଷକ ସୁମିତ ଖାଲଖୋ ଓ ଶିକ୍ଷୟିତ୍ରୀ ସୁପ୍ରିତ ବାଗ ଛାତ୍ରୀଛାତ୍ରଙ୍କୁ ଆର୍ଦ୍ର ଭୂମି ପରିଦର୍ଶନ କରାଇବା ସହିତ ଏହାର ଉପାଦେୟତା ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନେ ଆର୍ଦ୍ର ଭୂମି ସଂରକ୍ଷଣ କରିବା ନେଇ ଶପଥ ପାଠ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ସଟ୍ଟାଖେଳ ଉପରେ ଚଢ଼ାଉ: ୫ ଗିରଫ

ସିନାପାଲି, ୨୦।୨((ମନଫୁଲ ମେହେର)

ସିନାପାଲି ବ୍ଲକର ବିଭିନ୍ନ ଗାଁ ଗଣ୍ଡାରେ ବେଆଇନ ଭାବେ ସଟ୍ଟା ଖେଳ ଚାଲିଥିବା ଅଭିଯୋଗ ହେବା ପରେ ସିନାପାଲି ପୋଲିସ ଆକ୍ସନ ମୋଡ୍‌କୁ ଆସିଛି। ସଟ୍ଟା ଖେଳ ଉପରେ ଅତର୍କିତ ଚଢ଼ାଉ କରି ଦୁଇ ଦିନରେ ୫ଜଣ ସଟ୍ଟା ଏଜେଣ୍ଟଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ସଟ୍ଟା ପଟି ସହ ନଗଦ ଟଙ୍କା ଜବତ ହୋଇଛି। ସୂଚନା ଅନୁସାରେ ଗତ ୧୮ ତାରିଖରେ ସିଙ୍ଗଝର ଗ୍ରାମର ଚୁଲ ନାଏକ, ହାତୀବନ୍ଧା ଗ୍ରାମର ଭୁବନେଶ୍ୱର ମେହେର ଓ ରୋହିତ ସିଂ ନିନାଙ୍କୁ ପୋଲିସ ଗିରଫ କରି ତାଙ୍କଠାରୁ ସଟ୍ଟା ପଟି ଜବତ କରିଥିଲା। ସେହିପରି ଗତ ୧୯ରେ ଗଣ୍ଡାବାହାଲି ଗ୍ରାମର ଜତିନ୍ଦ୍ର ମେହେର ଓ ସିନାପାଲିର ରାଧେଶ୍ୟାମ ମେହେରଙ୍କୁ ଗିରଫ କରି ସଟ୍ଟା ପଟି ଜବତ କରିଥିଲା। ଅଭିଯୁକ୍ତମାନଙ୍କ ନାମରେ କେସ୍ ନ. ୪୨, ୪୩, ୪୪, ୪୫, ୪୬ /୨୦୨୫ରେ ମାମଲା ରୁଜୁ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ନୋଟିସ ଦେଇ ଛାଡି ଦିଆଯାଇଥିବା ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନ ସୂଚନା ଦେଇଛନ୍ତି। ଏହି ଚଢାଉ ପରେ ସଟ୍ଟା ଏଜେଣ୍ଟଙ୍କ ଭିତରେ ଭୟ ସୃଷ୍ଟି ହୋଇଛି।

## କ୍ୟାରିୟର ସଚେତନତା କାର୍ଯ୍ୟଶାଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

କୁତ୍ରା,୨୦।୨(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ବିରତୋଲା ସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ୟାରିୟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ କ୍ୟାରିଅର ସଂସ୍ଥା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିରତୋଲା ଓ ଲତାଲଗା ଉନ୍ନିତ ଉଚ୍ଚ ବିଦ୍ୟାଳୟର ନବମରୁ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଭିଭାବକମାନେ ନିଜର ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି କିଭଳି ଭାବେ ତାଙ୍କର ଭବିଷ୍ୟତ ଗଠନ କରିବେ ସେଥିପ୍ରତି ଅଭିଭାବକଙ୍କୁ ସଚେତନତା ସୃଷ୍ଟି କରିଥିଲେ। ଛାତ୍ରୀଛାତ୍ରମାନେ ସଚେତନ ଆଭାବରୁ ଭୁଲ ବୃତି ଚୟନ କରି ତାଙ୍କ ଭବିଷ୍ୟତରେ ବିଫଳ ହୋଇଥାନ୍ତି। ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଉଭୟ ଅଭିଭାବକ ଓ ଛାତ୍ରୀଛାତ୍ର ସଚେତନ ହୋଇପାରିଛନ୍ତି। ଯାହା ଫଳରେ ଆଗାମୀ ଦିନରେ ନିଜର ଭଲ ଭବିଷ୍ୟତ ଗଠନ କରିବାରେ ସହାୟକ ହୋଇପାରିବ। ଏଥିରେ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଜାମୁଣ୍ଡା, ନିରଞ୍ଜନ ରାଉଳ, ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତି କାଲୋ, ଲତାଲଗା ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଖେସ, କ୍ୟାରିଅର କାଉନସିଲର ଭାବେ ସୁସାନ୍ତ ବୁଡା, ରିତୁପର୍ଣ୍ଣା ଘୋଷ ଏବଂ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଚିତ ଭବିଷ୍ୟତ ଗଠନ କରିବା ଦିଗରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ।

## ଟ୍ରେନ୍ ଧକ୍କାରେ ବୃଦ୍ଧ ମୃତ

ବନ୍ଧମୁଣ୍ଡା,୨୦।୨(ସୁବ୍ରତ ଦେ)

ବନ୍ଧମୁଣ୍ଡା ଡିଜେଲ ଛକ ଏବଂ ଶୀତଳନଗର ମଧ୍ୟରେ ଥିବା ରାଉରକେଲା ଷ୍ଟିଲ ପ୍ଲାଣ୍ଟକୁ ଯାଇଥିବା ରେଳ ଲାଇନରେ ଟ୍ରେନ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବନ୍ଧମୁଣ୍ଡା ଶୀତଳନଗରର ବାସିନ୍ଦା ରମାକାନ୍ତ ସାହୁ (୫୬)। ପ୍ରାପ୍ତ ସୂଚନା ଅନୁଯାୟୀ, ସକାଳ ପ୍ରାୟ ୫ଟା ସମୟରେ ରମାକାନ୍ତ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଲାଇନରେ ଚାଲିକି ଯିବା ସମୟରେ ହଠାତ୍ ଏକ ମାଲବାହୀ ଟ୍ରେନ ତାକୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଲା। ବନ୍ଧମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବଡ଼ଗାଁ,୨୦।୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ପଟୁଆବେଡା ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଉପାଧ୍ୟକ୍ଷା ରଶ୍ମିତା ପଟେଲ, ବରଙ୍ଗାକଛାର ସରପଞ୍ଚ ରାଜେଶ୍ୱରୀ କାଲୋ, ସାହାଜବାହାଲ ସରପଞ୍ଚ ଶୁକ୍ରୁତା ବିଶାଳ, ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ତହସିଲଦାର ଝରଣା ପ୍ରଧାନ, ସୁନ୍ଦରଗଡ଼ ଡିଏସଏସଓ ଅମ୍ବିକା ନାଏକ, ଏବିଡିଓ ଉଷାବତୀ ଗରଡିଆ, ସିଡିପିଓ ସୁଜାତା ବେଗ, ମଙ୍ଗଳ ଅଧିକାରୀ ଦିଲ୍ଲୀପ ମାଝୀ, ବିଏସଏସଓ ରାକେଶ କୁମାର ସାହୁ ଶିବିରରେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ସହିତ ଜନ ପ୍ରତିନିଧି ଓ ଅଧିକାରୀମାନେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବ୍ଲକ କର୍ମଚାରୀମାନେ ବିଭିନ୍ନ ଦାୟିତ୍ୱ ତୁଲାଇଥିଲାବେଳେ ଡା. ପୂର୍ଣ୍ଣଚନ୍ଦ୍ର ମାଝୀ, ଡା. ଦୀପକ ପ୍ରଧାନ, ଡା. ଅନିଶ ନାଏକ, ସୁବାସିନି ପାଣ୍ଡେ, ଡା.ମନୋଜ ଆଚାର୍ଯ୍ୟ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରକୁ ୪୯ଜଣ ଶ୍ରବଣ ବାଧିତ, ୩୫ ଦୃଷ୍ଟି ବାଧିତ, ୧୬୨ ଜଣ ଅସ୍ଥି, ୬୫ ଜଣ ମାନସିକ ଅନଗ୍ରସର, ୧୦ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୪ ଜଣଙ୍କୁ ଭିନ୍ନକ୍ଷମ ଉପକରଣ ପାଇଁ ଚିହ୍ନଟ କରାଯାଇଛି। ସରକାରଙ୍କ ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ହେଉଥିବାରୁ ଦୀର୍ଘ ବର୍ଷରୁ ଅବହେଳିତ ଲୋକେ ଉପକୃତ ହେଉଛନ୍ତି।



ଜନ ପ୍ରତିନିଧିମାନେ ଚିକିତ୍ସା ସେବା ବୁଲି ଦେଖୁଛନ୍ତି।

## ୧୧୭ କେନ୍ଦ୍ରରେ ୨୩,୦୦୧ ପରୀକ୍ଷାର୍ଥୀ

ସୁନ୍ଦରଗଡ,୨୦।୨( ଜୟ ନାରାୟଣ ମେଣ୍ଡୁଲି)

**ଆଜିଠୁ ମାଟ୍ରିକ ପରୀକ୍ଷା**

ଶୁକ୍ରବାରଠାରୁ ଆରମ୍ଭ ହେଉଛି ଚଳିତବର୍ଷର ମାଟ୍ରିକ ପରୀକ୍ଷା। ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ପ୍ରଥମ ଦିନରେ ମାତୃଭାଷା ରହିଛି। ସୁନ୍ଦରଗଡ ଜିଲାରେ ଶାନ୍ତି ଶୃଙ୍ଖଳା ସହ ପରୀକ୍ଷା ପରିଚାଳନା ଓ ଅସାଧୁ ଉପାୟ ରୋକିବା ନିମନ୍ତେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଜିଲାର ସ୍ୱୀକୃତି ପ୍ରାପ୍ତ ମୋଟ ୪୦୮ଟି ଉଚ୍ଚ ବିଦ୍ୟାଳୟର ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ମୋଟ ସଂଖ୍ୟା ୨୩୦୦୧ରହିଛି। ସେଥିମଧ୍ୟରେ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୨୨୯୬୬ ଏବଂ ଏକ୍ସ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୩୫ରହିଛି। ମଧ୍ୟମା ପରୀକ୍ଷାର୍ଥୀଙ୍କ ପାଇଁ ଗୋଟିଏ କେନ୍ଦ୍ର ରହିଥିବା ବେଳେ ଏସଓଏସସି ପରୀକ୍ଷାର୍ଥୀଙ୍କ ପାଇଁ ୪ଟି ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା ହୋଇଛି। ପ୍ରଶ୍ନପତ୍ର ସଂରକ୍ଷଣ ଓ ପ୍ରେରଣ ପାଇଁ ୨୦ଟି ନୋଡାଲ କେନ୍ଦ୍ର କରାଯାଇଛି। ପରୀକ୍ଷାରେ ଅସାଧୁ ଉପାୟକୁ ରୋକିବା ନିମନ୍ତେ ୩ଟି ସ୍କ୍ୱାର୍ଡ ଗଠନ କରାଯାଇଛି। ରାଉରକେଲା ପୌରାଞ୍ଚଳରେ ୫୨ଟି ହାଇସ୍କୁଲର ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ମୋଟ ୩୮୩୪ ପରୀକ୍ଷାର୍ଥୀଙ୍କ ପାଇଁ ୧୭ଟି ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା ହୋଇଛି। ମଧ୍ୟମା ପରୀକ୍ଷାର୍ଥୀଙ୍କ ପାଇଁ ଗୋଟିଏ, ଏସଓଏସସି ପରୀକ୍ଷାର୍ଥୀଙ୍କ ପାଇଁ ଗୋଟିଏ ପରୀକ୍ଷା କେନ୍ଦ୍ର ରହିଛି। ମଧ୍ୟମା ରେଗୁଲାର ୧୧ଜଣ ଏବଂ ଏସଓଏସସି ପରୀକ୍ଷାର୍ଥୀ ୮୬ଜଣ ରହିଛନ୍ତି। ସେହିପରି ପ୍ରଶ୍ନପତ୍ର ସଂରକ୍ଷଣ ଏବଂ ପ୍ରେରଣ ପାଇଁ ୩ଟି ନୋଡାଲ କେନ୍ଦ୍ର କରାଯାଇଛି। ପରୀକ୍ଷାକୁ ଶାନ୍ତି ଶୃଙ୍ଖଳା ପରିଚାଳନା ପାଇଁ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ସମସ୍ତଙ୍କ ସହଯୋଗ କାମନା କରିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ପରୀକ୍ଷାରେ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକୋତ୍ସବ ସଭାରେ ମଞ୍ଚାସୀନ ଅତିଥି।

ବେଦବ୍ୟାସ,୨୦।୨(ଦେବବ୍ରତ ବେହୁରା)

ବେଦବ୍ୟାସସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ୪୦ତମ ବାର୍ଷିକୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଆଇପିଏସ୍ ରଶ୍ମି ରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥି, ରାଜ୍ୟ ହୋମିଓପ୍ୟାଥି ଚିକିତ୍ସା ସଂଘର ସାଧାରଣ ସମ୍ପାଦକ ଡାକ୍ତର ବ୍ରହ୍ମାନନ୍ଦ ନାୟକ ଓ ଉତ୍କଳ ମେଲ୍‌ର ସମ୍ପାଦକ ପୀତବାସ ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ଚନ୍ଦ୍ରଧର ମାଝୀ ସ୍ୱାଗତ ଭାଷଣ ଦେଇଥିଲେ। ଗୁରୁକୁଳ ଆଶ୍ରମର ଅଧ୍ୟକ୍ଷ ଡାକ୍ତର ଉମାକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ।

## ନେହେରୁ ଯୁବ କେନ୍ଦ୍ର ତରଫରୁ ଜିଲା ଯୁବ ବିନିମୟ କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୨୦।୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ସଦର ମହକୁମାରେ ନେହେରୁ ଯୁବ କେନ୍ଦ୍ର ତରଫରୁ ୫ ଦିନିଆ ଆନ୍ତଃ ଜିଲା ଯୁବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆମ୍ବା ରେସିଡେନ୍ସୀଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ବୁଧବାର ଉଦ୍‌ଯାପନୀ ଦିବସ ଥିଲା। ସମାରୋହରେ ସୁନ୍ଦରଗଡ଼ର ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପୂର୍ବତନ ନିର୍ଦ୍ଦେଶକ ନେହେରୁ ଯୁବ କେନ୍ଦ୍ରର ନବୀନ କୁମାର ନାଏକ, ପ୍ରୋପାଇଟର ଆମ୍ବା ରେଶିଡେନ୍ସୀ ସଂଗ୍ରାମ ନାଏକ, ଜାତୀୟ ସେବା ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ ପଟେଲ ଯୋଗଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ସୁନ୍ଦରଗଡ଼ ଜିଲା ଯୁବ ଅଧିକାରୀ ମାରିଆନୁସ୍ ବିଲୁଙ୍ଗ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ପୁରୀରୁ ଆସିଥିବା ଯୁବତୀଯୁବକଙ୍କୁ ଜିଲା ସମ୍ପର୍କରେ ଅବଗତ କରାଇ ସମାଜ ପ୍ରତି ଯୁବମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଶିବିରରେ ଭାଗ ନେଇଥିବା ଯୁବତୀଯୁବକମାନେ ବିଭିନ୍ନ ଗାଁ ବୁଲି ସ୍ଥାନୀୟ ଅଧିବାସୀଙ୍କ ଭାଷା, ସଂସ୍କୃତି, ଖାଦ୍ୟ ପେୟ ଉପରେ ଉପସ୍ଥାପନ କରିଥିଲେ। ଆସିଥିବା ଯୁବତୀ ଯୁବକମାନେ ତାଲିମରେ ବକ୍ତବ୍ୟ ଉପସ୍ଥାପନ ସହ ଆଦିବାସୀ ନୃତ୍ୟ, ଶ୍ରମଦାନ, ଯୋଗ ଉପରେ ଆସିଥିବା ବିଷୟ ବିଶେଷଜ୍ଞ (ରିସୋର୍ସ ପର୍ସନ) ତାଙ୍କୁ ଅବଗତି କରାଇଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ନେହେରୁ ଯୁବ କେନ୍ଦ୍ରର କୋଷାଧ୍ୟକ୍ଷ ସୁନୀତା ସୁନିଆ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।




ଅତିଥିଙ୍କ ଗହଣରେ ଉପସ୍ଥିତ ଛାତ୍ରୀଛାତ୍ର।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟ ମାନ୍ୟତା ଦିଆଯାଉ

## ଏସ୍ଏମ୍ସି, କଳଣ୍ଡା ପଞ୍ଚାୟତର ୮ ଗ୍ରାମବାସୀଙ୍କ ଦାବି

ଦେବଗଡ଼,୨୦।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କଳଣ୍ଡା ଗ୍ରାମ ପଞ୍ଚାୟତ ସଦର ମହକୁମାରେ କଳଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅପଗ୍ରେଡେସନ ପୂର୍ବକ ଏହାକୁ ଉଚ୍ଚ ବିଦ୍ୟାଳୟ ମାନ୍ୟତା ପ୍ରଦାନ ଦାବି ଜୋର ଧରୁଛି। ୨୦୨୫-୨୬ ଶିକ୍ଷା ବର୍ଷ ଆରମ୍ଭରୁ ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅପଗ୍ରେଡେସନ କରାଯାଇ ଉଚ୍ଚ ବିଦ୍ୟାଳୟ ମାନ୍ୟତା ଦେବାକୁ ବିଦ୍ୟାଳୟ ପରିଚାଳନା ସମିତି ସମେତ ଉକ୍ତ ପଞ୍ଚାୟତର ୮ଟି ଗ୍ରାମର ଗ୍ରାମବାସୀ ଦାବି କରିଛନ୍ତି। ଏହିକ୍ରମରେ ଗୁରୁବାର ପୂର୍ବାହ୍ନରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅବନିକାନ୍ତ ଜାଲ, କଳଣ୍ଡା ଗ୍ରାମପଞ୍ଚାୟତ ସମିତି ସଦସ୍ୟ ପ୍ରଦୀପ ପ୍ରଧାନ, ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ତିଲେଇବଣି ବ୍ଲକ ପୂର୍ବତନ ଅଧ୍ୟକ୍ଷ ବିଭୁତି



ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗଙ୍ଗଦେବ ପ୍ରମୁଖ ଦେବଗଡ଼ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କୁ ସାକ୍ଷାତ କରିବା ସହ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଞ୍ଚଳବାସୀଙ୍କ ଅବେଦନ ଅନୁଯାୟୀ କଳଣ୍ଡା ଗ୍ରାମପଞ୍ଚାୟତ ହେବାର ଇତିମଧ୍ୟରେ ୯ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ଗ୍ରାମପଞ୍ଚାୟତରେ କୌଣସି ଗୋଟିଏ ହେଲେ ଉଚ୍ଚ ବିଦ୍ୟାଳୟ ନାହିଁ। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀର ପିଲାଏ ପାଠପଢିବା ପାଇଁ ସୁବିଧା ଥିବା କଳଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉକ୍ତ ଗ୍ରାମ ପଞ୍ଚାୟତର ମଧ୍ୟ ସ୍ଥଳରେ ରହିଥିବା ବେଳେ ଏହି ବିଦ୍ୟାଳୟକୁ ଯାତାୟାତ ନିମନ୍ତେ ପିଲାଙ୍କ ପାଇଁ କୌଣସି ଅସୁବିଧା କିମ୍ବା ପ୍ରତିବନ୍ଧକ ନାହିଁ। ଉଚ୍ଚ ବିଦ୍ୟାଳୟ ନିମନ୍ତେ ଉକ୍ତ ଶିକ୍ଷାନୁଷ୍ଠାନର ୬ ଏକର ନିଜସ୍ୱ ରେକର୍ଡଭୁକ୍ତ ଜମି ରହିଥିବା ବେଳେ ୨୦୨୪-୨୫ ଶିକ୍ଷା ବର୍ଷରେ ଅଷ୍ଟମ ଶ୍ରେଣୀର ୨୨ଜଣ ଛାତ୍ରୀଛାତ୍ର ରହିଛନ୍ତି। ମାତ୍ର ନବମ ଶ୍ରେଣୀ ନ ଥିବାରୁ ଏହି ଶ୍ରେଣୀରେ ଶିକ୍ଷା ହାସଲ ପାଇଁ ପିଲାମାନଙ୍କୁ ପ୍ରାୟ ୧୦ କି.ମି. ଦୂର ଉଚ୍ଚ ବିଦ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଛି। ଫଳରେ ପିଲାଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବା ସହ ସେମାନେ ପାଠ ଛାଡି ଶିଶୁ ଶ୍ରମିକ ଏବଂ ଦାଦନ ପ୍ରଥାକୁ ଆପଣାଇବାକୁ ବାଧ୍ୟ ହେଉଛନ୍ତି।

## ଆଜିଠୁ ମାଟ୍ରିକ ପରୀକ୍ଷା ଆରମ୍ଭ

# ଦେବଗଡ଼ ଜିଲା: ୩୩ କେନ୍ଦ୍ରରେ ପରୀକ୍ଷା ଦେବେ ୩୮୦୯ ଛାତ୍ରୀଛାତ୍ର

ଦେବଗଡ଼,୨୦।୨(ଶଶାଙ୍କ ଶେଖର ଝାଙ୍କର)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫେବୃଆରୀ ୨୧ ତାରିଖରୁ ଆରମ୍ଭ ହେବ। ଦେବଗଡ଼ ଜିଲାରେ ଚଳିତବର୍ଷ ୩୩ଟି ସେଣ୍ଟର କରାଯାଇଥିବା ବେଳେ ୮୬ଟି ବିଦ୍ୟାଳୟର ୩୮୦୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏ ନେଇ ଗୁରୁବାର ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଆନୁଷ୍ଠାନିକ ଭାବେ ଗଣାମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ପରୀକ୍ଷା ପରିଚାଳନା ପାଇଁ ବାରକୋଟ ବ୍ଲକରେ ୨ଟି, ରିଆମାଳ ବ୍ଲକରେ ୨ଟି ଏବଂ ତିଲେଇବଣି ବ୍ଲକରେ ୨ଟି ନୋଡାଲ ସେଣ୍ଟର କରାଯାଇଥିବା ବେଳେ ବାରକୋଟ ବ୍ଲକର ୧୦ଟି, ରିଆମାଳ ବ୍ଲକର ୧୩ଟି ଏବଂ ତିଲେଇବଣି ବ୍ଲକ ଓ ପୌରାଞ୍ଚଳର ୧୦ଟି ସେଣ୍ଟରରେ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପୋଲିସର ଉପସ୍ଥିତି ଏବଂ ନୋଡାଲ ସେଣ୍ଟର ଦାୟିତ୍ୱରେ ଥିବା ଅଧିକାରୀଙ୍କ ନେତୃତ୍ୱରେ ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ନିଆଯିବ। ଚଳିତବର୍ଷ ୩୭୮୦ଜଣ ରେଗୁଲାର, ୫ଜଣ ଏକ୍ସରେଗୁଲାର, ଜଣେ ସିସି, ୮ଜଣ ଏସଆଇଓଏସ ଏବଂ ୧୫ଜଣ ପରୀକ୍ଷାର୍ଥୀ ମଧ୍ୟମାରେ ପରୀକ୍ଷା ଦେବେ। ଦେବଗଡ଼ ଟାଉନ ଉଚ୍ଚ ବିଦ୍ୟାଳୟରେ ଏସଆଇଓଏସ ଏବଂ କୁଣ୍ଢେଇଗୋଲା ଉଚ୍ଚ ବିଦ୍ୟାଳୟରେ ମଧ୍ୟମା ସେଣ୍ଟର କରାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ୩୩ଟି ସେଣ୍ଟର ମଧ୍ୟରୁ ୬ଟି ସେଣ୍ଟରରେ ସିସି କ୍ୟାମେରା ଖଞ୍ଜା ଯାଇଛି। ପ୍ରତି ସେଣ୍ଟରରେ ପୋଲିସ ବ୍ୟବସ୍ଥା ହୋଇଛି। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ମୋବାଇଲ ସ୍କ୍ୱାର୍ଡ, ଜିଲା ଶିକ୍ଷା ବିଭାଗ ପକ୍ଷରୁ ଫ୍ଲାଇଂ ସ୍କ୍ୱାର୍ଡ ଏବଂ ବୋର୍ଡ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ସ୍କ୍ୱାର୍ଡ ଟିମ ଗଠନ କରିଥିବା ଜଣାପଡିଛି। ଜିଲାରେ ଅତିରିକ୍ତ ଜିଲାପାଳ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନୋଡାଲ ଅଧିକାରୀ ଦାୟିତ୍ୱରେ ଥିବା ବେଳେ ପ୍ରତି ନୋଡାଲ ସେଣ୍ଟର ପାଇଁ ଓଆରଏସସ୍ତରର ଜଣେ ଅଧିକାରୀ ନିଯୁକ୍ତ ହୋଇଥିବା ଜଣାପଡିଛି।

## ସଂକ୍ଷେପରେ

### ବେଲପାହାଡ଼ର ମିରର ଥିଏଟର ସମ୍ବର୍ଦ୍ଧିତ

#### ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପର ପ୍ରତିଷ୍ଠା ଦିବସ



ଝାରସୁଗୁଡ଼ା,୨୦।୨(ଆଶିଷ ରଞ୍ଜନ ଦାଶ)

ଓଡ଼ିଶାର ସର୍ବପୁରାତନ ନାଟ୍ୟ ଅନୁଷ୍ଠାନ ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ କଟକର ୮୧ତମ ପ୍ରତିଷ୍ଠା ଦିବସ ଅବସରରେ ବେଲପାହାଡ଼ର ମିରର୍ ଥିଏଟରକୁ ଗୁରୁବାର ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ ଓଡ଼ିଶୀ ଗାୟିକା ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଯୋଗଦେଇଥିଲେ। ନାଟକ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ମିରର୍ ଥିଏଟରର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ଼ା. ସୁବାସ ଚନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅନ୍ୟ ଅତିଥି ଭାବେ ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗଦେଇଥିଲେ।

### ସୁଲଦିଆରେ ନେତ୍ର ଜ୍ୟୋତି କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୦।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ପଞ୍ଚାୟତ ସମିତି ସୁଲଦିଆ ଗ୍ରାମରେ ନେତ୍ର ଜ୍ୟୋତି କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଟିଆରଏଲ କ୍ରୋସାକି ଏବଂ ତ୍ରିଲୋଚନ ନେତ୍ରାଳୟ ମିଳିତ ଉଦ୍ୟମରେ ଅପରାହ୍ନ ପ୍ରାୟ ୫ଟା ଯାଏଁ ଏହି ଚକ୍ଷୁ ପରୀକ୍ଷା ଶିବର ଚାଲିଥିଲା। ଶିବିରରେ ସୁଲଦିଆ ସହ ଆଖପାଖ ଅଞ୍ଚଳର ପ୍ରାୟ ୯୭ଜଣ ମହିଳା ଏବଂ ପୁରୁଷ ଯୋଗଦେଇ ନିଜର ଚକ୍ଷୁ ପରୀକ୍ଷା କରାଇଛନ୍ତି। ଏଥିରେ ୧୬ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ ହୋଇଛି। ୧୦ଜଣ ରୋଗୀଙ୍କୁ ଭର୍ତ୍ତି କରଯାଇଥିବାବେଳେ ନିଶୁଳ୍କ ଅସ୍ତ୍ରୋପ୍ରଚାର କରାଯିବ।

### କୁଣ୍ଢେଇଗୋଳାରେ ଉଦ୍ୟାନ କୃଷି କର୍ମଶାଳା

ଦେବଗଡ଼,୨୦।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଢେଇଗୋଳାସ୍ଥିତ ରାଜୀବ ଭବନଠାରେ ବୁଧବାର ଏକ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଣ୍ଢେଇଗୋଳା ଗ୍ରାମ ପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ଼ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ଶିଳ୍ପ କେନ୍ଦ୍ର ପ୍ରତିଷ୍ଠାନ ଜେନେରାଲ ମ୍ୟାନେଜର ରମେଶ କୁମାର ପଟେଲ, ରିଆମାଳ ବ୍ଲକ କୃଷି ଅଧିକାରୀ ସତ୍ୟପ୍ରକାଶ ଦାଶ ଓ ରିଆମାଳ ସହକାରୀ କୃଷି ଅଧିକାରୀ ଡ. ଗୌରୀ ଶଙ୍କର ପ୍ରଧାନ ମଞ୍ଚାସୀନ ରହି କର୍ମଶାଳାର ଉଦ୍ଦେଶ୍ୟ ଉପରେ ଆଲୋପାତ କରିଥିଲେ। ଏଥିସହ ରାଜ୍ୟ ଏବଂ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନା, କୁଟୀର ଶିଳ୍ପ, ଫଳ ଓ ପନିପରିବାର ପ୍ରକ୍ରିୟାକରଣ, ସରକାରୀ ସହାୟତା ଉପରେ ଉପସ୍ଥିତ ସତାଧିକ ଚାଷୀଙ୍କୁ ସଚେତନ କରାଇଥିଲେ। ରିଆମାଳ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌଭାଗ୍ୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଡୁଡୁଗାରେ ଅଷ୍ଟପ୍ରହର, ଠେବରାରେ ୨୪ପ୍ରହର ନାମଯଜ୍ଞ ଆରମ୍ଭ

ଝାରସୁଗୁଡ଼ା,୨୦।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଡୁଡୁଗା ଗ୍ରାମରେ ଅଖଣ୍ଡ ଅଷ୍ଟ ପ୍ରହର ନାମଯଜ୍ଞ ଏବଂ ଠେବରା ଗ୍ରାମରେ ଅଖଣ୍ଡ ୨୪ପ୍ରହର ନାମଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇଛି। ଡୁଡୁଗା ଅଷ୍ଟପ୍ରହର ନାମଯଜ୍ଞରେ କର୍ତ୍ତା ଭାବେ ପରେଶ ସା, ଷଡ଼ବୈଷ୍ଣବ ଭାବେ ଲବ ଧୁରୁଆ, କାଶୀରାମ ସା, କୀର୍ତ୍ତନ ବଗାର, ପ୍ରମୋଦ ପ୍ରଧାନ ଥିବାବେଳେ ଅଶୋକ ପୂଜାରୀ ପୂଜାର୍ଚ୍ଚନା କରୁଛନ୍ତି। ସେହିପରି ଠେବରା ଅଖଣ୍ଡ ୨୪ପ୍ରହର ନାମଯଜ୍ଞରେ କର୍ତ୍ତା ସପତ୍ନୀକ ଡୋଳାମଣି ପ୍ରଧାନ, ଆରତୀ ପ୍ରଧାନ ଷଡ଼ ବୈଷ୍ଣବ ଭାବେ ତେଜରାମ ଭୋଇ, ଉମାକାନ୍ତ ରାଉତ, ସନ୍ତୋଷ ପଧାନ, ଅକ୍ଷୟ ପଧାନ ଥିବାବେଳେ ଚନ୍ଦ୍ରଭାନୁ ନାୟକ ପୂଜାର୍ଚ୍ଚନା କରୁଛନ୍ତି।

# ବାରକୋଟରେ ବ୍ଲକସ୍ତରୀୟ ପରାମର୍ଶ ଶିବିର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ଦେବଗଡ଼,୨୦।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପ୍ରଶାସନ ଓ ଜିଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ବାରକୋଟ ବ୍ଲକରେ ଗୁରୁବାର ବ୍ଲକସ୍ତରୀୟ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ଜିଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ବିଜୟ କୁମାର ଉପଧ୍ୟାୟ, ଜିଏମ୍ ଜିଲା ଶିଳ୍ପ କେନ୍ଦ୍ର ରମେଶ କୁମାର ପଟେଲ ଏବଂ ଜିଲା ତଥା ଜିଲା ବାହାରୁ ଆସିଥିବା ବିଭିନ୍ନ ଘରୋଇ ତାଲିମ ପ୍ରଦାନକାରୀ ସଂସ୍ଥା ଉପସ୍ଥିତିରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଉପାଧ୍ୟାୟ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ମାର୍ଗଦର୍ଶିକାରେ ଆୟୋଜିତ କାର୍ଯ୍ୟକ୍ରମ ଆଭିମୁଖ୍ୟ ରଖିବା ସହ ପିଲାମାନଙ୍କୁ ନିଜ ପାଇଁ ଏକ ଉତ୍ତମ କ୍ୟାରିୟର ବାଛିବା ନିମନ୍ତେ ମାର୍ଗଦର୍ଶନ କରିଥିଲେ। ଏହା ସହିତ ନାୟକ ପିଲାମାନଙ୍କୁ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଉପସ୍ଥିତ ଥିବା ସମସ୍ତ ପିଆଇଏମାନେ ନିଜ ଅନୁଷ୍ଠାନ ପକ୍ଷରୁ ଉପଲବ୍ଧ ଥିବା ସୁବିଧା ବିଷୟରେ ଯୁବତୀଯୁବକମାନଙ୍କୁ ଅବଗତ କରାଇଥିଲେ। ପରେ ଯୁବତୀଯୁବକମାନେ ବିଭିନ୍ନ ଷ୍ଟଲ ବୁଲି ପିଆଇଏମାନଙ୍କଠାରୁ ସୂଚନା ନେବା ସହ ସ୍ୱେଚ୍ଛାନୁଯାୟୀ ବିଭିନ୍ନ ତାଲିମ ପାଇଁ ରେଜିଷ୍ଟ୍ରେଶନ ମଧ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଇନୋଡୋଷ୍ଟ ଟେକ୍ ସୋଲ୍ୟୁସନ, କ୍ୱିଭାନ୍ ସ୍କିଲ୍ ଏମ୍ପାୱରମେଣ୍ଟ, ସିପେଟ୍, ରାଉରକେଲା, ସରକାରୀ ଆଇଟିଆଇ, ବାରକୋଟ, ସରକାରୀ ପଲିଟେକନିକ୍, ଦେବଗଡ଼, ସିବିଆର୍‌ସେଟି, ଜନ ଶିକ୍ଷଣ ସଂସ୍ଥାନ ପ୍ରତିନିଧିମାନଙ୍କ ସହ ଶତାଧିକ ଯୁବତୀଯୁବକ ଯୋଗଦେଇଥିଲେ। ବିପିଏମ୍- ଓଡ଼ିଶା ଜୀବିକା ମିଶନ, ଡେଭିଡ ବାର୍ଲାଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକ୍‌ସ୍ତରୀୟ ଅଧିକାରୀ ସହଯୋଗ କରିଥିଲେ।

## ନ୍ୟାୟ ପାଇଁ ଓଏମ୍‌ପିବାସୀଙ୍କ ଦାବିପତ୍ର

### କିଟ୍ ଛାତ୍ରୀ ଆତ୍ମହତ୍ୟା ଘଟଣା

ଝାରସୁଗୁଡ଼ା,୨୦।୨(ଆଶିଷ ରଞ୍ଜନ ଦାଶ)

କିଟ୍ ବିଶ୍ୱ ବିଦ୍ୟାଳୟର ବି.ଟେକ୍ ଛାତ୍ରୀ ପ୍ରକ୍ରିତି ଲାମସଲ୍‌ଙ୍କ ଆତ୍ମହତ୍ୟା ଘଟଣାରେ ବିବାଦ ଅଧିକ ଘନେଇବାରେ ଲାଗିଛି। ଛାତ୍ରୀ ଆତ୍ମହତ୍ୟା ମାମଲାରେ ଦୋଷୀଙ୍କୁ ଗିରଫ କରିବା ସହ ନ୍ୟାୟ ଦାବିରେ ଝାରସୁଗୁଡ଼ା ଓଏମ୍‌ପି ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ପୀଡିତା ଛାତ୍ରୀଙ୍କୁ ଅତ୍ୟାଚାର ଓ ମାନସିକ ନିର୍ଯ୍ୟାତନା ଦେଇଥିବା ଅଭିଯୁକ୍ତ ପୁରୁଷବନ୍ଧୁ ଆଦଭିକ୍ ଶ୍ରୀବାସ୍ତବଙ୍କୁ ତୁରନ୍ତ କଠୋର ଦଣ୍ଡ ବିଧାନ କରାଯାଉ ବୋଲି ଦାବି କରିଛନ୍ତି। ଏହା ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ କ୍ୟାମ୍ପସରେ ନେପାଳ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ନିରାପଦ ପରିବେଶ ପାଇଁ ଦାବି କରିଛନ୍ତି। ଏହା ସହିତ କିଟ ବିଶ୍ୱ ବିଦ୍ୟାଳୟରେ ଯେପରି ଏପରି ଘଟଣାରେ ପୁନରାବୃତ୍ତି ନ ହୁଏ ସେଥି ସକାଶେ ରାଜ୍ୟ ସରକାର ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଝାରସୁଗୁଡ଼ା ଜିଲାରେ ପରୀକ୍ଷା ଦେବେ ୫୯୪୨ ଛାତ୍ରୀଛାତ୍ର

ଝାରସୁଗୁଡ଼ା,୨୦।୨(ଆଶିଷ ରଞ୍ଜନ ଦାଶ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫେବୃଆରୀ ୨୧ ତାରିଖ ଶୁକ୍ରବାରଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୬ରେ ଶେଷ ହେବ। ଝାରସୁଗୁଡ଼ା ଜିଲାରୁ ମୋଟ ୫୯୪୨ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ପ୍ରବେଶ ପତ୍ର ପ୍ରସ୍ତୁତ ହୋଇଛି। ଜିଲାରେ ୬୫ଟି ସରକାରୀ, ୩ଟି ଟିଆରଡବ୍ଲୁ, ୭ଟି ଆଡେଡ, ୩୧ଟି ନିଉ ଆଡେଡ ଓ ୧୩ଟି ପ୍ରାଇଭେଟ ଉଚ୍ଚ ବିଦ୍ୟାଳୟ ରହିଛି। ଝାରସୁଗୁଡ଼ା ବ୍ଲକରେ ୪ଟି, ଝାରସୁଗୁଡ଼ା ମ୍ୟୁନିସିପାଲିଟିରେ ୫ଟି, ବ୍ରଜରାଜନଗର ମ୍ୟୁନିସିପାଲିଟିରେ ୪ଟି, ଲଖନପୁର ବ୍ଲକରେ ୧୧ଟି, ବେଲପାହାଡ଼ ମ୍ୟୁନିସିପାଲିଟିରେ ୩ଟି, କିର୍ମିରା ବ୍ଲକରେ ୨ଟି, କୋଲାବିରା ବ୍ଲକରେ ୪ଟି, ଲଇକେରା ବ୍ଲକରେ ୬ଟି ସେଣ୍ଟର କରାଯାଇଛି। ସେହିପରି ୫୯୪୨ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୯୩୪ଜଣ ରେଗୁଲାର ଓ ୮ଜଣ ଏକ୍ସ ରେଗୁଲାର ରହିଛନ୍ତି। ଝାରସୁଗୁଡ଼ା ସର୍ବାଧିକ ୨୧୬୧ଜଣ, ଲଖନପୁରରେ ୨୦୭୧ ଜଣ, ଲଇକେରାରେ ୬୬୮ ଜଣ, କୋଲାବିରାରେ ୬୯୯ ଜଣ, କିର୍ମିରାରେ ୩୪୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏହା ସହିତ ଝାରସୁଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଲଇକେରାର କେବିଜେ ନୋଡାଲ ହାଇସ୍କୁଲ, ବେଲପାହାଡ଼ର ଜିଏଲ ନୋଡାଲ ହାଇସ୍କୁଲ, ଲଖନପୁର ପଞ୍ଚାୟତ ନୋଡାଲ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ଏହା ସହିତ ପ୍ରତ୍ୟେକ ପ୍ରତ୍ୟେକ ସେଣ୍ଟରରେ ପୋଲିସ ମୁତୟନ, ୩ଟି ସ୍କ୍ୱାର୍ଡ ଟିମ ଏବଂ ଅବଜରଭର ରହିବା ସହିତ ଜିଲାରେ ସୁରୁଖୁରୁରେ ପରୀକ୍ଷା କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ କହିଛନ୍ତି।

# ଝାରସୁଗୁଡ଼ାରେ ଖୋଲିଲା ଚାନ୍ଦି ଭଣ୍ଡାରର ୧୯ତମ ଷ୍ଟୋର

ଝାରସୁଗୁଡ଼ା,୨୦।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର ବେହେରାମାଲ ଶିବା ଟକିଜ ପାଖରେ ଓଡ଼ିଶାର ସର୍ବବୃହତ ରୁପା ଗହଣା ଚେନ ଷ୍ଟୋର ଚାନ୍ଦି ଭଣ୍ଡାର ଗୁରୁବାର ମଧ୍ୟାହ୍ନ ୧୨ଟାରେ ଚାନ୍ଦି ଭଣ୍ଡାର ପ୍ରତିଷ୍ଠାତା ଲିପସା ହଂସ, ମାନିକ ହଂସ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଷ୍ଟୋରରେ ସୁକ୍ଷ୍ମ କାରିଗରୀଯୁକ୍ତ ଷ୍ଟର୍ଲିଂ ସିଲଭର ଗହଣାର ଭଳିକି ଭଳି ସମ୍ଭାର ଉପଲବ୍ଧ କରାଯାଇଛି। ଜିରକାନଖଚିତ ନେକଲେସ, ଚୁଡ଼ି, ମୁଦି, କାନଫୁଲ, ବ୍ରେସଲେଟ ଏବଂ ଆଙ୍କଲେଟର ଭଳି ଶ୍ରେଷ୍ଠ ସିଲଭର ଗହଣା ମାନ ଯାହା କି ବିବାହ, ସ୍ୱତନ୍ତ୍ର ଅବସର ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ।




ଚାନ୍ଦି ଭଣ୍ଡାର ଉଦ୍‌ଘାଟନ କରାଯାଉଛି।

ପୁରୁଷଙ୍କ ରୁପା ଗହଣା ଚାହିଦା ଦେଖି ବ୍ରାସଲେଟ, ମୁଦି, କଫଲିଙ୍କ ଏବଂ ଚେନ ଆଦି ରହିଛି। ବିବାହ ଋତୁକୁ ଆହୁରି ସ୍ୱତନ୍ତ୍ର କରିବା ପାଇଁ ଚାନ୍ଦି ଭଣ୍ଡାର ଗଢ଼ା ମଜୁରୀରେ ୩୦% ପର୍ଯ୍ୟନ୍ତ ରିହାତି ଦିଆଯାଇଛି। ଏହା ଅଫର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରହିବ। ଝାରସୁଗୁଡ଼ାରେ ଉପସ୍ଥିତି ବଢ଼ାଇ ତଥା ଚାନ୍ଦି ଭଣ୍ଡାରର ବିରାସତକୁ ଆମର ବହୁ ମୂଲ୍ୟବାନ ଗ୍ରାହକଙ୍କ ନିକଟକୁ ଆଣି ଆମେ ଅତ୍ୟନ୍ତ ଉତ୍ସାହ ଅଛୁ ବୋଲି ଚାନ୍ଦି ଭଣ୍ଡାର ପ୍ରତିଷ୍ଠାତା ଲିପସା ହଂସ କହିଛନ୍ତି ।

# ଗଣିତ, ବିଜ୍ଞାନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୨୦।୨(ଶଶାଙ୍କ ଶେଖର ଝାଙ୍କର)

ଜିଲା ସୁଗୁଡା ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ଗଣିତ ଓ ବିଜ୍ଞାନ କ୍ଲବ ଆନୁକୂଲ୍ୟରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଓ ଗଣିତ ଶିକ୍ଷକ କେ. ଅନିଲ କୁମାର ଓ ଶିକ୍ଷୟିତ୍ରୀ ଦୀପିକା ମିଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା ଓ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଇଥିଲେ। ଏହି ଅବସରରେ



ଆୟୋଜିତ ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ।

ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଜ୍ଞାନ, ଗଣିତ ସମ୍ବନ୍ଧୀୟ କୁଇଜ, ସେମିନାର, ପ୍ରକଳ୍ପ ପ୍ରଦର୍ଶନୀ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ବିଜ୍ଞାନ ଓ ଗଣିତ ଶିକ୍ଷକ କେ. ଅନିଲ କୁମାର, ହିମାଂଶୁ ଶେଖର ଦେହୁରୀ, ତ୍ରିବେଣୀକାନ୍ତ ସାହୁ, ଶିକ୍ଷୟିତ୍ରୀ ଦୀପିକା ମିଞ୍ଜ, ଶିକ୍ଷକ ମନୋଜ କୁମାର ବେହେରା ପ୍ରତିଯୋଗିତାର ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ତ୍ରିନାଥ ସାହୁ, ପିଣ୍ଟୁ ସାହୁ, ପରମେଶ୍ୱର ସିଂ, ରଶ୍ମିତା ପ୍ରଧାନ, ସୁନନ୍ଦା ପାତ୍ର ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ସରକାରୀ ଛାପାଖାନାକୁ ଉଠାଇ ନ ନେବାକୁ ପୁଣି ଦାବି



ରାଜ୍ୟ ସରକାରୀ ପ୍ରେସ୍ ଉପ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସରକାରୀ ଛାପାଖାନାକୁ ଉଠାଇବାର କୌଣସି ପ୍ରସ୍ତାବ ନାହିଁ

ଦେବଗଡ଼,୨୦।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ସରକାରୀ ଛାପାଖାନାକୁ ଉଠାଇ ନ ନେବାକୁ ଜିଲା ନାଗରିକ କମିଟି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ପୂର୍ବରୁ ଦାବି କରାଯାଇଥିଲା। ବୁଧବାର ପୁଣି ଏ ନେଇ ଜିଲା ନାଗରିକ କମିଟି ଏହି ଦାବିକୁ ଦୋହରାଇଥିବା ଜଣାପଡିଛି। ରାଜ୍ୟ ସରକାରୀ ପ୍ରେସ୍ ଉପ ନିର୍ଦ୍ଦେଶକ ପ୍ରତେଶ ପଟ୍ଟନାୟକ ଦେବଗଡ଼ ଗସ୍ତରେ ଆସିଥିବା ବେଳେ ତାଙ୍କୁ ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲା ନାଗରିକ କମିଟି ସମ୍ପାଦକ ଲକ୍ଷ୍ମଣ କୁମାର ପ୍ରଧାନ ଓ ସୁଧୀର କପରଦାର ତାଙ୍କୁ ସାକ୍ଷାତ କରି ଐତିହ୍ୟ ସମ୍ପନ୍ନ ସରକାରୀ ଛାପାଖାନାକୁ ନ ଉଠାଇବାକୁ ଦାବି ଜଣାଇଥିଲେ। ଏହି ଅବସରରେ ସରକାରୀ ପ୍ରେସ୍ ଉପ ନିର୍ଦ୍ଦେଶକ ପଟ୍ଟନାୟକ ଦେବଗଡ଼ସ୍ଥିତ ସରକାରୀ ଛାପାଖାନାକୁ ଉଠାଇବାର କୌଣସି ପ୍ରସ୍ତାବ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ସହ ରାଜା ରାଜୁଡା ଅମଳରୁ ରହିଥିବା ମେଶିନଗୁଡିକୁ ଏକ ମ୍ୟୁଜିୟମ କରି ରଖିବା ନିମନ୍ତେ ଜିଲାପାଳଙ୍କ ସହ ଆଲୋଚନା ପାଇଁ ଆସିଥିବା କପରଦାର ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

# ସରକାରୀ ମୁଦ୍ରଣାଳୟକୁ ଅଧିକ କ୍ରିୟାଶୀଳ କରାଯାଉ

## ପ୍ରମୁଖ ଶାସନ ସଚିବଙ୍କୁ ବିଧାୟକଙ୍କ ଦାବିପତ୍ର

ଦେବଗଡ଼,୨୦।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ସରକାରୀ ମୁଦ୍ରଣାଳୟ ଐତିହ୍ୟପୂର୍ଣ୍ଣ ଏବଂ ଓଡିଆ ଭାଷା ଆନ୍ଦୋଳନର ମୂକସାକ୍ଷୀ ହୋଇଥିବା ବେଳେ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ସରକାରୀସ୍ତରରେ ମସୁଧା ଚାଲିଥିବା ଅଭିଯୋଗ ହୋଇଛି। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏହାର ପ୍ରତିବାଦ କରିବା ସହ ଉକ୍ତ ସରକାରୀ ମୁଦ୍ରଣାଳୟକୁ ବନ୍ଦ କରିବା ପରିବର୍ତ୍ତେ ଅଧିକ କ୍ରୀୟାଶୀଳ କରିବାକୁ ଦାବି ଜଣାଇଛନ୍ତି। ବିଧାୟକ ବିଶ୍ୱାଳ ଭୁବନେଶ୍ୱରଠାରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ବିଭାଗୀୟ କାର୍ଯ୍ୟାଳୟରେ ସାକ୍ଷାତ କରି ଏମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ଦେବଗଡ଼ସ୍ଥିତ ସରକାରୀ ମୁଦ୍ରଣାଳୟ ସ୍ୱାଧୀନ ପୂର୍ବରୁ ରାଜା ସାର ବାସୁଦେବ ସୁଢଳଦେବ ୧୮୮୬ ମସିହାରେ ସ୍ଥାପିତ କରିଥିଲେ। ବିଧାୟକଙ୍କ ଅଭିଯୋଗ ଅନୁଯାୟୀ ଏଠାରୁ ସମ୍ବଲପୁର ହିତୈଷିଣୀ ଭଳି ପତ୍ରିକାମାନ ପଣ୍ଡିତ ନୀଳମଣି



ପ୍ରମୁଖ ଶାସନ ସଚିବଙ୍କୁ ବିଧାୟକ ଦାବିପତ୍ର ପ୍ରଦାନ କରୁଛନ୍ତି।

ବିଦ୍ୟାରତ୍ନ ଓ ପ୍ରାବନ୍ଧିକ ଜଳନ୍ଧର ଦେବ ପ୍ରମୁଖ ସମ୍ପାଦନ କରୁଥିଲେ। ଏଠାରେ ଓଡ଼ିଶାର ପ୍ରଥମ ବିଦ୍ୟୁତ୍ ଚାଳିତ ଛାପାକଳ ବ୍ୟବହାର ହୋଇଥିଲା। ସ୍ୱଭାବ କବି ଗଙ୍ଗାଧର ମେହେର ଓ କବିବର ରାଧାନାଥ ରାୟଙ୍କ ଲେଖା ଏହି ମୁଦ୍ରଣାଳୟରୁ ପ୍ରକାଶିତ ହେଉଥିବା ବେଳେ ଓଡ଼ିଆ ଭାଷା ଆନ୍ଦୋଳନରେ ବେଶ ଗୁରୁତ୍ୱ ବହନ କରିଥିଲା। କିନ୍ତୁ ଏବେ ଏଠାରେ ୫ଜଣ କର୍ମଚାରୀଙ୍କ ମଧ୍ୟରୁ ୩ଜଣଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ୨ଜଣ କର୍ମଚାରୀଙ୍କୁ ନେଇ ମୁଦ୍ରଣାଳୟ ଚାଲିଛି। ଗତ କିଛି ଦିନ ତଳେ ୫ଟି ଛାପାକଳ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ କବାଡି ବାଲାଙ୍କୁ ବିକ୍ରି କରାଯାଇଛି ବା ବିକ୍ରି କରିବାକୁ ଉଦ୍ୟମ ଚାଲିଛି। ତେବେ ଦେବଗଡ଼ ପାଇଁ ଉକ୍ତ ମୁଦ୍ରଣାଳୟ ଏବଂ ସମସ୍ତ ଛାପାକଳ ଐତିହ୍ୟ ସମ୍ପନ୍ନ ହୋଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ସହ ଏଭଳି ଏକ ଜରୁରୀ କାର୍ଯ୍ୟାଳୟ ବନ୍ଦ କରିବା ଉଚିତ ନୁହେଁ ବୋଲି ବିଶ୍ୱାଳ ମତବ୍ୟକ୍ତ କରିବା ସହ ଏହି ସରକାରୀ ମୁଦ୍ରଣାଳୟକୁ ଅଧିକ କର୍ମଚାରୀ ଏବଂ ନୂତନ ଆଧୁନିକ ଛାପାଯନ୍ତ୍ର ଯୋଗାଇ ଅଧିକ କ୍ରିୟାଶୀଳ କରିବାକୁ ସେ ଦାବି ଜଣାଇଥିଲେ। ଆଲୋଚନା ସମୟରେ ପ୍ରମୁଖ ଶାସନ ସଚିବ ବିଭାଗୀୟ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରି ଦେବଗଡ଼ରେ ଉକ୍ତ ସରକାରୀ ମୁଦ୍ରଣାଳୟ ବନ୍ଦ ନ କରିବାକୁ ନିର୍ଦ୍ଦେଶ ଦେଇଥିବା ବିଧାୟକ ବିଶ୍ୱାଳ ସୂଚନା ଦେଇଛନ୍ତି।

# ଦୂର ନୁହେଁ ୩ୟ ବିଶ୍ୱଯୁଦ୍ଧ: ଟ୍ରମ୍ପ୍

**ୱାଶିଂଟନ୍, ୨୦।୨**

ତୃତୀୟ ବିଶ୍ୱଯୁଦ୍ଧ ଆଉ ବେଶି ଦୂର ନୁହେଁ। ତେବେ ଏହାକୁ ଏଡ଼ାଇବା ପାଇଁ ତାଙ୍କ ପାଖରେ ଯୋଜନା ରହିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦାବି କରିଛନ୍ତି। ମଧ୍ୟପ୍ରାଚ୍ୟ ଓ ୟୁକ୍ରେନ୍‌ରେ ଚାଲିଥିବା ସଂଘର୍ଷ ଉପରେ ସେ ନିଜ ପ୍ରତିକ୍ରିୟାରେ ଏଭଳି ମନ୍ତବ୍ୟ ଦେଇଛନ୍ତି।

ଫ୍ୟୁଚର ଇନ୍‌ଭେଷ୍ଟମେଣ୍ଟ ଇନିସିଏଟିଭ୍ ପ୍ରିଓରିଟି ସମିଟ୍‌କୁ ବୁଧବାର ସମ୍ବୋଧିତ କରି ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ତୃତୀୟ ବିଶ୍ୱଯୁଦ୍ଧକୁ ଏଡ଼ାଇବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ସେ ପୃଥିବୀ ସାରା ଭ୍ରମଣ କରୁଛନ୍ତି। କାରଣ ସେ ବିଶ୍ୱରେ ରକ୍ତପାତ ଓ ଲୋକଙ୍କ ହତ୍ୟା ଦେଖିବାକୁ ଚାହୁଁନାହାନ୍ତି। ଟ୍ରମ୍ପ୍ ଆହୁରି କହିଛନ୍ତି, ମଧ୍ୟପ୍ରାଚ୍ୟରେ ଘଟୁଥିବା ଲୋକଙ୍କ ମୃତ୍ୟୁ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ପ୍ରାଣହାନିକୁ ଦେଖି

### 'ଏଡ଼ାଇବା ପାଇଁ ଉପାୟ ରହିଛି'

ଆମେ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଯାଉଛୁ। ତୃତୀୟ ବିଶ୍ୱଯୁଦ୍ଧ ହେଲେ କାହାରି କିଛି ଲାଭ ହେବ ନାହିଁ। ଏହି ଯୁଦ୍ଧ ବେଶି ଦୂର ନାହିଁ। ବର୍ତ୍ତମାନ ପୂର୍ବର ବାଇଡେନ୍ ପ୍ରଶାସନ ଥିଲେ, ଯୁଦ୍ଧ ଆହୁରି ବର୍ଷେ ପର୍ଯ୍ୟନ୍ତ ଲମ୍ବିଥାଆନ୍ତା। ଆପଣମାନେ ତୃତୀୟ ବିଶ୍ୱଯୁଦ୍ଧକୁ ଦେଖୁଥାଆନ୍ତେ। କିନ୍ତୁ ଆମ ପ୍ରଶାସନ ଏହାକୁ ହେବାକୁ ଦେବ ନାହିଁ। ଏହି ଅବସରରେ ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଆଲୋଚନାକୁ ସମର୍ଥନ କରିଥିବାରୁ ସାଉଦି ଆରବକୁ ଆମେରିକା ରାଷ୍ଟ୍ରପତି ଧନ୍ୟବାଦ ଦେଇଛନ୍ତି। ଏହାକୁ ସେ ଏକ 'ବଡ଼ ପଦକ୍ଷେପ' ବୋଲି ଅଭିହିତ କରିଛନ୍ତି। କେବଳ ଏତିକି ନୁହେଁ, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

ଟ୍ରମ୍ପ୍ ସମାଲୋଚନା କରିବାକୁ ପଛାଇନାହାନ୍ତି। ସେ ଜେଲେନ୍‌ସ୍କିଙ୍କୁ 'ବିନା ନିର୍ବାଚନରେ ଜଣେ ଏକଚ୍ଛତ୍ରବାଦୀ' ବୋଲି ଅଭିହିତ କରିଛନ୍ତି। ଜଣେ ସଫଳ କମେଡିଆନ୍ (ହାସ୍ୟାଭିନେତା) ଯୁଦ୍ଧ ପାଇଁ ଆମେରିକାର ୩୫୦ ବିଲିୟନ୍ ଡଲାର ଖର୍ଚ୍ଚ କରାଇଦେଲେ। ତାହା ପୁଣି ଏଭଳି ଯୁଦ୍ଧ, ଯେଉଁଠି ବିଜୟ ଅସମ୍ଭବ ବୋଲି ଟ୍ରମ୍ପ୍ ତାଚ୍ଛଲ୍ୟ କରିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ଅମେରିକାର ପରିବର୍ତ୍ତନଶୀଳ ଆଭିମୁଖ୍ୟ ଟ୍ରମ୍ପଙ୍କ ଏହି ମନ୍ତବ୍ୟରୁ ପ୍ରତିଫଳିତ ହୋଇଛି।

ଇତିମଧ୍ୟରେ ଟ୍ରମ୍ପଙ୍କ ମାଲିକାନାରେ ଥିବା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଟ୍ରୁଥ୍ ସୋସିଆଲ'କୁ ୟୁକ୍ରେନ୍ ସାରା ବ୍ଲକ୍ କରିବାକୁ ରାଷ୍ଟ୍ରପତି ଜେଲେନ୍‌ସ୍କି ନିଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ନେଇ କେତେକ ରିପୋର୍ଟ ପ୍ରକାଶ ପାଇଛି। ସେପଟେ ୟୁକ୍ରେନ୍‌ର ସାମରିକ ଗୋଇନ୍ଦା ଏଜେନ୍ସି 'ଜିୟୁଆର୍' ମୁଖ୍ୟ କିରିଲୋ ବୁଡାନୋଭ୍ କହିଛନ୍ତି, ପ୍ରାୟ ୩ ବର୍ଷ ଧରି ରୁଷିଆ ସହ ଚାଲିଥିବା ଯୁଦ୍ଧ ୨୦୨୫ରେ ଶେଷ ହୋଇପାରେ। ଯୁଦ୍ଧାବସାନର ଯଥେଷ୍ଟ ସମ୍ଭାବନା ରହିଥିବା ସେ ଦେଖିବାକୁ ପାଉଛନ୍ତି ବୋଲି ଏକ ସାକ୍ଷାତ୍କାରରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଠକେଇ ମାମଲାରେ ମହାରାଷ୍ଟ୍ର ମନ୍ତ୍ରୀଙ୍କୁ ୨ ବର୍ଷ ଜେଲ



ମାଣିକରାଓ କୋକାଟେ

**ନାସିକ, ୨୦।୨**

ମହାରାଷ୍ଟ୍ର କୃଷିମନ୍ତ୍ରୀ ତଥା ଏନ୍‌ସିପି ନେତା ମାଣିକରାଓ କୋକାଟେଙ୍କୁ ୩୦ ବର୍ଷ ପୁରୁଣା ଠକେଇ ମାମଲାରେ ନାସିକ ଜିଲା ଅଦାଲତ ଗୁରୁବାର ୨ ବର୍ଷ ଜେଲଦଣ୍ଡ ଓ ୫୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ତାଙ୍କ ଭାଇ ସୁନୀଲଙ୍କୁ ମଧ୍ୟ ଅନୁରୂପ ଦଣ୍ଡବିଧାନ କରାଯାଇଛି। ୧୯୯୫ରେ ମାଣିକରାଓ ଓ ସୁନୀଲ ଆୟ କମ୍ ଥିବା ଏବଂ ଦ୍ୱିତୀୟ ଘର ନ ଥିବା ଦର୍ଶାଇ ରାଜ୍ୟ ସରକାରଙ୍କ ଠାରୁ ଫ୍ଲାଟ୍ ନେଇଥିଲେ। ମାଣିକରାଓ ଆୟ ସମ୍ବନ୍ଧୀୟ ତଥ୍ୟ ଲୁଚାଇଥିବା ଅଭିଯୋଗ କରିଥିଲେ। ତେବେ ଏହି ରାୟକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ମାଣିକରାଓ କହିଛନ୍ତି।

### ଅସ୍ତ୍ର ସମର୍ପଣ ପାଇଁ ୭ ଦିନିଆ ମହଲତ ଦେଲେ ମଣିପୁର ରାଜ୍ୟପାଳ

**ଇମ୍ଫାଲ, ୨୦।୨**



ଅଜୟ କୁମାର ଭାଲ୍ଲା

ମଣିପୁରର ସବୁ ସମ୍ପ୍ରଦାୟର ଲୋକମାନେ ଲୁଟ୍ କରିନେଇଥିବା ଏବଂ ବେଆଇନ ଭାବେ ରଖିଥିବା ଅସ୍ତ୍ରଶସ୍ତ୍ରକୁ ୭ ଦିନ ମଧ୍ୟରେ ସମର୍ପଣ କରିଦେବା ପାଇଁ ରାଜ୍ୟପାଳ ଅଜୟ କୁମାର ଭାଲ୍ଲା ଗୁରୁବାର ନିବେଦନ କରିଛନ୍ତି। ଏହି ସମୟସୀମା ମଧ୍ୟରେ ଅସ୍ତ୍ର ଫେରାଇଲେ କୌଣସି ଦଣ୍ଡ ଦିଆଯିବ ନାହିଁ। ମଣିପୁରର ପାର୍ବତ୍ୟାଞ୍ଚଳ ଏବଂ ଉପତ୍ୟକାରେ ରହୁଥିବା ଲୋକମାନେ ୨୦ ମାସରୁ ଊର୍ଦ୍ଧ୍ୱ ସମୟ ହେଲା କଠିନ ସମସ୍ୟାର ସମ୍ମୁଖୀନ ହୋଇଆସିଛନ୍ତି। ଅନେକ ଦୁର୍ଭାଗ୍ୟଜନକ ଘଟଣା ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବନାକୁ ପ୍ରଭାବିତ କରିଛି। ଲୁଟିଥିବା ଓ ବେଆଇନ ଭାବେ ରଖିଥିବା ଅସ୍ତ୍ର ଓ ଗୁଳିଗୋଳାଗୁଡ଼ିକୁ ୭ ଦିନ ମଧ୍ୟରେ ସ୍ୱେଚ୍ଛାକୃତ ଭାବେ ସମର୍ପଣ ନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାଲ୍ଲା ଚେତାବନୀ ଦେଇଛନ୍ତି।

### ୪ ଇସ୍ରାଏଲୀ ପଣବନ୍ଦୀଙ୍କ ମୃତଦେହ ହସ୍ତାନ୍ତର କଲା ହମାସ୍

**ତେଲ୍ ଆଭିଭ୍, ୨୦।୨**

ଗାଜାର ଶାସକ ହମାସ୍ ଗୁରୁବାର ୪ ଜଣ ଇସ୍ରାଏଲୀ ପଣବନ୍ଦୀଙ୍କ ମୃତଦେହ ହସ୍ତାନ୍ତର କରିଛି। ୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅଚାନକ ଆକ୍ରମଣ କରି ସେମାନଙ୍କ ସହ ୨୫୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲେ। ହସ୍ତାନ୍ତର ହୋଇଥିବା ମୃତ ପଣବନ୍ଦୀମାନେ ହେଲେ ଶିରି ବିବାସ୍, ତାଙ୍କ ୨ ପିଲା ଏରିଏଲ୍, କଫିର ଏବଂ ଓଡେଡ୍ ଲିଫ୍‌ଶିଜ୍। ଅପହରଣ ବେଳେ ଓଡେଡ୍‌ଙ୍କୁ ୮୩ ବର୍ଷ ହୋଇଥିଲା। କଫିର ସବୁଠୁ କମ୍ ବୟସ୍କ ପଣବନ୍ଦୀ ଥିଲେ। ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ବେଳେ ସେମାନଙ୍କ ମୃତ୍ୟୁ ଘଟିଥିବା ହମାସ୍ କହିଛି। ଗତମାସ ୧୯ରୁ ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଯୁଦ୍ଧବିରତି ରାଜିନାମା କାର୍ଯ୍ୟକାରୀ ହେବା ସହ ବନ୍ଦୀ ଅଦଳବଦଳ ଜାରି ରହିଛି।

### ପାନାମାରେ ପହଞ୍ଚିଲେ ଆମେରିକାରୁ ବିତାଡ଼ିତ ଭାରତୀୟ

**ପାନାମା ସିଟି, ୨୦।୨ (ପି.ଟି.)**

ଆମେରିକାରୁ ବିତାଡ଼ିତ ହୋଇଥିବା ବେଆଇନ ପ୍ରବାସୀ ଭାରତୀୟମାନଙ୍କର ଆଉ ଏକ ଗ୍ରୁପ୍ ପାନାମାରେ ନିରାପଦର ସହ ପହଞ୍ଚିଥିବା ସେଠାକାର ସରକାର ନୂଆଦିଲ୍ଲୀକୁ ଜଣାଇଛି। ସେଠାରେ ଥିବା ଭାରତୀୟ ମିଶନ କନ୍‌ସୁଲାର ଆକ୍ସେସ୍ ପାଇବା ପରେ ସେମାନଙ୍କ ସୁବିଧା ପାଇଁ କାର୍ଯ୍ୟ ଆରମ୍ଭ କରିଛି। ଆମେରିକା ୩ଟି ବିମାନରେ ୨୯୯ ଜଣ ବେଆଇନ ପ୍ରବାସୀଙ୍କୁ ପାନାମା ପଠାଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ ସେଠାରେ ପହଞ୍ଚିଛନ୍ତି, ତାହା ସ୍ପଷ୍ଟ କରାଯାଇନାହିଁ। ଆମେରିକାରୁ ବିଦା ହୋଇଥିବା ବିଭିନ୍ନ ଦେଶର ଲୋକେ ପାନାମା ରାଜଧାନୀରେ ପହଞ୍ଚିଥିବାବେଳେ ସେଠାରେ ନୈରାଶ୍ୟଜନକ ସ୍ଥିତି ଦେଖିବାକୁ ମିଳିଛି। ସେମାନେ ହାତଲେଖା ବାର୍ତ୍ତା ଧରି ହୋଟେଲ ଝରକା ପାଖରୁ ସହାୟତା ପାଇଁ ନିବେଦନ କରୁଥିବା ଦେଖାଯାଇଛି। ସେମାନେ ନିଜ ଦେଶରେ ସୁରକ୍ଷିତ ନୁହନ୍ତି ବୋଲି କହିଛନ୍ତି। ହୋଟେଲରେ ସେମାନଙ୍କୁ ପୋଲିସ ପ୍ରହରା ମଧ୍ୟରେ ରଖାଯାଇଛି ଏବଂ ବାହାରକୁ ଯିବାକୁ ଦିଆଯାଉ ନାହିଁ।

# ଦିଲ୍ଲୀରେ ରେଖା ଗୁପ୍ତା ସରକାର



ଦିଲ୍ଲୀର ରାମଲୀଳା ମଇଦାନରେ ଗୁରୁବାର ଅନୁଷ୍ଠିତ ନୂଆ ସରକାରଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ନୂଆ ମନ୍ତ୍ରୀମାନେ।

**ନୂଆଦିଲ୍ଲୀ, ୨୦।୨**

ଭାଜପା ବିଧାୟିକା ରେଖା ଗୁପ୍ତା ଦିଲ୍ଲୀର ୯ମ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ଗ୍ରହଣ କରିବା ସହ ସଚିବାଳୟ ଯାଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ଦିଲ୍ଲୀରେ ରେଖା ସରକାର ଆରମ୍ଭ ହୋଇଛି। ୨୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ବ୍ୟବଧାନ ପରେ ଗତ ୫ ତାରିଖରେ ଅନୁଷ୍ଠିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା।

ରାମଲୀଳା ମଇଦାନରେ ଅନୁଷ୍ଠିତ ଭବ୍ୟ ଶପଥ ଉତ୍ସବରେ ରେଖାଙ୍କ ସହ ଅନ୍ୟ ୬ ଜଣ ମନ୍ତ୍ରୀ ଶପଥ ନେଇଛନ୍ତି। ସେମାନେ ହେଲେ ନିର୍ବାଚନରେ ଅରବିନ୍ଦ କେଜ୍‌ରିୱାଲଙ୍କୁ ହରାଇଥିବା ପର୍‌ଭେଶ ବର୍ମା, ହିନ୍ଦୁତ୍ୱବାଦୀ ନେତା କପିଲ ମିଶ୍ରା, ଦଳର ଶିଖ୍ ଚେହେରା ମଞ୍ଜିନ୍ଦର ସିଂ ସିର୍ସା, ଆଶିଷ ସୁଦ୍, ରବିନ୍ଦର ଇନ୍ଦ୍ରଜ ସିଂ ଏବଂ ପଙ୍କଜ ସିଂ। ଉପରାଜ୍ୟପାଳ ଭି.କେ. ସାକ୍ସେନା ନୂଆ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀ, ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ, ଭାଜପାର ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ସୁଷମା ସ୍ୱରାଜ, ଶୀଲା ଦୀକ୍ଷିତ ଏବଂ ଆତିଶୀଙ୍କ ପରେ ରେଖା ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ। ଏହି ଶାଲିମାରବାଗ୍ ବିଧାୟିକା କାର୍ଯ୍ୟଭାର ଦେବା ସହ ନିର୍ବାଚନ ବେଳେ ଦିଆଯାଇଥିବା ସବୁ ପ୍ରତିଶ୍ରୁତି ପୂରଣ କରିବେ ବୋଲି କହିଛନ୍ତି। ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରୁ ଦିଲ୍ଲୀର ମହିଳାମାନଙ୍କୁ ମାସିକ ୨,୫୦୦ ଟଙ୍କା ସହାୟତା ଯୋଗାଇଦିଆଯିବ।

### ବିଜେନ୍ଦର ଗୁପ୍ତା ବାଚସ୍ପତି

ଦିଲ୍ଲୀ ବିଧାନସଭାରେ ୧୦ ବର୍ଷ ତଳେ ବଜେଟ ଅଧିବେଶନ ବେଳେ ହଟ୍ଟଗୋଳକୁ ନେଇ ଭାଜପା ନେତା ବିଜେନ୍ଦର ଗୁପ୍ତାଙ୍କୁ ମାର୍ଶାଲମାନେ ଗୃହରୁ ଘୋଷାରି ବାହାର କରିଦେଇଥିଲେ। ୨୦୨୫ ନିର୍ବାଚନରେ ଭାଜପା ବିଜୟୀ ହେବା ପରେ ବିଜେନ୍ଦରଙ୍କୁ



ବାଚସ୍ପତି ନିର୍ବାଚିତ କରାଯାଇଛି। ଏବେ ସେ ଗୃହରେ ଅଧ୍ୟକ୍ଷତା କରିବାକୁ ଯାଉଛନ୍ତି। ସୂଚନାଯୋଗ୍ୟ, ୨୦୧୫ରେ ବଜେଟ ଆଲୋଚନା ବେଳେ ଚତୁର୍ଥ ଦିଲ୍ଲୀ ଅର୍ଥ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରିବା ଦାବିରେ ବିଜେନ୍ଦରଙ୍କ ସମେତ ଭାଜପା ବିଧାୟକ ଓ.ପି. ଶର୍ମା ଏବଂ ଜଗଦୀଶ ପ୍ରଧାନ ହଟ୍ଟଗୋଳ କରିବା ସହ ଗୃହ ମଧ୍ୟଭାଗରେ ସ୍ଲୋଗାନ ଦେବାରୁ ତତ୍କାଳୀନ ବାଚସ୍ପତି ରାମନିୱାସ ଗୋୟଲ ସେମାନଙ୍କୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଲୋକପାଳ ରାୟ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

**ନୂଆଦିଲ୍ଲୀ, ୨୦।୨ (ପି.ଟି.)**

### ହାଇକୋର୍ଟ ବିଚାରପତିଙ୍କ ବିରୋଧରେ ଅଭିଯୋଗକୁ ଅନୁମତି ଦେଇଥିଲେ ଲୋକପାଳ

ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ବିରୋଧରେ ଅଭିଯୋଗ ଦାଏର ପାଇଁ ଲୋକପାଳ ଦେଇଥିବା ଅନୁମତି ଉପରେ ସୁପ୍ରିମକୋର୍ଟ ଗୁରୁବାର ସ୍ଥଗିତାଦେଶ ଲଗାଇଛନ୍ତି। ଏଭଳି ଅନୁମତି ଅତ୍ୟନ୍ତ ଚିନ୍ତାଜନକ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଅଭୟ ଏସ୍. ଓକାଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ କହିବା ସହ ନ୍ୟାୟିକ ସ୍ୱାଧୀନତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଖଣ୍ଡପୀଠ ଏନେଇ କେନ୍ଦ୍ର ସରକାର, ଲୋକପାଳ ରେଜିଷ୍ଟ୍ରାର ଏବଂ ବିଚାରପତିଙ୍କ ବିରୋଧରେ ଅଭିଯୋଗ ଦାଏର କରିଥିବା ବ୍ୟକ୍ତିଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି।

ହାଇକୋର୍ଟ ବିଚାରପତି ଲୋକପାଳ ଏବଂ ଲୋକାୟୁକ୍ତ ଆଇନ, ୨୦୧୩ ପରିସରଭୁକ୍ତ ନୁହନ୍ତି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ବିଚାରପତିଙ୍କ ନାଁ ପ୍ରକାଶ ନ କରିବାକୁ ଖଣ୍ଡପୀଠ ଅଭିଯୋଗକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଅଭିଯୋଗକୁ ଗୋପନ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକପାଳ ଜାନୁଆରୀ ୨୭ରେ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରିଥିଲେ। ସେହିପରି ଲୋକପାଳଙ୍କ ରେଜିଷ୍ଟ୍ରାରଙ୍କୁ ମଧ୍ୟ ଅଭିଯୋଗକାରୀଙ୍କ ନାଁ ଗୋପନ ରଖିବାକୁ କୁହାଯାଇଛି।

# ଓଟିଟି ପ୍ଲାଟ୍‌ଫର୍ମ ପାଇଁ କେନ୍ଦ୍ରର ଆଡଭାଇଜରି

**ନୂଆଦିଲ୍ଲୀ, ୨୦।୨ (ପି.ଟି.)**

ସୋସିଆଲ ମିଡିଆରେ ଅଶ୍ଳୀଳ ମଜାକ୍ ବିବାଦକୁ ନେଇ କେନ୍ଦ୍ର ସରକାର ଓଭର ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି। ଆଇନ ଦ୍ୱାରା ନିଷିଦ୍ଧ ହୋଇଥିବା ବିଷୟବସ୍ତୁ ପ୍ରସାରଣ ନ କରିବା ପାଇଁ ଉକ୍ତ ପ୍ଲାଟ୍‌ଫର୍ମଗୁଡ଼ିକୁ ଚେତାବନୀ ଦିଆଯାଇଛି। ଓଟିଟି ପ୍ଲାଟ୍‌ଫର୍ମ ଏବଂ ସ୍ୱନିୟନ୍ତ୍ରିତ ସଂସ୍ଥାକୁ ଆଡଭାଇଜରି ଜାରି କରି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସେମାନଙ୍କୁ ଆଇଟି ରୁଲ୍ସ-୨୦୨୧ର ନୀତିନିୟମକୁ କଡ଼ାକଡ଼ି ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିୟମାବଳୀର ଉଲ୍ଲଂଘନ ହେଲେ ଓଟିଟି ପ୍ଲାଟ୍‌ଫର୍ମର ସ୍ୱନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସକ୍ରିୟତାର ସହ ନେବା ପାଇଁ କୁହାଯାଇଛି।

### ସୋସିଆଲ ମିଡିଆରେ ଅଶ୍ଳୀଳ କଣ୍ଟେଣ୍ଟ

ସୋସିଆଲ ମିଡିଆ ଏବଂ ଓଟିଟି ପ୍ଲାଟ୍‌ଫର୍ମରେ କେତେଜଣ ପ୍ରକାଶକ ଅଶ୍ଳୀଳ ବିଷୟବସ୍ତୁ ପ୍ରସାରଣ କରୁଥିବା ସାଂସଦ, ବୈଧାନିକ ସଂଗଠନ ଏବଂ ସାଧାରଣରେ ଅଭିଯୋଗ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରାଯାଇଥିବା ମନ୍ତ୍ରଣାଳୟ କହିଛି। ସୂଚନାଯୋଗ୍ୟ, ୟୁଟ୍ୟୁବ୍ ଭଳି ପ୍ଲାଟ୍‌ଫର୍ମରେ କଣ୍ଟେଣ୍ଟ ଶେୟାର କରିବା ନେଇ ଆଇନରେ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ଏଭଳି ଘଟୁଥିବା ନେଇ ୨ ଦିନ ପୂର୍ବରୁ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଥିଲେ।

# ଏଭରେଷ୍ଟ: ଶୀତରେ ତରଳିଛି ୧୫୦ ମିଟର ବରଫ

**ୱାଶିଂଟନ୍, ୨୦।୨**

ଚଳିତ ଶୀତ ଋତୁରେ ମାଉଣ୍ଟ ଏଭରେଷ୍ଟ ପର୍ବତର ଉପର ଭାଗରେ ଥିବା ବରଫ ଆସ୍ତରଣରେ ୧୫୦ ମିଟର ପର୍ଯ୍ୟନ୍ତ ହ୍ରାସ ଘଟିଛି। ଏନେଇ ଆମେରିକାସ୍ଥିତ ନିକୋଲ୍ସ କଲେଜର ପରିବେଶ ବିଜ୍ଞାନର ପ୍ରଫେସର ତଥା ଗ୍ଲାସିଓଲୋଜିଷ୍ଟ ମୌରୀ ପେଲ୍ଟୋ ବିଶ୍ଳେଷଣ କରି ଗୁରୁବାର ତାଙ୍କ ବ୍ଲଗ୍‌ରେ ଏକ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ସେ ଲେଖିଛନ୍ତି, ୨୦୨୩ ଅକ୍ଟୋବରରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ, ଆମେରିକାର ମହାକାଶ ସଂସ୍ଥା ନାସା ପକ୍ଷରୁ ଜାରି ସାଟେଲାଇଟ ଫଟୋକୁ ବିଶ୍ଳେଷଣକରି ମାଉଣ୍ଟ ଏଭରେଷ୍ଟ ପର୍ବତର ଉପର ଭାଗରେ ଥିବା ବରଫ ଆସ୍ତରଣ ସ୍ତରରେ ହ୍ରାସ ଘଟୁଥିବା ନେଇ ସେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି।



ପେଲ୍ଟୋ କହିଛନ୍ତି, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ତାପମାତ୍ରା ଉଷ୍ଣ ହେବା ସହ ବରଫ ତରଳିବାରେ ଲାଗିଛି। ସମ୍ପ୍ରତି ଶୀତ ଋତୁରେ ମଧ୍ୟ ମାଉଣ୍ଟ ଏଭରେଷ୍ଟ ଥିବା ଅଞ୍ଚଳରେ ଉଷ୍ଣ ଏବଂ ଶୁଷ୍କ ଅବସ୍ଥା ଲାଗି ରହିଥିଲା। ୨୦୨୧ରୁ ୨୦୨୫ର ଶୀତ ଋତୁରେ ଏହି ଅଞ୍ଚଳରେ ଶୁଷ୍କାବସ୍ଥା ଲାଗି ରହିଥିବାରୁ ବରଫ ଆସ୍ତରଣ ସ୍ତରରେ ହ୍ରାସ ଘଟିବାରେ ଲାଗିଛି। ପେଲ୍ଟୋ କହିଛନ୍ତି, ଉକ୍ତ ଅଞ୍ଚଳରେ ଶୀତ ଋତୁର ଆରମ୍ଭରେ ସାମାନ୍ୟ ତୁଷାରପାତ ହୋଇଥାଏ। ଏହା ସତ୍ତ୍ୱେ ମଧ୍ୟ ବରଫ ଆସ୍ତରଣ ଅଧିକ ସମୟ ପର୍ଯ୍ୟନ୍ତ ତିଷ୍ଠିପାରି ନ ଥାଏ। ମାଉଣ୍ଟ ଏଭରେଷ୍ଟ ପର୍ବତର ୬ ହଜାର ମିଟର ଉଚ୍ଚରୁ ମଧ୍ୟ ଗ୍ଲେସିଅର ତରଳିବା ଜାରି ରହିଛି ବୋଲି ତାଙ୍କ ବିଶ୍ଳେଷଣ ଦର୍ଶାଉଥିବା ପେଲ୍ଟୋ କହିଛନ୍ତି। ଶୀତ ଋତୁରେ ଏତେ ଉଚ୍ଚତାରେ ଥିବା ବରଫ ଆସ୍ତରଣ ସ୍ତରରେ ହ୍ରାସ ଘଟିବା ମୁଖ୍ୟତଃ ଊର୍ଦ୍ଧ୍ୱପାତନ ପ୍ରକ୍ରିୟାର ଫଳାଫଳ ବୋଲି ସେ କହିଛନ୍ତି। ଏହି ପ୍ରକ୍ରିୟା ଦ୍ୱାରା ବରଫ ସିଧାସଳଖ ବାଷ୍ପରେ ପରିଣତ ହୋଇଥାଏ, ଯାହାଫଳରେ ପ୍ରତିଦିନ ୨.୫ ମିଲିମିଟର ବରଫ ଆସ୍ତରଣ ନଷ୍ଟ ହୋଇଥାଏ। ପ୍ରକାଶ ଯେ, ମାଉଣ୍ଟ ଏଭରେଷ୍ଟ ବିଶ୍ୱର ସର୍ବୋଚ୍ଚ ପର୍ବତ ଶିଖର ହୋଇଥିବାବେଳେ ଏହା ସମୁଦ୍ର ପତ୍ତନଠାରୁ ୮,୮୪୮ ମିଟର ଉଚ୍ଚରେ ରହିଛି। ନେପାଳ ଏବଂ ତିବ୍ବତ ମଧ୍ୟରେ ହିମାଳୟର ଶିଖର ଅବସ୍ଥିତ।

## ଫୁର୍ସତ

# ଅଣ୍ଡା, ପାଉଁରୁଟି ଖାଇ ୮୩ ଲକ୍ଷ ସଞ୍ଚୟ

### ସୋସିଆଲ ମିଡିଆରେ ଲୋକଙ୍କୁ ଦେଉଛନ୍ତି ସେଭିଂ ଟିପ୍ସ

**ଲଣ୍ଡନ:** ଲଣ୍ଡନରେ ରହୁଥିବା ମିଆ ମ୍ୟାକ୍‌ଗ୍ରାଥ୍ ନାମ୍ନୀ ଜଣେ ୨୪ ବର୍ଷୀୟା ଯୁବତୀ ତାଙ୍କ ଆକାଉଣ୍ଟରେ ବର୍ତ୍ତମାନ ସୁଦ୍ଧା ୮୩ ଲକ୍ଷ ଟଙ୍କା ସଞ୍ଚୟ କରି ରଖିଛନ୍ତି। ମିଆ ଫ୍ୟାଶନ୍ ଇଣ୍ଡଷ୍ଟ୍ରିରେ ଜଣେ ଆକାଉଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ଏକ ଗ୍ଲାମର ପରିବେଶରେ ରହିବା ସତ୍ତ୍ୱେ ମଧ୍ୟ ସେ ସରଳ ଜୀବନଯାପନ ଅତିବାହିତ କରିବାକୁ ପସନ୍ଦ କରନ୍ତି ଏବଂ ଅନାବଶ୍ୟକ ଖର୍ଚ୍ଚ କରନ୍ତି ନାହିଁ। ମିଆଙ୍କ ଅନୁଯାୟୀ, ସେ ଦୀର୍ଘ ବର୍ଷ ଧରି ଜଳଖିଆରେ କେବଳ ଏକ ନିର୍ଦ୍ଦିଷ୍ଟ ଖାଦ୍ୟ ଅଣ୍ଡା ଏବଂ ପାଉଁରୁଟି ଖାଉଛନ୍ତି। ଏହି ଜଳଖିଆ ଖାଇବା ତାଙ୍କୁ ବେଶ୍ ଶସ୍ତା ପଡୁଥିବାରୁ ଅନ୍ୟ ଜଳଖିଆ ଖାଇବା ନେଇ ତାଙ୍କ ମନକୁ କେବେ ମଧ୍ୟ ଆସିନାହିଁ ବୋଲି ମିଆ କହିଛନ୍ତି। ସେହିପରି ସେ ଅଫିସ୍‌ରେ ଲଞ୍ଚ କରି ଖର୍ଚ୍ଚାନ୍ତ ହୁଅନ୍ତି ନାହିଁ। ଲଞ୍ଚ୍ ପାଇଁ ସେ ଘରୁ ଖାଦ୍ୟ ନେଇ ଅଫିସ୍‌ରେ ଖାଇଥାନ୍ତି। କେବେ ମଧ୍ୟ ବାହାରୁ କିଛି ଖାଇ ସେ ଅର୍ଥ



ମିଆ ମ୍ୟାକ୍‌ଗ୍ରାଥ୍

ଅପଚୟ କରନ୍ତି ନାହିଁ ବୋଲି ସେ କହିଛନ୍ତି। ସେହିପରି ମିଆ ଅଫିସରେ ଥିବା ସମୟରେ ଦୋକାନକୁ ଯାଇ କଫି ପିଇବା ବଦଳରେ ନିଜେ ପ୍ରସ୍ତୁତ କରି କଫି ପିଇଥାଆନ୍ତି। ଖୁବ୍ କମ ବୟସରେ ଏବଂ ଯୁବାବସ୍ଥାରେ ଥିଲେ ମଧ୍ୟ ମେକ୍‌ଅପ୍ ଏବଂ ସ୍କିନ୍ କେୟାର ଉତ୍ପାଦରେ ଟଙ୍କା ଖର୍ଚ୍ଚ କରିବାକୁ ସେ ଅର୍ଥର ଅପଚୟ ବୋଲି ଭାବନ୍ତି। ସେ ନିଜ ପାଇଁ ଶସ୍ତା କ୍ରିମ୍, ପାଉଡର୍ ଏବଂ ମେକ୍‌ଅପ୍ ସାମଗ୍ରୀ କିଣନ୍ତି। ଏହାସହ ସେ ମହଙ୍ଗା ପୋଷାକ ବଦଳରେ ସେକେଣ୍ଡ୍ ହ୍ୟାଣ୍ଡ ପୋଷାକ ପିନ୍ଧି କାମ ଚଳାଇଥାନ୍ତି।

ମିଆ କହିଛନ୍ତି, ସେ ପୂର୍ବରୁ ତାଙ୍କ ଅଫିସ୍ ନିକଟବର୍ତ୍ତୀ ଏକ ଘରେ ଭଡ଼ାରେ ରହୁଥିଲେ। ତେବେ ଭଡ଼ା ଖର୍ଚ୍ଚ ବଞ୍ଚାଇବା ପାଇଁ ସେ ଉକ୍ତ ଘର ଛାଡ଼ି ଅଫିସଠାରୁ ଦୂରରେ ନିଜ ମା'ବାପାଙ୍କ ସହ ରହିବାକୁ ଲାଗିଥିଲେ। ଫଳରେ ତାଙ୍କର ଘର ଭଡ଼ା ଖର୍ଚ୍ଚ ସଞ୍ଚୟ ହେବାକୁ ଲାଗିଲା। ଏହାସହ ସେ ଅଫିସ୍ ଯିବା ପାଇଁ ପବ୍ଲିକ ଟ୍ରାନ୍ସପୋର୍ଟକୁ ବ୍ୟବହାର କରନ୍ତି, ଯାହା ତାଙ୍କୁ ଶସ୍ତା ପଡ଼ିଥାଏ ବୋଲି ମିଆ କହିଛନ୍ତି। ସେ ତାଙ୍କ ମାସିକ ଦରମାର ପ୍ରାୟ ୫୦ରୁ ୭୦% ଅଂଶ ଖର୍ଚ୍ଚ ନ କରି ସଞ୍ଚୟ କରି ରଖିବା ପାଇଁ ପ୍ରୟାସ କରିଥାନ୍ତି। ୪୦ ବର୍ଷ ବୟସର ହେବା ବେଳକୁ ପ୍ରାୟ ୧୧ କୋଟି ଟଙ୍କା ସଞ୍ଚୟ କରି ନିଜ ପାଇଁ ଘର କିଣିବାକୁ ସେ ଟାର୍ଗେଟ ରଖିଛନ୍ତି। ଏହା ସହ ସେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟିକ୍‌ଟକ୍ ଏବଂ ୟୁଟ୍ୟୁବ୍‌ରେ ମଧ୍ୟ ଆକ୍ଟିଭ୍ ଅଛନ୍ତି। ସେ ଏହି ପ୍ଲାଟ୍‌ଫର୍ମଗୁଡ଼ିକୁ ବ୍ୟବହାର ଲୋକଙ୍କୁ ସେଭିଂର ବିଭିନ୍ନ କୌଶଳ ସମ୍ପର୍କରେ ପରାମର୍ଶ ଦେଉଛନ୍ତି।

# ଇନ୍‌ଷ୍ଟାଗ୍ରାମରେ ସମସ୍ତଙ୍କୁ ଅନ୍‌ଫୋଲୋ କଲେ ଅପୂର୍ବା



ଅପୂର୍ବା ମୁଖିଜା

**ମୁମ୍ବାଇ:** ୟୁଟ୍ୟୁବ୍ ଶୋ' 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ରେ ବିଭିନ୍ନ ଅଶ୍ଳୀଳ ମନ୍ତବ୍ୟ ଦେଇ ପୋଲିସର ସ୍କାନରରେ ଥିବା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅପୂର୍ବା ମୁଖିଜା ଗୁରୁବାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ସମସ୍ତଙ୍କୁ ଅନ୍‌ଫଲୋ କରିଦେଇଛନ୍ତି। ଅପୂର୍ବା ସୋସିଆଲ ମିଡିଆରେ 'ଦି ରେବଲ କିଡ୍' ନାମରେ ପରିଚିତ। ତାଙ୍କର ଇନ୍‌ଷ୍ଟାଗ୍ରାମରେ ୨.୯ ମିଲିୟନ ଫଲୋଅର୍ସ ରହିଛନ୍ତି। ଅପୂର୍ବା ପୋଷ୍ଟ କରୁଥିବା ପ୍ରତି ଭିଡିଓକୁ ଲକ୍ଷାଧିକ ଲୋକ ଦେଖିଥାନ୍ତି। ତେବେ ସମସ୍ତଙ୍କୁ ଅନ୍‌ଫଲୋ କରିବା ପୂର୍ବରୁ ସେ ୧୫୦୦ ଜଣଙ୍କୁ ଫୋଲୋ କରିଥିବା ନେଇ ସୋସିଆଲ ମିଡିଆରେ କେତେଜଣ ୟୁଜର୍ସ ଦାବି କରିଛନ୍ତି। ସେହିପରି ଆସନ୍ତା ମାସ ୮ ଏବଂ ୯ ତାରିଖରେ ରାଜସ୍ଥାନର ରାଜଧାନୀ ଜୟପୁରରେ ହେବାକୁ ଥିବା ଇଣ୍ଟରନ୍ୟାଶନାଲ ଇଣ୍ଡିଆନ ଫିଲ୍ମ ଏକାଡେମୀ ଆୱାର୍ଡ୍ସ (ଆଇଆଇଏଫ୍‌ଏ) ୨୦୨୫ର ପ୍ରମୋଟରମାନଙ୍କ ତାଲିକାରୁ ମଧ୍ୟ ଅପୂର୍ବାଙ୍କ ନାମକୁ ହଟାଇ ଦିଆଯାଇଛି।

ପ୍ରକାଶ ଯେ, ଷ୍ଟାଣ୍ଡଅପ୍ କମେଡିଆନ୍ ସମୟ ରୈନାଙ୍କ ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ ଶୋ'ରେ ବିଅର ବାଇସେପ୍ସ ଭାବେ ପରିଚିତ ଲୋକପ୍ରିୟ ୟୁଟ୍ୟୁବର ରଣବୀର ଆଲ୍ଲାହାବାଦିଆଙ୍କ ମା'ବାପାଙ୍କୁ ନେଇ ଅଶ୍ଳୀଳ ମନ୍ତବ୍ୟ ପରେ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଘଟଣାକୁ ନେଇ ରଣବୀର, ସମୟଙ୍କ ସହ ଅପୂର୍ବାଙ୍କ ବିରୋଧରେ ବିଭିନ୍ନ ସହରରେ ମାମଲା ରୁଜୁ ହୋଇଥିଲା।

# ପଞ୍ଚାୟତ ସମିତି ପ୍ରତିନିଧି-ବିଧାୟକଙ୍କ ସମର୍ଥକ ହାତାହାତି




ପଞ୍ଚାୟତ ସମିତି ସଭ୍ୟ ଓ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସମର୍ଥକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଏବଂ ପୋଲିସ ଲାଠିଚାର୍ଜ କରି ଆନ୍ଦୋଳନକାରୀଙ୍କୁ ଘଉଡ଼ାଉଛି।

ନିଶ୍ଚିନ୍ତକୋଇଲି,୨୦।୨
(ଅଶୋକ କୁମାର ମହାପାତ୍ର)

- ରଣକ୍ଷେତ୍ର ପାଲଟିଲା ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ
- ପୋଲିସର ଲାଠିଚାଳନା, ଏସ୍‌ଡିପିଓ ଆହତ

କଟକ ଜିଲ୍ଲା ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସର ଗୁରୁବାର ରଣକ୍ଷେତ୍ର ପାଲଟିଛି। ପଞ୍ଚାୟତ ସମିତି ସଭ୍ୟ ଓ ବିଧାୟକଙ୍କ ସମର୍ଥକ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ହାତାହାତି ଭଳି ସ୍ଥିତି ଉପୁଜିଛି। ପରିସ୍ଥିତିକୁ ପ୍ରଶମନ କରିବାକୁ ଯାଇ ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଆହତ ହୋଇଥିବା ବେଳେ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡ଼ିଛି।

ମାହାଙ୍ଗାରେ ଉନ୍ନୟନମୂଳକ କାର୍ଯ୍ୟ ଏକପ୍ରକାର ବନ୍ଦ ହେବା ସହ ଅନ୍ୟାନ୍ୟ ସମସ୍ୟା ନେଇ ବ୍ଲକ ଅଧକ୍ଷା ଦୀପା ମଲ୍ଲିକଙ୍କ ସମେତ ପଞ୍ଚାୟତ ସମିତି ସଭ୍ୟ, ସରପଞ୍ଚମାନେ ବୁଧବାରଠାରୁ ପାଲଟାଣି ଧାରଣାରତ ଥିଲେ। ତେବେ ପୂର୍ବରୁ ହୋଇଥିବା ଦୁର୍ନୀତିର ତଦନ୍ତ କରାଯିବା ସହ ଅନ୍ୟାନ୍ୟ ଦାବିରେ ସ୍ୱାଧୀନ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସମର୍ଥିତ ଗୋଷ୍ଠୀ ଗୁରୁବାର ସେଠାରେ ଚେୟାର ପକାଇ ଧାରଣା ଦେଇଥିଲେ। ଏନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଥମେ ଆରୋପ ଓ ପ୍ରତ୍ୟାରୋପ ପରେ ସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଏପରିକି ବ୍ଲକ କାର୍ଯ୍ୟାଳୟ ଭିତରେ ହାତାହାତି ହୋଇ ପରସ୍ପରକୁ ଚେୟାର ଫୋପାଡ଼ି ଥିଲେ। ଖବରପାଇ ସାଲେପୁର ଏସ୍‌ଡିପିଓ ବିରଞ୍ଚି ପତିଙ୍କ ସମେତ ବହୁ ପୋଲିସ ଅଧିକାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଘଟଣାକୁ ପ୍ରଶମିତ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହା ଥମି ନ ଥିଲା। ଏପରିକି ସାଲେପୁର ଏସ୍‌ଡିପିଓ ବିରଞ୍ଚିଙ୍କ ମୁହଁରେ ଆଘାତ ଲାଗି ରକ୍ତ ବାହାରିଥିଲା। ଏହାପରେ ପୋଲିସ ମୃଦୁ ଲାଠିଚାଳନା କରି ସ୍ୱାଧୀନ ବିଧାୟକଙ୍କ ସମର୍ଥିତ ଗୋଷ୍ଠୀଙ୍କୁ କାର୍ଯ୍ୟାଳୟ ବାହାରକୁ ଘଉଡ଼ାଇ ଦେଇଥିଲା। ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟାଳୟ ଭିତରେ ବସିବାର ଅଧିକାର ଥିବାରୁ ସେମାନେ ସେଠାରେ ପୂର୍ବପରି ଧାରଣା ଦେଇଥିଲେ। ମାହାଙ୍ଗାର ପ୍ରାକ୍ତନ ବିଧାୟକ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ସଞ୍ଜୟଦାସ ବର୍ମା, ନୟାଗଡ଼ ବିଧାୟକ ଅରୁଣ ସାହୁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ସମେତ ୬ ଜଣିଆ ଫାକ୍ଟ ଫାଇଣ୍ଡି ଟିମ୍ ଧାରଣାରତ ଲୋକ ପ୍ରତିନିଧିଙ୍କ ପାଖରେ ପହଞ୍ଚି ସମସ୍ୟା ବୁଝିଥିଲେ। ଏହି ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅପରପକ୍ଷେ ଗେଟ୍ ବାହାରକୁ ଆସିବା ପରେ ବିଧାୟକଙ୍କ ସମର୍ଥିତ ଗୋଷ୍ଠୀ ଧାରଣାରେ ବସିଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା। ଖବରପାଇ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛନ୍ତି।

ଦୀର୍ଘ ୮ମାସ ହେବ ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଉନ୍ନୟନମୂଳକ କାର୍ଯ୍ୟ କଚ୍ଛପଗତିରେ ଚାଲଛି। ଶେଷ ହୋଇଥିବା କାମର ବିଲ୍ ଉପରେ ରୋକୋ ଲଗାଯାଇଛି। ମାହାଙ୍ଗା ପଞ୍ଚାୟତ ସମିତିର ଲୋକପ୍ରତିନିଧିମାନେ ଏହାର ପ୍ରତିବାଦ କରି ୫ଦଫା ଦାବି ନେଇ ବ୍ଲକ ପରିସରରେ ବୁଧବାରଠାରୁ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ସମିତି ଅଧୀନରେ ଦୀର୍ଘ ୮ମାସ ହେବ କୌଣସି ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇନାହିଁ। ମାହାଙ୍ଗା ବ୍ଲକର ୩୭ ଗ୍ରାମପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଏକରକମ ବନ୍ଦ ହୋଇଯାଇଛି। ପୂର୍ବରୁ ସମ୍ପାଦିତ ହୋଇଥିବା ବିଭିନ୍ନ ଯୋଜନାଗୁଡ଼ିକର ବିଲ୍ ସହକାରୀ ଯନ୍ତ୍ରୀଙ୍କ ପାଖକୁ ପଠାଯାଇଥିଲେ ମଧ୍ୟ କୌଣସି କାରଣ ନ ଥାଇ ସମ୍ପୃକ୍ତ ଅଧିକାରୀ ସେହି ବିଲ୍‌ଗୁଡିକୁ ପାସ୍ କରୁନାହାନ୍ତି। ପ୍ରଶାସନ ତରଫରୁ ନିର୍ବାଚିତ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା ଓ ଅଣଦେଖା କରାଯାଉଛି।

ଏହାକୁ ବିରୋଧ କରି ସ୍ୱାଧୀନ ବିଧାୟକଙ୍କ ସମର୍ଥିତ ଗୋଷ୍ଠୀ ପୂର୍ବରୁ ହୋଇଥିବା ଦୁର୍ନୀତିର ତଦନ୍ତ, ଅଧକ୍ଷ ସରକାରୀ ଦସ୍ତାବିଜ ବ୍ଲକରୁ ନେଇଯାଇଥିବା ଭଳି ଅଭିଯୋଗ ଆଣିବା ସହ ପଞ୍ଚାୟତ ପ୍ରତିନିଧିମାନେ ଧାରଣାରୁ ନ ଉଠିବା ପର୍ଯ୍ୟନ୍ତ ସେମାନେ ଧାରଣା ଦେବେ ବୋଲି କହିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ସନ୍ଧ୍ୟାରେ ଧାରଣା ସ୍ଥଳରେ ପହଞ୍ଚି ଲୋକପ୍ରତିନିଧିମାନେ ଦେଇଥିବା ଅଭିଯୋଗର ୧୦ ଦିନ ମଧ୍ୟରେ ବିଚାର କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ଏହି ସମୟରେ ଭାରପ୍ରାପ୍ତ ବିଡିଓ ବିବେନ୍ଦୁ ଦାସଙ୍କ ସମେତ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷେ ବିଧାୟକଙ୍କ ସମର୍ଥକ ଗୋଷ୍ଠୀ ୪ ଦାବି ସମ୍ପର୍କିତ ଏକ ଦାବିପତ୍ର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରି ଧାରଣାରୁ ହଟିଯାଇଛନ୍ତି। ଏ ସମ୍ପର୍କରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଆଇଏଏସ୍, ଆଇପିଏସ୍ ଅଫିସରଙ୍କ ସ୍ତ୍ରୀ କିଟ୍‌ରେ କାମ କରୁଥିବାରୁ ଚାପ ପଡୁଛି: ତାରା

ଭୁବନେଶ୍ୱର, ୨୦।୨ (ବନ୍ଦନା ସେଠୀ)

କିଟ୍‌ରେ ନେପାଳୀ ଛାତ୍ରୀ ପ୍ରକ୍ରିତି ଲାମ୍‌ସାଲ୍‌ଙ୍କ ଆତ୍ମହତ୍ୟା ଓ ପରବର୍ତ୍ତୀ ବିଭିନ୍ନ ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ଗୁରୁବାର କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଗଣମାଧ୍ୟମ ଆଗରେ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଏଥିପାଇଁ ଓଡ଼ିଶା ବିଶ୍ୱ ଦରବାରରେ ନିନ୍ଦିତ ହେଉଥିବାବେଳେ ରାଜ୍ୟ ସରକାରଙ୍କ ସ୍ଥାଣୁତାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ତାରା କହିଛନ୍ତି, ରାଜ୍ୟ ସରକାରଙ୍କ କେତେକ ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କ ସ୍ତ୍ରୀ କିଟ୍‌ରେ କାମ କରୁଛନ୍ତି। ତେଣୁ ସରକାରଙ୍କ ଉପରେ ଚାପ ରହିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର କାହିଁକି ଆଜି ପର୍ଯ୍ୟନ୍ତ କିଟ୍ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରିନାହାନ୍ତି ବୋଲି ସେ କହିଛନ୍ତି। ତାଙ୍କ ସହିତ ଅଚ୍ୟୁତ ସାମନ୍ତଙ୍କର ଭଲ ସମ୍ପର୍କ ରହିଛି, ମାତ୍ର ମାଆ ଓ ମାଟିକୁ ପ୍ରଥମେ ସୁରକ୍ଷା ଦରକାର। ଓଡ଼ିଶାର ସ୍ୱାଭିମାନ ସବୁଠୁ ଆଗ। ସମଗ୍ର ବିଶ୍ୱ ଆଜି କିଟ୍ ଘଟଣାକୁ ନିନ୍ଦା କରୁଛି। ଓଡ଼ିଶା ଲୋକଙ୍କ ଅନ୍ତରାତ୍ମା କାନ୍ଦୁଛି। ତେବେ ସରକାର କାହିଁକି ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ଚିନ୍ତାଜନକ ବିଷୟ ବୋଲି ତାରା କହିଛନ୍ତି।

# ‘ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବୁ’

ପୁରୀ, ୨୦।୨(ଅଜିତ୍ କୁମାର ମହାନ୍ତି)

## ଶ୍ରୀକ୍ଷେତ୍ରରେ ସରିଲା କଂଗ୍ରେସର ସଂକଳ୍ପ ଯାତ୍ରା



ପିସିସି ସଭାପତି ଭକ୍ତଚରଣ ଦାସ ଓ ଦଳୀୟ କର୍ମୀମାନେ ସଂକଳ୍ପ ପଦଯାତ୍ରାରେ ପୁରୀ ବଡ଼ଦାଣ୍ଡ ଦେଇ ଶ୍ରୀମନ୍ଦିର ଅଭିମୁଖେ ଯାଉଛନ୍ତି। -ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଓଡ଼ିଶାରେ କଂଗ୍ରେସ ଦଳ ପୁଣି ଶକ୍ତିଶାଳୀ ଓ ଲୋକଙ୍କ ଆସ୍ଥାଭାଜନ ହେବାକୁ ଅଣ୍ଟା ଭିଡ଼ିଛି। ଏହି କ୍ରମରେ ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ନୂତନ ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ତିନିଦିନିଆ ସଂକଳ୍ପ ଯାତ୍ରା ଗୁରୁବାର ଶ୍ରୀକ୍ଷେତ୍ରରେ ସମାପନ ହୋଇଛି। ପିସିସି ସଭାପତି ଦାସ ଦଳୀୟ କର୍ମୀ ଓ ନେତୃବୃନ୍ଦଙ୍କ ସହ ପଦଯାତ୍ରାରେ ପୁରୀରେ ପହଞ୍ଚି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସଂକଳ୍ପ ଯାତ୍ରା ଶେଷ ହୋଇଛି। ଏହି ଅବସରରେ ପିସିସି ସଭାପତି ଦାସ କହିଛନ୍ତି, ଜନସାଧାରଣଙ୍କ ସହିତ ଯୋଡ଼ି ହେବା ସହ ରାଜ୍ୟ ସରକାରଙ୍କ ଦୁର୍ନୀତି ଲୋକଲୋଚନକୁ ଆଣିବୁ। ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିବା ସହ ଆଗାମୀ ଦିନରେ ଅନେକ କାର୍ଯ୍ୟକ୍ରମ ହାତକୁ ନେବୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଆଗେଇବୁ ବୋଲି ଦାସ ପ୍ରକାଶ କରିଛନ୍ତି। ସଂକଳ୍ପ ଯାତ୍ରାକୁ ନେଇ କଂଗ୍ରେସ କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ କଂଗ୍ରେସର ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ଏହା ଲିଙ୍ଗିପୁର ଦେଇ ପିପିଲିରେ ପହଞ୍ଚିଥିଲା। ସେହିପରି ଦ୍ୱିତୀୟ ଦିନ ବୁଧବାର ସଂକଳ୍ପ ଯାତ୍ରା ପିପିଲିଠାରୁ ବାହାରି ଚନ୍ଦନପୁର ପର୍ଯ୍ୟନ୍ତ ଆସିଥିଲା। ତୃତୀୟ ଦିନ ତଥା ଶେଷ ଦିନରେ ଏହି ଯାତ୍ରା ଚନ୍ଦନପୁରରୁ ବାହାରି ବାଟମଙ୍ଗଳା, ଅଠରନଳା ଓ ବଡ଼ଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲା। ନୂତନ ରାଜ୍ୟ ସଭାପତି ଦାସଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବାଟମଙ୍ଗଳା ମନ୍ଦିରରେ ପିସିସି ସଭାପତି ପୂଜାର୍ଚ୍ଚନା କରିଥିଲେ। ଘଣ୍ଟ, ଢୋଲ, ମାଦଳ ଆଦି ବିଭିନ୍ନ ବାଦ୍ୟ ସମେତ ଗୀତ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ କର୍ମୀମାନେ ଦଳୀୟ ପତାକା ଧରି ପଦଯାତ୍ରାରେ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥିଲେ। ପାରମ୍ପରିକ ନୃତ୍ୟ ଓ ଗୀତରେ କମ୍ପିଥିଲା ବଡ଼ଦାଣ୍ଡ। ଏହି ଅବସରରେ ଦାସ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା କେତେଜଣ ଉଠାଦୋକାନୀଙ୍କୁ ମାର୍କେଟ ଛକସ୍ଥିତ ପାରାଡାଇଜ ହୋଟେଲ ସମ୍ମୁଖରେ ଭେଟି ଆଲୋଚନା କରିଥିଲେ। ପରେ ସଂକଳ୍ପ ଯାତ୍ରା ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦାସ ଓ ଦଳୀୟ କର୍ମୀମାନେ ପହଞ୍ଚିବା ପରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ ସହ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ପରେ ଶ୍ରୀମନ୍ଦିରକୁ ଯାଇ ଦାରୁବିଗ୍ରହଙ୍କ ଦର୍ଶନ କରିସାରି ଫେରିଥିଲେ। ଏହି ଅବସରରେ ବରିଷ୍ଠ ନେତା ଉମାବଲ୍ଲଭ ରଥ, ପ୍ରସାଦ ହରିଚନ୍ଦନ, ସୁରେଶ ରାଉତରାୟ, ତାରାପ୍ରସାଦ ବାହିନୀପତି, ସିଦ୍ଧାର୍ଥ ରାଉତରାୟ ଏବଂ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲୁଙ୍କ ସହ ଅନେକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## Business

# ୨୬,୦୦୦ କୋଟିର ଟି-ବିଲ୍ ବିକ୍ରି ବାତିଲକଲା ଭାରତ

ଭୁବନେଶ୍ୱର,୨୦।୨ (ଅନୁରାଧା ମହାରଣା)




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗୁରୁବାର ୯୧ ଏବଂ ୧୮୨ ଦିନିଆ ଟ୍ରେଜେରି ବିଲ୍ (ଟି-ବିଲ୍) ନିଲାମରେ କୌଣସି ବିଡ୍ ଗ୍ରହଣ କରିନାହିଁ। ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ନଗଦ ସଙ୍କଟ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଆର୍‌ବିଆଇ ଏକ ବିବୃତିରେ କହିଛି, ଏହା ୨୬,୦୦୦ କୋଟି ଟଙ୍କା, ପ୍ରାୟ ୩ ବିଲିୟନ ଡଲାରର ବିକ୍ରୟ ପାଇଁ ବିଡ୍‌କୁ ବାତିଲ କରିଛି। ତେବେ ଏହା ୬.୫୬୩୮% ହାରରେ ୭,୦୦୦ କୋଟି ଟଙ୍କା ମୂଲ୍ୟର ୩୬୪ ଦିନିଆ ଟ୍ରେଜେରି ବିଲ୍ ବିକ୍ରି କରିଛି। ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଲିକ୍ୟୁଡିଟି ସ୍ଥିତି ଗୁରୁତର ଅଭାବରେ ରହିଛି। ବ୍ଲୁମ୍‌ବର୍ଗ ଇକୋନୋମିକ୍ସର ଏକ ସୂଚକାଙ୍କ ଅନୁଯାୟୀ, ବ୍ୟାଙ୍କଗୁଡିକ ବୁଧବାର ପର୍ଯ୍ୟନ୍ତ କେନ୍ଦ୍ରୀୟ ବ୍ୟାଙ୍କରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ଋଣ ନେଇଛନ୍ତି। ଗତ ମାସ ଶେଷରୁ ଆର୍‌ବିଆଇ ତିନୋଟି ଖୋଲା ବଜାର ଅପରେଶନ (ଓଏମ୍‌ଓ) ମାଧ୍ୟମରେ ସିଷ୍ଟମରେ ୧ ଲକ୍ଷ କୋଟି ଟଙ୍କା ଯୋଡ଼ିଛି। ଏହା ସହ ଏହା ଫରେକ୍ସ ସ୍ୱାପ୍ ମାଧ୍ୟମରେ ୫ ବିଲିୟନ ଡଲାରର ଲିକ୍ୟୁଡିଟିକୁ ଇଞ୍ଜେକ୍ଟ କରିଛି। ଦୀର୍ଘକାଳୀନ ଟି-ବିଲ୍‌ଗୁଡ଼ିକର ପରିବର୍ତ୍ତନଶୀଳ ରେପୋ ନିଲାମ ମଧ୍ୟ କରୁଛି। ଏଥିସହ ଗୁରୁବାର ଟି-ବିଲ୍ ବିକ୍ରିର ଫଳାଫଳ ପରେ ୫ ବର୍ଷର ବଣ୍ଡ ୬.୭୫%ରେ ସ୍ଥିର ରହିଛି। ମେ ମାସରେ, ଆର୍‌ବିଆଇ ଟ୍ରେଜେରି ବିଲ୍ ମାଧ୍ୟମରେ ସରକାରଙ୍କ ପାଇଁ ଋଣ ହ୍ରାସ କରିବାକୁ ଘୋଷଣା କରିଥିଲା। ସରକାରଙ୍କୁ ଏକ ବିରାଟ ଡିଭିଡେଣ୍ଡ ଟ୍ରାନ୍ସଫରର କିଛି ଦିନ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଥିଲା। ଆର୍‌ବିଆଇର ସଦ୍ୟତମ ମାସିକ ବୁଲେଟିନ ଅନୁଯାୟୀ, ୨୦୨୫-୨୬ ସୁଦ୍ଧା ଭାରତର ଅର୍ଥନୀତି ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ହୋଇ ରହିବ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଏବଂ ବିଶ୍ୱବ୍ୟାଙ୍କର ଆକଳନକୁ ଦର୍ଶାଇ ଆର୍‌ବିଆଇ କହିଛି, ୨୦୨୫-୨୬ ମସିହାରେ ଭାରତର ଜିଡିପି ଅଭିବୃଦ୍ଧି ୬.୫%ରୁ ୬.୭% ମଧ୍ୟରେ ରହିବ। ବୈଶ୍ୱିକ ଅନିଶ୍ଚିତତା ସତ୍ତ୍ୱେ ହାଇ-ଫ୍ରିକ୍ୱେନ୍ସି ସୂଚକଗୁଡିକ ଦର୍ଶାଏ ଯେ ୨୦୨୪-୨୫ର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କାର୍ଯ୍ୟକଳାପରେ ଉନ୍ନତି ଆଗକୁ ମଧ୍ୟ ଜାରି ରହିବ।

# ଦେବଗଡ଼ରେ ସୁନାଖଣି ସନ୍ଧାନ

ଭୁବନେଶ୍ୱର,୨୦।୨ (ଅନୁରାଧା ମହାରଣା)

ଦେବଗଡ ଜିଲାର ଆଡାସ ଅଞ୍ଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା (ଜିଏସଆଇ) ଦ୍ୱାରା ଜି-୨ସ୍ତରରେ ଅନୁସନ୍ଧାନ କରାଯାଇ ସୁନା, ନିକେଲ, ରୁପା, ତମ୍ବାପଥର, ଓ ଗ୍ରାଫାଇଟ ଖଣିଜ ପଦାର୍ଥ ଥିବା ଜଣାପଡିଛି। ସେଥିମଧ୍ୟରୁ ନିକେଲ ଓ ଗ୍ରାଫାଇଟ କ୍ରିଟିକାଲ ମିନେରାଲ ଅନ୍ତର୍ଭୁକ୍ତ ହୋଇଥିବାରୁ ଉକ୍ତ ବ୍ଲକର ନିଲାମ ପ୍ରକ୍ରିୟା ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ ଦ୍ୱାରା ହେବାର ଯୋଜନା ରହିଛି। ସେହିପରି କେଉଁଝର ଜିଲାର ଗୋପୁର ଅଞ୍ଚଳରେ ଜି-୩ ସ୍ତରରେ ସୁନାର ଅନୁସନ୍ଧାନ କାର୍ଯ୍ୟ ସରିଛି। ୨୦୨୪-୨୫ ବର୍ଷରେ ଉକ୍ତ ବ୍ଲକର ଜଲଡ଼ିହି ଅଞ୍ଚଳରେ ଜି-୨ରେ ଅନୁସନ୍ଧାନ କାର୍ଯ୍ୟ ଚାଲୁରହିଛି। ଅନୁସନ୍ଧାନକାରୀ ସଂସ୍ଥାମାନେ ଚୂଡାନ୍ତ ରିପୋର୍ଟ ପ୍ରଦାନ କଲା ପରେ ବୈଷୟିକ କମିଟିର ସୁପାରିସ କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଭି.ଅନନ୍ତ ନାଗେଶ୍ୱରନ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି

ଭୁବନେଶ୍ୱର,୨୦।୨



ଡ. ଭି. ଅନନ୍ତ ନାଗେଶ୍ୱରନ୍

କେନ୍ଦ୍ର ସରକାର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡ. ଭି. ଅନନ୍ତ ନାଗେଶ୍ୱରନ୍‌ଙ୍କ କାର୍ଯ୍ୟକାଳକୁ ୨୦୨୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ୨୦୨୨ ଜାନୁଆରୀ ୨୮ରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଡ. ନାଗେଶ୍ୱରନ୍ ଅର୍ଥନୈତିକ ନୀତି ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଅର୍ଥନୈତିକ ସର୍ବେକ୍ଷଣ ୨୦୨୪-୨୫ରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ୬.୩%-୬.୮% ରହିବ ବୋଲି ଆକଳନ କରାଯିବାର କିଛି ସପ୍ତାହ ପରେ ଅର୍ଥନୀତିରେ ସୁଧାର ଆସିବାର ସଙ୍କେତ ଦେଖିବାକୁ ମିଳିଛି। ଚଳିତ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ୬.୪% ରହିବ ବୋଲି ଆକଳନ କରାଯାଇଛି। ସେ ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ପାର୍ଟ ଟାଇମ ସଦସ୍ୟ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି ଏବଂ ଭାରତ ଓ ସିଙ୍ଗାପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରିଛନ୍ତି। ଡ. ନାଗେଶ୍ୱରନ୍ ଆଇଆଇଏମ୍ ଅହମ୍ମଦାବାଦରୁ ଏମ୍‌ବିଏ ଏବଂ ମାସାଚୁସେଟ୍ସ ବିଶ୍ୱବିଦ୍ୟାଳୟରୁ ଫାଇନାନ୍ସରେ ପିଏଚ୍.ଡି. କରିଛନ୍ତି। କେନ୍ଦ୍ର କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସୂଚନା ଅନୁଯାୟୀ, ୧୭ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍‌ର ନିଯୁକ୍ତି କମିଟି ବୈଠକରେ ଡ. ନାଗେଶ୍ୱରନ୍‌ଙ୍କ ଚୁକ୍ତିଭିତ୍ତିକ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବରେ କାର୍ଯ୍ୟକାଳ ୨ବର୍ଷ ବୃଦ୍ଧି କରାଯାଇଛି।

# ଅନ୍‌ଲାଇନ ଠକେଇରୁ ସୁରକ୍ଷାଦେବ ଟୋକେନାଇଜେଶନ

ଭୁବନେଶ୍ୱର,୨୦।୨

ଡିଜିଟାଲାଇଜେଶନ କ୍ଷେତ୍ରରେ ଭାରତ କ୍ରମାଗତ ଭାବରେ ଅଗ୍ରଗତି କରୁଛି। ଦେଶରେ ଡିଜିଟାଲ ପେମେଣ୍ଟରେ ମଧ୍ୟ ବହୁତ ବୃଦ୍ଧି ଘଟିଛି। ବର୍ତ୍ତମାନ ଡିଜିଟାଲ ପେମେଣ୍ଟର ଏକ ପ୍ରମୁଖ ପରିବର୍ତ୍ତନରେ, ଫୋନ ପେ କ୍ରେଡିଟ ଏବଂ ଡେବିଟ କାର୍ଡ ପାଇଁ ଏକ ଡିଭାଇସ୍ ଟୋକେନାଇଜେଶନ ସମାଧାନ ଆରମ୍ଭ କରିଛି। ଏହା ସାହାଯ୍ୟରେ ଫୋନ ପେ ମାଧ୍ୟମରେ ଉପଭୋକ୍ତାମାନେ ବିଲ୍ ପେମେଣ୍ଟ, ରିଚାର୍ଜ, ଟିକେଟ ବୁକିଂ, ବୀମା ପଲିସି କ୍ରୟ କରିପାରିବେ ଏବଂ ଅଧିକ ସୁରକ୍ଷିତ ଶପିଂ ସମୟରେ ଅନ୍‌ଲାଇନ ପେମେଣ୍ଟ କରିପାରିବେ। ଏହା ଅନ୍‌ଲାଇନ ଠକେଇକୁ ହ୍ରାସକରିବ ଏବଂ ଦେୟ ଦେବା ମଧ୍ୟ ସହଜ ହେବ।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅନୁଯାୟୀ, ଟୋକେନାଇଜେଶନ ଅର୍ଥ ହେଉଛି ଉପଭୋକ୍ତାଙ୍କ କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ବିବରଣୀକୁ ଟୋକେନରେ ପରିଣତ କରିବା। ଡିଭାଇସ୍ ଟୋକେନାଇଜେଶନ ହେଉଛି ଏକ ସୁରକ୍ଷିତ ପଦ୍ଧତି ଯାହା ସାହାଯ୍ୟରେ ଆପଣଙ୍କର କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡର ବିବରଣୀ ଏକ ସ୍ୱତନ୍ତ୍ର ଟୋକେନରେ ରୂପାନ୍ତରିତ ହୋଇଥାଏ। ଯେଉଁ ଡିଭାଇସ୍‌ରେ ଏହା ଜେନେରେଟ କରାଯାଇଥାଏ ଏହି ଟୋକନ କେବଳ ସେହି ଡିଭାଇସ୍‌ରେ ଉପଲବ୍ଧ ହେବ। ଏହା ଠକେଇର ବିପଦକୁ ହ୍ରାସ କରିଥାଏ ଏବଂ ଡାଟା ଲିକେଜ ଏବଂ ଦେୟ ମଧ୍ୟ ସୁରକ୍ଷିତ ରହିଥାଏ। ଫୋନ୍ ପେର ଟୋକେନାଇଜେଶନ କାରବାରକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ଏହା ଚେକ୍‌ଆଉଟ୍ ଡ୍ରପ୍ ଅଫ୍ ହ୍ରାସ କରିବ। ଏହା ବ୍ୟତୀତ ଉପଭୋକ୍ତାମାନଙ୍କୁ ପ୍ରତ୍ୟେକ ଥର ସେମାନଙ୍କ କାର୍ଡ ବିବରଣୀ ପ୍ରବେଶ କରିବାକୁ ପଡିବ ନାହିଁ। ଓଟିପି ଏବଂ ସିଭିଭି ପ୍ରବେଶ ନ କରି ଦେୟ ହାର ବୃଦ୍ଧିପାଇବ। ଏହା ବ୍ୟବସାୟୀମାନଙ୍କୁ ଟୋକେନାଇଜଡ କାର୍ଡର ବଢୁଥିବା ନେଟ୍‌ୱର୍କର ଲାଭ ଉଠାଇବାରେ ସାହାଯ୍ୟ କରିବ। ପ୍ରଥମ ପର୍ଯ୍ୟାୟରେ, ଫୋନ୍ ପେ ଭିସା କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ପାଇଁ ଟୋକେନାଇଜେଶନ ସୁବିଧା ଆରମ୍ଭ କରିଥିଲା। ପରେ ମାଷ୍ଟରକାର୍ଡ, ରୂପାୟ ଏବଂ ଆମେରିକୀୟ ଏକ୍ସପ୍ରେସ୍ ପରି ଅନ୍ୟ କାର୍ଡ ନେଟ୍‌ୱର୍କଗୁଡ଼ିକ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହେବ।

# ରାଜ୍ୟରେ ୯୫ ଲୁହାପଥର ଖଣି, ୩୪ରେ କାର୍ଯ୍ୟ ବନ୍ଦ

ଭୁବନେଶ୍ୱର,୨୦।୨



ଓଡ଼ିଶାରେ ବର୍ତ୍ତମାନ ୯୫ଟି ଲୁହାପଥର ଖଣି ବଳବତ୍ତର ରହିଥିବା ବେଳେ ୬୧ଟି ଖଣି କାର୍ଯ୍ୟକ୍ଷମ ରହିଛି। ୩୪ ଖଣିରେ କାର୍ଯ୍ୟ ବନ୍ଦ ରହିଛି। ସେହିଭଳି ରାଜ୍ୟରେ ୯ଟି ବକ୍ସାଇଟ ଖଣି ବଳବତ୍ତର ରହିଥିବା ବେଳେ ୪ଟି ଖଣି କାର୍ଯ୍ୟକ୍ଷମ ରହିଛି ଓ ୫ଟି ଖଣିରେ କାର୍ଯ୍ୟ ବନ୍ଦ ରହିଛି। ରାଜ୍ୟରେ କେତେ ସଂଖ୍ୟକ ଲୁହାପଥର ଓ ବକ୍ସାଇଟ୍ ଖଣି ଅଛି ବୋଲି ଗୃହରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦେଇଥିବା ଲିଖିତ ଉତ୍ତରରେ ଏହି ତଥ୍ୟ ରହିଛି। ସେହିପରି ଖଣିରୁ ପ୍ରଚୁର ପରିମାଣରେ ବର୍ଜ୍ୟ ବାହାରୁଥିବାବେଳେ ସେହି ବର୍ଜ୍ୟର ପୁନଃ ବିନିଯୋଗ ପାଇଁ କେଉଁ ବ୍ୟବସ୍ଥା କରାଯାଇଛି ବୋଲି ବାହିନୀପତି ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ମନ୍ତ୍ରୀ ଜେନା କହିଛନ୍ତି, ଉପରୋକ୍ତ କାର୍ଯ୍ୟକ୍ଷମ ଥିବା ଲୁହାପଥର ଓ ବକ୍ସାଇଟ ଖଣିରୁ ବିପୁଳ ପରିମାଣର ବର୍ଜ୍ୟବସ୍ତୁ ବାହାରୁଥିବା ସମ୍ବନ୍ଧୀୟ ତଥ୍ୟ ଏହି ବିଭାଗର ଦୃଷ୍ଟିଗୋଚର ହୋଇନାହିଁ। ତେବେ ଲୁହାପଥର ଓ ବକ୍ସାଇଟ ଖଣିରୁ ଉତ୍ପାଦିତ ହେଉଥିବା ବର୍ଜ୍ୟକୁ ଖଣି ପଟ୍ଟାଧାରୀମାନେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍) ଅନୁମୋଦିତ ମାଇନିଂ ପ୍ଲାନ୍ ଅନୁଯାୟୀ ଡମ୍ପ୍ ପ୍ରସ୍ତୁତକରି ଖଣି ଅଞ୍ଚଳର ନନ୍ ମିନେରାଲାଇଜଡ୍ ଜୋନ୍‌ରେ ଗଚ୍ଛିତ ରଖୁଛନ୍ତି। ଏ ସମ୍ପର୍କିତ ତଥ୍ୟ ଖଣି ପଟ୍ଟାଧରୀ ଆନୁଆଲ ରିଟର୍ନ ଫର୍ମ ଜେ୧(ଏଚ୍୧)ରେ ଦର୍ଶାଉଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଡମ୍ପ୍ ପଲିସି ଅନୁମୋଦନ ହେଲା ପରେ ରାଜ୍ୟ ସରକାର ସମ୍ପୃକ୍ତ ଗଚ୍ଛିତ ଥିବା ଡମ୍ପ୍‌କୁ ପୁନଃ ବିନିଯୋଗ କରିବା ପାଇଁ ପଦକ୍ଷେପ ନେବେ।

# ଜିଓ ଆରମ୍ଭକଲା ଜିଓଟେଲି ଓଏସ୍

ଭୁବନେଶ୍ୱର,୨୦।୨




ଜିଓ ପକ୍ଷରୁ ଭାରତରେ ସ୍ମାର୍ଟ ଟିଭି ଉପଭୋକ୍ତାଙ୍କ ପାଇଁ ‘ଜିଓଟେଲି ଓଏସ୍’ ଆରମ୍ଭ କରାଯାଇଛି। ଏହି ନୂତନ ଅପରେଟିଂ ସିଷ୍ଟମ ଦ୍ରୁତ, ସ୍ମାର୍ଟ ଏବଂ ବ୍ୟବହାର କରିବାକୁ ସହଜ, ଯାହା ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିକଶିତ ହୋଇଛି। ଭାରତରେ ପ୍ରାୟ ୩୫ ନିୟୁତ କନେକ୍ଟେଡ୍ ଟିଭି ଘର ଅଛି, ମାତ୍ର ଅନେକ ଗ୍ରାହକ ସୀମିତ କଷ୍ଟମାଇଜେଶନ, ଉଚ୍ଚ-ଗୁଣାତ୍ମକ ଆଞ୍ଚଳିକ ବିଷୟବସ୍ତୁର ଅଭାବ ଏବଂ ସୁଚାରୁ ଅନୁଭବର ଅଭାବଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଓଟେଲି ଓଏସ୍ ଏହି ସମସ୍ତ ଆହ୍ୱାନର ସମାଧାନ ନେଇଆସିଛି। ଏହି ଓଏସ୍‌ରେ ଏଆଇ(କୃତ୍ରିମ ବୁଦ୍ଧିମତା) ଆଧାରିତ ସୁପାରିସଗୁଡିକ ଉପଲବ୍ଧ ହେବ, ଯାହାଦ୍ୱାରା ଗ୍ରାହକମାନେ ସେମାନଙ୍କର ନିଜ ପସନ୍ଦର ବିଷୟବସ୍ତୁ ଶୀଘ୍ର ଏବଂ ସହଜରେ ଖୋଜି ପାଇପାରିବେ। ଗ୍ରାହକମାନେ ଗୋଟିଏ ସ୍ଥାନରେ ଟିଭି ଚ୍ୟାନେଲ, କ୍ଲାଉଡ୍ ଗେମ୍ ଏବଂ ଓଟିଟି ଆପ୍ ଉପଭୋଗ କରିବାକୁ ସମର୍ଥ ହେବେ। ଏଥିସହ ସମୟ ସମୟରେ ନୂତନ ଅପ୍‌ଡେଟ୍ ମିଳିବା ଫଳରେ ଏହା ସର୍ବଦା ନୂତନ ଆପ୍ ଏବଂ ଟେକ୍ନୋଲୋଜି ସହିତ ଅପ୍‌ଡେଟ୍ ରହିବ। ଶୁକ୍ରବାରଠାରୁ ଏହି ଓଏସ୍ ଥମ୍‌ସନ, କୋଡାକ, ବିପିଏଲ୍ ଏବଂ ଜେବିସି ବ୍ରାଣ୍ଡର ସ୍ମାର୍ଟ ଟିଭିରେ ଉପଲବ୍ଧ ହେବ। ଆଗାମୀ ଦିନରେ ଅଧିକ ବ୍ରାଣ୍ଡ ଏହାସହ ଯୋଡ଼ିହେବେ।



କେନ୍ଦୁଝର ଜିଲା ସଦର ବ୍ଲକ୍ ଗୋବର୍ଦ୍ଧନ ଗାଁରେ ପଡ଼ିଥିବା କୁଆପଥର।



କେନ୍ଦୁଝର ଜିଲା ସଦର ବ୍ଲକ୍ ଅଧୀନ ମନହରପୁରରେ କୁଆପଥର ବର୍ଷାରେ ବ୍ୟାପକ କୋବି ଫସଲ କ୍ଷତିଗ୍ରସ୍ତ ହୋଇଛି।

# ୪୬ ଲକ୍ଷ ମହିଳାଙ୍କ ଉପରେ ୨୧, ୭୯୭ କୋଟିର ଋଣ ବକେୟା

**ଭୁବନେଶ୍ୱର,୨୦।୨ (ଅନୁରାଧା ମହାରଣା)**

ରାଜ୍ୟରେ ୮୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନ, ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନ ରହିଛି। ଏସବୁ ଅନୁଷ୍ଠାନ ସମୂହର ୪୬ ଲକ୍ଷ ମହିଳାଙ୍କ ପାଖରେ ୨୧, ୭୯୭ କୋଟି ଟଙ୍କାର ଋଣ ବକେୟା ପଡିଛି। ସେଥିମଧ୍ୟରୁ ୭୧% ମହିଳା କେବଳ ଗ୍ରାମାଞ୍ଚଳ ତଥା ଅପହଞ୍ଚ ଅଞ୍ଚଳରେ ବସବାସ କରୁଛନ୍ତି। ଓସାଫି ପକ୍ଷରୁ ରେଳ ଅଡିଟୋରିୟମରେ ଆୟୋଜିତ ଷଷ୍ଠ ରାଜ୍ୟସ୍ତରୀୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ମିଳନୀରେ ଉପସ୍ଥିତ ବକ୍ତାମାନେ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କର ସାଧାରଣ ପ୍ରବନ୍ଧକ ପ୍ରମୋଦ କୁମାର ଏବଂ ଓସାଫି ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ରାଜ୍ୟର ସମସ୍ତ ପରିବାର ପାଖରେ ବିବିଧ ଆର୍ଥିକ ସେବା ଯଥେଷ୍ଟ ପରିମାଣରେ ପହଞ୍ଚିବା ଆବଶ୍ୟକ। ଅଧିକ ଶାଖା ନ ଥିବାରୁ ବ୍ୟାଙ୍କସେବା ଗ୍ରାମାଞ୍ଚଳରେ ବିଶେଷଭାବେ ପହଞ୍ଚିପାରୁନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟରେ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନଗୁଡିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ରଖିଛନ୍ତି। ଓସାଫିର ମୁଖ୍ୟ କାର୍ଯ୍ୟନିର୍ବାହୀ ନରେନ୍ଦ୍ର ନାୟକ ଅନୁଷ୍ଠାନର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସମ୍ମିଳନୀରେ ଦୁଇଟି ଅଧିବେଶନରେ ଡିଜିଟାଲ ଫାଇନାନ୍ସ, ଦକ୍ଷତା ବିକାଶ, କ୍ଷୁଦ୍ର ଉଦ୍ୟୋଗ ବିକାଶ ବିଷୟରେ ଆଲୋଚନା କରାଯାଇଥିଲା ଓ ୩୦ ଜଣ ସଫଳ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଓସାଫିର ବୋର୍ଡ ସଦସ୍ୟ ଆଶିଷ କୁମାର ଦାସ ଓ ଯୁଗଳ କିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

**ଅନ୍ତର୍ଜାତୀୟ ମାତୃଭାଷା ଦିବସ**

# ବ୍ୟକ୍ତିର ସ୍ୱତନ୍ତ୍ର ପରିଚୟ ମାତୃଭାଷା

**ମାତୃଭାଷା ମଣିଷର ଆଦ୍ୟ ପରିଚୟ, ଯାହାକୁ ଶିଖି ସେ ବଡ଼ ହୋଇଥାଏ। ପ୍ରକୃତପକ୍ଷେ ନିଜର ମାତୃଭାଷା ପାଇଁ ବ୍ୟକ୍ତିଟିଏ ସମାଜରେ ସ୍ୱତନ୍ତ୍ର ପରିଚୟ ପାଇଥାଏ। ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇବାରେ ଓଡ଼ିଆ ଭାଷା ଷଷ୍ଠ ଭାଷା। ଏଥିପାଇଁ ପ୍ରତ୍ୟେକ ଓଡ଼ିଆ ଗର୍ବ କରନ୍ତି। ସମୟ ସହ ତାଳ ଦେଇ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ଯୁଗରେ ମାତୃଭାଷା ଆଗକୁ ବଢ଼ି ଚାଲିଛି। ତେବେ ଚଳିତବର୍ଷ ହେଉଛି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ରୌପ୍ୟ ଜୟନ୍ତୀ ବର୍ଷ। ଭାଷାର ବିବିଧତା, ବହୁଭାଷିକ ଶିକ୍ଷା ଏବଂ ସ୍ୱଦେଶୀ ଭାଷାର ଶିକ୍ଷା ଓ ସଂରକ୍ଷଣକୁ ସୁଦୃଢ଼ କରିବା ଲାଗି ୟୁନେସ୍କୋ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଶୁକ୍ରବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା।**




## ଯେତେ ଭାଷା ଆମେ ଶିଖୁ, ମାତୃଭାଷା ହିଁ ଆମ ଅସ୍ମିତା

ମାତୃଭାଷା ପାଇଁ ଜଣେ କିପରି ପ୍ରାଣବଳି ଦେଇପାରେ– ତାହା ମନେପକେଇ ଦେବାକୁ ପ୍ରତିବର୍ଷ ୨୧ ଫେବୃଆରୀରେ ପାଳନ ହୁଏ 'ବିଶ୍ୱ ମାତୃଭାଷା ଦିବସ'। ଭାଷା ଓ ସଂସ୍କୃତିର ବିବିଧତାକୁ ବଞ୍ଚାଇ ରଖିବା ଓ ଆଗକୁ ନେବା ଏହି ଦିବସର ତାତ୍ପର୍ଯ୍ୟ। ଦାୟରେ ପଡ଼ି ଆମ ମାତୃଭାଷା ଓଡ଼ିଆ ଯେପରି ଦିନକୁ ଦିନ ଶିକ୍ଷାୟତନରେ ଓ ଗୃହାଙ୍ଗନରେ କୋଣଠେସା ହୋଇଯାଉଛି, ସେଥିପ୍ରତି ସଜାଗ ରହିବାକୁ ପ୍ରତ୍ୟେକ ଓଡ଼ିଆ ଏହି ଦିନ ଶପଥ ନେବା ଉଚିତ। ଯେତେ ଭାଷା ଆମେ ଶିଖୁ, ମାତୃ ଭାଷା ହିଁ ଆମ ଅସ୍ମିତା। ତା'ରି ସେବାରେ ଅନ୍ୟ ସବୁ ଭାଷାକୁ ନିୟୋଜିତ କରିପାରିବା ବୁଦ୍ଧିମାନ୍ ଓଡ଼ିଆଙ୍କ ଧ୍ୟେୟ ହେଉ– ଏହା ହିଁ କାମନା।

**–ଡ. ହୃଷୀକେଶ ମଲ୍ଲିକ, ପ୍ରାକ୍ତନ ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ**

## ପ୍ରତ୍ୟେକ ପରିବାରରେ ଗୋଟେ ଅଭିଧାନ ରହିବା ଦରକାର

ପୃଥିବୀର ପ୍ରତ୍ୟେକ ଜାତିର ଲୋକେ ସେମାନଙ୍କ ମାତୃଭାଷାକୁ ଭଲପାଆନ୍ତି ଏବଂ ମାତୃଭାଷାକୁ ନେଇ ଗର୍ବ କରନ୍ତି। କିନ୍ତୁ ପ୍ରକୃତରେ ମାତୃଭାଷାର ଶୁଦ୍ଧ ବ୍ୟବହାର ଏବଂ ମାତୃଭାଷାକୁ ବ୍ୟବହାର କରି ଗର୍ବିତ ହେବା ଦ୍ୱାରା ହିଁ ସେ ଭଲପାଇବା ପ୍ରମାଣିତ ହୋଇଥାଏ। ମୁଁ ଭାବେ ପ୍ରତ୍ୟେକ ଶିକ୍ଷିତ ପରିବାରରେ ଗୋଟେ ଅଭିଧାନ ରହିବା ଦରକାର। କାରଣ କୌଣସି ଶବ୍ଦର ବ୍ୟବହାର ନେଇ ଯଦି ସାମାନ୍ୟ ସନ୍ଦେହ ହୁଏ, ଆମେ ଅଭିଧାନର ସହାୟତା ନେଇ ସନ୍ଦେହ ଦୂର କରିପାରିବା।

**–ଡ.ପ୍ରଫେସର୍ ପ୍ରସନ୍ନ କୁମାର ମହାନ୍ତି, ପୂର୍ବତନ ନିର୍ଦ୍ଦେଶକ ଓଡ଼ିଆ ଭାଷା ପ୍ରତିଷ୍ଠାନ**

## ଜୀବନର ପ୍ରତିଟି ଦିନ ଆମର ମାତୃଭାଷାର ଦିନ

ଫେବୃଆରୀ ୨୧ ତାରିଖକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବରେ ପାଳନ କରାଯାଉଛି, ଓଡ଼ିଶାବାସୀଙ୍କୁ ମାତୃଭାଷା ପ୍ରତି କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ। ଆମେ ଜନ୍ମ ହେବା ଦିନରୁ ଯେଉଁ ଭାଷା ଶୁଣିଛୁ, ଯେଉଁ ଭାଷାରେ ମା'ବାପାଙ୍କର ସ୍ନେହର, ଶାସନର, ଯତ୍ନର, ଅଭିବ୍ୟକ୍ତି ଶୁଣିଛୁ, ଯେଉଁ ଭାଷାରେ ପ୍ରଥମ ଶବ୍ଦ ଉଚ୍ଚାରଣ କରିଛୁ, ସେଇ ଭାଷାକୁ ଭଲପାଇବାର ଅନୁଭୂତି ମହାର୍ଘ। ଭଲପାଇଲେ ହିଁ ଆମେମାନେ ଏହାର ସମୃଦ୍ଧି ପାଇଁ ଚେଷ୍ଟା କରିପାରିବା। ଅନ୍ୟମାନଙ୍କୁ, ଆମର ଆଖପାଖ ଲୋକଙ୍କୁ, ପରିବାରର ସଦସ୍ୟଙ୍କୁ ମନେପକାଇଦେବା ଯେ ମାତୃଭାଷାକୁ ଅସ୍ୱୀକାର କରିବାର ଅର୍ଥ ନିଜର ସାରତତ୍ତ୍ୱକୁ ଅସ୍ୱୀକାର କରିବା। ଅନ୍ୟାନ୍ୟ ଅନେକ ଭାଷାକୁ ଘୃଣା କରିବା ବା ମୂଲ୍ୟ ନ ଦେବା ଦ୍ୱାରା ମାତୃଭାଷାର ଗୌରବ ବଢ଼ିପାରିବ ନାହିଁ। ଆମେ ସବୁ ଭାଷା ଶିଖିବା, କିନ୍ତୁ ଆମର ଭାଷାକୁ ସର୍ବୋତ୍ତମ ମୂଲ୍ୟ ଦେବା, ବ୍ୟକ୍ତିଗତ, ସାମୂହିକ ଓ ସରକାରୀ ଶିକ୍ଷା ବ୍ୟବସ୍ଥାରେ ଏହାର ପ୍ରଚଳନ କିଭଳି ଭାବରେ କରିବା, ତାହା ବୁଝିବା ଓ ବୁଝାଇବା ହିଁ ଆମର କର୍ତ୍ତବ୍ୟ। ତେଣୁ ଏହି ମାତୃଭାଷା ଦିବସର ବିଶେଷ ମୂଲ୍ୟ ରହିଛି, ଯଦିଓ ଜୀବନର ପ୍ରତିଟି ଦିନ ଆମର ମାତୃଭାଷାର ଦିନ।

**– ମମତା ଦାଶ, କବୟିତ୍ରୀ**

ରିପୋର୍ଟ–ସୌମ୍ୟରଞ୍ଜନ ରାଉତ

# ଅଂଶୁଘାତ ମୁକାବିଲା: ଏପ୍ରିଲ ୧ରୁ ଜୁନ୍ ୧୫ ଯାଏ କଟକଣା

## ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଶ୍ରମିକଙ୍କ କାର୍ଯ୍ୟ ବନ୍ଦ

**ଭୁବନେଶ୍ୱର,୨୦।୨ (ସୁଚିସ୍ମିତା ସାହୁ)**

ଫେବୃଆରୀରୁ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଲାଣି। ଏପରିସ୍ଥିତିରେ ଏପ୍ରିଲରେ ରୌଦ୍ରତାପ ବୃଦ୍ଧି ଯୋଗୁ ଅଂଶୁଘାତ ଆଶଙ୍କା ବଢ଼ିଯାଇଛି। ସମ୍ଭାବ୍ୟ ସ୍ଥିତିର ମୁକାବିଲା ସହ ଶ୍ରମିକମାନଙ୍କୁ ଅଂଶୁଘାତରୁ ରକ୍ଷା କରିବା ନିମନ୍ତେ ବୁଧବାର ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। ଏପ୍ରିଲ ୧ରୁ ଜୁନ୍ ୧୫ ଯାଏ ଶ୍ରମିକଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରଚଣ୍ଡ ଖରାରେ କାମ କରିବାକୁ ବାରଣ କରାଯାଇଛି। ଏନେଇ ସମସ୍ତ ରାଜସ୍ୱ କମିଶନର, ଜିଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସରକାରୀ ବିଭାଗ, ବେସରକାରୀ ନିଯୁକ୍ତିଦାତା, ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରଙ୍କ ଅଧୀନରେ କାର୍ଯ୍ୟରତ ଶ୍ରମିକ ଯେପରି ଏହି ସମୟ ମଧ୍ୟରେ କାମ ନ କରିବେ ସେଥିପାଇଁ ବିଧିବଦ୍ଧ ବ୍ୟବସ୍ଥା ଗ୍ରହଣ କରିବେ। ସକାଳ ସମୟ କିମ୍ବା ୩ଟା ପରେ କାର୍ଯ୍ୟରେ ନିୟୋଜିତ କରିବାକୁ କୁହାଯାଇଛି। ଅତ୍ୟନ୍ତ ଜରୁରୀ କିମ୍ବା ଅତ୍ୟାବଶ୍ୟକୀୟ ସେବା ସହ ଜଡିତ ଥିଲେ ସତର୍କତାରର ସହ କାର୍ଯ୍ୟ କରିବାକୁ କୁହାଯାଇଛି। ଏଥିପାଇଁ ନିଯୁକ୍ତିଦାତାମାନେ ଶ୍ରମିକଙ୍କ ପାଇଁ ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା, ପ୍ରତ୍ୟେକ ଶ୍ରମିକ ପାଇଁ ଓଆର୍‌ଏସ ପ୍ୟାକେଟ ପ୍ରଦାନ ଭଳି ସୁବିଧା କରିବାକୁ ପଡିବ। ଏହି ପରିପ୍ରେକ୍ଷୀରେ ଜିଲା ଚିକିତ୍ସାଧିକାରୀ (ଏସିଡିଏମଓ) ଓ ପିଏଚ୍‌ସି, ସିଏଚ୍‌ସିଗୁଡିକର ଚିକିତ୍ସାଧିକାରୀ ତଥା କର୍ମଚାରୀ ରାଜ୍ୟବୀମା ଯୋଜନା ଅଧୀନରେ ଥିବା ଚିକିତ୍ସାଳୟର ଚିକିତ୍ସାଧିକାରୀଙ୍କୁ ସମ୍ଭାବ୍ୟ ସ୍ଥିତିର ମୁକାବିଲା ସହ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ପ୍ରସ୍ତୁତ ରହିବାକୁ ଅନୁରୋଧ କରାଯାଇଛି।


**OFFICE OF THE SUPERINTENDENT, CHC, NAUGAON**
Deptt. of Health & Family Welfare, Govt. of Odisha
BPMU, NHM, CHC, Naugaon- 754113
TENDER CALL NOTICE FOR HIRING OF RBSK VEHICLES
Adv.No. Date:19.02.2025
**No.E-773:** Sealed tenders are invited from registered travel agencies/ Individual/ Tour operators for hiring of commercial light vehicles on monthly basis. Details regarding eligibility criteria, terms & conditions and the formats for submission of tender (Technical & Financial Bid) are mentioned in the tender document which may be downloaded from the website: https://jagatsinghpur.odisha.gov.in the tenders should reach the office of the undersigned by 03.03.2025 (till 12.00 PM). The tenders will be opened at 11.00 AM on 04.03.2025. The undersigned reserves the right to reject any or all the tenders without assigning any reason thereof.
OIPR-10138/11/0003/2425

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୨୮ **ବିଜ୍ଞାପନ** ତା:୧୧।୦୨।୨୫
No. CAD-2638: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ହୀରେନ ସ୍ୱାଇଁ<br>ସ୍ୱା: କମଳ ଚନ୍ଦ୍ର ସ୍ୱାଇଁ<br>ଗ୍ରା/ପୋ: କସର୍ଦା<br>ଥା: ନିଆଳି<br>ଜି: କଟକ | ଏମ୍.ଆଇ.ଜି.– ୧/୭୬<br>(MIG-1/76)<br>ଛେଣ୍ଡ କଲୋନୀ,<br>ଦ୍ୱିତୀୟ ପର୍ଯ୍ୟାୟ,<br>ରାଉରକେଲା | ୧. କମଳ ଚନ୍ଦ୍ର ସ୍ୱାଇଁ (ସ୍ୱାମୀ)<br>୨. ମନୋଜ କୁମାର ସ୍ୱାଇଁ (ବି. ପୁତ୍ର)<br>୩. ମହେନ୍ଦ୍ର କୁମାର ସ୍ୱାଇଁ (ବି. ପୁତ୍ର)<br>୪. ମହେଶ୍ୱର ସ୍ୱାଇଁ (ବି. ପୁତ୍ର)<br>୫. ମିନତି ନେଗୀ (ବି. କନ୍ୟା) |

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0459/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**OFFICE OF THE DIVISIONAL FOREST OFFICER, CHILIKA WILDLIFE DIVISION**
At/P.O. - Gopinathpur, Balugaon -752030, Dist. - Khordha
E.mail - dfochilikawl.od@gov.in
TENDER DOCUMENT
Tender Notification No. 08/01WL-706/2025, Dated 18.02.2025
TENDER NOTICE FOR SELECTION OF A COMPANY/ FIRM FOR SUPPLY, INSTALLATION AND COMMISSIONING OF BOAT ENGINES WITH ASSOCIATED REPAIR WORKS
**No.MM-490** : Sealed tenders/bids are invited from established/ reputed, experienced and accredited manufacturers/ resellers for **"Supply and installation and commissioning of two numbers of 50 HP outboard boat engines and associated repair works in existing boats as per specifications in the tender document".**
The eligibility criteria and detailed specifications are available in the tender document. The tender document and other details are available in the websites **www.odishaforest.in** and **www.odisha.gov.in** (all tenders section) and **www.wildlife.odisha.gov.in**.
The last date of receipt of bids is **10.03.2025 by 3.00 P.M.**
Sd./- Divisional Forest Officer
OIPR-08142/11/0002/2425 Chilika Wildlife Division

GOVERNMENT OF ODISHA "e"-PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
TENDER CALL NOTICE
E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle/26/2024-25
Memo No.466, Dt.17.02.2025
**No.B-1024:** The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below:
1. Nature of Work : Building Works
2. No. of Work : 2 Nos.
3. Tender Cost : Rs.10000.00 (On-line)
4. Class of Contractor : B & A Class
5. Available of Bid document in the Website : From 10.00 AM of Dt.24.02.2025 upto 05.00 PM of Dt.12.03.2025 upto 5.00 P.M.
6. Date of Opening of Bid : Dt.13.03.2025 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.
Sd./- Chief Construction Engineer
OIPR-34127/11/0030/2425 Khordha (R&B) Circle, Khordha

**Panchasakha Shikhya Setu Sangathan**
**(erstwhile Mo School Abhiyan Parichalana Sangathan)**
**A-1 Block, 6th floor, Toshali Bhawan, Satya Nagar**
**Bhubaneswar, Odisha -751007**
Request For Proposal (RFP)
RFP No. 282/PSS/25 Date : 19.02.2025
**No.n-** : Sealed quotations are invited for the selection of agency for providing Human Resource Services of professionals for Project Monitoring Unit of Panchasakha Shikhya Setu Sangathan (erstwhile Mo School Abhiyan Parichalana Sangathan) A-1 Block, 6th floor, Toshali Bhawan, Satya Nagar, Bhubaneswar, Odisha - 751007. The last date of submission of quotation is **12.03.2025** before **06:00 P.M.** For more details, please visit www.moschool.in
OIPR-27178/11/0016/2425

**ODISHA STATE CASHEW DEVELOPMENT CORPORATION LTD.**
(A Govt. of Odisha Undertaking)
At/PO. – Ghatikia, Near Kalinga Studio, Bhubaneswar – 751029
Notice for Auction of Cashew Plantation No. 8
**No.CAD-** : Odisha State Cashew Development Corporation Limited hereby invites interested person/ organization to bid for the cashew plantations under its jurisdiction in six divisions i.e. Khordha, Jajpur, Dhenkanal, Mayurbhanj, Koraput and Sundergarh in the auction to be effectuated on the website https://www.mstcecommerce.com/ on. Dt. 19/02/2025. The details of the date and time related to the auction process are as mentioned below.

| SI No. | Particulars | Date | Time |
|---|---|---|---|
| 1 | Publication Date | 19/02/2025 | 11:00 A.M. |
| 2 | Document Submission / EMD Payment Start Date | 19/02/2025 | 11:00 A.M. |
| 3 | Document Submission/EMD Payment End Date | 27/02/2025 | 05:00 P.M. |
| 4 | Auction Start Date | 28/02/2025 | 11:00 A.M. |
| 5 | Auction End Date | 28/02/2025 | 05:00 P.M. |

Auction timing for the plantations being leased out for 3 years is 11:00 A.M. to 02:00 P.M. and auction timing for the plantations being leased out for 5 years is 02:00 P.M. to 05:00 P.M.
The plantations will be leased out for 5 years/3 years as per the area of the plantation. The detailed terms and condition may be obtained from the website https://www.mstcecommerce.com/ or https://www.oscdc.nic.in.
N.B : This is the last phase of auction for cashew plantations under OSCDC.
Thus it is notified for the information of general public that, you are requested to take part in the auction process carefully as per the instructions mentioned in the above mentioned website, date and time. For more information you may contact to the Head Office or the respective Division Offices.
OIPR-01049/11/0028/2425 Sd./- Managing Director

ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର
**OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE**
At: Samalpur, P.O.: Balia, Dist.: Balasore, PIN - 756056, (e-mail: eephbls@gmail.com, Phone: 9438660004)
No. 1034 Date: 17.02.25
1st Corrigendum
Tender for the Work
No. C-1697: "Supply of ISI Marked DI (K-7) Pipes for different Pipe Water Supply Projects of Soro Municipality and Remuna N.A.C. under State Plan.
In continuation to this office Bid-Identification No. SEPHBLS-31 of 2024-25 Dt.03.02.2025. The following changes are hereby made.

| SI. No. | Item/ Clause | Description | Existing | Revised/Amended |
|---|---|---|---|---|
| 1 | Clause - 7.1 (VI), (Page-4) | NIT (DTCN) | The manufacturer's Ductile Iron (D.I.) Pipes & Fittings are in satisfactory performance in Indian Projects for at least three years from the Bid Date | The manufacturer's Ductile Iron (D.I) pipes are in satisfactory performance in Indian Projects for at least one year (One year to be reckoned from the date of invitation of each tender) from the Bid Date |

All other terms and conditions Un-Altered.
OIPR-13053/11/0024/2425 Sd./- Superintending Engineer, Public Health Division, Balasore

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B), NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com
Bid Identification No.S.E.E.C (R&B) 17/2024-25
No.642/ Date 19.02.2025
**No.B-1025:** The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids in double cover system for E.I. works as detailed in the table given below:

| SI. No. | Name of the Work | Approximate Estimated Cost put to Tender (Rs.) | Cost of Bid document | Bid Security | Class of Contractor | Period of Completion |
|---|---|---|---|---|---|---|
| 1 | 446 KVA Load for Power Supply to Cancer Hospital, BBMCH, Laltikira Cancer Hospital, Bolangir for the year 2024-25 | Rs.96,08,066.00 (Excluding GST) | Rs.10,000.00 (Online) | Rs.96,081.00 (Online) | HT or Above | 6 (Six) Calendar Months |
| 2 | 338 KVA Load for Power Supply to Critical Care Hospital 50 Bedded Critical Care Hospital, BBMCH, Latikira, Bolangir for the year 2024-25 | Rs.94,29,352.00 (Excluding GST) | Rs.10,000.00 (Online) | Rs.94,294.00 (Online) | HT or Above | 6 (Six) Calendar Months |

Date & Time of available of bid document in the portal/online:From dt.25.02.2025 at 05.00 P.M. to Dt.11.03.2025 upto 05.00 PM. Date of Opening: Dt.12.03.2025 at 11.30 A.M. Name and address of officer inviting bid: Superintending Engineer, Electrical Circle (R&B) Odisha, BBSR. Further details can be seen from the e-procurement portal: https://tendersodisha.gov.in.
OIPR-34006/11/0024/2425 Sd./- Superintending Engineer, Electrical Circle (R&B) Odisha, BBSR

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha
**OFFICE OF THE DISTRICT PROJECT COORDINATOR SAMAGRA SHIKSHA, MALKANGIRI**
E-mail : dpcmalkanssa.opepa@nic.in
Letter No. - 916 Dated- 18.02.2025
Newspaper advertisement
**No.n-228** : "Sealed tenders vide Tender Call Notice No. - 901, Dated - 17/02/2025 are invited from reputed & credible firms/ agencies for supply of TLM & Equipment (Physiotherapy, Auditory Training & Speech Therapy, Mobility & Braille Training, ADL & Behavioural Modification Training, Equipment & Furniture for CRC) to 09 Nos. of PM SHRI Schools (1st Phase) of Malkangiri District. Details BID documents are available in the website http://malkangiri.odisha.gov.in & www.osepa.odisha.gov.in. Last date and time of receipt of the BID only through Speed Post/ Registered Post/ Courier is Dt. 06/03/2025 up to 05.00 P.M. Date & Time of Opening of Technical BID is Dt. 07/03/2025 at 11.00 A.M".
Yours Faithfully
Sd./- DEO-cum-DPC
OIPR-27064/11/0011/2425 Samagra Shiksha, Malkangiri

**OFFICE OF THE GENERAL MANAGER WATCO DIVISION, PURI, ODISHA**
Phone : 06752-223447 / e-Mail : eephpuri@gmail.com
No.C-1695 INVITATIONS FOR BIDS (IFB)
Government of Odisha "e" Procurement Notice
Bid Identification No. 30 of 2024-25 Dated. 18.02.2025
1. Name of the Work : Supply, Installation, Testing & Commissioning of 250KVA DG set for along with AMF control panel fuel tank for 2ML capacity UGR infront of ITI, Puri
2. Estimated Cost : Rs.25.09 Lakhs
3. Period of Completion : 45 Days
4. Date and time of availability of bid documents in the Portal : 24.02.2025 (11.00 A.M.) to 06.03.2025 (5.00 P.M.)
5. Last Date / Time for receipt of bids in the Portal : 5.00 P.M. of 06.03.2025
6. Date and time of opening of Bids : 12.30 P.M. of 07.03.2025
7. Name and address of the Officer Inviting Bid : General Manager, WATCO Division, Puri, Phone : 06752-223447, Fax : 06752-223447, E-Mail : eephpuri@gmail.com
8. The bidders have to participate in ONLINE bidding only
Sd./- General Manager, (WATCO, PURI)
OIPR-13206/11/0011/2425

GOVERNMENT OF ODISHA
"e"-PROCUREMENT NOTICE
**OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH**
**WORKS DEPARTMENT**
TENDER CALL NOTICE
E-mail: pwdoffngd34@gmail.com
Bid Identification No.S.E-Nayagarh (R&B) Division- Online 12/2024-25
**No.B-1020:** The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for construction of Building work as detailed in the table below:
1. Nature of Work : Building Works
2. No. of Work : 5 Nos.
3. Tender Cost & EMD : To be remitted online through a process as mentioned in DTCN
4. Class of Contractor : As mentioned in DTCN
5. Available of Bid document in the Website : From Dt.24.02.2025 11.00 AM to Dt.06.03.2025 upto 5.00 P.M.
6. Date of Opening of Bid : Dt.07.03.2025 at 11.00 AM
7. The bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.
Sd./- Superintending Engineer
OIPR-34138/11/0011/2425 Nayagarh (R&B) Division, Nayagarh

GOVERNMENT OF ODISHA No. B-1017
**SUPERINTENDING ENGINEER, BOUDH (R&B) DIVISION, BOUDH**
E-mail: eeboudhrb@gmail.com
INVITATIONS FOR BIDS (IFB)
"e" Procurement Notice
Letter No. 896 Dtd. 15.02.2025
Bid Identification No. SE (R&B) - BDH 18/2024-25
1) Name of the Work : 02 (Two) Nos. of Civil Work (Single Cover) 01 (One) No. of Civil Work (Double Cover)
2) Estimated Cost : 15.80 lakh to 62.56 lakhs
3) Period of Completion : 02 (Two) to 04 (Four) Calendar Months
4) Date & Time of availability of Bid documents in the Portal : From 28.02.2025, 10.00 A.M. to 12.03.2025, 5.00 P.M.
5) Last date/time for seeking of Tender Clarification : 12.03.2025 upto 1.00 P.M.
6) Last date/time for receipt of bids in the Portal : Upto 5.00 P.M. of dated 12.03.2025
7) Date & time of opening of Tender/Bid : 13.03.2025 at 11.30 A.M.
8) Name and address of the O.I.T. : Superintending Engineer, Boudh (R&B) Division, Boudh
Further details corrigendum(s) if any issued can be seen from the website http://tendersorissa.gov.in.
Sd./- Superintending Engineer
OIPR-34134/11/0017/2425 Boudh (R&B) Division, Boudh

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ରଣଜୀ କ୍ରିକେଟରଙ୍କ ଗ୍ରାଜୁଏଶନ ସାର୍ଟିଫିକେଟ ଜାଲ୍
## କାର୍ଯ୍ୟାନୁଷ୍ଠାନ ପାଇଁ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ନିର୍ଦ୍ଦେଶ

କଟକ,୨୦।୨(କାର୍ତ୍ତିକ ସାହୁ)- ଓଡ଼ିଶା ରଣଜୀ କ୍ରିକେଟର ବିପ୍ଳବ ସାମନ୍ତରାୟଙ୍କ ଗ୍ରାଜୁଏଶନ ସାର୍ଟିଫିକେଟ ଜାଲ୍ ବୋଲି ଜଣାପଡିଛି। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (କ୍ୟାଟ୍) କଟକ ବେଞ୍ଚ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାନୁସାରେ, ବିପ୍ଳବ ସିକିମ୍‌ର ଏକ ବିଶ୍ୱବିଦ୍ୟାଳୟରୁ ଗ୍ରାଜୁଏଶନ ପାସ୍ ଦର୍ଶାଇବା ସହ ସାର୍ଟିଫିକେଟ୍ ପ୍ରଦାନ କରି ଭୁବନେଶ୍ୱରସ୍ଥିତ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଅଫିସରେ ଚାକିରି କରିଥିଲେ। ଏବେ ସେ ସେଠାରେ ସିନିୟର ଆକାଉଣ୍ଟାଣ୍ଟ ଭାବେ ସେ କାର୍ଯ୍ୟରତ ଅଛନ୍ତି। ସେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ନେଇ କ୍ୟାଟ୍‌ରେ ଅଭିଯୋଗ ହୋଇଥିଲା। ତେବେ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ପକ୍ଷରୁ ଯାଞ୍ଚବେଳେ ଏହି ସାର୍ଟିଫିକେଟ୍ ଅସଲି କିମ୍ବା ନକଲି ତାହା ସ୍ପଷ୍ଟ କରିବା ପାଇଁ ସିକିମ୍ ସରକାରଙ୍କୁ ଅବଗତ କରାଯାଇଥିଲା। ସିକିମ୍ ସରକାରଙ୍କ ପକ୍ଷରୁ ଉକ୍ତ ସାର୍ଟିଫିକେଟ ଜାଲ୍ ବୋଲି ସ୍ପଷ୍ଟ କରାଯାଇଥିଲା।

# ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଲମ୍ବିତ

### ଓୟା ଉଚ୍ଚ ବିଦ୍ୟାଳୟ ଛାତ୍ର ମୃତ୍ୟୁ ଘଟଣା

ପାରଳାଖେମୁଣ୍ଡି,୨୦।୨ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ରାୟଗଡ଼ ବ୍ଲକ କେରାଣ୍ଡି ପଞ୍ଚାୟତର ଓୟା ଉଚ୍ଚ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ଗୋବିନ୍ଦ ଶବରଙ୍କ ମୃତ୍ୟୁ ଘଟଣାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି . କ୍ରିଷ୍ଣା ରାଓଙ୍କୁ ଜିଲା ଶିକ୍ଷାଧିକାରୀ (ଡିଇଓ) ମାୟାଧର ସାହୁ ଗୁରୁବାର ନିଲମ୍ବିତ କରିଛନ୍ତି। ଘଟଣା ପରଠାରୁ ଏକ ଟିମ୍ ଏହାର ତଦନ୍ତ ଜାରି ରଖିଥିଲା। ଖବରରୁ ଜଣାପଡ଼ିଛି, ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତ ଶଗଡିଆ ଗ୍ରାମର ସ୍ୱର୍ଗତ ଗୁରୁଣ୍ଡା ଶବର ଓ ମାଆ ଗୁରୁବାରୀଙ୍କ ପୁଅ ଗୋବିନ୍ଦ (୮) କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଓୟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତେବାସୀ ଭାବେ ରହି ତୃତୀୟ ଶ୍ରେଣୀରେ ପାଠ ପଢୁଥିଲେ। ଗତ ୧୩ ତାରିଖରେ ବିଦ୍ୟାଳୟରେ ଗୋବିନ୍ଦଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ତାଙ୍କୁ ଚିକିତ୍ସା କରିବାକୁ ଡାକ୍ତରଖାନା ନ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ରୋଷେୟା ଯାତ୍ରା କାର୍ଜିଙ୍କ ସହାୟତାରେ ଗୋବିନ୍ଦଙ୍କୁ ନେଇ ଶଗଡ଼ିଆ ଗ୍ରାମରେ ତାଙ୍କ ଘରେ ଛାଡ଼ି ଦେଇ ଆସିଥିଲେ। ଗୋବିନ୍ଦ ମାଆ ଗୁରୁବାରୀ ୧୪ ତାରିଖରେ ଗୋବିନ୍ଦଙ୍କୁ ଆନ୍ଧ୍ରପ୍ରଦେଶର ମଞ୍ଜୁଷା ମେଡିକାଲକୁ ନେଇ ଚିକିତ୍ସା କରି ଘରକୁ ଆଣିଥିଲେ। ପୁଣି ୧୫ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ସମୟରେ ବାଟରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପୁଅର ସ୍ୱାସ୍ଥ୍ୟ ଖରାପ ହେବାରୁ ତା'ର ଚିକିତ୍ସା ନ କରି ବିଦ୍ୟାଳୟ କର୍ତ୍ତୃପକ୍ଷ ଘରକୁ ପଠାଇ ଦେବା ନେଇ ଗୋବିନ୍ଦଙ୍କ ମାଆ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ପ୍ରତି ପ୍ରଶ୍ନ ଉଠାଇଥିଲେ। ପୁଅକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଘରେ ନ ଛାଡ଼ି ତାକୁ ଡାକ୍ତରଖାନା ନେଇଥିଲେ ତା'ର ମୃତ୍ୟୁ ହୋଇ ନ ଥାନ୍ତା ବୋଲି ଗୁରୁବାରୀ କହିଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ଡିଇଓ ସାହୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ହୋଇଥିଲା। ତଦନ୍ତରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଓ ନିଜ ଦାୟିତ୍ୱରେ ଅବହେଳା କରିଥିବା ସ୍ପଷ୍ଟ ହୋଇଥିଲା। ଏ ସମ୍ପର୍କିତ ରିପୋର୍ଟ ପାଇବା ପରେ ଡିଇଓ ସାହୁ ଦାୟିତ୍ୱରେ ଥିବା ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରିଥିଲେ। ଏ ସମ୍ପର୍କରେ ଡିଇଓ ସାହୁଙ୍କୁ ପଚାରିବାରୁ ସେ କହିଲେ, ତଦନ୍ତ ରିପୋର୍ଟକୁ ଭିତ୍ତିକରି ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ୧୧ ଜିଲା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ୧୫୦,୮୪,୬୪,୦୪୮ ଟଙ୍କା ଖର୍ଚ୍ଚ କରିଛି

ଭୁବନେଶ୍ୱର, ୨୦।୨ (ବନ୍ଦନା ସେଠୀ)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ପାଇଁ ୨୦୨୪-୨୫ରେ ମୋଟ ୧୫୦ କୋଟି ୮୪ ଲକ୍ଷ ୬୪ ହଜାର ୦୪୮ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ପଶ୍ଚିମ ଓଡ଼ିଶାର ୧୧ଟି ଜିଲାରେ ଖର୍ଚ୍ଚ ହୋଇଥିବା ମୋଟ ଅର୍ଥ ମଧ୍ୟରୁ ଅନୁଗୋଳର ୨୫ ପ୍ରକଳ୍ପରେ ୨,୮୦,୦୫,୨୫୮ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ବରଗଡ଼ ଜିଲାର ୩୫୩ଟି ପ୍ରକଳ୍ପରେ ୨୯,୧୪,୪୫,୦୯୪ ଟଙ୍କା, ବଲାଙ୍ଗୀର ଜିଲାର ୧୧୨ଟି ପ୍ରକଳ୍ପରେ ୭,୯୬,୭୭,୦୪୧ ଟଙ୍କା, ବୌଦ୍ଧର ୭୫ଟି ପ୍ରକଳ୍ପରେ ୩,୩୭,୪୮,୭୨୭ ଟଙ୍କା, ଦେବଗଡ଼ର ୧୦୨ଟି ପ୍ରକଳ୍ପରେ ୬,୫୬୪୩,୧୨୧ ଟଙ୍କା, ଝାରସୁଗୁଡାର ୧୬୧ ପ୍ରକଳ୍ପରେ ୯,୩୦,୮୮,୯୨୦ଟଙ୍କା ଓ କଳାହାଣ୍ଡିର ୨୪୫ଟି ପ୍ରକଳ୍ପରେ ୧୪,୬୨,୨୩,୪୫୧ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ନୂଆପଡା ଜିଲାର ୧୭୯ଟି ପ୍ରକଳ୍ପରେ ୮,୯୮,୩୬,୦୫୦ ଟଙ୍କା, ସମ୍ବଲପୁରର ୧୬୬ଟି ପ୍ରକଳ୍ପରେ ୨୮,୧୫,୦୦,୬୫୫ ଟଙ୍କା, ସୁବର୍ଣ୍ଣପୁରର ୧୮୯ ପ୍ରକଳ୍ପରେ ୧୪,୩୨,୩୧,୧୨୬ଟଙ୍କା ଏବଂ ସୁନ୍ଦରଗଡ଼ର ୫୫୯ଟି ପ୍ରକଳ୍ପରେ ୨୫,୬୦,୬୪,୫୯୮ଟଙ୍କା ଖର୍ଚ୍ଚ ହୋଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।


# Classified Everyday
0674-2580101, 9692975378


REAL ESTATE
SALE

ପୁରୀରେ ଏକ ସ୍ଥିତିବାନ ଘର ବିକ୍ରି ହେବ। ଯୋଗାଯୋଗ ଫୋନ୍ ନମ୍ବର- 6372724096. D-3006

**Land/ plot and building of 7000sqft two storied for sale in Keonjhar Town, land area 1 acre, Contact: 8260780200.** D-75597

BDA & ORERA approved 3BHK Luxurious Apartments, At- Budha Nagar, Kalpana Square, Bhubaneswar. 2BHK Apartments At- Kantilo, Sundarpada, Bhubaneswar nearing completion & ready to possess 2/3BHK flats near Badagada Canal Road, Mouza- Meherpalli for sale. Bank Finance available. Contact: 9861467987, 9861336178. D-2828

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project- 8917622925. D-2923

**Gharabari converted plots available near Hitech Square, Sundarpada, Bhubaneswar. For more details contact: 9437226965, 9778832554.** D-3005

ଫୁଲନଖରା ନିକଟସ୍ଥ **Sum Hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299. D-76239

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-2995

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-2996

**Building for sale 35000sqft with land area 2 acre or more near Brahmapur, Ganjam for Hospital / College / School, Contact: 8260780200.** D-75598




Hospital commercial space used Infertility IVF Center, Chandrasekharpur, Bhubaneswar. 9437008388. D-74724

**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236




Positively health benefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

Positively health benefited SPA by expert female therapist, Bapujinagar. 8018429809. D-76198

## LOST

I, Girish Chandra Paul, S/o- Late Mahesh Chandra Paul, resident of S-5/91, Niladri Vihar, Bhubaneswar wish to sell my property , Plot No.- 270, Khata No.- 703/26, Mouza- Patrapada, Bhubaneswar, Dist.- Khurda, Area 100 Decimal. The Original ROR (Patta) of the said property was lost on 10th Feb 2025 at about 11A.M. In this regards, I have filed a lost report at Chandrasekharpur Police Station, Bhubaneswar, GD No.- 15 dated 15th Feb. 2025. D- 3003

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 29.01.2025 I, Rajesh Kumar Muduli, Address: At- Nilachakra Nagar Salia Sahi, P.O.- R.R.L, P.S.- Nayapalli, Bhubaneswar, PIN- 751013, Dist.- Khordha declare that I have changed my name from Ashirbad Muduli to Rajesh Kumar Muduli. Henceforth, I shall be known as Rajesh Kumar Muduli for all purposes.
Rajesh Kumar Muduli D-3004

By virtue of an affidavit sworn before Executive Magistrate, Bhubaneswar dated 19.02.2025, I, M. Debaraj, Address: At- Dalapalanka, P.O.- Ramachandrapur, P.S.- K. Nuagaon, Dist.- Ganjam, Odisha 761010, declare that I have changed my name from M. Raju to M. Debaraj. Henceforth, I shall be known as M. Debaraj for all purposes.
M. Debaraj D-3009

By virtue of an affidavit sworn before the Executive Magistrate, Badamba, dated 14.02.2025, I, Malati Sethi, W/o- Artabandhu Sethi, Address: At- Ratapat, P.O.- Ratapat, P.S.- Badamba, Dist.- Cuttack-754037. Declare that I have changed my name from Malata Sethi to Malati Sethi. Henceforth, I shall be known as Malati Sethi for all purposes.
Malati Sethi D-3013

By virtue of an affidavit sworn before Executive Magistrate, Cuttack, dated 18.02.2025, I, Kamala Purty, Address: At- Tangurusahi, P.O.- Nuagaon, P.S.- Ghagarabeda, Dist.- Mayurbhanj, Odisha 757035, declare that I have changed my name from Manguli Purty to Kamala Purty. Henceforth, I shall be known as Kamala Purty for all purposes.
Kamala Purty D-3008

By virtue of affidavit No.- 3669 and No.- 3670 dtd 13.08.2024, I Hari Jally, father of Sruti Jally and Bijayalaxmi Jally have changed their names from Gunu Jally to Sruti Jally and Raju Jally to Bijayalaxmi Jally respectively. Henceforth, my both daughter's will be known as Sruti Jally and Bijayalaxmi Jally in future for all purposes. D-75491

By virtue of an affidavit sworn before Executive Magistrate, Basudevpur, dated 14.02.24, I, Ananta Panda, S/o- Sanatan Panda, Age- 53, At- Kapagadia, P.O.- Padmapur, Dist.- Bhadrak, P.S.- Basudevpur declare that my nick name wrongly written as Jaga Panda in my Aadhaar Card No.- xxxx xxxx 8083 and Ananta Prasad Panda is same and one person. D-3012

ମୁଁ ମରିୟମ ତୁରୁକ, ବୟସ- ୨୯ବର୍ଷ, ସ୍ୱାମୀ- ରବି କରକରିଆ, ଗ୍ରାମ- ବରଜା, ପୋଷ୍ଟ- ସେରିଗୁମା, ଥାନା- କଲ୍ୟାଣସିଂହପୁର, ଜିଲ୍ଲା- ରାୟଗଡ଼ା। ମୋର ବିବାହ ପରେ ମୋର ନାମ ମିରିୟମ କରକରିଆ ନାମରେ ମୋ ଆଧାର କାର୍ଡ ବଦଳ ହୋଇଛି, ଯାହା ତିନି ଥର ସଂଶୋଧନ କରାଯାଇଛି। ଏବେ ଆଉ ଥରେ ସଂଶୋଧନ କରିବା ପାଇଁ ଆଧାର କେନ୍ଦ୍ରକୁ ଗଲେ ସଂଶୋଧନର ଲିମିଟ୍ କ୍ରସ୍ ହୋଇଯାଇଥିବାରୁ ହୋଇପାରୁନି। ମୁଁ +୩ରେ ଅଧ୍ୟୟନ କରୁଅଛି। ମୋର ବିଶ୍ୱବିଦ୍ୟାଳୟରେ ABC ID ମଧ୍ୟ ଆଧାର ଭୁଲ୍ ଯୋଗୁଁ ହୋଇପାରୁନାହିଁ ଏବଂ ମୋର ଜନ୍ମ ତାରିଖ ମଧ୍ୟ ୧୫।୦୮।୧୯୯୫ ପରିବର୍ତ୍ତେ ଭୁଲ୍ ବଶତଃ ୧୫।୦୫।୧୯୯୫ ହୋଇଯାଇଛି। ଏଣୁ ମୋର ଆଧାର କାର୍ଡରେ ମୋର ନାମ ମରିୟମ ତୁରୁକ ଓ ଜନ୍ମ ତାରିଖ ୧୫।୦୮।୧୯୯୫ ସଂଶୋଧନ କରିବା ପାଇଁ ଚାହୁଁଛି। ଧ-୩୦୧୬

I, BALAKRUSNA DHARUA, S/o- Natabar Dharua, resident of Village- Jharmunda, P.O.- Pardhiapali, P.S.- Loisingha, Dist.- Balangir, Odisha declare by this affidavit No.-20, dt.20.02.2025 that now onwards I shall be known as BALAKRUSHNA DHARUA for all future purposes. D-3015

By virtue of an affidavit sworn before Executive Magistrate, Chandbali on dated 17.02.2025, I Itishree Mohanty, DOB- 05.08.2005, Address: D/o- Gourahari Mohanty, of Vill- Kulhibindha, P.O.- Tentulidihi, P.S.-Chandbali, Dist.- Bhadrak declare that I have changed my name from "Rajalaxmi Mohanty" to "Itishree Mohanty". Henceforth, I shall be known as "Itishree Mohanty" for all purposes. D-3017

I, Sarojini Samal, D/o- Shyam Sundar Samal, At-Rustampur, P.O.- Nahanga, Dist.- Balasore, PIN- 756059 have change my name in my Postal Life Insurance bearing No.- R-OR-EA-754860 and my all Official documents to Anushaya Jena affidavit dated 26.12.2024 infront to Magistrate vide Registration No.- 4004. D-3018

I, ETTI MOHAPATRA, W/o- SUJIT MOHAPATRA, resident of 29/147, 2nd floor, Omm Garden, Maitri Vihar, Rail Vihar road, Bhubaneswar, PIN- 751023, Dist.- Khordha declare by this affidavit No.- 68, dated- 19.02.2025 that now onwards I shall be known as ETTI MAHAPATRA for all future purposes. D-3019

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IN THE COURT OF THE 2ND ADD. CIVIL JUDGE (SR. DIVISION), CUTTACK
CIVIL SUIT NO.- 666/24

ଅମୂଲ୍ୟ କୁମାର ପଟ୍ଟନାୟକ ଓଗେର ....ବାଦୀମାନେ
ବନାମ
ବଦନୀ ବିଶୋଇ ଓଗେର ..... ପ୍ରତିବାଦୀମାନେ

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୫ ରୁଲ୍ ୨୦ ଅନୁଯାୟୀ ନୋଟିସ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ. ୩- ସଞ୍ଜୁଶ୍ରୀ ପଟ୍ଟନାୟକ,ବୟସ ବ୫୨ର୍ଷ, ସ୍ୱାମୀ: ରାଜକିଶୋର ମହାନ୍ତି, ସା: ଭଗତପୁର, ପୋ.ଅ: ତେଲେଙ୍ଗାବଜାର, ଥାନା: ପୁରୀଘାଟ, ସହର ଓ ଜିଲ୍ଲା: କଟକ, ପିନ- ୭୫୩୦୦୯ । .......ପ୍ରତିବାଦୀ

ଏତଦ୍ୱାରା ଉପରଲିଖିତ ପ୍ରତିବାଦିନୀଙ୍କୁ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ବାଦୀମାନେ ଅତ୍ର ମୋକଦ୍ଦମା ବର୍ଣ୍ଣିତ ବିବାଦୀୟ ବୃତ୍ତିକୁ ବଣ୍ଟନ କରିବା ନିମନ୍ତେ ଦାଏର କରିଛନ୍ତି। ଏଥକୁ ଅତ୍ର ମୋକଦ୍ଦମାରେ ଉପରଲିଖିତ ଠିକଣାରେ ଆପଣଙ୍କ ନାମରେ ବାରମ୍ବାର ନୋଟିସ୍ ଯିବା ସତ୍ତ୍ୱେ ଆପଣ ଅନୁପସ୍ଥିତ ଥିବାର ରିପୋର୍ଟମାନ ହେବାରୁ ନୋଟିସ୍ ଜାରି ନ ହୋଇ ଫେରିଆସୁଛି । ଏଣୁ ଅତ୍ର ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଛି ଅତ୍ର ମୋକଦ୍ଦମାର ତାରିଖ ତା୨୮।୦୩।୨୦୨୫ରିଖ ଦିବା ୧୦.୩୦ ଘଟିକାକୁ ଧାର୍ଯ୍ୟ ହୋଇଅଛି । ଅତ୍ର ଧାର୍ଯ୍ୟ ତାରିଖେ ଆପଣ କିମ୍ବା ଆପଣଙ୍କ ତରଫରୁ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ଅତ୍ର ଅଦାଲତରେ ହାଜର ହୋଇ ଜବାବମାନ ଦାଖଲ କରିବେ। ନଚେତ୍ ଆଇନ ଅନୁଯାୟୀ ଉପରୋକ୍ତ ଆପଣଙ୍କ ଅନୁପସ୍ଥିତିରେ ଫଏସଲା କରାଯିବ । ଅତ୍ର ଅଦାଲତର ତା୦୪।୦୨।୨୦୨୫ରିଖେ ମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା।

ସ୍ୱା./-୨ୟ ଆଡିସିନାଲ ସିଭିଲ ଜଜ୍,
ସିନିୟର ଡିଭିଜନ୍ ଅଦାଲତ, କଟକ
ଧ-୩୦୦୨

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ଦୀପ୍ତିମୟୀ ପରିଜା**
ବନ୍ଧମୁଣ୍ଡା, ମଠସାହି, ତେନ୍ତୁଳିପଦା, ଜଗତ୍‌ସିଂହପୁର
ଆବିର୍ଭାବ: ୦୧।୦୭।୧୯୬୪
ତିରୋଧାନ: ୧୧।୦୨।୨୦୨୫
ମା' ଶାରଳାଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ସ୍ୱାମୀ- କ୍ଷେତ୍ର ମୋହନ ପରିଜା, ପ୍ରକାଶ ପରିଜା, ସରିତା ପରିଜା, ଜୁଲି, ମାଉଁ, ଟୁଟୁଲି, ବନ୍ଧୁ ଓ ପରିବାରବର୍ଗ ।
ଧ-୩୦୧୪

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ନିର୍ମଳା ଜେନା**
ସ୍ୱାମୀ: ମହେନ୍ଦ୍ରନାଥ ଜେନା
ପୋଖରୀପୁଟ, ଭୁବନେଶ୍ୱର
ଆବିର୍ଭାବ: ୧୫.୦୫.୧୯୫୫
ତିରୋଧାନ: ୧୧.୦୨.୨୦୨୫
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଅଶେଷ ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ:
ପୁତ୍ର: ସୁଧୀର, ସଲିଳ, କନ୍ୟା: ସୁକାନ୍ତି, ନାତୁଣୀ: ନିକି, ସୋନା, ନାତି: ଟିଣ୍ଟୁ ଓ ବନ୍ଧୁ ପରିଜନ
ଧ-୭୬୨୪୧

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଚାମ୍ପିୟନ୍ସ ଟ୍ରଫିରେ ଭାରତ-ପାକିସ୍ତାନ

**ଆଇସିସି ଚାମ୍ପିୟନ୍ସ ଟ୍ରଫିର ନବମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଟୁର୍ନାମେଣ୍ଟର ସବୁଠାରୁ ହାଇ ପ୍ରୋଫାଇଲ୍ ମ୍ୟାଚ ଆସନ୍ତା ୨୩ ତାରିଖରେ ଦୁବାଇରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ। ଚାମ୍ପିୟନ୍ସ ଟ୍ରଫିରେ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ରେକର୍ଡକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

ଆଇସିସି ଚାମ୍ପିୟନ୍ସ ଟ୍ରଫିର ନବମ ସଂସ୍କରଣ ପାକିସ୍ତାନ ଓ ଦୁବାଇରେ ଆରମ୍ଭ ହୋଇ ଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ ପାକିସ୍ତାନ ୬୦ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇ ଥିବାବେଳେ ଗୁରୁବାର ଭାରତ ଏହାର ପ୍ରଥମ ମ୍ୟାଚ ଖେଳିସାରିଛି। ଟୁର୍ନାମେଣ୍ଟର ସବୁଠାରୁ ହାଇ ପ୍ରୋଫାଇଲ୍ ମ୍ୟାଚ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ। ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଯିବାକୁ ମନା କରି ଦେଇଥିବାରୁ ହାଇବ୍ରିଡ୍ ମୋଡ୍‌ରେ ଭାରତର ସମସ୍ତ ମ୍ୟାଚ ଦୁବାଇରେ ଖେଳାଯିବ। ତେଣୁ ଭାରତ-ପାକିସ୍ତାନ ମୁକାବିଲା ସେଠାରେ ଅନୁଷ୍ଠିତ ହେବ। ଏହି ହାଇ ଭୋଲ୍ଟେଜ ମ୍ୟାଚ ପାଇଁ ମଝିରେ ଆଉ ମାତ୍ର ଗୋଟିଏ ଦିନ ସମୟ ଥିବାବେଳେ ଚାମ୍ପିୟନ୍ସ ଟ୍ରଫିରେ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ରେକର୍ଡକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

### ଭାରତ ୨, ପାକିସ୍ତାନ ୩

ରେକର୍ଡ ଦେଖିଲେ ଭାରତ ୨ ଥର ୨୦୦୨ ଓ ୨୦୧୩ରେ ଚାମ୍ପିୟନ୍ସ ଟ୍ରଫି ହାସଲ କରିଛି। ପାକିସ୍ତାନ ୨୦୧୭ରେ ଥରେ ଏହା ହାସଲ କରିପାରିଛି। ଗତବର୍ଷ ଅର୍ଥାତ୍ ୨୦୨୪ରେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ସେତେ ଗୁରୁତ୍ୱ ପାଇ ନ ଥିଲା। ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି୨୦ ବିଶ୍ୱକପ ଅନୁଷ୍ଠିତ ହୋଇଥିବାରୁ ଏହି ଫର୍ମାଟକୁ ଗୁରୁତ୍ୱ ଦିଆ ଯାଇଥିଲା। ଏହା ବ୍ୟତୀତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲକୁ ମଧ୍ୟ ଦଳଗୁଡ଼ିକ ଗୁରୁତ୍ୱର ସହ ନେଇଥିଲେ। ପ୍ରାୟ ୩୦ ବର୍ଷ ବ୍ୟବଧାନରେ ପାକିସ୍ତାନ ଏକ ଆଇସିସି ଇଭେଣ୍ଟ ଆୟୋଜନର ସୁଯୋଗ ପାଇଛି। ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୋଟ ୫ ଥର ଭେଟ ହୋଇଛି। ପ୍ରଥମ ୨ଟି ମ୍ୟାଚ ପାକିସ୍ତାନ ଜିତି ଥିବାବେଳେ ପରବର୍ତ୍ତୀ ୨ଟି ମ୍ୟାଚରେ ବିଜୟୀ ହୋଇ ବିଜୟ/ପରାଜୟ ରେକର୍ଡକୁ ବରାବର କରିଥିଲା ଭାରତ। ମାତ୍ର ପରବର୍ତ୍ତୀ ମୁକାବିଲାରେ ପାକିସ୍ତାନ ବିଜୟ ହାସଲ କରିବା ସହିତ ପ୍ରଥମଥରପାଇଁ ଚାମ୍ପିୟନ ହୋଇ ଗୋଟିଏ ପାଦ ଆଗରେ ରହିଛି।

### ୨୦୦୪: ପାକିସ୍ତାନ ୩ ଉଇକେଟରେ ବିଜୟୀ

୧୯୯୮ରୁ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହୋଇଥିଲେ ହେଁ ୩ ସଂସ୍କରଣ ପରେ ଭାରତ-ପାକିସ୍ତାନ ଭେଟ ପ୍ରଥମଥରପାଇଁ ୨୦୦୪ରେ ହୋଇଥିଲା। ଇଂଲଣ୍ଡର ବର୍ମିଂହାମରେ ସେପ୍ଟେମ୍ବର ୧୯ରେ ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ୩ ଉଇକେଟରେ ବିଜୟୀ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଦଳ ୪୯.୫ ଓଭରରେ ୨୦୦ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ମିଡିଲ ଅର୍ଡରରେ ରାହୁଲ ଦ୍ରାବିଡ (୬୭ ରନ)ଙ୍କ ଅର୍ଦ୍ଧଶତକ ଓ ଶେଷ ଭାଗରେ ଅଜିତ ଅଗରକରଙ୍କ ୪୭ ରନକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଭାରତୀୟ ବ୍ୟାଟର ପାକିସ୍ତାନ ବୋଲରଙ୍କୁ ମୁକାବିଲାରେ ବିଫଳ ହୋଇଥିଲେ। ପାକିସ୍ତାନ ପକ୍ଷରୁ ନଭେଦ-ଉଲ୍-ହାସନ ଓ ଶୋଏବ ଅଖତର ୪ଟି ଲେଖାଏ ଉଇକେଟ ନେଇଥିଲେ। ୨୦୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ଏକଦା ୨୧ ରନ ମଧ୍ୟରେ ୩ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ମିଡିଲ ଅର୍ଡରରେ ମହମ୍ମଦ ୟୁସୁଫଙ୍କ ଅପରାଜିତ ୮୧ ରନ ବଳରେ ୪୯.୨ ଓଭରରେ ୭ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା। ଅଧିନାୟକ ଇଞ୍ଜାମାମ ଉଲ୍ ହକ୍ (୪୧) ଓ ଶାହିଦ ଆଫ୍ରିଦୀ (୧୨ ବଲ୍‌ରୁ ୨୫ ରନ)ଙ୍କ ଅବଦାନ ମୂଲ୍ୟବାନ ସାବ୍ୟସ୍ତ ହୋଇଥିଲା। ମ୍ୟାଚ ବିଜୟୀ ଇନିଂସ ପାଇଁ ମହମ୍ମଦ ୟୁସୁଫ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ୨୦୦୯: ପାକିସ୍ତାନ ୫୪ ରନରେ ବିଜୟୀ

ଦକ୍ଷିଣ ଆଫ୍ରିକାର ସେଞ୍ଚୁରିଅନଠାରେ ଭାରତ ପାକିସ୍ତାନ ଦ୍ୱିତୀୟ ମୁକାବିଲା ୨୦୦୯ ସେପ୍ଟେମ୍ବର ୨୬ରେ ହୋଇଥିଲା। ଏଥିରେ ୟୁନିସ ଖାଁଙ୍କ ନେତୃତ୍ୱାଧୀନ ପାକିସ୍ତାନ ୫୪ ରନରେ ବିଜୟୀ ହୋଇ ଆଧିପତ୍ୟ ଅବ୍ୟାହତ ରଖିଥିଲା। ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଶୋଏବ ମଲିକଙ୍କ ଶତକ ସହାୟତାରେ ୫୦ ଓଭରରେ ୯ ଉଇକେଟ ହରାଇ ୩୦୨ ରନ କରିଥିଲା। ଶୋଏବ ୧୨୮ ଓ ମହମ୍ମଦ ୟୁସୁଫ ୮୭ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ଆଶିଷ ନେହେରା ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ୩୦୩ ରନ ବିଜୟ ଲକ୍ଷ୍ୟର ପିଛା କରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ୪୪.୫ ଓଭରରେ ୨୪୮ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ରାହୁଲ ଦ୍ରାବିଡ ୭୬, ଗୌତମ ଗମ୍ଭୀର ୫୭ ଓ ସୁରେଶ ରାଇନା ୪୬ ରନ କରିଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ପାକିସ୍ତାନ ବୋଲରଙ୍କ ମଧ୍ୟରେ ମହମ୍ମଦ ଅମିର, ନଭେଦ-ଉଲ-ହାସନ, ସଇଦ ଆଜମଲ ଓ ଶହିଦ ଆଫ୍ରିଦୀ ୨ଟି ଲେଖାଏ ଉଇକେଟ ନେଇ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଶତକୀୟ ଇନିଂସ ପାଇଁ ଶୋଏବ ମଲିକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ୨୦୧୩: ଭାରତ ୮ ଉଇକେଟରେ ବିଜୟୀ (ଡି/ଏଲ୍)

ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତ-ପାକିସ୍ତାନ ତୃତୀୟ ମୁକାବିଲା ଇଂଲଣ୍ଡର ବର୍ମିଂହାମଠାରେ ୨୦୧୩ ଜୁନ୍ ୧୫ରେ ଅନୁଷ୍ଠିତ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଡକ୍‌ୱର୍ଥ ଲୁଇସ (ଡି/ଏଲ୍) ନିୟମରେ ଭାରତ ୮ ଉଇକେଟରେ ବିଜୟୀ ହୋଇଥିଲା। ଟସ୍ ଜିତି ଭାରତୀୟ ଦଳର ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବୋଲରମାନେ ଚମତ୍କାର ବୋଲିଂ କରି ମିସ୍‌ବା-ଉଲ୍-ହକ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନକୁ ୩୯.୪ ଓଭରରେ ୧୬୫ ରନ ମଧ୍ୟରେ ସୀମିତ ରଖି ଦେଇଥିଲେ। ଅସଦ ସଫିକ ସର୍ବାଧିକ ୪୧ ରନ କରିଥିଲେ। ଭୁବନେଶ୍ୱର କୁମାର, ଇଶାନ୍ତ ଶର୍ମା, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଉଇକେଟ ନେଇ ପାକିସ୍ତାନର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ବର୍ଷା ଯୋଗୁ ମ୍ୟାଚ ବାଧାପ୍ରାପ୍ତ ହେବାରୁ ଭାରତ ସମ୍ମୁଖରେ ୨୨ ଓଭରରେ ୧୦୨ ରନର ରିଭାଇଜ୍ ଟାର୍ଗେଟ୍ ରଖାଯାଇଥିଲା। ଭାରତ ୧୯.୨ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଶିଖର ଧାୱନ ୪୮ ଓ ବିରାଟ କୋହଲି ୨୨ ରନରେ ଅପରାଜିତ ରହି ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଚମତ୍କାର ବୋଲିଂ କରି ୮ ଓଭରରେ ମାତ୍ର ୧୯ ରନରେ ୨ ଉଇକେଟ ହାସଲ କରିଥିବାରୁ ଭୁବନେଶ୍ୱର କୁମାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଫାଇନାଲରେ ଇଂଲଣ୍ଡକୁ ହରାଇ ଭାରତ ଏହି ସଂସ୍କରଣରେ ଚାମ୍ପିୟନ ହୋଇଥିଲା।

### ୨୦୧୭: ଭାରତ ୧୨୪ ରନରେ ବିଜୟୀ (ଡି/ଏଲ୍)

ଗତ ୨୦୧୭ ସଂସ୍କରଣରେ ଭାରତ ଓ ପାକିସ୍ତାନ ପରସ୍ପରକୁ ୨ ଥର ଭେଟିଥିଲେ। ଜୁନ ୪ରେ ବର୍ମିଂହାମରେ ଅନୁଷ୍ଠିତ ମୁକାବିଲାରେ ଭାରତ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୧୨୪ ରନରେ ବିଜୟୀ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ରୋହିତ ଶର୍ମାଙ୍କ ୯୧, ଅଧିନାୟକ ବିରାଟ କୋହଲିଙ୍କ ଅପରାଜିତ ୮୧, ଶିଖର ଧାୱନଙ୍କ ୬୮ ଓ ୟୁବରାଜ ସିଂଙ୍କ ୫୩ ରନ ବଳରେ ନିର୍ଦ୍ଧାରିତ ୪୮ ଓଭରରେ ୩ ଉଇକେଟ ହରାଇ ୩୧୯ ରନ କରିଥିଲା। ବର୍ଷା ଯୋଗୁ ଖେଳ କିଛିସମୟ ବାଧାପ୍ରାପ୍ତ ହେବାରୁ ସର୍ଫରାଜ ଅହମଦଙ୍କ ନେତୃତ୍ୱାଧୀନ ପାକିସ୍ତାନ ସମ୍ମୁଖରେ ରିଭାଇଜ୍ ଟାର୍ଗେଟ ୪୧ ଓଭରରେ ୨୮୯ ରନ ରଖା ଯାଇଥିଲା। ମାତ୍ର ଓପନର ଆଝାର ଅଲୀ (୫୦)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ପାକିସ୍ତାନ ୩୩.୪ ଓଭରରେ ୧୬୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ଉମେଶ ଯାଦବ ୩ଟି ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଉଇକେଟ ନେଇଥିଲେ। ୩୨ ବଲ୍‌ରୁ ୫୩ ରନ କରିଥିବାରୁ ୟୁବରାଜ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ୨୦୧୭ (ଫାଇନାଲ): ପାକିସ୍ତାନ ୧୮୦ ରନରେ ବିଜୟୀ

ସଂଯୋଗ ବଶତଃ ଏହି ସଂସ୍କରଣରେ ଭାରତ ଓ ପାକିସ୍ତାନ ଫାଇନାଲରେ ପରସ୍ପରକୁ ପୁଣି ଭେଟିଥିଲେ। ଭାରତ କ୍ରମାଗତ ଦ୍ୱିତୀୟ ଥରପାଇଁ ଫାଇନାଲ ଖେଳୁଥିବାରୁ ହଟ୍ ଫେଭରାଇଟ ରହିଥିଲା। ମାତ୍ର ଏଥିରେ ଭାରତକୁ ୧୮୦ ରନରେ ହରାଇ ପାକିସ୍ତାନ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ଫଖର ଜମନ (୧୧୪ ରନ)ଙ୍କ ଶତକ, ଆଝାର ଅଲୀଙ୍କ ୫୯, ମହମ୍ମଦ ହାଫିଜଙ୍କ ଅପରାଜିତ ୫୭ ଓ ବାବର ଆଜମଙ୍କ ୪୬ ରନ ବଳରେ ୫୦ ଓଭରରେ ୪ ଉଇକେଟ ହରାଇ ୩୩୮ ରନ କରିଥିଲା। ଭାରତ ବଡ଼ ସ୍କୋରର ପିଛା କରିଥିବାବେଳେ ଟପ୍ ଓ ମିଡିଲ ଅର୍ଡର ବ୍ୟାଟିଂ ବିଫଳତା ଯୋଗୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୭୬ ରନ ସତ୍ତ୍ୱେ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ୩୦.୩ ଓଭରରେ ୧୫୮ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ପାକିସ୍ତାନ ବୋଲରଙ୍କ ମଧ୍ୟରେ ମହମ୍ମଦ ଅମିର ଓ ହାସନ ଅଲୀ ୩ଟି ଲେଖାଏ ଉଇକେଟ ନେଇଥିଲେ। ଫଖର ଜମନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



୨୦୧୩: ଉଇକେଟ ନେବାପରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ବଧେଇ।



ୟୁବରାଜ ସିଂ



ଶୋଏବ ମଲିକ ଓ ମହମ୍ମଦ ୟୁସୁଫ


ଟ୍ରଫି ସହ ସର୍ଫରାଜ ଅହମଦ




# ଖେଳ ଜଗତର ଭିତିରି କଥା

## ଆର୍ଟିଫିସିଆଲ ଟର୍ଫ ପିଚ୍ ବ୍ୟବହାରକୁ ବିରୋଧ

ସାଓ ପାଉଲୋ: ପ୍ରାକୃତିକ ଘାସର ପିଚ୍ ବଦଳରେ ଫୁଟବଲ ଲିଗ୍ ମ୍ୟାଚ ପାଇଁ ଆର୍ଟିଫିସିଆଲ ଟର୍ଫ ବ୍ୟବହାରକୁ ଜୁନିୟର ନେମାର, ମେମ୍ଫିସ ଡେପେ ଓ ଥିଆଗୋ ସିଲଭାଙ୍କ ଭଳି ଜଣାଶୁଣା ବ୍ରାଜିଲ ଖେଳାଳି ବିରୋଧ କରିଛନ୍ତି। ଆର୍ଟିଫିସିଆଲ ଟର୍ଫ ବ୍ୟବହାର ଦ୍ୱାରା ଖେଳାଳିଙ୍କର ଆହତ ହେବା ସମ୍ଭାବନା ବୃଦ୍ଧି ପାଇବ ବୋଲି ସେମାନେ ଅନ୍‌ଲାଇନରେ ସମାନ ମତ ରଖିଛନ୍ତି। ବ୍ରାଜିଲର ଶୀର୍ଷ ସ୍ତରୀୟ ଫୁଟବଲ ଲିଗ୍‌ରେ ଡିଫେଣ୍ଡିଂ ବ୍ରାଜିଲିଆନ ଚାମ୍ପିୟନ ବୋଟାଫୋଗୋ, ପାଲମେରାସ ଓ ଆଥଲେଟିକୋ ପାରାନାଏନ୍ସେ ଆଦି କ୍ଲବ ଆର୍ଟିଫିସିଆଲ ଟର୍ଫ ବ୍ୟବହାର କରୁଛନ୍ତି। ଏଥିଯୋଗୁ ଏହି ଦଳଗୁଡ଼ିକ ବିପକ୍ଷରେ ଖେଳାଯିବାକୁ ଥିବା ଆୱେ ମ୍ୟାଚକୁ କିଛି ଭେଟେରାନ ଓ ନେମାରଙ୍କ ଭଳି ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରୁଥିବା ଖେଳାଳିମାନେ ବହିଷ୍କାର କରିଛନ୍ତି। ପାଲମେରାସ ପକ୍ଷରୁ କୁହାଯାଇଛି ଯେ ଆର୍ଟିଫିସିଆଲ ଟର୍ଫକୁ ଫିଫାର ସ୍ୱୀକୃତି ମିଳିଛି। ୨୦୨୦ଠାରୁ ଏହାର ନିୟମିତ ଯାଞ୍ଚ କରାଯାଉଛି। ଏଣୁ ଏଥିରେ ପ୍ରାକୃତିକ ଘାସ ପଡ଼ିଆ ଭଳି ସମାନ ମାନଦଣ୍ଡ ରହିଛି।

## ଇଲେକ୍ଟ୍ରିକ ପାୱାରବୋଟିଂ

ମୁମ୍ବାଇ: ବିଶ୍ୱର ପ୍ରଥମ ଅଲ୍-ଇଲେକ୍ଟ୍ରିକ ପାୱାରବୋଟିଂ ପ୍ରତିଯୋଗିତା ୟୁଆଇଏମ୍‌ଇ ୱାନ ୱାର୍ଲ୍ଡ ଚାମ୍ପିୟନଶିପରେ ଅନୁଷ୍ଠିତ ହେବ। ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି, ଟେନିସ କିମ୍ବଦନ୍ତୀ ରାଫାଲ ନାଡାଲ ଓ ବାସ୍କେଟବଲ ଆଇକନ ଲେବ୍ରନ ଜେମ୍ସ ପ୍ରମୁଖ ବିଭିନ୍ନ ଦଳର ମାଲିକାନା ହାସଲ କରିଛନ୍ତି। ଏହି ବିଶ୍ୱସ୍ତରୀୟ ସିରିଜରେ କୋହଲିଙ୍କ ଟିମ୍ ବ୍ଲୁ ରାଇଜିଂ, ବାସ୍କେଟବଲ ଆଇକନ ଜେମ୍ସଙ୍କ ଟିମ୍ ଅଲଉଲା, ସଙ୍ଗୀତ ପ୍ରଯୋଜକ ଓ ଡିଜେ ଷ୍ଟିଭ ଆଓକିଙ୍କ ଆଓକି ରେସିଂ ଟିମ୍ ଓ ଏନ୍‌ଏଫ୍‌ଏଲ୍ କିମ୍ବଦନ୍ତୀ ଟମ୍ ବ୍ରାଡିଙ୍କ ଟିମ୍ ବ୍ରାଡି, ଚେଲସି ଦଳର ଷ୍ଟାର ଡିଡାୟର ଡ୍ରୋଗବାଙ୍କ ଟିମ୍ ଡ୍ରୋଗବା, ଟେନିସ କିମ୍ବଦନ୍ତୀ ନାଡାଲଙ୍କ ଟିମ୍ ରାଫା, ହଲିଉଡ ଅଭିନେତା ୱିଲ ସ୍ମିଥଙ୍କ ୱେଷ୍ଟବ୍ରୁକ ରେସିଂ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ପ୍ରତିଯୋଗିତାର ବିଭିନ୍ନ ପର୍ଯ୍ୟାୟ ରେସ ଜେଦ୍ଦା, ମିଆମି, ମଣ୍ଟେ କାର୍ଲୋ ଓ ଦୋହାଠାରେ ଅନୁଷ୍ଠିତ ହେବ।

## ମନୁଙ୍କ କୋଚ୍ ରହିବେ ରାଣା

ନୂଆଦିଲ୍ଲୀ: ପ୍ୟାରିସ ଅଲିମ୍ପିକ୍ସରେ ଡବଲ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିବା ତାରକା ମହିଳା ଶୁଟର ମନୁ ଭାକରଙ୍କ କୋଚ୍ ଭାବେ ଅପରିବର୍ତ୍ତିତ ରହିବେ ଯଶପାଲ ରାଣା। ଏହାକୁ ମନୁ ନିଜେ ସ୍ପଷ୍ଟ କରିଛନ୍ତି। ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ ଯଶପାଲଙ୍କୁ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ ଇଣ୍ଡିଆ (ଏଆର୍‌ଏଆଇ) ପକ୍ଷରୁ ପିସ୍ତଲ ଶୁଟରଙ୍କ ଲାଗି ହାଇ ପରଫର୍ମାନ୍ସ ଟ୍ରେନର ନିଯୁକ୍ତ କରାଯାଇଛି। ୪ ଥରର ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ରାଣାଙ୍କ ସହିତ ବିବାଦ କାରଣରୁ ମନୁ ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଅଲଗା ହୋଇଯାଇଥିଲେ। ମାତ୍ର ଟୋକିଓ ଅଲିମ୍ପିକ୍ସ ପରେ ସଂଘର୍ଷ କରୁଥିବା ମନୁ ରାଣାଙ୍କ ମାର୍ଗଦର୍ଶନରେ ଶୁଟିଂକୁ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରିବା ସହ ସ୍ୱାଧୀନ ଭାରତର ପ୍ରଥମ ଆଥଲେଟ ଭାବେ ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିଥିଲେ। ସେ ୧୦ ମିଟର ଏୟାର ପିସ୍ତଲ ଓ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ରାଣାଙ୍କୁ ହାଇ ପରଫର୍ମାନ୍ସ କୋଚ ନିଯୁକ୍ତ କରାଯାଇଥିଲେ ହେଁ ମନୁ ଏବେ ବି ଯଶପାଲଙ୍କୁ ତାଙ୍କ ମେଣ୍ଟର ଭାବେ ଦେଖୁଛନ୍ତି। ମୁଁ କେବଳ ଗୋଟିଏ କଥା କହିପାରିବି ଯେ, ରାଣା ମୋର କୋଚ। ସେ ମୋ ପାଇଁ ଜଣେ ମହାନ କୋଚ ହୋଇ ରହିଛନ୍ତି ବୋଲି ମନୁ ବିବିସି ସ୍ପୋର୍ଟ୍ସୱମେନ ଅଫ ଦି ଇୟର ୨୦୨୪ ପୁରସ୍କାର ଜିତିବା ପରେ ପ୍ରକାଶ କରିଛନ୍ତି।

## ଦୁବାଇରେ ଭାରତୀୟ ପ୍ରଶଂସକଙ୍କ ଭିଡ଼

ଦୁବାଇ:ମସ୍କଟର ରେହମାନ ଜାଇଦ ଓ ଓମାନର ଫାତିମା ଭାରତୀୟ କ୍ରିକେଟରଙ୍କ ଝଲକ ପାଇବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିଲେ। କାରଣ ଏହି ଦେଶଗୁଡ଼ିକର କ୍ରିକେଟ ପ୍ରଶଂସକଙ୍କୁ ଭାରତୀୟ କ୍ରିକେଟରଙ୍କୁ ଦେଖିବାକୁ କଦାଚିତ ସୁଯୋଗ ମିଳେ। ଚାମ୍ପିୟନ୍ସ ଟ୍ରଫି ଲାଗି ଭାରତୀୟ ଦଳ ଆଇସିସି କ୍ରିକେଟ ଏକାଡେମୀରେ ପ୍ରାକ୍ଟିସ ଚଳାଇଥିବା ବେଳେ ଏକାଡେମୀ ବାହାରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରଶଂସକ ଏକତ୍ରିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଭାରତ, ପାକିସ୍ତାନ, ବାଂଲାଦେଶ, ନେପାଳ, ଓମାନ, ୟୁକେ ଓ ୟୁଏସ୍‌ଏର ନାଗରିକ ଥିଲେ। ଭାରତୀୟ କ୍ରିକେଟ ଦଳର ସଦସ୍ୟ ସୋମବାର ସନ୍ଧ୍ୟାରେ ୩ ଘଣ୍ଟା ଧରି ଟ୍ରେନିଂ କରିଥିଲେ। ପ୍ରଶଂସକ ଓ ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ଏକ ବ୍ୟାରିକେଡ ଓ କିଛି ସୁରକ୍ଷା କର୍ମୀ ଛିଡ଼ା ହୋଇଥିଲେ। ଭାରତୀୟ ଖେଳାଳିଙ୍କ ନେଟ ସେସନ ଶେଷ ହେବା ପର୍ଯ୍ୟନ୍ତ ପ୍ରଶଂସକମାନେ ଅପେକ୍ଷା କରିଥିଲେ। କ୍ରିକେଟରମାନେ ବସ୍‌କୁ ଫେରିବା ଅବସରରେ ଫ୍ୟାନ୍ସଙ୍କ ସହିତ ଫଟୋ ଉଠାଇବା ସହିତ ଅଟୋଗ୍ରାଫ ଦେଇଥିଲେ। ଓମାନରୁ ଆସିଥିବା ୧୭ ବର୍ଷୀୟା ଫାତିମା ତାଙ୍କ ଟି-ଶାର୍ଟରେ ଶ୍ରେୟାସ ଆୟାରଙ୍କ ଅଟୋଗ୍ରାଫ ନେଇଥିଲେ। ଏ ସମ୍ପର୍କରେ ସେ କହିଥିଲେ, ମୁଁ ବହୁତ ଖୁସି। ଅତି ନିକଟରୁ ଭାରତୀୟ କ୍ରିକେଟରଙ୍କୁ ଦେଖିବାକୁ ସୁଯୋଗ ଦେଇଥିବାରୁ ଆମେ ଆଇସିସି ନିକଟରେ କୃତଜ୍ଞ। ମୁଁ ଟି-ଶାର୍ଟରେ ଅଟୋଗ୍ରାଫ ପାଇଛି। ଏହା ସତ ବୋଲି ବିଶ୍ୱାସ ହେଉ ନାହିଁ। ବିରାଟ କୋହଲିଙ୍କୁ ଦେଖିଲି। ସେ ଖୁବ୍ ଭଲ ମଣିଷ। ମୁଁ ଅଳ୍ପକେ ମହମ୍ମଦ ଶାମିଙ୍କ ଅଟୋଗ୍ରାଫ ନେବାରେ ବିଫଳ ହୋଇଥିଲି।



ନେମାର


ପୁରସ୍କାର ଗ୍ରହଣ ଅବସରରେ ମନୁ ଭାକର



ଶ୍ରେୟସ ଆୟାରଙ୍କ ସହ ଫାତିମା

## ଲଭ

ଦିନିକିଆ କ୍ରିକେଟରେ ସର୍ବନିମ୍ନ
ସ୍କୋରକୁ ଡିଫେଣ୍ଡ କରି
ଆମେରିକା ବିଶ୍ୱ ରେକର୍ଡ କରିଛି
ୱାର୍ଲ୍ଡ କପ୍ ଲିଗ୍‌ରେ ନରି
ଆକିବ ଲିଆସ ଡରି
ପଞ୍ଚଷଠି ରନରେ ଅଲ୍ ଆଉଟ ଦେଶ
ଓମାନର ଗଲା ଶିରୀ।



ନ୍ୟୁଜିଲାଣ୍ଡଠୁ ଇନାଗୁରେଶନ
ମ୍ୟାଚ ହାରି ପାକିସ୍ତାନ
ଅନୁକୂଳ ବିଗିଡ଼ିଲା କହି କେତେ
ଦୁଃଖୀ ପାକିସ୍ତାନୀ ଫ୍ୟାନ
ଈର୍ଷା ଦ୍ୱେଷ ଭରା ମନ
କରାଚୀ ଫିଲ୍ଡରେ ଭାରତ ତ୍ରିରଙ୍ଗା
ନ ରଖିବା କାର୍ଯ୍ୟ ହୀନ।

ଶେଷରେ କରାଚୀ ଷ୍ଟାଡିୟମଠାରେ
ଉଡ଼ିଲା ତ୍ରିରଙ୍ଗା ବାନା
ନିଜ ଭୁଲ ବୁଝିପାରିକି ପିସିବି
ପଛ ଚେଞ୍ଜ କଲା ସିନା
ସେ ଲୋକ, ସେ ଦେଶ ସୁନା
ହାରିବା ଜିତିବା ଭୁଲି ଯିଏ କରେ
ବିପକ୍ଷକୁ ଲଭ୍ ଅନା।

—ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୧/୨୦୨୫ Bhubaneswar, Friday, February 21/ 2025

# ବିଜୟ ସହ ଭାରତର ଅଭିଯାନ

ଦୁବାଇ,୨୦।୨

ଭାରତୀୟ ଦଳ ଚାମ୍ପିୟନ୍ସ ଟ୍ରଫିରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଗୁରୁବାର ଆଇସିସି ଚାମ୍ପିୟନ୍ସ ଟ୍ରଫିର ଦ୍ୱିତୀୟ ମ୍ୟାଚରେ ଭାରତ ୬ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ବାଂଲାଦେଶ ଦ୍ୱାରା ଧାର୍ଯ୍ୟ ୨୨୯ ରନର ଟାର୍ଗେଟକୁ ଶୁବମନ ଗିଲଙ୍କ ଅପରାଜିତ ଶତକ ବଳରେ ଭାରତୀୟ ଦଳ ୪୬.୩ ଓଭରରେ ୪ ଉଇକେଟ ବିନିମୟରେ ହାସଲ କରିନେଇଛି। ଶୁବମନ ଗିଲଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ କରାଯାଇଛି। ଏହି ବିଜୟରୁ ୨ ପଏଣ୍ଟ ସହ ଭାରତ ଗ୍ରୁପ-ଏ'ରେ ନ୍ୟୁଜିଲାଣ୍ଡ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଆସନ୍ତା ୨୩ ତାରିଖରେ ଭାରତୀୟ ଦଳ ତା'ର ଦ୍ୱିତୀୟ ମ୍ୟାଚରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ୩୫ ରନ ମଧ୍ୟରେ ଟପ ଅର୍ଡରର ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ବିପଦଜନକ ସ୍ଥିତିରେ ତୋହିଦ ହ୍ରିଦୟ ଓ ଜାକର ଅଲୀ ଷଷ୍ଠ ଉଇକେଟ ଲାଗି ୩୪.୧ ଓଭରରେ ୧୫୪ ରନର ଭାଗୀଦାରି କରି ଦଳୀୟ ସ୍ଥିତିରେ ସୁଧାର ଆଣିଥିଲେ। ୧୧୪ ବଲର ସମ୍ମୁଖୀନ ହୋଇଥିବା ଅଲୀ ୪ ଚୌକା ସହାୟତାରେ ୬୮ ରନ କରିଥିଲେ। ତାଙ୍କୁ ମହମ୍ମଦ ଶାମି ପାଭିଲିଅନ ପଠାଇଥିଲେ। ଏହାପରେ ହ୍ରିଦୟ ଶତକ ପୂରଣ କରିବା ସହ ଏକାକୀ ଦଳୀୟ ସ୍କୋରକୁ ୨୨୮ ରନରେ ପହଞ୍ଚାଇଥିଲେ। ହ୍ରିଦୟ ୧୧୮ ବଲରେ ୬ ଚୌକା ଓ ୨ ଛକା ସହିତ ୧୦୦ ରନ କରି ହର୍ଷିତ ରାଣାଙ୍କ ବଲରେ ଆଉଟ ହୋଇଥିଲେ। ଦଳ ପକ୍ଷରୁ ତଞ୍ଜିଦ ହାସନ ୨୫ ଓ ରିଶାଦ ହୋସେନ ୧୮ ରନ କରିଥିଲେ। ଦଳର ୫ ବ୍ୟାଟର ଖାତା ଖୋଲି ପାରିନଥିଲେ। ଭାରତୀୟ ଦଳ ପକ୍ଷରୁ ବୋଲିଂରେ ଶାମି ୫ ଉଇକେଟ ସଫଳତା ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହର୍ଷିତ ରାଣା ୩ ଓ ଅକ୍ଷର ପଟେଲ ୨ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ରୋହିତ ଶର୍ମା ଓ ଗିଲଙ୍କ ଓପନିଂ ଯୋଡ଼ି ଭାରତକୁ ଭଲ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ପ୍ରଥମ ଉଇକେଟ ପାଇଁ ୬୯ ରନ ଯୋଡ଼ିଥିଲେ। ଅଧିନାୟକ ରୋହିତ ୩୬ ବଲରେ ୭ ଚୌକା ସହିତ ୪୧ ରନ କରି ଆଉଟ ହୋଇଥିଲେ। ନଂ-୩ ସ୍ଥାନରେ ବ୍ୟାଟିଂ ଆସିଥିବା ବିରାଟ କୋହଲି ଗିଲଙ୍କ ସହ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟ ଲାଗି ୪୩ ରନ ଭାଗୀଦାରି କରିଥିଲେ। ଏହାପରେ ଭାରତ କ୍ରମାଗତ ବ୍ୟବଧାନରେ ୩ ଉଇକେଟ ହରାଇଥିଲା। କୋହଲି ୨୨, ଶ୍ରେୟାସ ଆୟାର ୧୫ ଓ ଅକ୍ଷର ପଟେଲ ୮ ରନ କରି ଆଉଟ ହୋଇଥିଲେ। ଏଭଳି ସ୍ଥିତିରେ ଗିଲଙ୍କ ସହ ଲୋକେଶ ରାହୁଲ ମ୍ୟାଚ ପରିସମାପ୍ତି ଘଟାଇ ଥିଲେ। ଦୁହେଁ ପଞ୍ଚମ ଉଇକେଟ ପାଇଁ ଅବିଭାଜିତ ୮୭ ରନ ଯୋଡ଼ିଥିଲେ। ଗିଲ ୧୨୯ ବଲରେ ୯ ଚୌକା ଓ ୨ ଛକା ସହିତ ୧୦୧ ରନ କରିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ଅଷ୍ଟମ ଶତକ ଥିଲା। ରାହୁଲ ୧ ଚୌକା ଓ ୨ ଛକା ସହିତ ୪୧ ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ବୋଲିଂରେ ରିଶାଦ ହୋସେନ ୨ଟି ଉଇକେଟ ନେଇଥିବା ବେଳେ ତସ୍କିନ ଅହମ୍ମଦ ଓ ମୁସ୍ତାଫିଜୁର ରହମାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ଅପରାଜିତ ଶତକ ଅବସରରେ ଶଟ୍ ଖେଳୁଛନ୍ତି ଶୁବମନ ଗିଲ୍।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୪୯.୪ ଓଭରରେ ୨୨୮/ଅଲଆଉଟ (ତୋହିଦ ହ୍ରିଦୟ-୧୦୦, ଜାକର ଅଲି-୬୮, ତାନ୍‌ଜିଦ ହସନ-୨୫; ମହମ୍ମଦ ଶାମି-୫/୫୩, ହର୍ଷିଦ ରାଣା-୩/୩୧, ଅକ୍ଷର ପଟେଲ-୨/୪୩)। ଭାରତ: ୪୬.୩ ଓଭରରେ ୨୩୧। (ଶୁବମନ ଗିଲ୍-୧୦୧*, ରୋହିତ ଶର୍ମା- ୪୧, କେ.ଏଲ୍ ରାହୁଲ-୪୧*, ବିରାଟ କୋହଲି-୨୨; ରିସାଦ ହୋସେନ-୨/୩୮)।

## ସୁଚିତ୍ରାଙ୍କୁ ସ୍ୱର୍ଣ୍ଣ ପଦକ

**ଜାତୀୟ ପାରା ଆଥ୍‌ଲେଟିକ୍ସ**

ଭୁବନେଶ୍ୱର, ୨୦।୨ (ତପନ ସ୍ୱାଇଁ)

ଚେନ୍ନାଇରେ ଚାଲିଥିବା ୨୩ତମ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଗୁରୁବାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ସୁଚିତ୍ରା ପରିଡ଼ା। ସେ ମହିଳା ଏଫ୍-୫୫ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ୧୮.୭୯ ମିଟର କ୍ଲିୟର କରି ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ବୁଧବାର ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ତାରକା ସ୍ପ୍ରିଣ୍ଟର ଜୟନ୍ତୀ ବେହେରା। ସେ ମହିଳା ଟି-୪୭ ବର୍ଗର ୧୦୦ ମିଟର ରେସ୍‌ରେ ୧୩.୪୩ ସେକେଣ୍ଡ ଓ ଟି-୪୭ ମହିଳା ବର୍ଗର ୪୦୦ ମିଟର ରେସ୍‌ରେ ୧:୦୧.୧୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ।


ପଦକ ସହ ଜୟନ୍ତୀ ବେହେରା (ବାମ)।

**ଏଫ୍‌ଆଇଏଚ୍ ହକି ଆଜିର ମ୍ୟାଚ**

**ପୁରୁଷ**
ଆର୍ଜେଣ୍ଟିନା ବନାମ ଅଷ୍ଟ୍ରେଲିଆ
ସମୟ: ଅପରାହ୍ନ ୩ଟା ୩୦।
ଭାରତ ବନାମ ଆୟର୍ଲାଣ୍ଡ
ସମୟ: ୭ଟା୩୦

**ମହିଳା**
ଇଂଲଣ୍ଡ ବନାମ ନେଦରଲାଣ୍ଡ୍ସ
ସମୟ: ଅପରାହ୍ନ ୩ଟା
ଆର୍ଜେଣ୍ଟିନା ବନାମ ଅଷ୍ଟ୍ରେଲିଆ
ସମୟ: ସନ୍ଧ୍ୟା ୬ଟା
ଭାରତ ବନାମ ଜର୍ମାନୀ
ସମୟ: ୫ ଟା ୧୫।

## ଭାରତ ୨-୦ରେ ବିଜୟୀ

**ପିଙ୍କ୍ ଲେଡିଜ କପ୍**

ଶାରଜା,୨୦।୨(ପି.ଟି.)

ପିଙ୍କ ଲେଡିଜ୍ କପ୍ ମହିଳା ଫୁଟବଲ ପ୍ରତିଯୋଗିତାରେ ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଭାରତ ୨-୦ ଗୋଲରେ ଜୋର୍ଡାନକୁ ପରାସ୍ତ କରିଛି। ନୂଆ କୋଚ କ୍ରିସ୍ପିନ ଛେତ୍ରୀଙ୍କ ମାର୍ଗଦର୍ଶନରେ ଏହା ଭାରତୀୟ ଦଳ ଲାଗି ପ୍ରଥମ ବିଜୟ। ମ୍ୟାଚରେ ବିଜୟୀ ଦଳ ପାଇଁ ମିଡଫିଲ୍ଡର ପ୍ରିୟଙ୍କା ଦେବୀ (୨୩ତମ ମିନିଟ) ଓ ୱିଙ୍ଗର ମନୀଶା (୫୪ତମ) ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ ଜରିଆରେ ଲିଶାମ ବବିନା ଦେବୀ ତାଙ୍କର ଇଣ୍ଟରନ୍ୟାଶନାଲ କ୍ୟାରିୟର ଆରମ୍ଭ କରିଛନ୍ତି। ଆସନ୍ତା ୨୩ ତାରିଖରେ ଭାରତୀୟ ଦଳ ତା'ର ଦ୍ୱିତୀୟ ମ୍ୟାଚରେ ରୁଷିଆକୁ ଭେଟିବ।

## ଓଡ଼ିଶା ଏଚ୍‌ପିସି ଜିମ୍ନାଷ୍ଟଙ୍କୁ ୬ ସ୍ୱର୍ଣ୍ଣ ସମେତ ୧୧ ପଦକ


ପଦକ ସହ ଓଡ଼ିଶା ଏଚ୍‌ପିସି ଜିମ୍ନାଷ୍ଟ।

ଭୁବନେଶ୍ୱର,୨୦।୨(ଅନାଦି କର)

ଉତ୍ତରାଖଣ୍ଡର ଡେରାଡୁନରେ ଗତ ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୩୮ତମ ନ୍ୟାଶନାଲ ଗେମ୍ସରେ ଓଡ଼ିଶା ଜିମ୍ନାଷ୍ଟିକ୍ସ ହାଇ-ପର୍ଫରମାନ୍ସ ସେଣ୍ଟର (ଜିଏଚ୍‌ପିସି)ର ଜିମ୍ନାଷ୍ଟଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ପ୍ରତିଯୋଗିତାରେ ଜିଏଚ୍‌ପିସିର ୧୨ ଜିମ୍ନାଷ୍ଟ ବିଭିନ୍ନ କ୍ୟାଟେଗୋରିରେ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭ ଜଣ ୧୧ ପଦକ ଜିତିଛନ୍ତି। ଏହି ପଦକ ତାଲିକାରେ ୬ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ରହିଛି।

ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓମେନ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) କ୍ୟାଟେଗୋରିରେ ପ୍ରଣତୀ ନାୟକ ବ୍ୟକ୍ତିଗତ ଅଲ-ଆରାଉଣ୍ଡରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଥିସହିତ ସେ ଭଲ୍ଟରେ ରୌପ୍ୟ ଓ ବାଲାନ୍ସ ବିମରେ ବ୍ରୋଞ୍ଜ ପଦକ ହାତେଇଥିଲେ। ଦଳଗତ ଇଭେଣ୍ଟରେ ପ୍ରଣତୀ ନାୟକ, କରିସ୍ମା, ଆଦିତୀ ତୋଡି ଓ ରିତିକା ଦାସଙ୍କୁ ନେଇ ଗଠିତ ଓଡ଼ିଶା ଓମେନ୍ସ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) ଦଳ ବ୍ରୋଞ୍ଜ ପଦକ ଜିତି ଇତିହାସ ସୃଷ୍ଟି କରିଛି। ସିନିୟର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି) କ୍ୟାଟେଗୋରିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରାକେଶ କୁମାର ପାତ୍ର ଷ୍ଟିଲ ରିଙ୍ଗ୍ସ ଓ ପାରାଲାଲ ବାର୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତପେଶ୍ୱର ନାଥ ଦାସ ଭଲ୍ଟରେ ରୌପ୍ୟ ପଦକ ଅର୍ଜନ କରିଥିଲେ।

ଜିଏଚ୍‌ପିସିର ଅନ୍ୟ ଜିମ୍ନାଷ୍ଟ ତପନ ମହାନ୍ତି ସର୍ଭିସେସ ପକ୍ଷରୁ ପ୍ରତିନିଧିତ୍ୱ କରି ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି)ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ବ୍ୟକ୍ତିଗତ ଅଲ-ଆରାଉଣ୍ଡ ଚାମ୍ପିଅନ ହୋଇଥିଲେ। ସେ ଫ୍ଲୋର ଏକ୍ସରସାଇଜରେ ଗୋଲ୍ଡ ଓ ଷ୍ଟିଲ ରିଙ୍ଗ୍ସରେ ବ୍ରୋଞ୍ଜ ପଦକ ହାତେଇଥିଲେ। ଦଳଗତ ଚାମ୍ପିୟନଶିପରେ ସର୍ଭିସେସ ଏମଏଜି ଦଳର ସଦସ୍ୟ ଭାବେ ତପନ ଆଉ ଏକ ସ୍ୱର୍ଣ୍ଣ ଜିତିଥିଲେ।

## ଭାରତ ବିପକ୍ଷ ମ୍ୟାଚ ଖେଳିବା ପାଇଁ ଦୁବାଇ ଗଲା ପାକିସ୍ତାନ

**ଚାମ୍ପିୟନ୍ସ ଟ୍ରଫି**

କରାଚୀ, ୨୦।୨ (ପି.ଟି.)

ଭାରତ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ ଖେଳିବା ଲାଗି ପାକିସ୍ତାନ କ୍ରିକେଟ ଦଳ ଗୁରୁବାର ଦୁବାଇ ଗସ୍ତ କରିଛି। ଭାରତ ବିପକ୍ଷ ମ୍ୟାଚ ପୂର୍ବରୁ ଓପନର ଫଖର ଜମାନଙ୍କ ଆଣ୍ଠୁରେ ଆଘାତ ଲାଗିଥିବାରୁ ପାକିସ୍ତାନ ଦଳକୁ ଶକ୍ତ ଆଘାତ ଲାଗିଛି। ତାଙ୍କ ସ୍ଥାନରେ ଇମାମ୍ ଉଲ୍ ହକ୍ ପାକିସ୍ତାନ ଦଳ ସହିତ ଦୁବାଇ ଯାଇଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲର ଇଭେଣ୍ଟ ଟେକ୍‌ନିକାଲ କମିଟିର ଅନୁମୋଦନ ଆଣି ଦଳରେ ପରିବର୍ତ୍ତନ କରିଛି। ଭାରତ-ପାକିସ୍ତାନ ମ୍ୟାଚ ରବିବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ୨୯ବର୍ଷୀୟ ଇମାମ୍ ତାଙ୍କ ଦେଶ ପାଇଁ ୭୨ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ଏଠାରେ ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ଓପନର ମ୍ୟାଚ୍‌ରେ ଜମାନ୍ ଆଘାତପ୍ରାପ୍ତ ହୋଇଥିଲେ। ୩୪ ବର୍ଷୀୟ ଏହି ଖେଳାଳି ପାକିସ୍ତାନ ତରଫରୁ ୮୬ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ତାଙ୍କର ବ୍ୟାଟିଂ ଆଭରେଜ ୪୬ରୁ ସାମାନ୍ୟ ଅଧିକ ରହିଛି। ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବାରୁ ଇନିଂସର ଅଧିକାଂଶ ସମୟ ସେ ପଡ଼ିଆ ବାହାରେ ଥିଲେ। ମ୍ୟାଚର ପ୍ରଥମ ଓଭରରେ ବଲ୍‌ର ପିଛାକରୁଥିବା ବେଳେ ସେ ଆଘାତପ୍ରାପ୍ତ ହୋଇଥିଲେ। ଫଳରେ ବୁଧବାର ଦ୍ୱିତୀୟ ଇନିଂସରେ ସେ ବ୍ୟାଟିଂ ଓପନ କରିବାକୁ ଆସିପାରି ନ ଥିଲେ। ତାଙ୍କ ସ୍ଥାନରେ କାମଚଳା ଭାବେ ସୌଦ ଶକିଲ ଆସିଥିଲେ। ଜମାନ ୪ ନମ୍ବର ସ୍ଥାନରେ ଆସି ବହୁ କଷ୍ଟରେ ୪୧ ବଲ୍‌ରୁ ୨୪ ରନ କରିଥିଲେ। ଏହି ମ୍ୟାଚରେ ପାକିସ୍ତାନ ୬୦ରନରେ ପରାଜିତ ହୋଇଥିଲା।

## ଜାତୀୟ ସିନିୟର ରୋଲ୍ ବଲ୍ ପାଇଁ ଓଡ଼ିଶା ଦଳ


କର୍ମକର୍ତ୍ତାଙ୍କ ସହ ଓଡ଼ିଶା ରୋଲ୍‌ବଲ୍ ଦଳ।

ଭୁବନେଶ୍ୱର, ୨୦।୨ (ତପନ ସ୍ୱାଇଁ)

ତାମିଲନାଡୁର ତ୍ରିଚିଠାରେ ୨୧ତମ ଜାତୀୟ ସିନିୟର ରୋଲ ବଲ୍ ଚାମ୍ପିୟନଶିପ୍ ୨୨ ତାରିଖରୁ ଆରମ୍ଭ ହେବ। ୨୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଅଭିଜିତ ସ୍ୱାଇଁ ଅଧିନାୟକ ମନୋନୀତ ହୋଇଥିବାବେଳେ ମୋହନ ପାତ୍ର, ଅଂଶ ତିୱାରୀ, ଧ୍ରୁବଜ୍ୟୋତି ସ୍ୱାଇଁ, ରାଜୀବ କୁମାର ସାହୁ ଓ ଅମିତ କୁଅଁର ଦଳରେ ସ୍ଥାନ ପାଇଛନ୍ତି। ତାମିଲନାଡୁ ଯିବା ପୂର୍ବରୁ ଘାଟିକିଆର କେଡ଼ ବିଡିଏ ରୋଲ ବଲ୍ ମିନି ଷ୍ଟାଡିୟମରେ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ରୋଲ ବଲ୍ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ଜେନା, ଘାଟିକିଆ ଉନ୍ନୟନ କମିଟି ସଦସ୍ୟ ଅଶୋକ କୁମାର, ଭୁଜବଳ, ସମୀର ନନ୍ଦ ଓ ପ୍ରସନ୍ନ କୁମାର ଭୁଜବଳ ପ୍ରମୁଖ ଉପସ୍ଥିତ ଥିଲେ।

## ହାଇକୋର୍ଟ, ଭୁବନେଶ୍ୱର ବାର୍ ସେମିଫାଇନାଲରେ

**ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ**

ଭୁବନେଶ୍ୱର, ୨୦।୨ (ତପନ ସ୍ୱାଇଁ)

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ୧୦ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟର ୨ଟି କ୍ୱାର୍ଟର ଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ହାଇକୋର୍ଟ ଓ ଭୁବନେଶ୍ୱର ବାର୍ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶା ହାଇକୋର୍ଟ ଦଳ ୭ ଉଇକେଟରେ ଗଞ୍ଜାମ ବାର୍ ଆସୋସିଏଶନକୁ ପରାସ୍ତ କରିଛି। ଗଞ୍ଜାମ ବାର୍ ୧୬ ଓଭରରେ ୯୨ ରନକରି ଅଲ୍‌ଆଉଟ ହୋଇ ଯାଇଥିବାବେଳେ ଓଡ଼ିଶା ହାଇକୋର୍ଟ ଦଳ ୧୧.୨ ଓଭରରେ ୩ ଉଇକେଟ ହରାଇ ୯୬ ରନ ସଂଗ୍ରହ କରି ନେଇଥିଲା। ୪ ଓଭରରେ ମାତ୍ର ୧୮ ରନ ଦେଇ ୩ଟି ଉଇକେଟ ନେଇଥିବା ଅଧିନାୟକ ଏସ୍.ଏସ୍. ରାୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ, ସୁଦାମ ଦାସ, ଅରୂପଚାନ୍ଦ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ବାର୍ ୪୬ ରନରେ ସମ୍ବଲପୁର ବାର୍ ଆସୋସିଏଶନକୁ ହରାଇ ଦେଇଛି। ଭୁବନେଶ୍ୱର ବାର୍ ୧୭ ଓଭରରେ ୪ ଉଇକେଟ ହରାଇ ୧୪୬ ରନ କରିଥିଲା। ସମ୍ବଲପୁର ବାର୍ ୧୭ ଓଭରରେ ୧୦୦ ରନକରି ସମସ୍ତ ଉଇକେଟ ହରାଇଥିଲା। ୩ ଓଭରରେ ମାତ୍ର ୯ ରନ ଦେଇ ୪ ଉଇକେଟ ନେଇଥିବା ବିଜୟୀ ଦଳର ଶରତ କୁମାର ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ଏସ୍.ଏନ୍. ଦାସଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ